ଅବବୋଧ

(ସ୍ନାତକୋତ୍ତର ଓଡ଼ିଆ ବିଭାଗ ମୁଖପତ୍ର)

ସରକାରୀ ମହାବିଦ୍ୟାଳୟ, ଅନୁଗୋଳ

Digitized by PPRACHIN, SOA

॥ ଅବବୋଧ ॥

[ସ୍ନାତକୋତ୍ତର ଓଡ଼ିଆ ବିଭାଗ ମୁଖପତ୍ର]

୧୯୮୩-୮୪

ସରକାରୀ ମହାବିଦ୍ୟାଳୟ, ଅନୁଗୋଳ

Digitized by PPRACHIN, SOA

ସଭାପତି : ଅଧ୍ୟକ୍ଷ ଦିବାକର ସାହୁ

ଉପସଭାପତି : ପ୍ରାଧ୍ୟାପକ ରବିନାରାୟଣ ବରାଳ

ପାଠଚକ୍ର ଉପଦେଷ୍ଟା : ଅଧ୍ୟାପକ ବାବାଜୀ ଚରଣ ପଟ୍ଟନାୟକ

: ଅଧ୍ୟାପକ କୁମୁଦ ଚନ୍ଦ୍ର ଦାଶ

ପାଠଚକ୍ର ସଂପାଦକ : ଶ୍ରୀ ବଂଶୀଧର ବରାହ

ସହ-ସଂପାଦକ : ଶ୍ରୀ ସଂଗ୍ରାମ କେଶରୀ ମିଶ୍ର

ବିଭାଗୀୟ ଅଧ୍ୟାପକ / ଅଧ୍ୟାପିକା :

ରବିନାରାୟଣ ବରାଳ

⁕ ଡକ୍ଟର ଶରତଚନ୍ଦ୍ର ପ୍ରଧାନ

ରାଜେନ୍ଦ୍ର ପ୍ରସାଦ ମହାନ୍ତି

ରବୀନ୍ଦ୍ରନାଥ ସାହୁ

ଡକ୍ଟର (ଶ୍ରୀମତୀ) ସ୍ୱରାଜ୍ୟ ଲକ୍ଷ୍ମୀ ମିଶ୍ର

ବାବାଜୀ ଚରଣ ପଟ୍ଟନାୟକ

କୁମୁଦ ଚନ୍ଦ୍ର ଦାଶ

କ୍ଷୀରୋଦ କୁମାର ପଟ୍ଟନାୟକ

⁕ ଶ୍ରୀମତୀ ବୀଣାପାଣି ମିଶ୍ର

ମୁଦ୍ରଣ : ପୁଷ୍ପଗିରି ପ୍ରେସ, କଟକ

Digitized by PPRACHIN, SOA

ଅଧ୍ୟକ୍ଷଙ୍କ ବାର୍ତ୍ତା

ଅନୁଗୋଳ ସରକାରୀ ମହାବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ବିଭାଗର ମୁଖପତ୍ର 'ଅବବୋଧ'ର ପ୍ରଥମ ପ୍ରକାଶରେ ମୁଁ ଏକାନ୍ତ ଆନନ୍ଦିତ । ସ୍ନାତକୋତ୍ତର ବିଭାଗରେ ପଠନ ଓ ପାଠନ ସହିତ ଗବେଷଣା ପ୍ରବୃତ୍ତିର ବିକାଶ ଆବଶ୍ୟକ । ତୁଳନା ମୂଳକ ଅନୁଶୀଳନ ପ୍ରକ୍ରିୟାକୁ ସ୍ଥିତି ସମ୍ପର୍କରେ ଅବହିତ କରାଏ । ସମ୍ପ୍ରତି ବିଶ୍ୱର ଜ୍ଞାନ ବଳୟକୁ ଦିନୁଦିନ ପ୍ରସାରିତ ହେଉଛି । ଆମର ଛାତ୍ରଛାତ୍ରୀମାନେ ବିଶ୍ୱର ଜ୍ଞାନ ଦିଗନ୍ତର ସ୍ଥିତି ଓ ବ୍ୟାପ୍ତି ସମ୍ପର୍କରେ ଜ୍ଞାନ ଲାଭ କରିବା ବାଞ୍ଛନୀୟ । ଏହି ପରିପ୍ରେକ୍ଷୀରେ ପାଠଚକ୍ରର ଆବଶ୍ୟକତା ରହିଛି । ଏ ବର୍ଷ ଓଡ଼ିଆ ସ୍ନାତକୋତ୍ତର ବିଭାଗରେ ଯେଉଁ ପ୍ରବନ୍ଧମାନ ପଠିତ ଓ ଆଲୋଚିତ ହୋଇଛି, ସେ ସବୁର ସଂକଳନ ସୁନିର୍ଣ୍ଣିତ ଭାବରେ ଏକ ଶୁଭ ପଦକ୍ଷେପ । ମୋର ଆଶା ଓ ବିଶ୍ୱାସ, ଭବିଷ୍ୟତରେ ଏହି ସାରସ୍ୱତ ଉଦ୍ୟମ ଅଧିକ ଫଳପ୍ରସୂ ହେବ । 'ଅବବୋଧର' ଜୟଯାତ୍ରା ଅନିରୁଦ୍ଧ ହୋଇ ସଂବୋଧପ୍ରଦ ହେଉ, ଏହାହିଁ ମୋର ଶୁଭାଶିଷ ।

୧୫-୫-୮୪

Digitized by PPRACHIN, SOA

ସଂପାଦକୀୟ

ବିଶେଷ ଆନନ୍ଦର କଥା, ଅନୁଗୋଳ ସ୍ନାତକୋତ୍ତର ବିଭାଗ ପକ୍ଷରୁ ପ୍ରଥମ ଥର ପାଇଁ ଦିବାଲୋକ ଦେଖିବାକୁ ଯାଉଥିବା "ଅବବୋଧ" ଅଙ୍କ ଆପଣାର ସାଧନାରେ ସଫଳତା ଲାଭ କରୁଛି । ଗତ ଚାରି ବର୍ଷ ଧରି ଏହାର ପ୍ରକାଶନ ନିମନ୍ତେ ବିଭିନ୍ନ ପ୍ରୟାସ ସତ୍ତ୍ୱେ ଏହା କାର୍ଯ୍ୟକାରୀ ହୋଇ ପାରିନଥିଲା । କିନ୍ତୁ ଯେତେ ଡେରିଲେ ହେଉ ପଛକେ, ବିଭାଗୀୟ ଛାତ୍ରଛାତ୍ରୀମାନଙ୍କର ମନ ଓ ମନନର ସମୃଦ୍ଧକ ଭାବରେ "ଅବବୋଧ" କିୟତ୍ ପରିମାଣରେ ଗବେଷଣାଶୀଳତା ଏବଂ ପଠନ ସ୍ପୃହାର ପରିଚୟ ଦେଇଛି । ବିଭାଗୀୟ ବିଭିନ୍ନ ପାଠଚକ୍ରରେ ପଠିତ ଓ ଆଲୋଚିତ ପ୍ରବନ୍ଧ-ମାନଙ୍କର ଏ ସଂକଳନ ମନ ଭିତରେ ଭବିଷ୍ୟତ କାଳ ପାଇଁ ଗଭୀର ପ୍ରତ୍ୟୟ ଏବଂ ଭରସା ଦେଉଛି ଯେ ଆଗାମୀ ବର୍ଷମାନଙ୍କରେ ଏହା ଅଧିକତର ଶ୍ରୀସଂପନ୍ନ ଏବଂ ବୁଦ୍ଧିମନ୍ତ ହୋଇ ବିକଶିତ ହେବ ।

ସ୍ନାତକୋତ୍ତର ବିଭାଗରେ ଗବେଷଣା ପ୍ରବଣତା ଓ ସାହିତ୍ୟ ପ୍ରୀତି ସୃଷ୍ଟି କରିବା ମୁଖ୍ୟ କର୍ତ୍ତବ୍ୟ । ସେହି କାର୍ଯ୍ୟ ସଂପାଦନା ନିମିତ୍ତ ଅବବୋଧ ସୁନିଶ୍ଚିତ ଭାବରେ ଏକ ପ୍ରାରମ୍ଭିକ ପଦକ୍ଷେପ । ଆଲୋଚ୍ୟ ସଙ୍କଳନରେ ଓଡ଼ିଆ ସାହିତ୍ୟର ଗତି ଓ ପ୍ରକୃତିର ଏକ କ୍ରମ-ବିବର୍ତ୍ତନକୁ ଭିତ୍ତି କରି ରଚିତ ପ୍ରବନ୍ଧାବଳୀ ସ୍ଥାନ ପାଇଛି । ଏହି ଅବକାଶରେ, ବିଭାଗୀୟ ମୁଖ୍ୟ ଭାବରେ ମୁଁ ମହାବିଦ୍ୟାଳୟର ଅଧ୍ୟକ୍ଷ ଓ ମୋର ସମଧର୍ମ ବିଭାଗୀୟ ଅଧ୍ୟାପକ ଅଧ୍ୟାପିକାମାନଙ୍କୁ ମୋର କୃତଜ୍ଞତା ଓ ସାଧୁବାଦ ଜଣାଉଛି । ପରିଶେଷରେ, ମୋର ପ୍ରିୟ ଛାତ୍ରଛାତ୍ରୀମାନେ ଭବିଷ୍ୟତରେ ସାହିତ୍ୟ ସାଧନାରେ ବ୍ରତୀ ହୋଇ ଯଶସ୍ୱୀ ହେବାକୁ ମୁଁ ଶୁଭେଚ୍ଛା ଜଣାଉଛି ।

ରବିନାରାୟଣ ବରାଳ

ତା ୧୫-୫-୮୪

Digitized by PPRACHIN, SOA

ସୂଚୀ

୧ । ଶାରଳା ସାହିତ୍ୟର ସାମାଜିକ ମୂଲ୍ୟବୋଧ

— ପ୍ରମୋଦିନୀ ଧର ୧

୨ । ଓଡ଼ିଆ ସଂସ୍କୃତି ଓ ଜଗନ୍ନାଥ ଦାସ

— ଆରତୀ ପ୍ରଧାନ ୯

୩ । ଭକ୍ତି ସାହିତ୍ୟର ସାଂପ୍ରତିକ ପ୍ରାସଙ୍ଗିକତା

— ଦୁର୍ଗାଚରଣ ମଲ୍ଲିକ ୧୭

୪ । ଆଧୁନିକତା ଓ ରାଧାନାଥ

— ପ୍ରଦୀପ କୁମାର ପ୍ରଧାନ ୨୭

୫ । ହିନ୍ଦୁ ଚେତନା ଓ ସତ୍ୟବାଦୀ ସାହିତ୍ୟ

— ଲକ୍ଷ୍ମୀଧର ସାହୁ ୩୫

୬ । ସବୁଜ ସାହିତ୍ୟର ଜାତୀୟ ଅନ୍ତର୍ଜାତିକ ଦିଗନ୍ତ

— ପ୍ରଫୁଲ୍ଲ କୁମାର ଦେ ୪୪

୭ । ଓଡ଼ିଆ ପ୍ରଗତିଶୀଳ କାବ୍ୟଧାରା

— ଶମ୍ଭୁଧର ବରାଳ ୫୫

୮ । ସ୍ୱାଧୀନୋତ୍ତର ଓଡ଼ିଆ କବିତାରେ ବ୍ୟକ୍ତି ଓ ବକ୍ତବ୍ୟ

— ପ୍ରଭାତ ଗୋସ୍ୱାମୀ ୭୦

୯ । ଓଡ଼ିଆ କ୍ଷୁଦ୍ରଗଳ୍ପରେ ସାମାଜିକ ବାସ୍ତବତା

— ରମେଶଚନ୍ଦ୍ର ସାହୁ ୮୪

୧୦ । ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କ୍ଷୁଦ୍ରଗଳ୍ପରେ ପରୀକ୍ଷା-ନିରୀକ୍ଷା

— ରଞ୍ଜିତ କୁମାର ପଣ୍ଡା ୯୪

Digitized by PPRACHIN, SOA

ସାରଳା ସାହିତ୍ୟର ସାମାଜିକ ମୂଲ୍ୟବୋଧ

ପ୍ରମୋଦିନୀ ଧର
ପଞ୍ଚମ ବର୍ଷ

ପଞ୍ଚଦଶ ଶତକର ମଧ୍ୟାହ୍ନରେ ସଂସ୍କୃତ ସାହିତ୍ୟର ଐଶ୍ୱର୍ଯ୍ୟଶାଳୀ ପ୍ରାଚୁର୍ଯ୍ୟ ମଧ୍ୟରୁ ଓଡ଼ିଆ ଭାଷା ସାହିତ୍ୟର ସ୍ୱୟଂ ସିଦ୍ଧ ଆତ୍ମ ପ୍ରକାଶ ଓଡ଼ିଆ ସାହିତ୍ୟ ଇତିହାସରୁ ପ୍ରଥମ ବିଶିଷ୍ଟ ଅଧ୍ୟାୟ ଯାହା ମହାକବି ସାରଳାଦାସଙ୍କ ମହିମାନ୍ୱିତ ନାମରେ ଚିହ୍ନିତ। ଓଡ଼ିଆ ସାହିତ୍ୟକୁ ତାହାର ନିଜସ୍ୱ ଔଜ୍ଜ୍ୱଲ୍ୟ ଐତିହ୍ୟ ପ୍ରଦାନ କରିବା ପୁଣି ପ୍ରାନ୍ତୀୟ ସାହିତ୍ୟ ସମୂହର ସମତୁଲ୍ୟ କରି ଗଢ଼ି ତୋଳିବାର ଅସାଧାରଣ ସଫଳତା କେବଳ ସାରଳାଦାସଙ୍କ ଦ୍ୱାରା ହିଁ ସମ୍ଭବ ହୋଇଥିଲା । ପଞ୍ଚଦଶ ଶତାବ୍ଦୀର ଜଣେ ଗ୍ରାମୀଣ ଅସଂସ୍କୃତ କୃଷିକାର୍ଯ୍ୟ ହସ୍ତରେ ପ୍ରତିଭାର ପ୍ରଚଣ୍ଡ ସ୍ୱୟଂ ପ୍ରକାଶ ଓ ଗଭୀର ଆତ୍ମବିଶ୍ୱାସ ସ୍ୱରୂପ ଜନ୍ମ ନେଲା କଳାକାରର ଅମର କୃତିତ୍ୱ ବିଲସିତ ମହାଭାରତ, ବିଲଙ୍କା ରାମାୟଣ ଓ ଚଣ୍ଡୀପୁରାଣ । ଓଡ଼ିଆ ମହାଭାରତ ସଂସ୍କୃତ ବ୍ୟାସ ପ୍ରଣୀତ ମହାଭାରତର ଅନୁସରଣ କରିଥିଲେ ମଧ୍ୟ ଅନୁସରଣ କରିବାକୁ କୁଣ୍ଠା ପ୍ରକାଶ କରିଛି । ଫଳରେ ଓଡ଼ିଆ ମହାଭାରତ ସଂସ୍କୃତର ଏକ ଅନୁବାଦ ନ ହୋଇ ଏକ ସ୍ୱତନ୍ତ୍ର ମୌଳିକତା ଓ ମହିମାରେ ମହିମାନ୍ୱିତ ହୋଇପାରିଛି । ଏହି ସରଳ ଗ୍ରାମୀଣ କବି ନିଜର ମହାନ୍ ପ୍ରତିଭା ବଳରେ ସାଧାରଣ ଜନତାର ଆଶା-ଆକାଙ୍‌କ୍ଷା, ହର୍ଷ-ବିଷାଦ ଓ ସାମାଜିକ ରୀତିନୀତିର ଏଭଳି ଜୀବନ୍ତ ଚିତ୍ର ପ୍ରଦାନ କରିଛନ୍ତି, ଅକ୍ଷରଶଃ ଚମତ୍କାର ।

'ଯାହା ନାହିଁ ଭାରତେ, ତାହା ନାହିଁ ଭାରତେ'—ନ୍ୟାୟରେ ବିଚାର କଲେ ସହଜରେ ମହାଭାରତର ବୈଶିଷ୍ଟ୍ୟ ଜଣାପଡ଼ିଯାଏ । ଓଡ଼ିଆ ମହାଭାରତ ସଂସ୍କୃତ ମହାଭାରତରୁ ଭିନ୍ନତା ପ୍ରତିପାଦନ କରେ । ସଂସ୍କୃତର ପରିପ୍ରକାଶ ହିଁ ସାହିତ୍ୟ ସୃଷ୍ଟିର ନିୟାମକ । ତେଣୁ ଚିନ୍ତା ଓ ଚେତନା ଭିତରେ ସ୍ଥାନ ଲାଭ କରିବା କିଛି ଅସ୍ୱାଭାବିକ ନୁହେଁ । ସାରଳାଦେବୀଙ୍କର କୃପାରେ ଏତେବଡ଼ ସାହିତ୍ୟ ସୃଷ୍ଟି ଜଣେ ସାଧାରଣ କୃଷିକାର୍ଯ୍ୟ ଦ୍ୱାରା ଯେ ସମ୍ଭବ ହୋଇଛି, ଏହା ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ ମନେହୁଏ ।

ମହାଭାରତକୁ ଉତ୍କଳୀୟ ସଂସ୍କୃତିର ବିଶ୍ୱକୋଷ କହିଲେ ଅତ୍ୟୁକ୍ତି ହେବ ନାହିଁ । ଉଦାର ହୃଦୟ ଉତ୍କଳୀୟମାନେ ପ୍ରତ୍ୟେକ ଧର୍ମକୁ ସାଦର ଅଭିବାଦନ ଜଣାଇବାକୁ କୁଣ୍ଠାବୋଧ କରିନାହାନ୍ତି । ଏହି ଉତ୍କଳ ଭୂମିରେ ବ୍ରାହ୍ମଣ, ଜୈନ,

Digitized by PPRACHIN, SOA

ବୌଦ୍ଧ, ନାଥଶୈବ, ଶାକ୍ତ, ସୌର, ଗାଣପତ୍ୟ, ସର୍ବୋପର ନିର୍ଗୁଣ ଓ ପ୍ରେମଭକ୍ତି ବୈଷ୍ଣବ ଧର୍ମର ଲୀଳାଭୂମି ହୋଇଛି ।

ସାରଳାଙ୍କ ପୂର୍ବରୁ ଆମେ ସାହିତ୍ୟ ଖୋଜିଲେ କେତେକ ଅପ୍ରାସଙ୍ଗିକ ରଚନା ଛଡ଼ା ଅନ୍ୟ କିଛି ପାଇପାରିବୁ ନାହିଁ । ତେଣୁ ସାରଳାମହାଭାରତ ଯେ ସେ ଶୂନ୍ୟସ୍ଥାନକୁ ପୂର୍ଣ୍ଣ କଲା ତାହା ମୁକ୍ତ କଣ୍ଠରେ କୁହାଯାଇପାରେ । ମହାଭାରତର ଦାଣ୍ଡିବୃତ୍ତ ଶବ୍ଦର ପ୍ରୟୋଗଗତ ସୂକ୍ଷ୍ମତା ନାମବ୍ୟୁତ୍ପତ୍ତି ରସ ବୈଚିତ୍ର୍ୟ ବର୍ଣ୍ଣବହୁଳ ଅଭିବ୍ୟକ୍ତି, ଚିନ୍ତା ପ୍ରସାର, ବିଷୟବସ୍ତୁ ଉପସ୍ଥାପନରେ ଅପୂର୍ବ ନାଟକୀୟତା, ଶୈଳୀ ଓ ସଂଳାପର ବର୍ଣ୍ଣନାପୂର୍ଣ୍ଣ ସ୍ୱଚ୍ଛୋକ୍ତି, ପଲ୍ଲୀମୁଖୀ ପ୍ରକାଶଧାରା ସାରଳାଦାସଙ୍କ ସାହିତ୍ୟକୁ ଅନନ୍ୟ ମହନୀୟତା ପ୍ରଦାନ କରିଛି । ଗୋଟିଏ ରସପୂର୍ଣ୍ଣ ଉଦାହରଣ—

ଲକ୍ଷ୍ମୀ — 'ଲକ୍ଷ୍ମୀ ବୋଇଲେ ଗୋ ଦେବୀ ଶୁଣ ଏକ ଚିତ୍ତେ
ଭିକ୍ଷାଣୀ ଗୋଟିଏ ଯିବାର ଦେଖିଲି କି ପଥେ ।'

ପାର୍ବତୀ— 'ଭିକ୍ଷାଣୀ ଜାଣନ୍ତି ପିନା ଭିକ୍ଷାଣୀର କଥା
ବଳୀ କି ଯେ ଦାନ ମାଗୁଅଛି ଟେକ ମଥା ।'

ଏକ ସଚେତନ ସରଳତା ସାରଳା ସାହିତ୍ୟର ବୈଶିଷ୍ଟ୍ୟ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ତେଣୁ କବି ଯାହାକୁ ସାଧାରଣ ଜନତା ଆନନ୍ଦ ଚିତ୍ତରେ ଗ୍ରହଣ କରି ନ ପାରିବ ତାକୁ ପରିତ୍ୟାଗ କରିବାକୁ ଭୁଲିନାହିଁ । ଫଳରେ ସେ ଯେତେ ମହାନ୍ ସାହିତ୍ୟକୁ ପାଇଲେ ମଧ୍ୟ ତାହାକୁ ନିଷ୍ଠୁର ଭାବରେ ପ୍ରତ୍ୟାଖ୍ୟାନ କରିଛନ୍ତି । କବିର ଜୀବନ ସରଳ ଓ ନିରାଡ଼ମ୍ବର । ଆଦର୍ଶର ପ୍ରଲୋଭନ ମଧ୍ୟକୁ ଯିବାକୁ କବି ଭୟ କରେ । ଯଥାର୍ଥରେ କୁହାଯାଇଛି ଯେ ସେ ସମଗ୍ର ଓଡ଼ିଆ ସାହିତ୍ୟରେ ସାରଳା ଦାସ ହେଉଛନ୍ତି ଏକମାତ୍ର କବି ଯାହାର ଲେଖନୀ ସାହିତ୍ୟର ଅର୍ଥ ଶୃଙ୍ଖଳିତ 'ଜୀବନ' । ସେ କୌଣସି ଆଦର୍ଶ ପ୍ରଚାର କରିବାର ଛଳନା କରି ନାହାନ୍ତି । ଜୀବନକୁ ଜୀବନ ପରି ଉପସ୍ଥାପିତ କରିଛନ୍ତି । ସାଧାରଣ ନରନାରୀଙ୍କ ମନୋଭୂମିକୁ ଉଦ୍‌ଘାଟିତ କରିଛନ୍ତି । ତାଙ୍କର ମହାଭାରତ ହୋଇଛି ଏକ ପ୍ରକାର ଶୁଦ୍ଧ ମୌଳିକ ଓଡ଼ିଆ ମହାଭାରତ । ମୂଳ ମହାଭାରତରେ ଥିବା ଦାର୍ଶନିକ ଓ ତାତ୍ତ୍ୱିକ ଆଲୋଚନା ସବୁକୁ ସାରଳା ତାଙ୍କର ଓଡ଼ିଆ ମହାଭାରତରେ ସମ୍ପୂର୍ଣ୍ଣ ରୂପେ ପରିହାର କରିଛନ୍ତି । ସାରଳା ଦାସ ପାଠକ ହୃଦୟକୁ ବେଶ୍ ବୁଝି ପାରିଥିଲେ । ଫଳରେ ସଂସ୍କୃତ ମହାଭାରତର ସୃଷ୍ଟି ବିଭବକୁ ପରିହାର କରି ଚରିତ୍ରଗୁଡ଼ିକୁ ପଲ୍ଲୀ ମାଟିର ଧୂଳିଧୂସରିତ ସାଧାରଣ ସ୍ତରକୁ ନେଇ ଯାଇଛନ୍ତି ।

ସାରଳା ସାହିତ୍ୟର ଅନ୍ୟ ଏକ ବୈଶିଷ୍ଟ୍ୟ ତାହାର ଲୋକସାଂସ୍କୃତିକ ଭିତ୍ତି । ନାନା ପୌରାଣିକ ଉପକଥା, କାହାଣୀ, କିମ୍ବଦନ୍ତୀ, ଜନଶ୍ରୁତି, ଚଳିତ ଚାଲି

Digitized by PPRACHIN, SOA

ପ୍ରବଚନ ପଦ୍ଧତିର ପ୍ରୟୋଗ ସାରଳା ସାହିତ୍ୟରେ ଛନ୍ଦେ ଛନ୍ଦେ ପୂର୍ଣ୍ଣ । ମହାଭାରତରେ ରଚନା ପ୍ରସଙ୍ଗରେ ପ୍ରତିଭାପ୍ରାପ୍ତ ଅପୂର୍ବ କଳାକୌଶଳ ଓ ବ୍ୟବହାରିକ ଦୃଷ୍ଟି ସମ୍ପନ୍ନ ବହୁ ଉପାଖ୍ୟାନ ମହାଭାରତର ଅପୂର୍ବ ଲୋକପ୍ରିୟତା ସମ୍ପାଦନ କରିଛି । ସାହିତ୍ୟିକ ଉତ୍କର୍ଷ ମଧ୍ୟ ବଢ଼ାଇଛି । 'ଗଙ୍ଗା କହିଲେ ଥିବ, ଗାଙ୍ଗୀ କହିଲେ ଯିବ,' 'ଊଣାସୀ କନ୍ୟାକୁ ସାହାଡ଼ା ବର', 'ଯେମିତିଖେଳରୁ ମହାଭାରତ' 'ପହିଲ ଯୁଦ୍ଧରେ ଭୀମ ହାରେ', 'ଧୃତରାଷ୍ଟ୍ରକୁ କନ୍ୟା ନାହିଁ, ଗାନ୍ଧାରୀକୁ ବର ନାହିଁ', 'ଗଧପାଦ ଧରିବା', 'କୋକୁଆଭୟ', 'ହରତାଳିକା ଘରରେ ଚନ୍ଦ୍ର ଦର୍ଶନରେ ବ୍ରହ୍ମହତ୍ୟା ପାପ' ଇତ୍ୟାଦି ଅଳ୍ପ କେତୋଟି ଦୃଷ୍ଟାନ୍ତ । ଏସବୁ ଗୋଟିଏ ଗୋଟିଏ ସାରଳା ଦାସ ମହାଭାରତର କଥାକାହାଣୀ, କିମ୍ବଦନ୍ତୀ, ବିଷୟବସ୍ତୁ, କଳ୍ପନା ବିଳାସ, ଓ ବର୍ଣ୍ଣନାଶୈଳୀ, କବିତ୍ୱ ଓ ପାଣ୍ଡିତ୍ୟ, ଭାଷାଶୈଳୀ; ଆଧ୍ୟାତ୍ମିକ ଅନ୍ତର୍ଦୃଷ୍ଟି ପରବର୍ତ୍ତୀ ଓଡ଼ିଆ ସାହିତ୍ୟକୁ ଦୀର୍ଘ ପାଞ୍ଚଶହ ବର୍ଷ ଧରି ପ୍ରଭାବିତ କରି ରଖିଛି ।

ଯିଏ ସ୍ରଷ୍ଟା ସେ ତାର ସମାଜରେ ପରିପୁଷ୍ଟ । ତେଣୁ ସୃଷ୍ଟି କାବ୍ୟକ ବିନ୍ୟାସରେ କଳ୍ପନାରେ ଦୀପ୍ତିମନ୍ତ ହେଲେ ବି ବସ୍ତୁ ସମାଜର ପ୍ରତିଛାୟା ଏଥିରେ ପ୍ରତିଫଳିତ ହେବାରେ ପ୍ରତିବନ୍ଧକ ଆଦୌ ନାହିଁ । ଫଳରେ ସାହିତ୍ୟ ସୃଷ୍ଟିରେ ସାମାଜିକ ମୂଲ୍ୟବୋଧ ଅନ୍ୱେଷଣ ଓ ଆହରଣ କର୍ତ୍ତବ୍ୟ ବହିର୍ଭୂତ ନ ହୋଇ କର୍ତ୍ତବ୍ୟ ସାର୍ଥକ କରିଥାଏ । ମହାଭାରତସ୍ଥ ସାମାଜିକ ମୂଲ୍ୟବୋଧ ସାହିତ୍ୟିକ କଳା ଦୃଷ୍ଟିରୁ ବିଗ୍ରହ କରିବା ସ୍ୱଳ୍ପ ବୁଦ୍ଧିର ପରିଚୟ ଛଡ଼ା ଅନ୍ୟ କିଛି ନୁହେଁ । ସମାଜ ଯାହାର ପ୍ରାଣ, ସାମାଜିକ ଯାହାର ଚରିତ୍ର (ସମାଜର ବସ୍ତୁ ମଣିଷ) ଚଳଣି ଓ ପ୍ରଥା ଯାହାର ସ୍ୱରୂପ, ଜଳବାୟୁ ପାଣିପବନ, ଯାହାର ପ୍ରଭାବ, ଗିରି ନଦନଦୀ, ହ୍ରଦକନ୍ଦର ଯାହାର ଆଙ୍ଗିକ—ସେଥିରେ ସାମାଜିକ ଅନ୍ୱେଷଣ କରିବା କ'ଣ ହୋଇପାରେ ? ଲୋକ-ଚରିତ୍ର ପ୍ରତି ଗଭୀର ଅନୁରକ୍ତି ପୁଣି ସାଧାରଣ ଇତର ଚରିତ୍ର ପ୍ରତି ଆସକ୍ତି ତଥା ସମ୍ବେଦନ, ମହାଭାରତକୁ କରିଛି ମହାନ । ଓଡ଼ିଶାର କାହାଣୀ କିମ୍ବଦନ୍ତୀରେ ପରିପୋଷିତ ଓଡ଼ିଆ ଜୀବନର ଗୀତ ନାଟ, ବିବାହବ୍ରତ, ପର୍ବପର୍ବାଣି ତଥା ଓଡ଼ିଆ ଜୀବନର ଆଦର୍ଶ ଏଥିରେ ସ୍ପଷ୍ଟ ପ୍ରତିଫଳିତ ହୋଇଛି । ଏହି ସାମାଜିକ ଭୂମିକା ସାରଳା ସାହିତ୍ୟର ଶ୍ରେଷ୍ଠ ବୈଶିଷ୍ଟ୍ୟ ବୋଲି କୁହାଯାଇପାରେ ।

ସାରଳାଦାସଙ୍କ ଅପୂର୍ବ ଅବଦାନ ମଧ୍ୟରେ ମହାଭାରତ, ରାମାୟଣ ଚଣ୍ଡୀ-ପୁରାଣ ମୁଖ୍ୟ । ଏଗୁଡ଼ିକ ମଧ୍ୟରେ ମହାଭାରତ ଓ ଚଣ୍ଡୀ ପୁରାଣରେ ଭୂମିକା ସବିଶେଷ ଉଲ୍ଲେଖଯୋଗ୍ୟ । ଏହି ଗ୍ରନ୍ଥଦ୍ୱୟ, ବିଶେଷତଃ ମହାଭାରତରେ ତାଙ୍କର ସମାଜ ସଚେତନତା ଅନନ୍ୟ ସାଧାରଣ ।

"ସାହିତ୍ୟ ସମସାମୟିକ ସମାଜର ପ୍ରତିଛବି ବହନ କରେ"—ସାରଳା ମହାଭାରତ ଏହାର ବଳିଷ୍ଠ ପ୍ରତିପାଦକ । ପଞ୍ଚଦଶ ଶତାବ୍ଦୀର ଉତ୍କଳୀୟ ରାଜନୈତିକ,

Digitized by PPRACHIN, SOA

ସାମାଜିକ ତଥା ସାଂସ୍କୃତିକ ଜୀବନର ସୁସ୍ପଷ୍ଟ ଚିତ୍ର ଏହାର ଛତ୍ରେ ଛତ୍ରେ ପ୍ରତିଫଳିତ । ଓଡ଼ିଆ ଜାତୀୟ ଜୀବନର ଏପରି କୌଣସି ଦିଗ ନାହିଁ ଯାହା ଏହି ନିପୁଣ କଣ୍ଠିକ ଲେଖନୀରେ ଅଖଣ୍ଡ ରୂପରେଖ ପାଇନାହିଁ । ତତ୍କାଳୀନ ସାମାଜିକ ରୀତିନୀତି, ଚଳଣି ଆଚାର ବ୍ୟବହାରର ପ୍ରଭାବ ସାମ୍ପ୍ରତିକ ସମାଜ ଜୀବନରେ ମଧ୍ୟ ପରିଲକ୍ଷିତ ହୁଏ । ଏଣୁ ସାରଳା ମହାଭାରତ ଓଡ଼ିଶାର ସାମାଜିକ ଇତିହାସ ଆଖ୍ୟା ଦେଲେ ଅଯଥାର୍ଥ ହେବନାହିଁ । ଅଳ୍ପ କେତୋଟି ଦିଗରୁ ସାରଳା ମହାଭାରତର ସାମାଜିକ ଚିତ୍ର ଏଠାରେ ଉପସ୍ଥାପିତ କରାଯାଉଛି ।

ନାରୀ :

ସାରଳାଦାସଙ୍କ ମହାଭାରତରେ ନାରୀ, ସ୍ତ୍ରୀ, ମା, ଭଉଣୀ, ବୋହୂ ଶାଶୂ ଭାବରେ ରୂପାୟିତା । ବେଳେବେଳେ ସ୍ତ୍ରୀ କଳହପ୍ରିୟା ହୋଇଥାଏ । ପୁଣି ବେଳେ-ବେଳେ ଅତି ବଶ୍ୟ ହୋଇ ସ୍ୱାମୀ ହିତାକାଂକ୍ଷିଣୀ ହେବା ପ୍ରୟାସରେ ଅନେକ କଷ୍ଟ ମଧ୍ୟ ସହ୍ୟ କରିଥାଏ । ସେ ସ୍ୱାମୀର ଦୋଷକୁ ଦୋଷ ବୋଲି ଧରେ ନାହିଁ । ସ୍ୱାମୀର କଥା ମାନି ଚଳେ । ରନ୍ଧନଶାଳାର ଦାୟିତ୍ୱ ସ୍ତ୍ରୀ ହାତରେ । ପରିବାରର ହର୍ତ୍ତାକର୍ତ୍ତା ସ୍ୱାମୀ, ସ୍ୱାମୀର ଯତ୍ନ ସ୍ତ୍ରୀର ପରମ କର୍ତ୍ତବ୍ୟବୋଧ । ସାରଳାଙ୍କ ବକ୍ତବ୍ୟ ଅନୁଯାୟୀ ପୁରୁଷର ବିଭା ବୟସ ତିରିଶ ଓ ନାରୀର ଅଠର ବର୍ଷ । ପିଲା କନ୍ୟା ବିବାହ ମଧ୍ୟ ପ୍ରଯୁଜ୍ୟ ଥିଲା । ତାହାର ବୟସ ସାତ ବର୍ଷ ରଖାଯାଇଥିଲା । ବୟଃ ପ୍ରାପ୍ତ ଝିଅ ପରିବାର ପକ୍ଷେ କ୍ଷତିକାରକ ଥିଲା । ବିବାହ ନିମନ୍ତେ ସାଧାରଣତଃ କନ୍ୟାମାନଙ୍କର ମତାମତ ନେବା ଯାଉ ନଥିଲା । ପିତାମାତା ଓ ଗୁରୁଜନମାନେ ବଂଶ ମର୍ଯ୍ୟାଦା ଓ ଅନ୍ୟାନ୍ୟ ଗୁଣ ଦେଖି ବର ସ୍ଥିର କରୁଥିଲେ । କିନ୍ତୁ କେତେକ ରାଜପରିବାରରେ ଏହାର ବ୍ୟତିକ୍ରମ ହେଉଥିଲା । ଯୌତୁକ ପ୍ରଥା ଥିଲା । ଉଦାହରଣ ସ୍ୱରୂପ କରମଣ୍ଡଳ ନଗରର ନୃପତି କୃତଶେଖରଙ୍କ କନ୍ୟା ସୁରେଖା ସହିତ ପ୍ରଦ୍ୟୁମ୍ନର ବିବାହ ଅନୁଷ୍ଠିତ ହୋଇଛି । ଯୌତୁକ ସ୍ୱରୂପ ଦୁଇ ସହସ୍ର ଅଶ୍ୱ, ଏକ ସହସ୍ର ହସ୍ତୀ, ଦୁଇ ଲକ୍ଷ ଧେନୁ, ସୁବର୍ଣ୍ଣର ବାସନକୁସନ ଓ ଅନେକ ଦାସୀ ପ୍ରଦାନ କରି କନ୍ୟା ପିତା କହିଛନ୍ତି—

"ଝିଅ ଗୋଟି ଦେଇ ମୁଁ ଯେ ଶରଣ ପଶିଲି
ସପତ ପୁରୁଷମାନଙ୍କୁ ମୁଁ ନରକୁ ଉଦ୍ଧାରିଲି । (ମ. ପ.)

ବିବାହ .

ଯେକୌଣସି ସମାଜରେ ବିବାହ ଏକ ବିଶିଷ୍ଟ ଉତ୍ସବ । ବିଭାଘରରେ ଅନେକ ବନ୍ଧୁବାନ୍ଧବ ଉପସ୍ଥିତ ହେଉଥିଲେ । ବେଦୀ ରଙ୍ଗବେରଙ୍ଗରେ ସଜ୍ଜିତ ହେଉଥିଲା । ବିବାହିତ ଯୁବତୀମାନେ ସାତ ଘରୁ ପାଣି ସଂଗ୍ରହ କରି ସେଥିରେ ବର-କନ୍ୟାଙ୍କୁ ସ୍ନାନ କରାନ୍ତି । ତାପରେ ବିବାହ କାର୍ଯ୍ୟ ଆରମ୍ଭ ହୁଏ । ବିବାହ ପରେ ପରେ

Digitized by PPRACHIN, SOA

ବରକନ୍ୟା ଘିଅ ଖାଆନ୍ତି । ତାପରେ ଚତୁର୍ଥୀ ଘର ହୋଇଥାଏ । କ୍ୱାଁଚି ପାଞ୍ଚରୁ ସାତଦିନ ପର୍ଯ୍ୟନ୍ତ ଶ୍ୱଶୁର ଘରେ ରହେ । ତାପରେ କନ୍ୟାକୁ ନେଇ ନିଜ ଘରକୁ ଯାଏ, ତାପର ଠାରୁ କ୍ୱାଁଚି ଶ୍ୱଶୁର ଘରେ ଅଢ଼େଇ ଦିନରୁ ବେଶି ରହିବା ଏକ ବିଧି ନଥିଲା । ତେଣୁ କୁହାଯାଇଛି—

"ଆରେ ଶ୍ୱଶୁର ଘରକୁ ଯେବେ ଆସଇ ଜୁଆଁଇ
ଅଢ଼ାଇ ଦିନରୁ ବହୁତ ଦିନ ରହି ନ ଯୋଗାଇ
ଶ୍ୱଶୁର ଅନ୍ନ ଖାଇ ବଢ଼ନ୍ତି ଯେହୁଣ ଜନ
ବଳବୀର୍ଯ୍ୟ ଥାଇଁ ସେ ଯେ ହୁଅନ୍ତି କୁଜନ । (ବି.ପ.)

ଶିଶୁ :

ପରିବାରରେ ପୁଅଟିଏ ଜନ୍ମ ହେଲେ ତାକୁ ଆନନ୍ଦରେ ସ୍ୱାଗତ ଜଣାଉଥିଲେ ସନ୍ତାନହୀନ ପିତା ଗ୍ରାମରୁ ବାହାର ହେଉଥିଲା । ଯେଉଁ ପୁରୁଷର ପ୍ରଥମ ସ୍ତ୍ରୀର କୌଣସି ସନ୍ତାନ ହୋଇ ନଥିଲା ସେ ଦ୍ୱିତୀୟ ସ୍ତ୍ରୀ ଗ୍ରହଣ କରିପାରୁଥିଲେ । ସେହି ଦ୍ୱିତୀୟ ସ୍ତ୍ରୀଟି ପ୍ରସବାଯୋଗ୍ୟା ନ ହେଲେ ସେମାନେ ପବିତ୍ର କ୍ଷେତ୍ରକୁ ଯାତ୍ରା କରୁଥିଲେ । ରାମାୟଣ ମୂଳରୁ ଶେଷଯାଏ ଶୁଣିବାର ବ୍ୟବସ୍ଥା ଥିଲା । ପୋଷ୍ୟପୁତ୍ର ଗ୍ରହଣ କରିବାର ବିଧି ଥିଲା । ଯଦି ସେଥିରୁ ସେ ଫଳ ନପାଏ ତେବେ ସ୍ତ୍ରୀକୁ ପର-ପୁରୁଷ ସହ ସହବାସ କରିବାକୁ ଆଦେଶ ଦେଇଥାଏ । ସେମାନେ ମଧ୍ୟ ବୃକ୍ଷରୋପଣ କରି ପୁତ୍ର-କନ୍ୟା କାମନା କରୁଥିଲେ । ଶେଷରେ ଯଦି ସର୍ବହରା ହେଉଥିଲେ ତେବେ ପବିତ୍ର ନଦୀରେ ପ୍ରାଣତ୍ୟାଗ କରୁଥିଲେ ।

ବେଶ୍ୟାବୃତ୍ତି :

ଜାତି ଧର୍ମକୁ ବାଦ ଦେଇ କନ୍ୟା ତାର ଦେହଦାନ କରିପାରୁଥିଲା । ଏହାକୁ ସାରଳା ଦାସ ମୁଦ୍‌ଗଲ ପଣ୍ଡା ଓ ହରିଣାକ୍ଷୀ ପ୍ରସଙ୍ଗରେ ବୁଝାଇଛନ୍ତି । ଯଦ୍ୱାରା ମୁଦ୍‌ଗଲ ପଣ୍ଡା ତାର ଜାତି, ଧର୍ମ ହରାଇ ଥିଲା, ଏପରିକି ବ୍ରାହ୍ମଣ ବିଧବା ଶୂଦ୍ରଙ୍କ ସହ ସହବାସ ଉଦାହରଣୀୟ । ଏହା ସମାଜ ପକ୍ଷେ ନିନ୍ଦନୀୟ ବ୍ୟାପାର ଥିଲା ।

ଖାଦ୍ୟ ଓ ପାନୀୟ :

ଭାତ, ଡାଲି (ମୁଗ, ହରଡ଼, ବିରି) ଏହା ଥିଲା ସର୍ବସାଧାରଣ ଖାଦ୍ୟ । ଖାଦ୍ୟ ଦୁଇ ପ୍ରକାର ; ଆମିଷ ଓ ନିରାମିଷ । ପରିବା ଓ ମାଂସର ରନ୍ଧନକୁ 'ଭଜା' କୁହାଯାଉଥିଲା । ଆମ୍ବିଳର ବ୍ୟବହାର ଥିଲା । ମୁଦଫୁଲି ରନ୍ଧଣା ସୁସ୍ୱାଦୁ ଖାଦ୍ୟଭୁକ୍ତ ଥିଲା । ବେଳେବେଳେ ଏହାକୁ 'ସାଦାରସ ମଣୋହି' କୁହାଯାଉଥିଲା । ଚାଉଳ ଦ୍ୱାରା

Digitized by PPRACHIN, SOA

ଆଠପ୍ରକାର ଖାଦ୍ୟ ପ୍ରସ୍ତୁତ କରାଯାଇପାରୁଥିଲା । ପ୍ରତ୍ୟହ ଖାଦ୍ୟକୁ ଗ୍ରହଣ ଅତିଥିଙ୍କ ପାଇଁ ଏକ ପ୍ରକାର ଖାଦ୍ୟ ପ୍ରସ୍ତୁତ କରାଯାଉଥିଲା । ଖାଦ୍ୟ ସହ ପିଠା ବ୍ୟଞ୍ଜନର ଦେୟ ଥିଲା । ପିଠା ଏକ ନିତ୍ୟ ଖାଦ୍ୟ ଥିଲା । ପାଞ୍ଚ ପ୍ରକାର ପିଠା ପ୍ରସ୍ତୁତ ପ୍ରଣାଳୀ ମହାଭାରତରେ ଦେଖାଯାଏ । ପିଠା ଚାଉଳ ଓ ଦୁଗ୍ଧରେ ପ୍ରସ୍ତୁତ ହେଉଥିଲା । ଏହି ଚାଉଳକୁ କନ୍ଦ କୁହାଯାଉଥିଲା ବା ସାକର କୁହାଯାଉଥିଲା । ଦୁଗ୍ଧ ଦ୍ୱାରା କ୍ଷୀର, କ୍ଷିରସା, ପାୟସ ତିଆରି ହେଉଥିଲା । ଦୁଧ, ଘିଅ, ସର, ଲବଣୀ ଓ ମହୁ ବ୍ୟଞ୍ଜନ ସହ ଦିଆଯାଉଥିଲା ।

ଫଳ ମଧ୍ୟରେ ଆମ୍ବ, ପଣସ, ନାରଙ୍ଗ, ଜାମ୍ବୋଲ, ଓଳି, ନଡ଼ିଆ, କେନ୍ଦୁ, କଇଁଥ ଓ ଖଜୁରୀ ପ୍ରଭୃତି ପ୍ରଧାନ ଥିଲା । ପାଣି ସର୍ବସାଧାରଣ ପାନୀୟ ଥିଲା । ପଇଡ଼ ପାଣି ଏକ ସୁସ୍ୱାଦୁ ପାନୀୟ ଥିଲା । ଖାଦ୍ୟ ପ୍ରସ୍ତୁତି ପରେ ଅଗ୍ନିରେ କିଛି ଆହୁତି ଦିଆଯାଏ । ଏହାକୁ ଚଣ୍ଡ କୁହାଯାଏ । ଖାଦ୍ୟ ପରେ ବଡ଼ିଆପାନ ଓ କର୍ପୂର ଖାଇବା ସାମାଜିକ ପ୍ରଥାଭୁକ୍ତ ଥିଲା ।

ଶଯ୍ୟା :

ସମାଜରେ ଗରିବ ଶ୍ରେଣୀର ଲୋକମାନେ ତଳେ ଶୋଉଥିଲେ । ଉନ୍ନତ ନିଦ୍ରା ପାଇଁ କନା ଖଣ୍ଡେ ପକାଇ ଥିବାର ଜଣାଯାଏ । ଧନୀ ଶ୍ରେଣୀସ୍ଥ ଲୋକେ ଗଦି ବ୍ୟବହାର କରୁଥିଲେ । ମଶାରି ଓ ତକିଆ ମଧ୍ୟ ବ୍ୟବହାର କରୁଥିଲେ ।

ପୋଷାକ :

ପରିଧାନ ମଧ୍ୟ ଧନୀ ଓ ଗରିବଙ୍କର ଭିନ୍ନ ଧରଣର ଥିଲା । ସ୍ତ୍ରୀ ଜାତି ଅଳଙ୍କାର ପ୍ରିୟ । ଗାଧୋଇବା ପରେ ମୁଣ୍ଡକୁ ବାନ୍ଧି, ସିନ୍ଦୂର ଲଗାଇବା, ମୁଣ୍ଡ, ତାଳୁ, କାନ, ବେକ, ହାତ, ବାହୁ ଇତ୍ୟାଦିରେ ଅଳଙ୍କାର ବ୍ୟବହାର କରିବା ବଣୁଣୀ, ମାଳ, ଚୁଡ଼ି, ବାହୁଟି, ମୁଦି ନୂପୁରର ବ୍ୟବହାର କରିବା ଉପରଣି ପକାଇବା ସାରଳା ମହାଭାରତରେ ବର୍ଣ୍ଣିତ ।

ବ୍ରାହ୍ମଣ :

ବ୍ରାହ୍ମଣମାନେ ନିକଚ୍ଛ ବସନ ପଇତା ଓ ଉତ୍ତରୀୟ ବ୍ୟବହାର କରୁଥିଲେ । ଗୋକର୍ଣ୍ଣ ପାଂଜୀ, କୁଶବଟୁ, ବ୍ରାହ୍ମଣର ବ୍ୟବହାର୍ଯ୍ୟ ଜିନିଷ ଥିଲା । ହାତରେ ଛତା ଓ ଗଡ଼ୁ ଶୋଭିତ ଥିବାର ଦେଖାଯାଏ । ପାଦରେ ପାଣ୍ଡୋଇ ବ୍ୟବହାର କରୁଥିଲେ ।

କ୍ଷତ୍ରୀୟ :

କ୍ଷତ୍ରୀୟମାନେ ବେକରେ ହାର, ପଦକ, ନୂପୁର ପରିଧାନ କରୁଥିଲେ । ଚମଡ଼ା ଯୋତା, ବାହୁଟି, ତାଡ଼, ମୁଣ୍ଡରେ ପାଗ, ମୁକୁଟ ବ୍ୟବହାର କରୁଥିଲେ । ଧନୁ ଓ ସାଞ୍ଜୁ, ଦ୍ୱାରା ଶତ୍ରୁକୁ ସଂହାର କରୁଥିଲେ । କାନରେ କୁଣ୍ଡଳ ମଧ୍ୟ ଥିଲା ।

Digitized by PPRACHIN, SOA

ଯୋଗୀ :

ଯୋଗୀମାନଙ୍କର ଆଶାବାଡ଼ି, ଡମ୍ବାର ଶଙ୍ଗ, ଗେରୁଆ ବସ୍ତ୍ର ବ୍ୟବହାର କରୁଥିଲେ । କୌପିନ ରୁଦ୍ରାକ୍ଷମାଳ ଇତ୍ୟାଦି ମଧ୍ୟ ବ୍ୟବହାର ଥିଲା ।

ଭିକାରୀ :

ଭିକାରୀ ଏକ ପ୍ରକାର ଭିକ୍ଷାଥାଳ ଧରି ବୁଲିବାରେ ଲଗିଥାଏ । ତାର ଜୀବନ ଦୁଃଖାନ୍ତକ ଥିଲା । ସେମାନଙ୍କୁ ବେଳେବେଳେ ମନ୍ଦବୁଦ୍ଧି ସମ୍ପନ୍ନା ସ୍ତ୍ରୀମାନେ ଭିକ୍ଷା ନଦେଇ ତଡ଼ି ଦେଉଥିଲେ ।

ଶିକ୍ଷା :

ସମାଜରେ ବିଦ୍ୟାର ପ୍ରଚଳନ ମଧ୍ୟ ଥିଲା । ବିଦ୍ୟାଗୁରୁ, ଦୀକ୍ଷାଗୁରୁ, କୋଦଣ୍ଡଗୁରୁ ବିବିଧଗୁରୁ ଥିଲେ । ଶ୍ରୀଫଳା ଲେଖିଲା ପରେ ପିଲାମାନଙ୍କୁ ଅକ୍ଷର, ମାତ୍ରା, ଯୁକ୍ତାକ୍ଷର ଏବଂ ଶ୍ଳୋକ ଶିକ୍ଷା ଦିଆଯାଉଥିଲା । ଚଉଷଠୀ ପ୍ରକାର ବିଦ୍ୟା ଶିକ୍ଷା ଥିଲା । ଓଡ଼ିଆ, ତେଲଗୁ, ତାମିଲ, କୌନଜ ଓ ଗୌଡ଼ୀ ବିଦ୍ୟା ଶିକ୍ଷା ଦିଆଯାଉଥିଲା । ବ୍ରାହ୍ମଣମାନେ ଶାନ୍ତି, ମନ୍ତ୍ର, ତନ୍ତ୍ର ଶିକ୍ଷା କରନ୍ତି ।

ପର୍ବପର୍ବାଣୀ :

ସାରଳା ମହାଭାରତରେ କେତେକ ପର୍ବପର୍ବାଣୀର ଉଲ୍ଲେଖ ଅଛି । ସେଥି-ମଧ୍ୟରୁ କାର୍ତ୍ତିକ ବ୍ରତ ଅନ୍ୟତମ । କାର୍ତ୍ତିକ ପୂର୍ଣ୍ଣମୀ ଉପଲକ୍ଷେ ଡଙ୍ଗା ଭସାଇବା ବେଳେ 'ଆକା ମା ବୈ ପାନ ଗୁଆ ଖାଇ' ବୋଲି ଆମେ ବର୍ତ୍ତମାନ ଯେପରି ଗାଉଛୁ, ସାରଳା କାଳୀନ ସମାଜରେ ମଧ୍ୟ ସେପରି ପ୍ରଚଳିତ ଥିଲା । ଆଦି ପର୍ବରେ ବର୍ଣ୍ଣିତ—

> "କାର୍ତ୍ତିକ ମାସ ଶୁକଳପକ୍ଷ ବୁଧବାର ଯେ ପୂର୍ଣ୍ଣମୀ
> ଆକାବଇ ସ୍ନାହାନା ଦିନ ଗଙ୍ଗାକୁ ଗଲେ କାନ୍ତଭେଦ ସ୍ୱାମୀ"

ହରି ବଂଶରେ ବର୍ଣ୍ଣିତ ଅଛି ଯେ ଓଡ଼ିଶାର ଅନ୍ୟ ଏକ ପ୍ରଧାନ ପର୍ବ ହେଉଛି କୁମାର ପୂର୍ଣ୍ଣିମା । ପ୍ରତ୍ୟେକ କୁଆଁରୀ କନ୍ୟାମାନେ କୁମାର ପୂର୍ଣ୍ଣମୀ ପାଳନ କରିଥାନ୍ତି ।

ଜଳକ୍ରୀଡ଼ା ଓ ନୌକାବିହାର :

ସମ୍ଭ୍ରାନ୍ତ ବ୍ୟକ୍ତିମାନେ ନୌବିହାର କରୁଥିଲେ । ବଡ଼ ବଡ଼ ନୌକାରେ ପଣ୍ୟଦ୍ରବ୍ୟ ସହ ନୌବାଣିଜ୍ୟର ପ୍ରଚଳନ ଥିଲା । ବିରାଟପର୍ବରେ ବସନ୍ତ ଉତ୍ସବ ପାଳନରେ ଜଳକ୍ରୀଡ଼ାର ବର୍ଣ୍ଣନା ରହିଛି । ମଧ୍ୟପର୍ବରେ ରେବତୀ, ସୁଭଦ୍ରା ଓ ଅନ୍ୟାନ୍ୟ କନ୍ୟାମାନେ ନଦୀ ମଧ୍ୟରେ କରିଥିବା ଜଳକେଳିର ସୁନ୍ଦର ବର୍ଣ୍ଣନା କବି

Digitized by PPRACHIN, SOA

ପ୍ରଦାନ କରିଛନ୍ତି । ପୁନଶ୍ଚ ସେହି ମଧ୍ୟପର୍ବରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ନେଇ ଜଳକ୍ରୀଡ଼ା କରୁଥିବାର ବର୍ଣ୍ଣନା ଦେଖିବାକୁ ମିଳେ ।

ଶକୁନ :

ଶୁଭ ଶକୁନ କାର୍ଯ୍ୟରେ ସିଦ୍ଧିଲାଭ ଓ ଅଶୁଭ ଶକୁନ ଦର୍ଶନ କାର୍ଯ୍ୟରେ ବିଫଳ ହେବାର ସୂଚନା ଦିଏ । ସାରଳା ମହାଭାରତରେ ଅନେକ ସ୍ଥଳରେ ଶକୁନ ଶାସ୍ତ୍ର ସମ୍ବନ୍ଧୀୟ ବର୍ଣ୍ଣନା ହୋଇଛି । ଯାତ୍ରା ପୂର୍ବରୁ ଦଧିମାଛ, ପୂର୍ଣ୍ଣକୁମ୍ଭ, ଶଙ୍ଖଚିଲ, ଭରଦ୍ୱାଜ ଆଦି ଦର୍ଶନ କରିବା ଶୁଭ ଶକୁନର ସଙ୍କେତ ଏବଂ ସର୍ପ, ଯୋଗୀ ଓ ଲଙ୍ଗୁଳଯୁକ୍ତ ପ୍ରାଣୀ ଦର୍ଶନ କରିବା ଅଶୁଭ ଶକୁନ ସଙ୍କେତ ପ୍ରଦାନ କରେ । ଉଦାହରଣ ସ୍ୱରୂପ ମହାଭାରତ ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ପାଣ୍ଡବମାନଙ୍କ ପକ୍ଷରେ ଶୁଭ ଶକୁନ ଦେଖାଯାଇଥିଲା ଏବଂ ପାଣ୍ଡବମାନଙ୍କ ହୃଦୟ ବିଜୟ ଆଶାରେ ପୂର୍ଣ୍ଣ ହୋଇଯାଇଥିଲା । ମହାଭାରତରେ ଶକୁନ ଶାସ୍ତ୍ର ସମ୍ବନ୍ଧୀୟ କେତୋଟି ଉକ୍ତି ବର୍ଣ୍ଣନା କରାଯାଇଛି ।

ଶୁଭ ଶକୁନ—"ଦଧିବାହନ ସୁମରଣ ଶୁଭ ଅନୁକୂଳେ
ଉଠିଲେ କହୁରୋହ ବଳ ଶୁଭ ଶୁଭ ଯେ ମଙ୍ଗଳେ ।"

(ଭୀଷ୍ମପର୍ବ)

ଅଶୁଭ ଶକୁନ—"ଯାତ୍ରା ଯୋଗେ ପଥେ ଦେଖିଲେ କାଳସର୍ପ
ଦେଖିଲେ ଅଯାତ୍ରା ଛୁଇଁଲେ ଅମଙ୍ଗଳ ।"

(କର୍ଣ୍ଣପର୍ବ)

ରାଜସ୍ୱ :

ଦ୍ୱାଦଶ ଶତାବ୍ଦୀରେ ଓଡ଼ିଶାରେ ଭୂମିମାପ ଓ ଭୂରାଜସ୍ୱ ବିଧି ପ୍ରଚଳିତ ଥିବାର ଐତିହାସିକ ଷ୍ଟର୍ଲିଂ ମତ ଦିଅନ୍ତି । ଏହି ପୁରାତନ ପଦ୍ଧତି ଶହ ଶହ ବର୍ଷ ଧରି ଚାଲି ଆସୁଥିଲା । ମାତ୍ର ଗଜପତି କପିଳେନ୍ଦ୍ର ଦେବ ଏହି ପଦ୍ଧତିରେ ପରିବର୍ତ୍ତନ ଆଣିଥିଲେ । କୋଡ଼ିଏ ହାତରେ ଏକ ନଳ ଏବଂ କୋଡ଼ିଏ ମାଣରେ ଏକବାଟିର ପ୍ରଚଳନ ସେ ସମୟରେ ହୋଇଥିଲା । ରାଜସ୍ୱ ଶସ୍ୟ ବା ସ୍ୱର୍ଣ୍ଣମୁଦ୍ରା ଆକାରରେ ସେତେବେଳେ ଆଦାୟ ଥିଲା ।

ଏହି ଆତ୍ମଧର୍ମୀ ଆଲୋଚନା ଯଦିଓ ମହାଭାରତରେ ସାମାଜିକ ମୂଲ୍ୟବୋଧର ଉପଲବ୍ଧି ପାଇଁ ପର୍ଯ୍ୟାପ୍ତ ନ ହେଲେ ହେଁ ସାରଳାଙ୍କ ଆଭିମୁଖ୍ୟର ସ୍ପଷ୍ଟ ସୂଚନା ପ୍ରଦାନ କରିଥାଏ । ସାରଳା ସାହିତ୍ୟର ସାମାଜିକ ମୂଲ୍ୟବୋଧ ଯେ ଅନନ୍ୟ ସାଧାରଣ—ଏଥିରେ ସନ୍ଦେହର ଅବକାଶ ନାହିଁ ।

●

Digitized by PPRACHIN, SOA

ଓଡ଼ିଆ ସଂସ୍କୃତି ଓ ଜଗନ୍ନାଥ ଦାସ

ଆରତୀ ପ୍ରଧାନ

ପଞ୍ଚମ ବର୍ଷ

ଦୁଇଟି ବିଶିଷ୍ଟ ଚେତନାର ପ୍ରକାଶକ ସଭ୍ୟତା ଓ ସଂସ୍କୃତି । ସଭ୍ୟତା ମନୁଷ୍ୟର ବାହ୍ୟ ପରିବର୍ତ୍ତନ ସହ ସଂପୃକ୍ତ । ସଂସ୍କୃତି କିନ୍ତୁ ମନୁଷ୍ୟର ଅଭ୍ୟନ୍ତରର କଥା । ସଂସ୍କୃତି ହେଉଛି ଏକ ଅଶରୀରୀ ବ୍ୟକ୍ତିତ୍ୱ । ଏହା ଗୋଟିଏ ଜାତିର ଅନ୍ତର୍ନିହିତ ସୌନ୍ଦର୍ଯ୍ୟ, ଅବ୍ୟକ୍ତ ଐଶ୍ୱର୍ଯ୍ୟ ଓ ଅମାପ ଶକ୍ତିର ଉତ୍ସ । ସଭ୍ୟତାର ରୂପାୟନ ଚିରନ୍ତନ ନୁହେଁ । ଏହାର ବାର୍ତ୍ତା—"ପୃଥ୍ୱୀ କ୍ଷଣ କ୍ଷଣକେ ଆନ" । ଯୁଗେ ଯୁଗେ କେତେ ସଭ୍ୟତାର ଇନ୍ଦ୍ରଜାଲ ସୃଷ୍ଟି ହୋଇଛି ଏବଂ ପର ମୁହୂର୍ତ୍ତରେ ତାହା ଭେଳିକି ସୃଷ୍ଟି କରି ଅନ୍ତର୍ହିତ ହୋଇପାରିଛି; କିନ୍ତୁ ବ୍ୟକ୍ତି ବିଶେଷର ଆଚାର ବ୍ୟବହାରକୁ ସଂସ୍କୃତି ବୁଝାଯାଏ ନାହିଁ । ଏହା ସମାଜର ସାମୂହିକ ଜୀବନର ନୈତିକତାବୋଧ, ଆଚାର ବ୍ୟବହାର, ଭାଷା, ସଙ୍ଗୀତ, କଳା ଏବଂ ଆଭିମୁଖ୍ୟକୁ ନେଇ ଗଢ଼ିଉଠେ । ଅନ୍ୟ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିବା ହେଲା ସଂସ୍କୃତିର ମାନଦଣ୍ଡ ।

ସଂସ୍କୃତି ମଣିଷର ସର୍ବଶ୍ରେଷ୍ଠ ସମ୍ପଦ । ଭାରତବର୍ଷ ଏପରି ଗୋଟିଏ ଦେଶ ଯେଉଁଠାରେ ଅସଂଖ୍ୟ ଭାଷା ଭାଷୀ, ବିଭିନ୍ନ ବର୍ଣ୍ଣ ଓ ଧର୍ମ ବିଶ୍ୱାସର ଲୋକ ଏକାଠି ବସବାସ କରୁଅଛନ୍ତି । ଭାରତୀୟ ସଭ୍ୟତା ଯେଉଁ ଦେଶମାନଙ୍କରେ ବିସ୍ତାରିତ ହୋଇଛି ସେଠାରେ ତାହା ପ୍ରତିଷ୍ଠିତ ହୋଇଛି ସ୍ଥାନୀୟ ଧର୍ମ, କଳା ଓ ସଂସ୍କୃତିକୁ ସମୃଦ୍ଧ କରି ।

ଆଗେ ସଂସ୍କୃତି କହିଲେ ଧର୍ମମୂଳକ ସଂସ୍କୃତି ବୋଲି ବୁଝାଯାଉଥିଲା କିନ୍ତୁ ଦୁଇଶହ, ତିନିଶହ ବର୍ଷ ମଧ୍ୟରେ ସମାଜ ଉପରେ ଧର୍ମମୂଳକ ସଂସ୍କୃତି ବଦଳରେ ଦେଶ ବା ମହାଦେଶ ଭିତ୍ତିରେ ପ୍ରତିଷ୍ଠିତ ସଂସ୍କୃତିର ପ୍ରଭାବ ଅନୁଭବ କରାଗଲା । ଫଳରେ ଜାତୀୟ, ଆନ୍ତର୍ଜାତିକଭାବ ମଣିଷର ଚିନ୍ତାଧାରାକୁ ବିଶେଷଭାବେ ପ୍ରଭାବିତ କରିଛି ।

ସମାଜ ତଥା ବ୍ୟକ୍ତିର ବୈଷୟିକ ଉନ୍ନତି ଯେପରି ନିର୍ଭର କରେ ସଭ୍ୟତାର ଅଗ୍ରଗତି ଉପରେ, ସେହିପରି ସଂସ୍କୃତିର ଉନ୍ନତ ମାନ ନିର୍ଭର କରେ ସମାଜ ଓ ବ୍ୟକ୍ତିର ଚିନ୍ତାଧାରା, ଆଚାରବ୍ୟବହାର ଏବଂ କଳା ସାହିତ୍ୟର ଉନ୍ନତି ଉପରେ ।

Digitized by PPRACHIN, SOA

ସାଧାରଣତଃ ସଂସ୍କୃତି ଦୁଇପ୍ରକାର । ପ୍ରଥମ ହେଲା ବସ୍ତୁନିଷ୍ଠ ସଂସ୍କୃତି ଓ ଦ୍ୱିତୀୟ ହେଲା ମାନବିକ ସଂସ୍କୃତି । କଳା ସାହିତ୍ୟ ଏହି ମାନବିକ ସଂସ୍କୃତି ଦ୍ୱାରା ପ୍ରଭାବିତ ହୁଏ । ମଣିଷର ରୁଚି ଜୀବନଧାରଣାର ପ୍ରଣାଳୀ, ଚିନ୍ତାଧାରା, ନୈତିକତାବୋଧ ଓ ଆଚରବ୍ୟବହାର ଏହି ମାନସିକ ସଂସ୍କୃତିର ପର୍ଯ୍ୟାୟଭୁକ୍ତ । ସାହିତ୍ୟିକ ଯେହେତୁ ମଣିଷର ବ୍ୟକ୍ତିଗତ ଓ ସାମାଜିକ ଜୀବନକୁ ନେଇ ସାହିତ୍ୟ ରଚନା କରେ, ଏହି ମାନବିକ ସଂସ୍କୃତିର ପରିବର୍ତ୍ତନ ଦ୍ୱାରା ସେଥିପାଇଁ ସେ ପ୍ରଭାବିତ ହେବାକୁ ବାଧ୍ୟ ହୁଏ ।

ସାଂପ୍ରତିକ ସାହିତ୍ୟର ଗତି ଓ ପ୍ରକୃତିକୁ ଠିକ୍ ଭାବରେ ବୁଝିବାକୁ ହେଲେ ସେଥିପାଇଁ ଆମ ସଂସ୍କୃତିରେ ଯେଉଁ ସବୁ ପରିବର୍ତ୍ତନ ଘଟିଛି ତାହା ଆମକୁ ବୁଝିବାକୁ ହେବ । କାରଣ ଗଳ୍ପ, ଉପନ୍ୟାସ, ନାଟକ, କବିତା, ପ୍ରବନ୍ଧ ଏ ସାହିତ୍ୟର ସମସ୍ତ ବିଭାଗରେ କଥାବସ୍ତୁ, ଶୈଳୀ, ଭାଷା ପ୍ରୟୋଗରେ ଯେଉଁ ସବୁ ପରିବର୍ତ୍ତନ ଘଟିଛି, ତାହା ଆମ ସଂସ୍କୃତିର ଘଟାନ୍ତର ଯୋଗୁଁ ସମ୍ଭବ ହୋଇଛି । ଚିନ୍ତାଧାରାର ସଙ୍ଘର୍ଷ ଘଟିଲେ ପ୍ରାଚୀନ ସଂସ୍କୃତିର ବଦ୍ଧ ପଲ୍ୱଳରେ ଉତ୍ତାଳ ତରଙ୍ଗ ଉଠେ । ସେ ତରଙ୍ଗ ଆଘାତରେ ପଲ୍ୱଳର ବନ୍ଧ ଭାଙ୍ଗିଯାଏ । ନୂତନ ଚିନ୍ତାର ଜଳଧାରା ସୃଷ୍ଟି କରେ ନବୀନ ଚିନ୍ତାର ମହାର୍ଣ୍ଣବ । ଏହିପରିଭାବେ ଘଟେ ସଂସ୍କୃତିର ନବଜନ୍ମ ।

କିନ୍ତୁ ଧର୍ମକୁ ବାଦ୍ ଦେଲେ ସଂସ୍କୃତିର କିଛି ସ୍ୱତନ୍ତ୍ର ଅସ୍ତିତ୍ୱ ଅଛି କି ? ଆଧୁନିକ ଯୁଗର ପ୍ରମୁଖ କବି T.S. Eliot ତାଙ୍କ "Observation on culture" ଗ୍ରନ୍ଥରେ କହିଛନ୍ତି—"ସଂସ୍କୃତିର ମୂଳଭିତ୍ତି ହେଉଛି ଧର୍ମ । ପ୍ରାଚୀନ ଭାରତୀୟ ସଂସ୍କୃତି ମଧ୍ୟ ଧର୍ମ-ଭିତ୍ତି ଉପରେ ପ୍ରତିଷ୍ଠିତ । ସେଥିପାଇଁ ପ୍ରାଚୀନ, ମଧ୍ୟଯୁଗୀୟ ଭାରତୀୟ ସାହିତ୍ୟ ୟୁରୋପୀୟ ସାହିତ୍ୟ ଭଳି ଧର୍ମ ପ୍ରଧାନ । ପ୍ରଥମେ ଆର୍ଯ୍ୟ, ଦ୍ରାବିଡ଼, ମଙ୍ଗୋଲ ପ୍ରଭୃତି ଭାଷା ଗୋଷ୍ଠୀର ଲୋକେ ବସବାସ କରି ନିଜର ଆଚରଣ, ଭାଷା, ଧର୍ମ ଓ ଚିନ୍ତାଧାରାର ପ୍ରଭାବରେ ଯେପରି ଏକ ନୂତନ ସଂସ୍କୃତି ଏ ଦେଶରେ ଗଢ଼ି ତୋଳିଥିଲେ । ପରବର୍ତ୍ତୀ କାଳରେ ଶକ୍, ହୁନ୍, ମୋଗଲ୍, ପଠାଣ, ଖ୍ରୀଷ୍ଟିୟାନ୍ ପ୍ରଭୃତି ବିଦେଶୀ ଧର୍ମାବଲମ୍ବୀ ଲୋକେ ଭାରତବର୍ଷକୁ ଆକ୍ରମଣ କରି ବିଭିନ୍ନ ଅଞ୍ଚଳରେ ଆଧିପତ୍ୟ ବିସ୍ତାର କରିବା ପରେ ନିଜ ଧର୍ମ ଓ ନୀତିର ପ୍ରଭାବରେ ଭାରତୀୟ ସଂସ୍କୃତିକୁ ସେହିପରି ପ୍ରଭାବିତ କରିଥିଲେ । ସେମାନଙ୍କ ମଧ୍ୟରେ ପଞ୍ଚସଖାମାନେ ହେଉଛନ୍ତି ଅନ୍ୟତମ ।

ପ୍ରାଚୀନ କାଳର ମହାପୁରୁଷ, କବି ଓ ପଣ୍ଡିତମାନେ ସମାଜର ଶୃଙ୍ଖଳା ପାଇଁ ଯେଉଁ କେତେକ ନୀତି ଆଦର୍ଶ ଦର୍ଶାଇଛନ୍ତି ତାହା ହେଉଛି ସଂସ୍କୃତି । ପ୍ରାଚୀନ କବି ଓ ବିଦୂଷମାନେ ଯେଉଁ ଆଦର୍ଶ ଓ ନୀତି ସ୍ଥିର କରିଯାଇଛନ୍ତି ତାହା ହେଉଛି ସେହି ଜାତିର ସଂସ୍କୃତି । ଆମ ସଂସ୍କୃତି ହେଉଛି ପ୍ରାଚୀନ ଆର୍ଯ୍ୟ ସଂସ୍କୃତି । ଏହା

Digitized by PPRACHIN, SOA

ବେଦ, ଉପନିଷଦ୍ ଅନୁଯାୟୀ ପ୍ରତିଷ୍ଠିତ । ଏହି ସବୁର ପ୍ରକୃତ ପ୍ରାଣ ପ୍ରତିଷ୍ଠାତା ହେଉଛନ୍ତି ଆର୍ଯ୍ୟଋଷି ଓ ମହର୍ଷିମାନେ । ଏହି ଆର୍ଯ୍ୟମାନେ ହଜାର ହଜାର ବର୍ଷ ତଳେ ଭିନ୍ନ ଅଞ୍ଚଳରୁ ଉତ୍ତର ପଶ୍ଚିମ ବାଟ ଦେଇ ଭାରତ ଭୂଖଣ୍ଡରେ ପ୍ରବେଶ କଲେ । ସେତେବେଳକୁ ଭାରତର ଉତ୍ତରାଞ୍ଚଳରେ ଦ୍ରାବିଡ଼ ନାମରେ ଆର୍ଯ୍ୟେତର ସଂସ୍କୃତି ଏକ ଶକ୍ତିଶାଳୀ ପରମ୍ପରା ସୃଷ୍ଟି କରି ସାରିଥିଲା ।

ସେ ଯାହାହେଉ, ଓଡ଼ିଶା ଥିଲା ଆର୍ଯ୍ୟ ବା ଆର୍ଯ୍ୟେତରମାନଙ୍କର ଏକ ସମନ୍ୱୟ ରାଜ୍ୟ । ଏକାଦଶ ଶତାବ୍ଦୀ ବେଳକୁ ଓଡ଼ିଶାରେ ଅର୍ଯ୍ୟକେଶରୀ ବଂଶର ରାଜାମାନେ ରାଜତ୍ୱ କରୁଥିଲେ । ଏତିକବେଳେ ଦକ୍ଷିଣର ଚୋଡ଼ଗଙ୍ଗଦେବ ଓଡ଼ିଶା ଆକ୍ରମଣ କରି ଉଦ୍ୟୋତ କର୍ଣ୍ଣକେଶରୀଙ୍କୁ ଯୁଦ୍ଧରେ ପରାଜିତ କରି ନିଜେ ରାଜତ୍ୱ ଅଧିକାର କଲେ । ସେ ନିଜେ ଥିଲେ ଆର୍ଯ୍ୟେତର ବ୍ୟକ୍ତି । ଓଡ଼ିଶାର ଅଧିବାସୀମାନେ ଅଧିକାଂଶ ଆର୍ଯ୍ୟେତର ହୋଇଥିଲେ ମଧ୍ୟରେ ଚୋଡ଼ଗଙ୍ଗ ପ୍ରତି ସେମାନେ ଶ୍ରଦ୍ଧା ଓ ଆସକ୍ତି ପ୍ରକାଶ କଲେ ନାହିଁ । କାରଣ କର୍ଣ୍ଣକେଶରୀ ସୁଶାସକ ଥିବାରୁ ତାଙ୍କ ପ୍ରତି ଲୋକଙ୍କର ଆନୁଗତ୍ୟ ଥିଲା । ସେତେବେଳେ ସମାଜ ଥିଲା ଧର୍ମଭିତ୍ତିକ । ତେଣୁ ଗୋଟିଏ ନୂତନ ଧର୍ମ ପ୍ରତି ଲୋକଙ୍କର ଆକର୍ଷଣ ସୃଷ୍ଟି କରି ବିଶୃଙ୍ଖଳା ଆୟତ୍ତ କରିବାକୁ ଚୋଡ଼ଗଙ୍ଗ ଚିନ୍ତା କଲେ । ବର୍ତ୍ତମାନ ଆନ୍ଧ୍ରପ୍ରଦେଶର ମୁଖଲିଙ୍ଗମ୍‌ଠାରେ ଦେବତା ଶିବ ଜଗନ୍ନାଥ ନାମରେ ପୂଜିତ ହେଉଥିଲେ । ଚୋଡ଼ଗଙ୍ଗ ତାଙ୍କୁ ଆଣି ପୁରୀଠାରେ ସ୍ଥାପନ କଲେ । ଏଥିରେ ଆର୍ଯ୍ୟେତରମାନେ ସନ୍ତୁଷ୍ଟ ହେଲେ । ଆର୍ଯ୍ୟ-ମାନଙ୍କୁ ସନ୍ତୁଷ୍ଟ କରିବାକୁ ଚୋଡ଼ଗଙ୍ଗ ଚିନ୍ତା କରି ଏହି ଦେବତାଙ୍କଠାରେ ବିଷ୍ଣୁତ୍ୱ ଆରୋପ କଲେ ଏବଂ ତାଙ୍କର ନୂଆ ନାମ ଜଗନ୍ନାଥ ଦେଲେ । ଏସବୁ ସତ୍ତ୍ୱେ ଶିବାଦ ବିରୁଦ୍ଧରେ ହୋଇ ସେହି ରାଜାମାନଙ୍କ ପୃଷ୍ଠପୋଷକତାରେ ଓଡ଼ିଶାରେ ମଧ୍ୟ ପରିବ୍ୟାପ୍ତ ହେଲା । ଚୋଡ଼ଗଙ୍ଗଦେବ ପୁରୀ ମନ୍ଦିର ନିର୍ମାଣ ଆରମ୍ଭ କଲେ; କିନ୍ତୁ ତାହା ସେହି ବଂଶର ପରବର୍ତ୍ତୀ ରାଜା ଦ୍ୱିତୀୟ ଭାନୁଦେବଙ୍କ ସମୟରେ ସାଂପ୍ରତିକ ରୂପନିଁ ପରିଗ୍ରହଣ କଲା । ଜଗନ୍ନାଥ ହେଉଛନ୍ତି ଆର୍ଯ୍ୟ ଓ ଆର୍ଯ୍ୟେତରମାନଙ୍କର ସମନ୍ୱୟର ପ୍ରତୀକ । ସେ ହେଉଛନ୍ତି ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସବୁରି ପୂଜ୍ୟ । ଓଡ଼ିଶାର କବି, ମହାପୁରୁଷ ସାରଳାଦାସ ଆମ ଦେବତା ଜଗନ୍ନାଥଙ୍କ ପ୍ରସାଦ ଓ ପ୍ରତିଷ୍ଠା ପାଇଁ ମହାଭାରତରେ ବହୁତ ଯତ୍ନ କଲେ । ଏପରିକି ମହାଭାରତର ଆଦି-ପର୍ବରେ କବି ଜଗନ୍ନାଥଙ୍କ ବନ୍ଦନା ଗାଇଲେ । ଆଉ ମଧ୍ୟ ଜଗନ୍ନାଥଙ୍କୁ ଆର୍ଯ୍ୟ ଓ ଅନାର୍ଯ୍ୟମାନଙ୍କର ସମନ୍ୱୟ ସୂଚକ ଦେବତା ଭାବରେ ପ୍ରତିଷ୍ଠିତ କରାଇଲେ ।

"ମୂଷଳୀ" ପର୍ବରେ କୃଷ୍ଣ ଯେତେବେଳେ ମୃତ୍ୟୁବରଣ କଲେ ତାହା ସମ୍ଭବ ହେଲା ଜରାଶବର ଦ୍ୱାରା । କିନ୍ତୁ କୃଷ୍ଣଙ୍କର ପିଣ୍ଡ ଦଗ୍ଧ ହେଲା ନାହିଁ । ସେ ଦାରୁଦେବତା ହୋଇ ପୁରୀ ଶ୍ରୀମନ୍ଦିରରେ ଭାସି ଆସିଲେ । ଏଣେ ପୁଣି ଶବର ରାଜା ବିଶ୍ୱାବସୁଙ୍କ "ନୀଳମାଧବ" ଲୁଚି ହୋଇ ଯାଇଥିଲେ । ସେତେବେଳେ

Digitized by PPRACHIN, SOA

ଦାରୁଦେବତାଙ୍କୁ ରାଜା ଓ ବ୍ରାହ୍ମଣମାନେ ସ୍ୱାଗତ କରିବାକୁ ଗଲେ ସେତେବେଳେ ତାଙ୍କୁ ଉଠାଇ ପାରିଲେ ନାହିଁ; କିନ୍ତୁ ଶବର ଓ ଦୈତାପତିମାନେ ଯିବାରୁ ଦାରୁ ଦେବତା ଉଠିଲେ । ଏହି ସବୁ ଆଲୋଚନାରୁ ଜଣାଯାଏ ଯେ ଜଗନ୍ନାଥ ଧର୍ମ ମୁଖ୍ୟତଃ ଶବର ବା ଆଦିବାସୀ ଧର୍ମରୁ ସୃଷ୍ଟି ଲାଭ କରିଛି ଏବଂ ବହୁ କାଳରୁ ଜଗନ୍ନାଥ ଧର୍ମ ଓ ଓଡ଼ିଆ ସଂସ୍କୃତିକୁ ପ୍ରଭାବିତ କରି ଆସିଛି । ତେଣୁ ଓଡ଼ିଆ ସଂସ୍କୃତି କହିଲେ ସାଧାରଣତଃ ଜଗନ୍ନାଥ ସଂସ୍କୃତିକୁ ହିଁ ବୁଝାଇଥାଏ ।

ପ୍ରାଚୀନ ଭାରତୀୟ ସମାଜର ବାଣୀ ହେଲା········· ଐକ୍ୟ ମଧ୍ୟରେ ଅନୈକ୍ୟ ଏବଂ ଅନୈକ୍ୟ ମଧ୍ୟରେ ଐକ୍ୟ । ଏହି ସହଣିକତାର ଚରମ ପ୍ରକାଶ ଘଟିଛି ପ୍ରାଚୀନ ଉତ୍କଳ ଭୂମିରେ ଶ୍ରୀ ପୁରୁଷୋତ୍ତମ ପୀଠରେ । ଜାତି ଅଜାତିର ସୀମାହୀନ ବିଭେଦ ମଧ୍ୟରେ ଏ ଦେଶର ଅଗଣିତ ଜନତା ଶ୍ରୀମନ୍ଦିରର ଆନନ୍ଦ ବଜାରରେ ପ୍ରବେଶ କଲେ ସମସ୍ତ ଭେଦଭାବ ଦୂରୀଭୂତ ହୋଇଯାଏ । ମହାପ୍ରସାଦ ନିକଟରେ କୌଣସି ଉଚ୍ଚ ନୀଚର ଅବକାଶ ରହେ ନାହିଁ । ବାସ୍ତବିକ୍ , ଅନ୍ତଃହୀନ ବିଭେଦ ମଧ୍ୟରେ ଯେଉଁମାନେ ଏପରି ସମନ୍ୱୟ ଆଣିଥିଲେ ସେମାନେ ଆମ ସଂସ୍କୃତିର ଉପଯୁକ୍ତ ପ୍ରବକ୍ତା । ସେମାନଙ୍କ ମଧ୍ୟରୁ ପଞ୍ଚସଖାଗଣ ଅନ୍ୟତମ ।

ପରବର୍ତ୍ତୀ କାଳରେ ଯେତେବେଳେ କୃଷ୍ଣଙ୍କର ପ୍ରେମ ଧର୍ମର ପ୍ରଚାର ପାଇଁ ଶ୍ରୀ ଚୈତନ୍ୟ ଓଡ଼ିଶାକୁ ଆସିଲେ ଏବଂ କୃଷ୍ଣ ଧର୍ମର ଉଚ୍ଛ୍ୱସିତ କଲ୍ଲୋଳରେ ଏ ଜାତିର ମୌଳିକ ଧର୍ମର ବସନ୍ତ ଭାସିଯିବାକୁ ଆରମ୍ଭ କଲା । ସେତେବେଳେ ଜଗନ୍ନାଥ ଦାସ ପ୍ରମୁଖ ପଞ୍ଚସଖାମାନେ ଉତ୍କଳୀୟ ଜାତିର ସାଂସ୍କୃତିକ ପରଂପରା ରକ୍ଷା କରିବାକୁ ଦୃଢ଼ ମନ ହେଲେ ।

ତେବେ ଏହି କ୍ରମରେ ପ୍ରଥମତଃ ସାରଳା ଦାସ ଏବଂ ଦ୍ୱିତୀୟତଃ ସାଧକ କବି ଜଗନ୍ନାଥ ଦାସ ଓ ଅନ୍ୟମାନେ ଜଗନ୍ନାଥ ସଂସ୍କୃତି ପ୍ରତିଷ୍ଠିତ ହେଲା ଏବଂ ତାହା ସମ୍ପୂର୍ଣ୍ଣ ଓଡ଼ିଶାର ନିଜସ୍ୱ ହେଲା । ସାଧକ କବି ସାରଳା ଦାସଙ୍କଠାରୁ ଏଥିରେ ଜଗନ୍ନାଥ ସଂସ୍କୃତିର ସମନ୍ୱୟ ଓ ଏକୀକରଣ ହେଲା । ସେହି ଦିନଠାରୁ ଜାତିର ପୂଜ୍ୟ ଜଗନ୍ନାଥ ଉତ୍କଳୀୟ ସଂସ୍କୃତିର ପରମ ପ୍ରତୀକ ଭାବରେ ପୂଜିତ ହୋଇ ଆସୁଛନ୍ତି ।

ଜଗନ୍ନାଥ ଦାସ ହେଉଛନ୍ତି ଓଡ଼ିଆ ସଂସ୍କୃତିର ପ୍ରାଣ ପ୍ରତିଷ୍ଠାତା । ଆଜି ପର୍ଯ୍ୟନ୍ତ ଉତ୍କଳର ପ୍ରତ୍ୟେକ ପ୍ରାନ୍ତରେ ଯେଉଁ ନୈତିକତା ଓ ଧର୍ମପ୍ରାଣତାର ପରିଚୟ ମିଳେ ତାହାର ମୂଳରେ ଭକ୍ତ କବି ଜଗନ୍ନାଥଙ୍କର "ଭାଗବତ" ଗ୍ରନ୍ଥର ମହାନ ପ୍ରଭାବ ବିଦ୍ୟମାନ । ତେଣୁ ଓଡ଼ିଆ ସଂସ୍କୃତି କହିଲେ ଆମେ ସାଧାରଣତଃ ଜଗନ୍ନାଥ ଦାସଙ୍କ ସଂସ୍କୃତିକୁ ହିଁ ବୁଝିଥାଉଁ । ଭକ୍ତ କବି ଜଗନ୍ନାଥଦାସ ଓଡ଼ିଆ ସାହିତ୍ୟରେ ଅତୁଳନୀୟ । ସମସାମୟିକ ଭାରତୀୟ ସାହିତ୍ୟରେ ଜଗନ୍ନାଥ ଦାସଙ୍କ

Digitized by PPRACHIN, SOA

ପର ସାହିତ୍ୟ ସାଧକ ଜନ୍ମଗ୍ରହଣ କରିଥିବା କ୍ୱଚିତ୍ ଦେଖାଯାଏ । ଓଡ଼ିଆ ଭାଗବତର ସ୍ରଷ୍ଟା ଭାବରେ ସେ ଉତ୍କଳର ଘରେ ଘରେ ସୁପରିଚିତ । ପ୍ରାସାଦବାସୀଠାରୁ କୁଟୀରବାସୀ ପର୍ଯ୍ୟନ୍ତ ସମସ୍ତେ ଜଗନ୍ନାଥ ଦାସଙ୍କୁ ସ୍ମରଣ କରି ଧନ୍ୟ ଧନ୍ୟ ହୋଇ ଅଛନ୍ତି । ଓଡ଼ିଆ ଜାତିକୁ ପାଠୁଆ ଏବଂ ସଂସ୍କୃତି ସମ୍ପନ୍ନ ହେବାରେ ଯଦି କୌଣସି କବି ଅଧିକ ସାହାଯ୍ୟ କରିଅଛନ୍ତି ସେ ହେଉଛନ୍ତି ଭାଗବତକାର ଜଗନ୍ନାଥ ଦାସ ।

ଜଗନ୍ନାଥ ଦାସ ନିଜେ ବିପ୍ରକୁଳରେ ଜନ୍ମଗ୍ରହଣ କରିଥିଲେ । ସେ କିନ୍ତୁ ଥିଲେ ଯୋଗଜନ୍ମା ଏବଂ ଯୁଗସ୍ରଷ୍ଟା ବ୍ୟକ୍ତିତ୍ୱ । ତେଣୁ ବ୍ରାହ୍ମଣ ସମାଜର ଅନ୍ଧତା ଓ ସ୍ୱାର୍ଥପରତା ଓ ଆତ୍ମମ୍ଭରିତା ଲକ୍ଷ୍ୟ କରି ତାଙ୍କର ମନ ବିଦ୍ରୋହ କରି ଉଠିଥିଲା । ସେ ସମଗ୍ର ସମାଜରେ ଚେତନାର ପ୍ରଭାବ ଖେଳାଇ ଦେବାପାଇଁ ବ୍ୟାକୁଳ ହୋଇ ଉଠିଥିଲେ । ଶାସ୍ତ୍ର ବ୍ୟବସାୟୀ ପୁରୋହିତ ଗୋଷ୍ଠୀ ବ୍ରାହ୍ମଣ ସମାଜକୁ ସେ ଆହ୍ୱାନ୍ ଜଣାଇ ପ୍ରଚାର କଲେ —

"କପଟ ଧର୍ମ ଯହିଁ ନାହିଁ
ସ୍ୱଭାବେ ଶାସ୍ତ୍ର ସେ ବୋଲଇ
ଆତ୍ମାରେ ଆତ୍ମା ଯେ ଦେଖନ୍ତି
ଜନ୍ମ ମରଣେ ନାହିଁ ଭ୍ରାନ୍ତି ।"

ଜଗନ୍ନାଥ ଦାସ ଥିଲେ ଯୋଗ ସାଧକ । ଆତ୍ମାକୁ ଉପଲବ୍ଧି କରି ମନୁଷ୍ୟ ପରମାତ୍ମାଙ୍କର ସନ୍ଧାନ ପାଇବ ବୋଲି ସେ କହି ଅଛନ୍ତି । ଦେହପରି ଚିତାତିଳକ ଧାରଣ କରି ଯେଉଁମାନେ ଭଣ୍ଡ ବୈଷ୍ଣବ ରୂପରେ ଲୋକ ସମାଜକୁ ବିଭ୍ରାନ୍ତ କରୁ ଅଛନ୍ତି ସେମାନଙ୍କ ବିରୁଦ୍ଧରେ ଜଗନ୍ନାଥ ଦାସ ବିଦ୍ରୋହ କରିଛନ୍ତି । ଯନ୍ତ୍ର ମନ୍ତ୍ର ଏବଂ ତନ୍ତ୍ର ନ ଜାଣିଲେ କେହି ପ୍ରକୃତ ବୈଷ୍ଣବର ସ୍ଥାନ ଲାଭ କରିବା ଉଚିତ ନୁହେଁ । ଲୋକ ସମାଜର ସାଧକ ଓ ଜଗନ୍ନାଥ ଦାସ ଲୋକଙ୍କ ବୋଧଗମ୍ୟ ହେବା ପାଇଁ ସହଜ ସରଳ ଭାଷାରେ ନବାକ୍ଷରୀ ବୃତ୍ତରେ ସଂସ୍କୃତ ଭାଗବତକୁ ଓଡ଼ିଆରେ ରୂପାନ୍ତରିତ କରିଦେଲେ ତାହା ହୋଇଗଲା ସମଗ୍ର ଓଡ଼ିଆ ସମାଜର ଗଣ୍ଠିଧନ । ତେଣୁ ସେ ତାହାର ଆକ୍ଷରିକ ଅର୍ଥ ବିଷୟରେ ଅଯଥା ସଚେତନ ନ ହୋଇ ଅନ୍ତର୍ନିହିତ ଭାବସମ୍ପଦକୁ ପରିବେଷଣ କରିବା ପାଇଁ ଅଧିକ ଯତ୍ନଶୀଳ ହୋଇଥିଲେ । ତେଣୁ ତାହା ଚୁମ୍ବକପରି ରସିକ ପାଠକ ପ୍ରାଣକୁ ଆକର୍ଷଣ କରିଥିଲା । ଭାଗବତ ପ୍ରଥମ ସ୍କନ୍ଧ ପ୍ରଥମ ଅଧ୍ୟାୟର ତୃତୀୟ ଶ୍ଳୋକରେ ରହିଛି:—

"ନିଗମ କଳ୍ପତରୋର୍ଗଳିତଂ ଫଳଂ
ଶୁକ ମୁଖାଦମୃତ ଦ୍ରବ ସଂଯୁତମ୍
ପିବତ ଭାଗବତଂ ରସମାଳୟଂ
ମୁହୁରହୋ ରସିକା ଭୁବି ଭାବୁକାଃ ।"

Digitized by PPRACHIN, SOA

ଏହାର ଅନୁବାଦ କରି ଜଗନ୍ନାଥ ଦାସ ଲେଖିଛନ୍ତି—

ସକଳ ବେଦ ହୋଇ ବୃକ୍ଷେ
ଫଳ ଫଳିଲେ ଅନ୍ତରୀକ୍ଷେ ।
କେତେ ହେଁ ଦିନେ ପାଚି ଗଲେ;
ବୃକ୍ଷୁ ପଡ଼ିଲେ ବାୟୁ ବଳେ ।
ଶୁକ ଧାଇଁଲେ ତାହା ଦେଖି
ପକ୍ଷୀଙ୍କ ଜଗତ ଉପେକ୍ଷି ।
ଚୋଞ୍ଚେ ଅଧରେ କ୍ଷତ କଲା,
ଭିତରେ ସୁରଙ୍ଗ ଦିଶିଲା ।
ତହୁଁ ଗଳିଲା ରସ ସାର,
କି ଅବା ଦେବା ପଟାନ୍ତର ।
ଅମୃତ ନନ୍ଦେ ସ୍ୱାଦୁ ପଣେ,
ସୁଜନେ ପିବ ଅନୁକ୍ଷଣେ ।
ଆନନ୍ଦେ କର ସୁଧାପାନ,
ଯେତେ ପାଇବ ଦିବ୍ୟଜ୍ଞାନ
ଏ ରସ ଶ୍ରୁତିବେଦ ମୂଳ,
ନିଗମ ବୃକ୍ଷର ଏ ଫଳ ।
ପିବ ଜୀବନ ଅନ୍ତ ଯାଏ,
ଯେବେ ବଞ୍ଚିବ ମାୟା ମୋହେ ।

ଭକ୍ତ କବି ଉଭୟ ଓଡ଼ିଆ ଓ ସଂସ୍କୃତ ଭାଷାରେ ଗ୍ରନ୍ଥରଚନା କରିଯାଇଛନ୍ତି । ତାଙ୍କ ଲିଖିତ ଗ୍ରନ୍ଥ ମଧ୍ୟରୁ ଅଧିକାଂଶ ଅପ୍ରକାଶିତ ଏବଂ ଦୁର୍ଲ୍ଲଭ ମଧ୍ୟ । ପଣ୍ଡିତ ସୂର୍ଯ୍ୟନାରାୟଣ ଦାସଙ୍କ ମତରେ ଜଗନ୍ନାଥଙ୍କର ସଂସ୍କୃତ ଗ୍ରନ୍ଥ ଗୁଡ଼ିକ ହେଲା—(୧) କୃଷ୍ଣ ଭକ୍ତି କଳ୍ପଲତା (୨) ନିତ୍ୟ ଗୁପ୍ତମାଳା (୩) ଉପାସନା ଶତକ (୪) ପ୍ରେମ ସୁଧାନିଧି (୫) ନିତ୍ୟ ଗୂଢ଼ (୬) ଦୀକ୍ଷା ସର୍ବତୋପାସନ: ବିଧି (୭) ନୀଳାଦ୍ରି ଶତକ (୮) ଜଗନ୍ନାଥ ଚରିତୋମୃତାଧି ସରଣ ଇତ୍ୟାଦି । ପଣ୍ଡିତ କ୍ଷୀରମଣି ପାଠୀ ଶର୍ମା ପୂଜ୍ୟ ପୂଜା ସମ୍ପଦ ପ୍ରକାଶିତ "ଅତିବଡ଼ୀ ଜଗନ୍ନାଥ ପରିକ୍ରମା" ଗ୍ରନ୍ଥରେ ଆଉ କେତେକ ଅପ୍ରକାଶିତ ସଂସ୍କୃତ ଗ୍ରନ୍ଥର ଉଲ୍ଲେଖ କରି ଅଛନ୍ତି । (୧) ଶ୍ରୀରାଧା ରସମଞ୍ଜରୀ ୨—ଜଗନ୍ନାଥ କାରିକା ୩—କରଣୀ ସଂହିତା ୪ ମନ୍ତ୍ରପ୍ରଣାଳୀ ୫—ଉଦ୍ଧବ ବୋଧନ (୬) ପୂର୍ଣ୍ଣାମୃତ ରସଚନ୍ଦ୍ରିକା ।

ସୂର୍ଯ୍ୟନାରାୟଣଙ୍କ ମତରେ ଜଗନ୍ନାଥ ଦାସଙ୍କର ଓଡ଼ିଆ ଭାଷାରେ ଗ୍ରନ୍ଥ ଗୁଡ଼ିକ ହେଲା—୧—ଭାଗବତ ୨ ଦୀକ୍ଷା ସମ୍ବାଦ ୩ ଦଣ୍ଡି ଖେଳ ୪—ବୋଲେ ହୁଁ ଗୀତ ୫—ଗୁପ୍ତ ଭାଗବତ ୬—ଦାରୁ ବ୍ରହ୍ମଗୀତା ୭—ଗଜ ସ୍ତୁତି ୮—ଅର୍ଥ କୋଇଲି ୯—ମୃଗିଣୀ ସ୍ତୁତି ୧୦—ତୁଳାଭିଣା ୧୧—ଇତିହାସ ପୁରାଣ ୧୨—

Digitized by PPRACHIN, SOA

ପାଷଣ୍ଡ ଦଳନ ୧୩—ମହାଭାରତ ୧୪—ମନଶିକ୍ଷା ଇତ୍ୟାଦି । ଏଥିରୁ ଅନେକ ଗ୍ରନ୍ଥ ଦୁଷ୍ପ୍ରାପ୍ୟ ବୋଲି ସୂଚନାପ୍ରାପ୍ତ ଲେଖିଛନ୍ତି ।

ଜଗନ୍ନାଥ ଦାସଙ୍କ ଅମର କୃତି "ଭାଗବତ" କବିଙ୍କୁ ଯୁଗ ଯୁଗ ଅମର କରି ରଖିଥିବ । କଥାରେ ଅଛି—"ବିଦ୍ୟା ଭାଗବତା ବଧି" ବା "ସକଳ ଶାସ୍ତ୍ର ଭାଗବତ, ଅଭ୍ୟାସ କରୁଥିବ ନିତ୍ୟ" । ଏହି ପରଂପରା ଓଡ଼ିଶାରେ ସୁପରିଚିତ । ସାରଳା ଦାସଙ୍କ ମହାଭାରତ, ବଳରାମଙ୍କ ରାମାୟଣ ପରି ଜଗନ୍ନାଥ ଦାସଙ୍କ ଭାଗବତ ମଧ୍ୟ ମୂଳ ସଂସ୍କୃତ ଗ୍ରନ୍ଥର ଆକ୍ଷରିକ ଅନୁବାଦ ନୁହେଁ । ଓଡ଼ିଆ ଭାଗବତ ହେଉଛି ଓଡ଼ିଆ ଜାତିର ବେଦ ସ୍ୱରୂପ । ଓଡ଼ିଶାର ପାଠକ ସମାଜରେ ଆଉ କୌଣସି ଗ୍ରନ୍ଥ ସମ ଭାବରେ ପ୍ରଭାବ, ପ୍ରତିକ୍ରିୟା ଅଥବା ଆଲୋଡ଼ନ ସୃଷ୍ଟି କରିଥିବା ଜଣାଯାଏ ନାହିଁ । ଓଡ଼ିଶାର ଜାତୀୟ ଜୀବନରେ ଭାଗବତର ପ୍ରତିଷ୍ଠା ଅନସ୍ୱୀକାର୍ଯ୍ୟ । ଜୀବନର କର୍ମ ଚଞ୍ଚଳତା ମଧ୍ୟରେ ପ୍ରାସାଦ ବିହାରୀଠାରୁ କୁଟୀରବାସୀ ପର୍ଯ୍ୟନ୍ତ ସମସ୍ତେ ପଦ ସ୍ମରଣ କରି ନିଜ ନିଜର ମନକୁ ବୁଝାଇଥାନ୍ତି ।

ଭାରତୀୟ ସାହିତ୍ୟ ସଂସାରରେ ଭାଗବତ ସଦୃଶ ଏକ ଗ୍ରନ୍ଥ ଦୁର୍ଲ୍ଲଭ । ପୃଥିବୀର ସାହିତ୍ୟରେ ମଧ୍ୟ ଏପରି ଏକ ଗ୍ରନ୍ଥର ତୁଳନା ନାହିଁ । ଜଗତର ସମସ୍ତ ଅମୂଲ୍ୟ ଅନୁଭୂତି ଯେପରି ଏଥିରେ ଲିପିବଦ୍ଧ ହୋଇଯାଇଛି । କୁହାଯାଏ ଭାଗବତରେ ବିଦ୍ୟା ସାଧନାର ସର୍ବଶ୍ରେଷ୍ଠ ପରିଚୟ ମିଳିଥାଏ । ଆଧ୍ୟାତ୍ମିକ ଜୀବନ ଓ ଆଦର୍ଶର ପ୍ରାଣପ୍ରତିଷ୍ଠା ହେଉଛି ଭାଗବତର ଲକ୍ଷ୍ୟ । ପୌରାଣିକ ଗଳ୍ପ ଛଳରେ ବୈଦିକ ସାହିତ୍ୟର ଦର୍ଶନକୁ ଲୋକ ସମାଜରେ ପ୍ରଚାର କରିବା ପାଇଁ ଏଥିରେ ଉଦ୍ୟମ କରାଯାଇଛି ।

ଏହି ସଂସାର ହେଉଛି ଅନିତ୍ୟ ଏବଂ ଅତ୍ୟନ୍ତ ଅଳ୍ପକାଳ ସ୍ଥାୟୀ । ଏଠାରେ ମାୟାମୋହ ମଧ୍ୟରେ ଜୀବନ ସନ୍ତୁଳିତ ହେଉଥାଏ । ମାୟାରେ ଆବଦ୍ଧ ହୋଇ ପ୍ରାଣୀମାନେ ଇହ ସଂସାରରେ ବିଚଳିତ ହେବା ସ୍ୱାଭାବିକ । ଭାଗବତରେ କୁହାଯାଇଛି—

"ବୃକ୍ଷର ତଳେ ଯେହ୍ନେ ଆସି । ପଥିକ ବିଶ୍ରାମନ୍ତି ବସି ।
ପୁଣି ଚଳନ୍ତି ଶ୍ରମ ସାରି । ସେ ବୃକ୍ଷ ନୁହଇ ତାହାରି ।
ତେମନ୍ତ ମାୟା ଏ ସଂସାର । କେ ପିତା, କେ କାହା କୁମର ।"

ଯାହାର ଜନ୍ମ ଅଛି, ତାର ମୃତ୍ୟୁ ଅବଶ୍ୟମ୍ଭାବୀ । ଏହି ମହାନ୍ ସତ୍ୟକୁ ଦୁର୍ବଳ, ବିଷୟ ବାସନା ଜର୍ଜରିତ ମନୁଷ୍ୟ ଜାଣି ମଧ୍ୟ ହୃଦୟଙ୍ଗମ କରେ ନାହିଁ । ସେ ଅନନ୍ତ କାଳ ପାଇଁ ଦେହ ଧାରଣ କରିବା ଆଶାରେ ସଂଭୋଗର ପରିକଳ୍ପନା କରୁଥାଏ ।

"ମର୍ତ୍ତ୍ୟ ମଣ୍ଡଳେ ଦେହ ବନ୍ଧ । ଦେବତା ହେଲେ ବି ମରଇ ।" ଏହି ଦୁଃଖ ତାପ ପରିପୂର୍ଣ୍ଣ ସମାଜରେ ନିଜ ଜୀବନର ସ୍ଥିତି ଯେତେବେଳେ ଏପରି ବିଡ଼ମ୍ବିତ, ସେତେବେଳେ ମନୁଷ୍ୟ କେଉଁ ସାହସରେ ଅନ୍ୟମାନଙ୍କର ଜୀବନକୁ ପୀଡ଼ିତ କରୁଥାଏ ? ଅନ୍ୟର ରକ୍ଷାକର୍ତ୍ତା ହେବା ପାଇଁ ଅହଂକାର କରେ । କିନ୍ତୁ :—

Digitized by PPRACHIN, SOA

"ନିଜ ରକ୍ଷଣ ଅସମ୍ଭବ । ସେ କାହୁଁ ପରକୁ ରଖିବ ।" ଜଗନ୍ନାଥ ଦାସଙ୍କ ସାହିତ୍ୟ ହେଉଛି ନୀତି ଗର୍ଭିତ ଏବଂ ସମ୍ପୂର୍ଣ୍ଣ ସମାଜସମ୍ମତ । ଏଥିରେ ଯୁଗ ଯୁଗ ପାଇଁ ପ୍ରେରଣା ଓ ନିବେଦନ ଭରି ରହିଛି । ଦୀର୍ଘ ପାଞ୍ଚଶହ ବର୍ଷ ପରେ ସୁଦ୍ଧା ଭାଗବତର ଅମରବାଣୀ ବିଂଶ ଶତାବ୍ଦୀର ବିଜ୍ଞାନ ସେବିତ ମନ ଉପରେ ଗଭୀର ପ୍ରଭାବ ସୃଷ୍ଟି କରିଥାଏ । ସଂସାରୀ ମାନଙ୍କେ ସୁଖ ସମ୍ଭୋଗ ପାଇଁ ଅର୍ଥ ଉପାର୍ଜନ କରିବା ଉଚିତ । ମାତ୍ର ଅର୍ଥ ଉପାର୍ଜନ ଜୀବନର ଏକ ମାତ୍ର ଲକ୍ଷ୍ୟ ନ ହୋଇ ତାହା ଅନ୍ୟତମ ଉପାୟ ହେଲେ କୌଣସି ଅସୁବିଧା ରହିବ ନାହିଁ ; ତେଣୁ କୁହାଯାଇଛି —

"ଧର୍ମ ଅର୍ଜନ ଧର୍ମ କରି । ଧର୍ମ ପ୍ରାପତ ନରହରି ।" ତେଣୁ ଜଗନ୍ନାଥ ଦାସ ଏକ ସୁଖୀ ଓ ପରିପୂର୍ଣ୍ଣ ଜୀବନର ସାଧନା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସବୁ ଯୁଗରେ ଏଭଳି ଆଦର୍ଶର ଚରିତାର୍ଥତା ପାଇଁ ବିପୁଳ ସୁଯୋଗ ରହିଅଛି । ତେଣୁ ଜଗନ୍ନାଥ ଦାସଙ୍କ ଭାଗବତର ସାମାଜିକ ମୂଲ୍ୟବୋଧ ଅନନ୍ୟ ସାଧାରଣ ।

ସମାଜ ଭଳି ସଂସ୍କୃତି ମଧ୍ୟ ସମୟର ନିୟନ୍ତ୍ରଣାଧୀନ । ସମୟର ପ୍ରଭାବ ଅନୁସାରେ ସମାଜର ସ୍ଥିତି ଯେପରି ପରିବର୍ତ୍ତିତ ହୁଏ, ସେହିପରି ସଂସ୍କୃତିର ମୂଳ-ଉପାଦାନରେ ମଧ୍ୟ ପରିବର୍ତ୍ତନ ଘଟେ । ସଂସ୍କୃତି ସାମାଜିକ ସଙ୍ଗଠନର ଏକ ଅଂଶ ବିଶେଷ । ନୂତନ ସଂସ୍କୃତି ପ୍ରାଚୀନ ସଂସ୍କୃତିଠାରୁ ସଂପୂର୍ଣ୍ଣ ପୃଥକ୍ ନୁହେଁ, ଏହା ସଂସ୍କୃତିର ଧର୍ମ ବିରୋଧୀ । ନୂତନ ସଂସ୍କୃତି କେବଳ ପୁରାତନ ସଂସ୍କୃତିର ନୂତନ ରୂପାନ୍ତର ମାତ୍ର । ଯେଉଁ ଦେଶ, ଯେଉଁ ଜାତିର ସଂସ୍କୃତି ରକ୍ଷଣଶୀଳତା କିମ୍ବା ଅସହିଷ୍ଣୁତା ଯୋଗୁ ସମୟ ସହିତ ସ୍ୱର ମିଳାଇ ନୂତନ ରୂପାନ୍ତର ଗ୍ରହଣ କରି ନପାରେ, ସେ ସଂସ୍କୃତି ସମୟର ସୀମାହୀନ ସ୍ରୋତ ମଧ୍ୟରେ ଲୀନ ହୋଇଯାଏ । ଭାରତୀୟ ସଂସ୍କୃତି ଏପରି ସଂକୀର୍ଣ୍ଣତାଠାରୁ ଊର୍ଦ୍ଧ୍ୱରେ ଥିବାରୁ ନୂତନ ଯୁଗର ଆହ୍ୱାନ ଗ୍ରହଣ କରିବାରେ କିଛି ଅସୁବିଧା ହେଉନାହିଁ । ସ୍ୱାଧୀନତାପ୍ରାପ୍ତି ପରବର୍ତ୍ତୀ କାଳରେ ଆମ ସଂସ୍କୃତିରେ ଯେଉଁ ପରିବର୍ତ୍ତନ ଘଟିଛି ତାହା ଆମ ସାଂସ୍କୃତିକ ଚେତନାର ଦିଗନ୍ତକୁ ଯେ ପ୍ରସାରିତ କରିଛି ତାହା ନିଃସନ୍ଦେହ ।

ସାଂପ୍ରତିକ ସାହିତ୍ୟକୁ ବୁଝିବାକୁ ହେଲେ, ଆମ ସଂସ୍କୃତିର ଏହି ନୂତନ ରୂପକୁ ମଧ୍ୟ ବୁଝିବାକୁ ହେବ । ହତାଶା ଓ ବ୍ୟର୍ଥତାର ସ୍ୱରକୁ କେବଳ ଉଚ୍ଚାରଣ କରିବାରେ ସାହିତ୍ୟର ଧର୍ମ ଶେଷ ହୁଏ ନାହିଁ । ସାହିତ୍ୟିକକୁ ନୂତନ ଆଶା, ନୂତନ ଜୀବନର ସଙ୍ଗୀତ ଶୁଣାଇବାକୁ ପଡ଼ିବ । ଏହି ମାର୍ଗ ନିରୂପଣ ପାଇଁ ପ୍ରତ୍ୟେକ ଦେଶର ସାହିତ୍ୟିକ ନିଜ ନିଜ ଦେଶର ପ୍ରାଚୀନ ସଂସ୍କୃତି ଓ ଐତିହ୍ୟରୁ ପ୍ରେରଣା ସଂଗ୍ରହ କରିବେ ।

Digitized by PPRACHIN, SOA

ଓଡ଼ିଆ ସାହିତ୍ୟର ସାଂପ୍ରତିକ ପ୍ରାସଙ୍ଗିକତା

ଦୁର୍ଗାଚରଣ **ମଲ୍ଲିକ**
ଷଷ୍ଠ ବର୍ଷ

ଓଡ଼ିଶାରେ 'ଆଧୁନିକତାର ବିକାଶ ଓ ଅଭ୍ୟୁଦୟ ଊନବିଂଶ ଶତକର ଦ୍ୱିତୀୟାର୍ଦ୍ଧରେ ସମ୍ଭବ ହୋଇଛି । ପ୍ରାଚୀନତାରୁ ବିମୁକ୍ତ ହୋଇ ଆଧୁନିକତାର ଅଭ୍ୟୁଦୟ ପାଇଁ ଇଂରାଜୀ ଶିକ୍ଷା ଓ ବିଶ୍ୱଜୀବନ ସମ୍ପୃକ୍ତ ମୁଖ୍ୟକାରଣ ହୋଇପାରିଛି ।

ତେବେ ବର୍ତ୍ତମାନ ମନରେ ଏକ ପ୍ରଶ୍ନ ଉଠେ, ଆଧୁନିକ ମାନେ କ'ଣ ? ଏହାର ଉତ୍ତରରେ କୁହାଯାଇପାରେ—ଆଧୁନିକତା ଏକ କାଳବାଚୀ ଶବ୍ଦ । ସି. ଡ଼ି. ଲୁଇସଙ୍କ ଭାଷାରେ କହିବାକୁ ଗଲେ "ଗୋଟିଏ କବିତା ଆଜି ରଚିତ ହୋଇ ପାରିଥାଏ, କିମ୍ବା ପାଞ୍ଚଶହ ବର୍ଷ ପୂର୍ବରୁ ରଚିତ ହୋଇ ପାରିଥାଏ, ସେଥିରେ କିଛି ଯାଏ ଆସେ ନାହିଁ । ବରଂ ତା'ର ଭାବଚେତନାହିଁ ତାକୁ ଆଧୁନିକ କରେ ।"

ବାସ୍ତବିକ୍ ପ୍ରତ୍ୟେକ ଯୁଗରେ ବିଷୟର ବୈଚିତ୍ର୍ୟ ନେଇ ଏବଂ ଭାବର ବୈଶିଷ୍ଟ୍ୟ ଦୃଷ୍ଟିରୁ କବିତାରେ ଆଧୁନିକତାର ସ୍ୱର ଓ ସ୍ୱାକ୍ଷର ଧ୍ୱନିତ ହୋଇଥାଏ । ଏହି ପରିପ୍ରେକ୍ଷୀରେ ବିଚାର କଲେ ପ୍ରତ୍ୟେକ କବି ଆପଣାକାଳରେ ଆଧୁନିକ ହୋଇଥାଏ । କିନ୍ତୁ ସମୟକ୍ରମେ ତା'ର କାବ୍ୟରେ ପ୍ରାଚୀନତାର ନିର୍ମୋକ ଲକ୍ଷିତ ହୁଏ ।

ଆଧୁନିକ କହିଲେ "ଆଜି ଓ କାଲି" କହିବାର ଦୁଇଟି ନିର୍ଦ୍ଦିଷ୍ଟ ଦିଗକୁ ନ ବୁଝାଇ ବୁଝାଉଛି--ଅତୀତରୁ ବର୍ତ୍ତମାନ ପର୍ଯ୍ୟନ୍ତ । ଏପରିକି ଭବିଷ୍ୟତର କିଛି ଝିଲ୍‌ମିଲ୍ ଝାପ୍‌ସା ଇଲାକାକୁ ମିଶାଇ ଗୋଟିଏ ଅଧିକ ବ୍ୟାପ୍ତି, ନିର୍ଦ୍ଦିଷ୍ଟ ଅତୀତ ଓ ଭବିଷ୍ୟତ ସୀମାରେଖା ନ ଥାଇ ଗୋଟିଏ ଅନିର୍ଦ୍ଦିଷ୍ଟ ସ୍ୱତନ୍ତ୍ର ଇଲାକା ବା ଆୟତନ ।

ସାଂପ୍ରତିକ ଆଧୁନିକର ପର୍ଯ୍ୟାୟବାଚୀ ହେଲେହେଁ ଏହା ଠିକ୍ 'ଏଇ ଏବେ'କୁ ବୁଝାଉଛି, ଯାହା ଲେଖକର, ସ୍ରଷ୍ଟାର ସମକାଳୀନ (Contemporary) । ଏହା ଆଧୁନିକତାର ବ୍ୟାପ୍ତାୟତନ ଭିତରେ ଅନ୍ତର୍ଭୁକ୍ତ; ତେଣୁ

Digitized by PPRACHIN, SOA

ସଙ୍କୁଚିତ । ଶେଷରେ ସହଜ ଭାବରେ ବୁଝାଯାଇପାରେ ଯେ ସାଂପ୍ରତିକତା ଅର୍ଥ ଚଳମାନ କାଳ ବା ବର୍ତ୍ତମାନ । ଏଣୁ ବର୍ତ୍ତମାନର ପରିପ୍ରେକ୍ଷୀରେ ବା ବର୍ତ୍ତମାନର ପୃଷ୍ଠଭୂମି ଉପରେ ଦଣ୍ଡାୟମାନ ହୋଇ ଭଞ୍ଜ ସାହିତ୍ୟର ମୂଲ୍ୟାୟନ କରିବାହିଁ ଭଞ୍ଜ ସାହିତ୍ୟର ସାଂପ୍ରତିକ ପ୍ରାସଙ୍ଗିକତା ବୋଲି ମୋର ବ୍ୟକ୍ତିଗତ ଧାରଣା । ତେବେ ଭଞ୍ଜ ସାହିତ୍ୟ ତ ଅନେକ ବିଭବର ସମାହାର । ଏ ପ୍ରବନ୍ଧର ସୀମିତ ପରିସର ମଧ୍ୟରେ ତା ଭିତରୁ କେତୋଟି ସାଧାରଣ ଦିଗ ଉପରେ ମୁଁ ଆଲୋକପାତ କରିଅଛି ।

ଓଡ଼ିଆ କାବ୍ୟ କବିତାର ବିବର୍ତ୍ତନ ଧାରାରେ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଯଥାର୍ଥରେ ଏକ ବିସ୍ମୟ । କେବଳ ଗୁଣାତ୍ମକ ଦୃଷ୍ଟିରୁ ନୁହେଁ, ପରିମାଣାତ୍ମକ ଦୃଷ୍ଟିରୁ ମଧ୍ୟ ଉପେନ୍ଦ୍ର ଭଞ୍ଜ ଅଜସ୍ର କାବ୍ୟକବିତା ଲେଖି କାଳଜୟୀ ହୋଇପାରିଛନ୍ତି । ସ୍ୱୟଂ କବି ତାଙ୍କର ଛାନ୍ଦକାବ୍ୟ ବର୍ଣ୍ଣୋଦୟରେ ସ୍ୱରଚିତ କାବ୍ୟର ଯେଉଁ ତାଲିକା ପ୍ରଦାନ କରି ଅଛନ୍ତି, ସେଥିରୁ ଜଣାଯାଏ ଯେ କବି "ଛାନ୍ଦଲେଖା, ହେମମଞ୍ଜରୀ, ରସଲେଖା, କାମକଳା, ମନୋରମା, ଭାବବତୀ ଛାନ୍ଦଭୂଷଣ, କଳାକଉତୁକ, ସୁଭଦ୍ରା ପରିଣୟ, ବୈଦେହୀଶବିଳାସ, ଅବନାରସତରଙ୍ଗ, ରାମଲୀଳାମୃତ, ପ୍ରେମ ସୁଧାନିଧି, ରସିକ ହାରାବଳୀ, ରସ ପଞ୍ଚକ, ଲାବଣ୍ୟବତୀ, କୋଟୀ ବ୍ରହ୍ମାଣ୍ଡ ସୁନ୍ଦରୀ, ଗୀତାଭିଧାନ ଏବଂ ଅସଂଖ୍ୟ ଚଉତିଶା, ଚଉପଦୀ, ଗାହା, ଦୋହା, ପୋଇ ଇତ୍ୟାଦି ରଚନା କରିଥିଲେ । ତେବେ ଏ ସମସ୍ତ କାବ୍ୟର ବିଷୟବସ୍ତୁ ପ୍ରାୟତଃ ଗୋଟିଏ ପ୍ରକାରର । ପ୍ରତିଟି କାବ୍ୟରେ ନାୟକ ନାୟିକାମାନଙ୍କର ପୂର୍ବଜନ୍ମ ବୃତ୍ତାନ୍ତ, ଜନ୍ମ, ବାଲ୍ୟବର୍ଣ୍ଣନା, ପୌଗଣ୍ଡଲୀଳା, କୈଶୋର ବର୍ଣ୍ଣନା, ଉଭୟ ବୟଃ ପ୍ରାପ୍ତ ହୁଅନ୍ତେ ଦୂତଦୂତୀ କର୍ତ୍ତୃକ ଚିତ୍ରପଟ ପ୍ରେରଣ, ପରସ୍ପର ପ୍ରତି ପ୍ରଣୟାସକ୍ତିର ପ୍ରଚଣ୍ଡ ଆଗ୍ରହ, ଦେବଦେବୀଙ୍କ ସହାୟତାରେ ବିବାହ ପୂର୍ବରୁ ନାୟକ ନାୟିକାମାନଙ୍କର ମିଳନ, ମିଳନ ପରେ ପୁନଃ ବିଚ୍ଛେଦ, ବିଚ୍ଛେଦ ଅବକାଶରେ ଷଡ଼ଋତୁ ଚିତ୍ରଣ ଏବଂ ଶେଷରେ ବିବାହର ବର୍ଣ୍ଣନାଦ୍ୱାରା ଗ୍ରନ୍ଥ ଶେଷ ହୋଇଅଛି । ଏପରିକି ତାଙ୍କର ଗୋଟିଏ କାବ୍ୟ ପାଠ କଲାପରେ ଅନ୍ୟାନ୍ୟ କାବ୍ୟଗୁଡ଼ିକ ପାଠକ ନିକଟରେ ବୈଚିତ୍ର୍ୟହୀନ ହୋଇଯାଆନ୍ତି । ଏହାହିଁ ଭଞ୍ଜ ସାହିତ୍ୟର ଚରମ ବିଫଳତା ଓ ଦୁର୍ବଳତା । ତାଙ୍କର ଏ ପ୍ରକାର କାବ୍ୟିକ ବିଷୟବସ୍ତୁ ସାଂପ୍ରତିକ ପ୍ରାସଙ୍ଗିକତା ଦୃଷ୍ଟିରୁ ସମୀଚୀନ ମନେ ହୁଏ ନାହିଁ । କାରଣ ସାଂପ୍ରତିକ କାଳର କବିତା ଏ ପରଂପରାର ତୀବ୍ର ପ୍ରତିବାଦ କରିଥାଏ । ସାଂପ୍ରତିକ କବି ଚାହେଁ ବିଚିତ୍ରତା ବା ବିଭିନ୍ନତା । ଯେତେ ଆକର୍ଷଣୀୟ ହେଲେ ବି ଏକ ଧରାବନ୍ଧା ଗତାନୁଗତିକ ପରଂପରାରେ ସାଂପ୍ରତିକ କବିହୃଦୟ ବାନ୍ଧିହୁଏ ନାହିଁ । ବୈଚିତ୍ର୍ୟର ଆସ୍ୱାଦନହିଁ ତା'ର ଚରମ ଲକ୍ଷ୍ୟ । ଏ ଦୃଷ୍ଟିକୋଣ ଆଖି ଆଗରେ ରଖି ଜଣେ ନିରପେକ୍ଷ ସମାଲୋଚକ ନିଶ୍ଚିନ୍ତ-ଭାବରେ ବିଷୟବସ୍ତୁ ଦୃଷ୍ଟିରୁ ନିର୍ଭୀକ ମତ ପ୍ରଦାନ କରିବ ଯେ ଭଞ୍ଜସାହିତ୍ୟର ସାଂପ୍ରତିକ ପ୍ରାସଙ୍ଗିକତା ନାହିଁ ।

Digitized by PPRACHIN, SOA

ଦ୍ୱିତୀୟତଃ ଆଙ୍ଗିକ ପ୍ରକୃତ ପ୍ରତି ଦୃଷ୍ଟ୍ୟାବଲୋକନ କଲେ ଜଣାଯାଏ ଯେ ଭଞ୍ଜସାହିତ୍ୟ ଏକ ନିର୍ଦ୍ଦିଷ୍ଟ ଢାଞ୍ଚା ବା Formରେ ପରିପୁଷ୍ଟ । କେବଳ ଭଞ୍ଜ କାବ୍ୟ-କବିତା କାହିଁକି, ସମଗ୍ର ରୀତିଯୁଗୀୟ କାବ୍ୟ କବିତାକୁ ପର୍ଯ୍ୟାଲୋଚନା କରି ଦେଖିଲେ ଜଣାଯାଏ ଯେ ସାହିତ୍ୟ ଦର୍ପଣକାର ବିଶ୍ୱନାଥ କବିରାଜଙ୍କ ପରି କୌଣସି ଏକ ଆଳଙ୍କାରିକଙ୍କ ପ୍ରଦତ୍ତ ବିଧିବିଧାନକୁ ଅନୁସରଣ କରି ତାହା ରଚିତ । ଅବଶ୍ୟ ସେଥିପାଇଁ ତତ୍କାଳୀନ ସାହିତ୍ୟିକ ପରିବେଶ ଏବଂ ସାମାଜିକ ପୃଷ୍ଠଭୂମି ଏକାନ୍ତ ଭାବରେ ଦାୟୀ । ସଂସ୍କୃତାଭିମାନୀ ପଣ୍ଡିତମାନଙ୍କର ଓଡ଼ିଆ ଭାଷା ପ୍ରତି ନାସିକା କୁଞ୍ଚନ ତଥା ସେହି ଭାଷାରେ ସଂସ୍କୃତ ସାହିତ୍ୟ ପରି ଓଡ଼ିଆ ସାହିତ୍ୟ ସୃଷ୍ଟି ହୋଇ ନପାରେ, ଏପରି ଏକ ବଦ୍ଧମୂଳ ଧାରଣା ମୂଳରେ କୁଠାରଘାତ କରିବାକୁ ଯାଇ ତଥାକଥିତ ସଂସ୍କୃତ ଆଳଙ୍କାରିକମାନଙ୍କ ଦ୍ୱାରା ପ୍ରଦତ୍ତ ନୀତିନିୟମକୁ ରକ୍ଷା କରି ଉପେନ୍ଦ୍ର ଏପରି ଓଡ଼ିଆ କାବ୍ୟ କବିତା ରଚନା କଲେ, ଯାହାଫଳରେ ତଥାକଥିତ ସଂସ୍କୃତ ପଣ୍ଡିତମାନେ ଆଶ୍ଚର୍ଯ୍ୟ ନ ହୋଇ ରହିପାରି ନଥିଲେ । ବିଶ୍ୱନାଥ କବିରାଜଙ୍କ 'ସାହିତ୍ୟ ଦର୍ପଣୋକ୍ତ' କାବ୍ୟଲକ୍ଷଣ ଅନୁଯାୟୀ ଭଞ୍ଜ ତାଙ୍କର ପ୍ରତ୍ୟେକ କାବ୍ୟର ପ୍ରଥମରେ ମଙ୍ଗଳାଚରଣ ପରେ ପରେ ସାଧୁ ସ୍ତୁତି ଏବଂ ଖଳନିନ୍ଦା, ଗୋଟିଏ ସର୍ଗର ଶେଷରେ ପରବର୍ତ୍ତୀ ସର୍ଗର କ୍ଷୀଣାଭାସ ପ୍ରଦାନ, ଧୀର ଲଳିତ, ଧୀରୋଦାତ୍ତ ଧୀର ପ୍ରଶାନ୍ତ ନାୟକ ତଥା ସତ୍କୁଳ ସମ୍ଭୂତା ନାୟିକାଙ୍କର ରୂପାୟନ ଇତ୍ୟାଦି ନୀତି-ନିୟମକୁ ପ୍ରତ୍ୟେକ କାବ୍ୟରେ ବା ମହାକାବ୍ୟରେ ବାରମ୍ବାର ପ୍ରୟୋଗ କରିଥିବାରୁ ସେ ସବୁ ପୂର୍ଣ୍ଣମାତ୍ରାରେ ସୌନ୍ଦର୍ଯ୍ୟ ବର୍ଦ୍ଧକ ନ ହୋଇ ବରଂ ସୌନ୍ଦର୍ଯ୍ୟ ବାଧକ ହୋଇଛି ।

ମାତ୍ର ସାଂପ୍ରତିକ କବି ଏପରି ଏକ ଅନ୍ଧ ନୀତିକୁ ନିର୍ବିଚାର ଭାବରେ ଗ୍ରହଣ କରିବାର ପକ୍ଷପାତୀ ନୁହଁନ୍ତି । ସାଂପ୍ରତିକ କବି ଚାହେଁ ଭିନ୍ନ ପଥର ପଥିକ ହେବାକୁ । ତା'ର ଅମାନିଆ କବି ହୃଦୟ କୌଣସି ଏକ ସୀମା ସରହଦ ଭିତରେ ଆବଦ୍ଧ ହୋଇ ରହିବାକୁ ଚାହେଁନା । ପରାଧୀନତାର ବେଢ଼ା ମଧ୍ୟରେ ସାଂପ୍ରତିକ କବି ହୃଦୟ କ୍ରନ୍ଦନ କରି ଶିଖିନି । ତା'ର କବି ମନଟି ଏକ ପକ୍ଷୀ ପରି । ସେ ନୀଳ ଆକାଶରେ ଉଡ଼ି ବୁଲିବାକୁ ଚାହେଁ ।

କବି ଚର "ଅପଥ ଗାମୀ" । ତା'ର ରାସ୍ତା ଏକ ଭିନ୍ନ ରାସ୍ତା । ଭିନ୍ନ ଏକ ପଥର ପଥିକ ସାଜି ସେ ବିନ୍ଦୁ ମଧ୍ୟରେ ସିନ୍ଧୁକୁ ଆବିଷ୍କାର କରେ, ତୃତୀୟ ନୟନ ଦ୍ୱାରା ସନ୍ଧାନ କରେ ରୂପରେ ଅରୂପ ଓ ଅପରୂପର ସତ୍ତା ।

ଅପଥେ ମୁଁ ଯିବ ଅପଥେ ମୁଁ ଯିବ
କର ପଛେ ମୋତେ ତିରସ୍କାର
ନେପଥ୍ୟେ ଅଛି ଯେତେ ଯାହା ସବୁ
କରିବି ମୁଁ ତା'ର ଆବିଷ୍କାର ।

Digitized by PPRACHIN, SOA

ସାଂପ୍ରତିକ କବି କୌଣସି ବନ୍ଧନ ମଧ୍ୟରେ ଆବଦ୍ଧ ହୋଇ ରହିବା ସହିପାରେନା । କବି ରାଧାମୋହନଙ୍କର ଏହି ଉକ୍ତି ସାଂପ୍ରତିକ କବିପାଇଁ ପୂର୍ଣ୍ଣମାତ୍ରାରେ ପ୍ରଯୁଜ୍ୟ । ସେ ତା'ର କବିତା ସୃଷ୍ଟି କଲାବେଳେ ପୂର୍ବ ପ୍ରଚଳିତ ସଂସ୍କୃତ ଆଳଂକାରିକମାନଙ୍କର ସ୍ଥିର ନିର୍ଦ୍ଦିଷ୍ଟ ବିଧିବିଧାନ ସମ୍ବିଧାନ ପ୍ରତି ପଦାଘାତ କରିଛି । ଚଳମାନକାଳର କବି ନୀତିନିୟମକୁ ଉପେକ୍ଷା କରି ବିପ୍ଳବୀ ସାଜିଛି । ତା'ର କାବ୍ୟ କବିତାରେ ମଙ୍ଗଳାଚରଣ ନାହିଁ, ସାଧୁ ସ୍ତୁତି ନାହିଁ ବା ଖଳନିନ୍ଦା ନାହିଁ କିମ୍ବା ନାୟକ ନାୟିକା ନିର୍ବାଚନ କ୍ଷେତ୍ରରେ ସେ କଳ୍ପିତ ଲୋକରେ ବିଚରଣ କରିନି । ବରଂ ହାତ ପାଆନ୍ତାରେ ଥିବା ନରନାରୀଙ୍କୁ ବା ଯୁବକ ଯୁବତୀମାନଙ୍କୁ ସେ ନାୟକ ନାୟିକା ରୂପେ ନିର୍ବାଚିତ କରିଛି । ସେହିପରି ତା'ର କବିତା ବା କାବ୍ୟ କେତୋଟି ଛାନ୍ଦ ବା ସର୍ଗରେ ବିଭକ୍ତ ହେବାକୁ ବାଧ ନୁହେଁ । ସାମ୍ପ୍ରତିକ କବିତାର ଏହି ନିୟମକୁ ଆଖି ଆଗରେ ରଖି ଭଞ୍ଜ ସାହିତ୍ୟକୁ ପର୍ଯ୍ୟାଲୋଚନା କଲେ ଜଣାଯାଏ, ବିଂଶ ଶତାବ୍ଦୀର ମଣିଷ ନିକଟରେ ଭଞ୍ଜ କାବ୍ୟକବିତା ଆଜି ଅପାଂକ୍ତେୟ । ବିଶ୍ୱବକ୍ଷରେ ଯେତେବେଳେ ଦୁଇ ଦୁଇଟି ବିଶ୍ୱଯୁଦ୍ଧ ସଂଗଠିତ ହୋଇସାରିଲାଣି, ମଣିଷ ଜୀବନ ଯେତେବେଳେ ନିଃସଙ୍ଗ, ବିଚ୍ଛିନ୍ନ ବା ଉଦ୍ଭଟ ହୋଇ ଉଠିଛି, ସେତେବେଳେ ଏ ମଣିଷ ନିକଟରେ ଦୀର୍ଘାବୟବ ଭଞ୍ଜ କାବ୍ୟ କବିତାର ମୂଲ୍ୟ କ'ଣ ଥାଇପାରେ ?

ଖ୍ରୀଷ୍ଟୀୟ ଦଶମ ଶତାବ୍ଦୀ ବେଳକୁ ଓଡ଼ିଆ ଭାଷା ଏକ ସ୍ୱତନ୍ତ୍ର ରୂପରେଖ ନିଏ । ପଞ୍ଚଦଶ ଶତାବ୍ଦୀର ବିଶିଷ୍ଟ ସାହିତ୍ୟିକ ପ୍ରତିଭା ମହାକବି ସାରଳା ଦାସ ମହାଭାରତ ପରି ଏକ କ୍ଲାସିକ୍ ଗ୍ରନ୍ଥ ସୃଷ୍ଟି କରି ସାରିଲେଣି । ଷୋଡ଼ଶ ଶତାବ୍ଦୀ ବେଳକୁ ଅତିବଡ଼ୀ ଜଗନ୍ନାଥ ଦାସ ଭାଗବତ ପରି ଏକ ଆଧ୍ୟାତ୍ମିକ ମହତ୍ତ୍ୱ ସମ୍ପନ୍ନ ଗ୍ରନ୍ଥ ରଚନା କରି ସଫଳତାର ଶୀର୍ଷସୀମାରେ ଉପନୀତ ହୋଇଥାନ୍ତି । ଏପର୍ଯ୍ୟନ୍ତ ଓଡ଼ିଆ ଭାଷା କାବ୍ୟ କବିତା ସୃଷ୍ଟି ଦିଗରେ କୃତିତ୍ୱ ଅର୍ଜନ କରି ସାରିଥାଏ । ଅଥଚ ତଥାକଥିତ ସଂସ୍କୃତାଭିମାନୀ ପଣ୍ଡିତମାନେ ଓଡ଼ିଆ ଭାଷାର ଅସ୍ତିତ୍ୱ ସ୍ୱୀକାର କରୁ ନଥାନ୍ତି । ଏପରିକି କେତେ କେତେ ସଂସ୍କୃତ ପଣ୍ଡିତ ଜଗନ୍ନାଥଙ୍କ ଓଡ଼ିଆ ଭାଗବତକୁ ତେଲୀଭାଗବତ ଭାବରେ ଅଭିହିତ କରିବାରେ ପଶ୍ଚାତ୍‌ପଦ ହେଉ ନ ଥାନ୍ତି । ଓଡ଼ିଆ ଭାଷାର ଏପରି ଏକ ଦୟନୀୟ ବା ସଙ୍କଟ ଜନକ ପରିସ୍ଥିତିବେଳେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କର ଆବିର୍ଭାବ । ସେ ଜାତିରେ ହେଲେ ଓଡ଼ିଆ, ଓଡ଼ିଆ ପାଣି ପବନରେ ସେ ଲାଳିତପାଳିତ ହୋଇଥାନ୍ତି । ନିଜର ଭାଷା ଓ ସାହିତ୍ୟ ପ୍ରତି ତାଙ୍କର ଏକ ପ୍ରକାର ଅନୁରାଗ ସୃଷ୍ଟି ହୋଇ ସାରିଥାଏ । ତେଣୁ ନିଜର ମାତୃଭାଷାକୁ ସଂସ୍କୃତ ଭାଷାର ଅନୁରୂପ ଲକ୍ଷଣାକ୍ରାନ୍ତ ଭାଷା ରୂପେ ଗଢ଼ି ତୋଳିବାକୁ ଉପେନ୍ଦ୍ର ଭଞ୍ଜ ଏକ ପ୍ରକାର ଦୃଢ଼ ସଂକଳ୍ପ ନେଲେ । ତେଣୁ ସେ ଭାଷାରେ ସଂସ୍କୃତ ସାହିତ୍ୟର ଅନୁରୂପ କାବ୍ୟ କବିତା ସୃଷ୍ଟି କଲେ । ତେବେ ଓଡ଼ିଆ ଭାଷା ଥିଲା ଦ୍ୱିବିଧ ଯଥା—କଥିତ ଭାଷା ଓ ବିଦଗ୍ଧ ଭାଷା । ଉପେନ୍ଦ୍ର ଭଞ୍ଜ ଯେହେତୁ ସଂସ୍କୃତ ସାହିତ୍ୟର ପ୍ରତିଦ୍ୱନ୍ଦ୍ୱୀ ସାହିତ୍ୟ ସୃଷ୍ଟି କରିବା ପାଇଁ କୃତ

Digitized by PPRACHIN, SOA

ସଙ୍କଳିତ ହୋଇ ଥିଲେ, ତେଣୁ ସେ କଥିତ ଓଡ଼ିଆକୁ ଏକ ପ୍ରକାର ଉପେକ୍ଷା କରି ବିଦଗ୍ଧ ଓଡ଼ିଆ ଭାଷାକୁ ସ୍ୱାଗତ ଜଣାଇଲେ । ଏ ସଂପର୍କରେ ସମାଲୋଚକମାନେ ଏକ ଭିନ୍ନ ମତ ପୋଷଣ କରିଥାନ୍ତି । ସେମାନେ ଯୁକ୍ତି କରନ୍ତି ଯେ କବି ଉପେନ୍ଦ୍ର ବିଦଗ୍ଧ ଓଡ଼ିଆ ଭାଷାକୁ କାବ୍ୟରୂପ ପ୍ରଦାନ କରିବାର ମୁଖ୍ୟକାରଣ ହେଉଛି ତତ୍‌କାଳୀନ ରାଜନୈତିକ ଅବସ୍ଥା । ଅର୍ଥାତ ସେତେବେଳକୁ ଭାରତ ମୋଗଲ ଶାସନାଧୀନ ହୋଇ ରହିଥାଏ । ମୋଗଲ ବାଦସାହାମାନେ ସୁରା ଓ ସାକୀର ପ୍ରଭାବରେ ଆବିଷ୍ଟ ହୋଇ ପାରିଷଦବର୍ଗଙ୍କ ଉପରେ ଶାସନଭାର ନ୍ୟସ୍ତ କରୁଥିଲେ । କରଦ ରାଜାମାନେ କ୍ରମଶଃ ଦିଲ୍ଲୀ ବାଦସାହଙ୍କ ବିଳାସବ୍ୟସନର ଅନୁକରଣରେ ତାଦୃଶ ବିଳାସୀ ଜୀବନ-ଯାପନ ପ୍ରତି ପ୍ରବଣତା ପ୍ରକାଶ କରୁଥିଲେ । ବସ୍ତୁତଃ ତାତ୍କାଳିକ ସମାଜରେ ଏକ ସାମନ୍ତବାଦୀମୁଖୀନ ଜୀବନଧାରାର ସୂତ୍ରପାତ ହୋଇଥିଲା । ସାହିତ୍ୟ ସାମନ୍ତମାନଙ୍କର ଗୁଣଗାନରେ ମୁଖର ହୋଇ ଉଠିଥିଲା । ତେଣୁ ଯଦି କିଛି ସାହିତ୍ୟ ସୃଷ୍ଟି ହେଉଥିଲା, ତାହା ମୁଖ୍ୟତଃ ରାଜାରାଜଡ଼ା ବା ସମ୍ଭ୍ରାନ୍ତମାନଙ୍କ ପ୍ରତି ଅଭିପ୍ରେତ ଥିଲା । ଅପର ପକ୍ଷରେ ରାଜା ବା ସମ୍ଭ୍ରାନ୍ତମାନେ ସାହିତ୍ୟର ପୃଷ୍ଠପୋଷକତା କରି କବିମାନଙ୍କୁ ପୁରସ୍କୃତ କରୁଥିଲେ । ଏଣୁ କବି ତଥାକଥିତ ମୁଷ୍ଟିମେୟ ସମ୍ଭ୍ରାନ୍ତମାନଙ୍କ ଭାଷା ଉପରେ ପରିବର୍ଦ୍ଧିତ ହେବା ଅସ୍ୱାଭାବିକ୍ ନୁହେଁ । ଏହି ପରଂପରାରେ ଉପେନ୍ଦ୍ର ଭଞ୍ଜଙ୍କର ଭାଷା ସଯୋଜନା ଯଥାର୍ଥ ହୋଇଛି । କିନ୍ତୁ ସାଂପ୍ରତିକ ଦୃଷ୍ଟିଭଙ୍ଗୀ ନେଇ ବିଚାର କଲେ ଜଣାଯାଏ ଯେ ଭଞ୍ଜକାବ୍ୟ କବିତା ଯାହା ଆଜି ପାଠକ ସମାଜ ଦ୍ୱାରା ଆଦୃତ ହୋଇ ପାରୁନାହିଁ ତା'ର ମୁଖ୍ୟ କାରଣ ହେଉଛି ଏପରି ଭାଷା ସଯୋଜନା । ସାଂପ୍ରତିକ ସାହିତ୍ୟର ମୁଖ୍ୟଧର୍ମ ହୋଇ ଉଠିଛି ସାଧାରଣ ଶବ୍ଦମାନଙ୍କ ଦ୍ୱାରା ଅସାଧାରଣତ୍ୱର ରୂପାୟନ । ରୂପମୟ ଭାଷାହିଁ ଯଥାର୍ଥ ସାହିତ୍ୟର ଭାଷା । ଆଧୁନିକ କବି ଶବ୍ଦ ଚୟନ କ୍ଷେତ୍ରରେ ନିଷ୍ଠାପର ଓ ଆତ୍ମସଚେତନ ହୋଇଥାଏ । ୧୯୩୫-୩୬ ମସିହା ପରେ ଓଡ଼ିଆ ଭାଷା କ୍ଷେତ୍ରରେ ସଚେତନତା ଦେଖାଦିଏ । ଏ ଦିଗରେ କବି ସଚ୍ଚିଦାନନ୍ଦ ରାଉତରାୟ, ଗୁରୁପ୍ରସାଦ ମହାନ୍ତି, ଜ୍ଞାନୀନ୍ଦ୍ର ବର୍ମା ପ୍ରମୁଖ ବିଶେଷ ସିଦ୍ଧହସ୍ତତାର ପରିଚୟ ଦେଇଛନ୍ତି । ସାଂପ୍ରତିକ କବିତାର ଭାଷା ଆଜି ଆଉ ଆତ୍ମପ୍ରକାଶର ଭାଷା ନୁହେଁ ବରଂ ଆତ୍ମସଗୋପନର ମାଧ୍ୟମ । ଅର୍ଥାତ୍, ଗୋଟିଏ ଗୋଟିଏ ଶବ୍ଦରେ ବହୁ ଅର୍ଥର ସାନ୍ଦ୍ରତା ପ୍ରକାଶ କରିବା ଏ କବିତାର ମୁଖ୍ୟଲକ୍ଷ୍ୟ । ଭଞ୍ଜ ସାହିତ୍ୟର ଶବ୍ଦ ସମ୍ଭାର ବୁଝିବା ପାଇଁ ଯେପରି ଏକ ଅଭିଧାନର ପ୍ରୟୋଜନ ପଡ଼ିଥାଏ ଆଧୁନିକ କବିତାର ଭାଷାର ଅନୁଶୀଳନ ପାଇଁ କୌଣସି ଅଭିଧାନର ପ୍ରୟୋଜନ ନ ଥାଏ । ଯେହେତୁ ଭଞ୍ଜସାହିତ୍ୟର ଭାଷା ବିଦଗ୍ଧ ଓଡ଼ିଆ ଭାଷା ହୋଇଥିଲାବେଳେ ସାଂପ୍ରତିକ ଓଡ଼ିଆ କବିତାର ଭାଷା କଥିତ ଓଡ଼ିଆଭାଷା । ଏ କଥିତ ଓଡ଼ିଆ ଭାଷାର ସାମାଜିକ ଆବେଦନ ତୁଳନାରେ ବିଦଗ୍ଧ ଓଡ଼ିଆ ଭାଷାର ସାମାଜିକ ଆବେଦନ ଯଥେଷ୍ଟ ନୁହେଁ । ଅର୍ଥାତ୍ ଭାଷା କ୍ଷେତ୍ରରେ ଭଞ୍ଜ ସାହିତ୍ୟର ସାଂପ୍ରତିକ ପ୍ରାସଙ୍ଗିକତା ପ୍ରାୟତଃ ପରିଦୃଷ୍ଟ ହୁଏ ନାହିଁ । ଏ ଦୃଷ୍ଟିରୁ ଚଳନ୍ତି ସାହିତ୍ୟ ଭଞ୍ଜସାହିତ୍ୟ ଅପେକ୍ଷା ଅଧିକ ଜୀବନ୍ତ ଏବଂ ଭାବବାହୀ ମଧ୍ୟ ।

Digitized by PPRACHIN, SOA

ସମାଲୋଚକମାନେ କହିଥାନ୍ତି ଯେ, ଭଞ୍ଜ ସାହିତ୍ୟରେ ସମାଜ ଚିତ୍ର ନାହିଁ । ସମାଲୋଚକଙ୍କର ଏ ଉକ୍ତି ଯଥାର୍ଥ ବୋଲି ମନେ ହୁଏ, କାରଣ ସ୍ରଷ୍ଟା ବା କବି ସ୍ୱ ସୃଷ୍ଟି କର୍ମରେ ନିଜର ସମସାମୟିକ ପ୍ରାଣସ୍ପନ୍ଦନକୁ ଯେତିକି ଜୀବନ୍ତ ଭାବରେ ତୋଳି ଧରେ ତା'ର ସୃଷ୍ଟି ହୁଏ ସେତିକି ମାତ୍ରାରେ କାଳଜୟୀ । ଏ ଦୃଷ୍ଟିରୁ ଆମେ ଆଦିକବି ସାରଳା ଦାସଙ୍କୁ ଆଜିପର୍ଯ୍ୟନ୍ତ ମନେ ରଖିଛୁ । ସାରଳା ଦାସ ତାଙ୍କର ମହାନ classic ଗ୍ରନ୍ଥ ମହାଭାରତରେ ସମାଜ ଚିତ୍ରର ଯେପରି ଏକ ବାଙ୍ମୟ ରୂପ ତୋଳି ଧରିଛନ୍ତି ତାହା ଆଜି ବିଂଶ ଶତାବ୍ଦୀର ଅନ୍ତିମ ପର୍ଯ୍ୟାୟରେ କାହିଁକି, ହୁଏତ ଆଉ ଗୋଟିଏ ଶତାବ୍ଦୀ ପରେ ମଧ୍ୟ ସମାଲୋଚକମାନଙ୍କର ସ୍ୱାଗତିକା ଲାଭ କରିବ । ଯଥାର୍ଥରେ ସାରଳା ଦାସ ଆଜି ମଧ୍ୟ ବି ଅମର । ଜଣେ କୃଷିଜୀବୀ ମଣିଷ ସେ ଥିଲେ ଓ ଅଙ୍ଗେ ଲିଭେଇ ଥିଲେ ସେ ଏ କୃଷିଭିତ୍ତିକ ସଭ୍ୟତାର ପ୍ରାଣ ସ୍ପନ୍ଦନ । ସେହି କୃଷିଭିତ୍ତିକ ସମାଜର ପ୍ରାଣ ସ୍ପନ୍ଦନର ଯଥାଥ ରୂପାୟନହିଁ ଓଡ଼ିଆ ମହାଭାରତ । ସାରଳା ଦାସ ଓ ଭଞ୍ଜଙ୍କୁ ଗୋଟିଏ ସମାନ୍ତରାଳ ଭୂମି ଉପରେ ଦଣ୍ଡାୟମାନ ହୋଇ ବିଚାର କଲେ ଜଣେ ନିରପେକ୍ଷ ସମାଲୋଚକ ନିଶ୍ଚିତ ଭାବରେ କହିବ ଯେ ସାରଳା ଦାସ ଭଞ୍ଜଙ୍କଠାରୁ ଅଧିକ କାଳଜୟୀ ସ୍ରଷ୍ଟା । ପ୍ରକୃତରେ ଭଞ୍ଜଙ୍କ ସାହିତ୍ୟରେ ଏକ ଯଥାର୍ଥ ସମାଜର ଚିତ୍ର ନାହିଁ ।

ଯାହିଅଛି, ତାହା ସଭ୍ରାନ୍ତ ବା ରାଜ ପରିବାରର ଚିତ୍ର । ସେଥିପାଇଁ ଭଞ୍ଜ ଅବଶ୍ୟ କିଛି ମାତ୍ରାରେ କ୍ଷମଣୀୟ, ତତ୍କାଳୀନ ରାଜନୈତିକ ପରିବେଶ ଏବଂ ସାହିତ୍ୟର ବିବର୍ତ୍ତିନ ଗତିଧାରା ଦୃଷ୍ଟିରୁ । ଏ ସମ୍ପର୍କରେ ମୁଁ ପୂର୍ବରୁ ଅର୍ଥାତ୍ ଭାଷା ସମ୍ବନ୍ଧୀୟ ଆଲୋଚନା ବେଳେ ସାମାନ୍ୟ କିଞ୍ଚିତ ସୂଚନା ଦେଇଛି । ତଥାପି ଏଠାରେ ଗୋଟିଏ ଦୁଇଟି କଥା ଉଲ୍ଲେଖ ଯୋଗ୍ୟ । (ପ୍ରଥମତଃ) ଯଦି କେହି ଜଣେ ସମାଲୋଚକ କହନ୍ତି ଯେ ଭଞ୍ଜ ଜଣେ ରାଜପୁତ୍ର; ରାଜ ଉଆସରେ ତାଙ୍କର ବାଲ୍ୟ କୈଶୋର ଲୀଳା ଅତିବାହିତ । ପୁଣି କବିର ଜୀବନ ଦର୍ଶନ ଯଦି ତାର ସାହିତ୍ୟରେ ରୂପାୟିତ ହେବା କଥା, ତେବେ ଭଞ୍ଜଙ୍କର ସାହିତ୍ୟରେ କେବଳ ସଭ୍ରାନ୍ତ ବା ରାଜପରିବାରର ଚିତ୍ର ଚିତ୍ରିତ ହେବାରେ ଅମର ଯାଏ ଆସେ କେତେ ? କିନ୍ତୁ ସେହି ସମାଲୋଚକଙ୍କର ପ୍ରଶ୍ନର ଉତ୍ତର ଏହି ଯେ, ସମାଜର କେତେକ ଉଚ୍ଚଶ୍ରେଣୀର ବ୍ୟକ୍ତି ବିଶେଷ ଯଦି ସମଗ୍ର ଜାତି ବୋଲି ବିବେଚିତ ହୁଅନ୍ତେ, ତେବେ ସେଥିରେ ଅମର କିଛି କହିବାର ନାହିଁ । ମାତ୍ର ଅନ୍ତତଃ ପକ୍ଷେ ସେ କଥା ଭାବିବା ଉଚିତ ଯେ ଯେଉଁମାନେ ବିଲରେ ହଳ କରୁଛନ୍ତି, ବଗିଚାରେ କାମ କରୁଛନ୍ତି, ନାଆ ବାହୁଛନ୍ତି, ଜଙ୍ଗଲରେ କାଠ କାଟୁଛନ୍ତି, ତନ୍ତଶାଳାରେ ଲୁଗା ବୁଣୁଛନ୍ତି ସେହି ଶ୍ରେଣୀର ଶିକ୍ଷିତ ବା ଅର୍ଦ୍ଧଶିକ୍ଷିତ ଅସଂଖ୍ୟ ଲୋକ ସାଧାରଣତଃ ଜାତିର ଗଣ୍ଡି । ଉଚ୍ଚ ଶ୍ରେଣୀର କେତେକ ଧନୀ ବା ଶିକ୍ଷିତ ବ୍ୟକ୍ତି ଜାତିର ମସ୍ତିଷ୍କ ହୋଇ ପାରନ୍ତି; ମାତ୍ର ଏହି ସାଧାରଣଙ୍କ ମଧ୍ୟରେ ଜାତିର ହୃଦୟ, ଜାତିର ଆତ୍ମାର ସ୍ଥାନ ।

Digitized by PPRACHIN, SOA

ଉପେନ୍ଦ୍ର ଯଦି ରାଜକୁମାର ହୋଇଲେ, ସେ ଯଦି ରାଜ ଉଆସରେ ଲାଳିତ ପାଳିତ ଓ ପରିବର୍ଦ୍ଧିତ ତଥାପି କ'ଣ ଆଜିର ଏ ସମାଜ ପରି ଏକ କୃଷିଭିତ୍ତିକ ସଭ୍ୟତା ନଥିଲା ? ଦେଶ ପରାଧୀନତାର ବେଡ଼ି ମଧ୍ୟରେ ଜନସାଧାରଣ ଆବଦ୍ଧ । ରାଜ ପୃଷ୍ଠପୋଷକତା ଲାଭ କରି ସାହିତ୍ୟର ଅଗ୍ରଗତି ସମ୍ଭବ । ତା' ବୋଲି ସେହି ପରାଧୀନତା'ଗ୍ରସ୍ତ ସମାଜର ଚିତ୍ର କ'ଣ ସାହିତ୍ୟରେ ଦେଇଥିଲେ ହୋଇ ନଥାନ୍ତା ? ସାମ୍ପ୍ରତିକ କବି ଯେପରି ହାତ ପାଆନ୍ତାରେ ଥିବା ପ୍ରତ୍ୟେକ ସକାଳ ଓ ସନ୍ଧ୍ୟାରେ ଅବଲୋକନ କରୁଥିବା ଚରିତ୍ର ଗୁଡ଼ିକୁ ତା'ର ସାହିତ୍ୟରେ ଚିତ୍ରିତ କରିଥାଏ; ସେପରି କ'ଣ ଭଞ୍ଜ ଚାହିଁଥିଲେ କରିପାରି ନଥାନ୍ତେ; ମାତ୍ର ତାହା କରିପାରି ନାହାନ୍ତି । କାରଣ ସମ୍ଭବତଃ ଉପେନ୍ଦ୍ର ଭଞ୍ଜ ଚିନ୍ତା କରିଥିଲେ ସମ୍ରାଟ ଏବଂ ରାଜ ପୁରୁଷମାନେହିଁ ଏ ସମାଜର ସବୁକିଛି । ସେମାନଙ୍କ ଗୁଣଗାନକୁ ସାଧାରଣ ଜନତା ନିର୍ବିବାଦରେ ଗ୍ରହଣ କରିନେବ । ମାତ୍ର ଆଜିର ଯେକୌଣସି ପାଠକ କହିବ ଯେ, ଉପେନ୍ଦ୍ର ଭଞ୍ଜଙ୍କର ଯେପରି ପରିଚୟ ତାଙ୍କର ସଙ୍କୀର୍ଣ୍ଣମନା କବିତ୍ୱର ପରିଚୟ ।

ପ୍ରକୃତରେ କବି ସମ୍ରାଟଙ୍କ ପ୍ରତ୍ୟେକ କାବ୍ୟର ନାୟକ ନାୟିକା କେଉଁ ଏକ ଅଜଣା ରାଜ୍ୟର ରାଜପୁତ୍ର ବା ରାଜକନ୍ୟା କିମ୍ବା ରାଧା କୃଷ୍ଣ ବା ରାମ ସୀତା । ଉପେନ୍ଦ୍ର ସଦା ସର୍ବଦା କଳ୍ପନାର କଳିତ ଲୋକରେ ଘୂରି ବୁଲିଛନ୍ତି । ସେଥିପାଇଁ ସେ ବାସ୍ତବ ଦୁନିଆଁ ବା ଏ ବାସ୍ତବ ଜଗତର ବାସ୍ତବ ମଣିଷକୁ ମନେ ପକାଇ ପାରି ନାହାନ୍ତି । ମାତ୍ର ସାମ୍ପ୍ରତିକ କବି ଲେଖମାନରେ ସମାଜର ଅତି ତଳିଆ ଜନ ଜୀବନ କିପରି ଚିତ୍ରିତ ହୋଇଛି ତା'ର ଚିତ୍ର ଆମେ ସ୍ପଷ୍ଟତଃ ଲକ୍ଷ୍ୟ କରିଥାଉ--- ସୌଭାଗ୍ୟ ମିଶ୍ରଙ୍କ 'ଶୁକଦେବ ଜେନା' 'ହରେ କୃଷ୍ଣ ଦାସ', ଗୁରୁ ପ୍ରସାଦ ମହାନ୍ତିଙ୍କ 'ଅଳକା ସାନ୍ୟାଲ' 'ଗୋବର ଗଣେଶ' ସଚ୍ଚିଦାନନ୍ଦ ରାଉତରାୟଙ୍କ 'ପ୍ରତିମା ନାୟକ', 'ବାଜିରାଉତ' ରାଧାମୋହନ ଗଡ଼ନାୟକଙ୍କ 'ପିଙ୍ଗଳାର ଅଭିସାର' ଏବଂ ଶାମୁକାର ସ୍ୱପ୍ନ'ଠ ପ୍ରତ୍ୟେକ କବିତାରୁ । ଏତଦ୍ ବ୍ୟତୀତ କବି ସଚ୍ଚିରାଉତରାୟ ଟେବୁଲ୍' 'ମୂଳିଆ ଭାଇ' ଇତ୍ୟାଦିକୁ କେନ୍ଦ୍ର କରି ଏବଂ ମନମୋହନ ମିଶ୍ର 'କାଉଁଳି କବାଟ' ଶୀର୍ଷକରେ ଯେପରି କବିତା ସୃଷ୍ଟି କରିଛନ୍ତି, ସେଥିରୁ ସାମ୍ପ୍ରତିକ କବିର ସୂକ୍ଷ୍ମାନୁଭୂତି ଚିନ୍ତାଧାରାର ପରିଚୟ ମିଳିଥାଏ ।

ଏ ସମସ୍ତ ଦୃଷ୍ଟିରୁ ଦେଖାଯାଏ ଯେ, ସାମ୍ପ୍ରତିକ କବିତାରେ ଯେପରି ସାଧାରଣ ମାନବର ପରିଚୟ ରହିଛି, ଭଞ୍ଜ ସାହିତ୍ୟରେ ସେପରି ନାହିଁ । ଭଞ୍ଜ ସାହିତ୍ୟରେ ଯେଉଁ ମାନବ ସଂପ୍ରୀତି ରହିଛି ତାହା ସ୍ଥୂଳ ଦୃଷ୍ଟି ସମ୍ପନ୍ନ ଏବଂ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ପାଇଁ ଅଭିପ୍ରେତ । ସେ ମାନବ ଏକ କଳ୍ପନା ରାଜ୍ୟର । ମାତ୍ର ଆଜିର କବିତାରେ ଯେଉଁ ମାନବ ସଂପ୍ରୀତି ରୂପାୟିତ ତାହା ଚିର ଜାଜ୍ୱଲ୍ୟମାନ; ଏହା ନିଃସନ୍ଦେହରେ କୁହାଯାଇପାରେ ।

ଭଞ୍ଜଙ୍କ କାବ୍ୟ କବିତାରେ ପ୍ରକୃତିର ଚିତ୍ରଣ ଏକ ବିଶିଷ୍ଟ ସ୍ଥାନର ଅଧିକାରୀ । ତେବେ ସେ ପ୍ରକୃତି ଚିତ୍ରଣ କେବଳ ନାୟକ ନାୟିକାମାନଙ୍କର ପ୍ରଣୟ ବ୍ୟାପାରରେ

Digitized by PPRACHIN, SOA

ଆଲମ୍ବନ ବିଭାବର କାର୍ଯ୍ୟ କରୁଥିଲା । ନାୟକ ନାୟିକାଙ୍କ ହୃଦୟରେ ପ୍ରେମର ବୀଜକୁ ଅଙ୍କୁରୋଦ୍‌ଗମ କରିବାରେ ସହାୟ ହେବା ବ୍ୟତୀତ ସମ୍ଭବତଃ ଭଞ୍ଜୀୟ ପ୍ରକୃତି ଆଉ ଅଧିକ କିଛି କରି ପାରିନି । ମାତ୍ର ଚଳମାନ କାଳର କାବ୍ୟ କବିତାରେ ଯେଉଁ ପ୍ରକୃତି ଚିତ୍ର ପ୍ରଦାନ କରାଯାଇଛି, ତାହା ଭଞ୍ଜୀୟ ପ୍ରକୃତି ପରି କେବଳ ଇନ୍ଦ୍ରିୟ ସର୍ବସ୍ୱ ନ ହୋଇ ପରା ଭୌତିକ ସ୍ତରକୁ ମଧ୍ୟ ସ୍ପର୍ଶ କରିଛି । ଏ ପର୍ଯ୍ୟାୟରେ ଆମେ କବି ବିନୋଦ ଚନ୍ଦ୍ର ନାୟକଙ୍କୁ ସ୍ମରଣ କରିପାରିବା । କବି ନାୟକ ପ୍ରକୃତିର ଇନ୍ଦ୍ରିୟ ଗ୍ରାହ୍ୟ ରୂପ ବିଭବକୁ ପ୍ରଚ୍ଛଦରେ ରଖି ମଣିଷର ପ୍ରେମ ପ୍ରଣୟ ଓ ଅଭିସାରର ଚିତ୍ର ବହୁ କବିତାରେ ପ୍ରକାଶ କରିଛନ୍ତି । 'ମାଧବୀ ଜ୍ୟୋତ୍ସ୍ନା' ଓ 'ମେଘ ମହ୍ଲାର' କବିତା ଦୁଇଟି ଏହି ଭାବଧାରା ବହନ କରେ । କବି ବିନୋଦ ଚନ୍ଦ୍ରଙ୍କ ବହୁ ପୂର୍ବରୁ ଆଧୁନିକ ଚେତନାର ବାର୍ତ୍ତାବହ ରାଧାନାଥ ରାୟଙ୍କ କବିତାରେ ପ୍ରକୃତିର ଏକ ମଞ୍ଜୁଳ ଆଲେଖ୍ୟ ପ୍ରଦାନ କରାଯାଇଛି । ରାଧାନାଥ ପ୍ରକୃତିକୁ ଏକ ଜୀବା ସତ୍ତା ଭାବରେ ଗ୍ରହଣ କରିଛନ୍ତି । ରାଧାନାଥଙ୍କ ପ୍ରକୃତି ଏକ ନିର୍ଦ୍ଦିଷ୍ଟ ପଲ୍ଲୀର ଚିତ୍ର । ମୟୂରଭଞ୍ଜ, ବାଲେଶ୍ୱର, ପୁରୀ, ଢେଙ୍କାନାଳ, ଅଠମଲ୍ଲିକ, ଦେବଗଡ଼ ଇତ୍ୟାଦିର ପ୍ରକୃତିକୁ ରାଧାନାଥ ଏପରି ଜୀବନ୍ତ ରୂପ ପ୍ରଦାନ କରିଛନ୍ତି; ଯାହା ଭଞ୍ଜ ସାହିତ୍ୟରେ ଖୋଜିଲେ ପାଠକକୁ ନିରାଶ ହେବାକୁ ପଡ଼ିବ । ଏତଦ୍‌ ବ୍ୟତୀତ ସାମ୍ପ୍ରତିକ କାଳର ପ୍ରତ୍ୟେକ କବିଙ୍କ 'Back to nature' ଦୃଷ୍ଟିଭଙ୍ଗୀ ସାମ୍ପ୍ରତିକ କବିତାରେ ଉଲ୍ଲେଖ ଯୋଗ୍ୟ । ଏହି ପରିପ୍ରେକ୍ଷୀରେ ସାମ୍ପ୍ରତିକ କାଳର ପ୍ରକୃତି ଚିତ୍ରଣ ଭଞ୍ଜୀୟ ପ୍ରକୃତିର ବହୁ ଊର୍ଦ୍ଧ୍ୱରେ କହିଲେ ବୋଧହୁଏ ସତ୍ୟର ଅପଲାପ ହେବ ନାହିଁ ।

ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟମାନଙ୍କରେ ଯେଉଁ ପ୍ରେମ ଚିତ୍ରର ଚିତ୍ରଣ ମିଳେ ତାହା ସାଧାରଣତଃ ଉତ୍କୃଷ୍ଟ ଧରଣର ପ୍ରେମ ନୁହେଁ । ସେ ପ୍ରକାର ପ୍ରେମକୁ ସ୍ଥୂଳ ପ୍ରେମ ବୋଲି ଅଭିହିତ କଲେ ବୋଧହୁଏ ଅସମୀଚୀନ ହେବନାହିଁ । କାରଣ ପ୍ରାଚ୍ୟ ପରଂପରାରେ କାମ ଉଚ୍ଛୃଙ୍ଖଳତାକୁ ବୁଝାଏ ନାହିଁ । ଭାରତର ଶ୍ରେଷ୍ଠଋଷି ବାତ୍ସ୍ୟାୟନ ତାଙ୍କ ପ୍ରଣୀତ କାମସୂତ୍ରରେ ଉଲ୍ଲେଖ କରିଛନ୍ତି—ଯୌନକ୍ରିୟା ମଣିଷର ଜୀବନକୁ ସହିତ, ମାର୍ଜିତ ଓ ପବିତ୍ର କରିଏ । ପୁଣି ପ୍ରେମ ଚାରୋଟି କାରଣରୁ ଉତ୍ପନ୍ନ ହୁଏ ବୋଲି ସେ କହିଛନ୍ତି । ୧—ଅଭ୍ୟାସରୁ ୨—ବିଶ୍ୱାସରୁ ୩—ସ୍ମରଣରୁ ୪—ବିଷୟରୁ । ପୁଣି ଭାଗବତରେ କୁହା ଯାଇଛି—

"କେବଳ ପୁତ୍ରାର୍ଥେ ରମଣ
ଆଉ ସମସ୍ତ ଅକାରଣ"

ହେଲେ ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟ ନାୟକ ନାୟିକାମାନଙ୍କ ମନରେ ଯେଉଁ କାମଭାବ ଜାଗ୍ରତ ହୁଏ ତାହା ବାତ୍ସ୍ୟାୟନ ଏବଂ ଗୁରୁପୁତ୍ରର କୌଣସି ଗୋଟିଏ କାରଣରୁ ହୁଏ ବୋଲି ପରୀକ୍ଷା କଲେ ଜଣାଯାଏ ନାହିଁ । ପୁଣି କୌଣସି ନାୟକନାୟିକାଙ୍କୁ ଉପେନ୍ଦ୍ର ଭଞ୍ଜ ସନ୍ତାନସନ୍ତତିର ଜନକ ଜନନୀ କରିନାହାନ୍ତି । ତେଣୁ ଉପେନ୍ଦ୍ରଙ୍କ ପ୍ରେମ—ବର୍ଣ୍ଣନା ହୃଦୟସ୍ପର୍ଶୀ ନୁହେଁ ।

Digitized by PPRACHIN, SOA

ଇଂରାଜୀୟ ନାୟକ ନାୟିକା ପ୍ରେମର ହୃଦୟଭାଙ୍ଗମୟ ଯନ୍ତ୍ରଣା ମଧ୍ୟରେ ଆତ୍ମନାଦ କରିବା ବ୍ୟତୀତ କେଉଁଠି ତୃପ୍ତି ଲାଭ କରିବାର ସଙ୍କେତ ଆମର ଦୃଷ୍ଟି-ଗୋଚର ହୁଏ ନାହିଁ । ଏଥିରୁ ଏହି ସିଦ୍ଧାନ୍ତରେ ଉପନୀତ ହେବାକୁ ହୁଏ ଯେ, ଉପେନ୍ଦ୍ର ଭଞ୍ଜଙ୍କ ପ୍ରେମ ବର୍ଣ୍ଣନା କେବଳ ତାଙ୍କର କାବ୍ୟିକ କୌତୁକ ମାତ୍ର; ଏଥିରେ ମାନବୀୟ ରସିକତା ଅଳ୍ପ ଭଳି ଜଣା ଯାଏନାହିଁ ।

ଉପରୋକ୍ତ ଆଲୋଚନାରୁ ମୋଟାମୋଟି ଭାବେ ଆମେ ଅନୁଭବ କରୁ ଯେ, ଭଞ୍ଜ କବିଙ୍କ ରାଶି ରାଶି କାବ୍ୟ କବିତାରେ ପ୍ରାୟତଃ ସାମ୍ପ୍ରତିକ ପ୍ରାସଙ୍ଗିକତାର ସ୍ୱାକ୍ଷର ନାହିଁ । ଏସବୁ ସତ୍ତ୍ୱେ ମଧ୍ୟ ତାଙ୍କର କିଛିଟା ବୈଶିଷ୍ଟ୍ୟ ରହିଛି ଯାହା ସାମ୍ପ୍ରତିକ କାଳର ଯେ କୌଣସି ସମାଲୋଚକ ଅସ୍ୱୀକାର କରିପାରିବେ ନାହିଁ । ତାଙ୍କର କବିତ୍ୱ ଶକ୍ତି ଦୃଷ୍ଟିରୁ ତାଙ୍କୁ ଜଣେ କ୍ଲାସିକ୍ କବି ଭାବରେ ଅଭିହିତ କରାଯାଇପାରେ । କିନ୍ତୁ ତାଙ୍କର ସୃଷ୍ଟି ସମ୍ଭାର କ୍ଲାସିକ୍ ସୃଷ୍ଟି ନୁହେଁ । ସେଇଥିପାଇଁ ବୋଧହୁଏ ଆଜି ବିଂଶଶତାବ୍ଦୀର ଅନ୍ତିମ ପର୍ଯ୍ୟାୟରେ ମଧ୍ୟ ଭଞ୍ଜ ଏକ ଆଲୋଚ୍ୟ ପ୍ରତିଭା ହୋଇ ରହି ପାରିଛନ୍ତି । ତାଙ୍କର ସୃଷ୍ଟି କର୍ମରେ ସାମ୍ପ୍ରତିକ ପ୍ରାସଙ୍ଗିକତା ନଥିଲେ ବି ନିୟୁତ ପରିମାଣରେ ଆଧୁନିକ ଚେତନାର କ୍ଷୀଣାଭାସ ରହିଛି । ସେଗୁଡ଼ିକ ହେଲା ୧-ବିଶିଷ୍ଟ ପାଶ୍ଚାତ୍ୟ ଔପନ୍ୟାସିକ ଡ. ଏଚ୍. ଲରେନ୍ସଙ୍କ "I want man and women to be able to think sex, fully, Completely honestly and clearly ଅର୍ଥାତ୍ ମୁଁ ଚାହେଁ ନରନାରୀ ଯୌନଭାବକୁ ପୂର୍ଣ୍ଣ ପ୍ରାଣରେ, ସାମଗ୍ରୀକ ଭାବେ ସଚ୍ଚୋଟ ଭାବେ ଏବଂ ସ୍ପଷ୍ଟ ରୂପେ ବୁଝିବାକୁ କ୍ଷମ ହୁଅନ୍ତୁ-ଏହିଭକ୍ତି ଅନୁଯାୟୀ ଭଞ୍ଜୀୟ ନାୟକ ନାୟିକାଙ୍କୁ ବିଚାର କଲେ ଜଣା ଯାଏ ଯେ ସେମାନେ ନିର୍ଭୀକତାର ସହିତ ସେହି ପଥରେ ଅଗ୍ରସର ହୋଇଛନ୍ତି । ଦ୍ୱିତୀୟତଃ ସାମ୍ପ୍ରତିକ କାଳର ବିଶିଷ୍ଟ ମନସ୍ତତ୍ତ୍ୱବିତ ସିଗ୍‌ମଣ୍ଡ ଫ୍ରଏଡ୍ ଯେଉଁ ସ୍ୱପ୍ନ ତତ୍ତ୍ୱର ଆବିଷ୍କାର କରିଛନ୍ତି ତାହା ମଧ୍ୟ ଅଷ୍ଟାଦଶ ଶତକର ଭଞ୍ଜ ସାହିତ୍ୟରେ ପ୍ରଚ୍ଛନ୍ନ ଭାବେ ରହିଛି ବୋଲି କହିଲେ ଆପାତତଃ ଭୁଲ ହେବ ନାହିଁ । ସେହିପରି ସାର୍ତ୍ରେଙ୍କ ଆବିଷ୍କୃତ ସ୍ଥିତିବାଦୀ ଚିନ୍ତାଧାରାକୁ ନେଇ ଭଞ୍ଜୀୟ ନାୟକ ନାୟିକାଙ୍କୁ ବିଶ୍ଲେଷଣ କଲେ ଅନ୍ତତଃ ପକ୍ଷେ ସେମାନେ ଅହରହ ନିଃସଙ୍ଗତା ବା ବିଚ୍ଛିନ୍ନତାର ଅସହ୍ୟ ତାଡ଼ନାରେ ତାଡ଼ିତ ହୋଇଛନ୍ତି । ନାୟକ ନାୟିକାମାନେ ରାଜପ୍ରାସାଦର ପ୍ରାଚୁର୍ଯ୍ୟ ମଧ୍ୟରେ ଜୀବନାତିବାହିତ କରିଥିଲେ ମଧ୍ୟ, ପ୍ରେମାସ୍ପଦର ବିଚ୍ଛେଦ ଜନିତ ବିରହରେ ନିଜ ନିଜକୁ ସମ୍ପୂର୍ଣ୍ଣ ଏକାକୀ ମନେ କରିଛନ୍ତି । ପିତାମାତା, ଦାସଦାସୀ ଏବଂ ଅହମିକାର ପ୍ରାଚୁର୍ଯ୍ୟ ସତ୍ତ୍ୱେ ମଧ୍ୟ ସେମାନେ ନିଜ ନିଜକୁ ଏକ ଏକ ଛିନ୍ନ ମୂଳ ବ୍ୟକ୍ତିତ୍ୱ ରୂପେ ପରିକଳ୍ପିତ କରିଛନ୍ତି ।

ଏ ପ୍ରକାର ଆଲୋଚନା ଏକ ପ୍ରକାର ଟଣାଓଟରା ଆଲୋଚନା ବ୍ୟତୀତ ଆଉ କିଛି ନୁହେଁ । ଏଣୁ ଭଞ୍ଜଙ୍କ କାବ୍ୟ ଶୈଳୀକୁ ଅନୁସରଣ କରିବା ଜଣେ

Digitized by PPRACHIN, SOA

ସାମ୍ପ୍ରତିକ ବା ଆଧୁନିକ କବିର ବୁଦ୍ଧିମତ୍ତାର ପରିଚୟ ନୁହେଁ । ଅପର ପକ୍ଷରେ କୁହାଯାଇ ପାରେ ଯେ, ଭଞ୍ଜ ଯଦିଓ ଜଣେ କ୍ଲାସିକ କବି ତଥାପି କାଳଜୟୀ କବି ନୁହନ୍ତି ବୋଲି କହିଲେ ସମ୍ଭବତଃ ସତ୍ୟର ଅପଳାପ ହେବ ନାହିଁ ।

ତେବେ ଭଞ୍ଜ କବି ଦୁଇଟି କାରଣ ପାଇଁ ଅଭିନନ୍ଦନୀୟ ହୋଇ ପାରନ୍ତି । ଗୋଟିଏ ହେଲା: ମାନବାତ୍ମାର ଜୈବୀଗାନ ଏବଂ ସଙ୍ଗୀତ କଳା କ୍ଷେତ୍ରରେ ସିଦ୍ଧହସ୍ତତାର ପରିଚୟ । ଭଞ୍ଜକବି ଯଦିବା ଏକ କଳ୍ପନାଲୋକରେ ବିଚରଣ କରିଛନ୍ତି, ଯଦିବା ସେ ରାଜପୁତ୍ର ଏବଂ ରାଜକନ୍ୟାମାନଙ୍କର କାମ୍ୟ ସମ୍ଭ୍ରାନ୍ତମାନଙ୍କର ଉଚ୍ଚ ସ୍ୱପ୍ନ ଚିତ୍ରଣ କରିଛନ୍ତି, ତଥାପି ପଞ୍ଚସଖା ଯୁଗର ପରିପ୍ରେକ୍ଷୀରେ ଆଲୋଚନା କଲେ ସେ ମାନବ ଆତ୍ମାର ଜୟ ଡିଣ୍ଡିମ ହିଁ ବଜାଇଛନ୍ତି । ପଞ୍ଚସଖା ଯୁଗର ରାଧା କୃଷ୍ଣଙ୍କର ଅପ୍ରାକୃତ ପ୍ରେମ ଲୀଳାର ଅବିଚ୍ଛେଦ ବନ୍ଧନାରୁ ମୁକ୍ତ କରି ସାହିତ୍ୟରେ ମାନବ ସମ୍ପ୍ରୀତିର ପରିଚୟ ଦେଇଛନ୍ତି । ରାଧାନାଥଙ୍କ ଉକ୍ତି—

"ଗୁରୁ ପ୍ରାୟେ ତାଙ୍କୁ ଦୂରୁ କରି ଭକ୍ତି
ସଖୀ ପ୍ରାୟେ ତୋତେ ସ୍ମରୁଥାଇ ମାତି"

ଭଞ୍ଜ କବିଙ୍କ ପ୍ରତି ଏକାନ୍ତ ପ୍ରଯୁଜ୍ୟ ।

Digitized by PPRACHIN, SOA

ଆଧୁନିକତା ଓ ରାଧାନାଥ

ପ୍ରଦୀପ କୁମାର ପ୍ରଧାନ
୫ମ ବର୍ଷ

'ଆଧୁନିକତା' ଏକ ଦୃଷ୍ଟିଭଙ୍ଗୀ ଓ ଆଧୁନିକ ଯୁଗର ମନୋଭାବ । ଏହାର ପ୍ରଭାବ ଓ ପ୍ରସାର ବହୁପରିମାଣରେ ପରିବେଶ ଉପରେ ନିର୍ଭରଶୀଳ । ଆଜିର ପୃଥିବୀର ସଙ୍କୀର୍ଣ୍ଣତାର ବନ୍ଧ ଊର୍ଦ୍ଧ୍ୱରେ ଆଧୁନିକ ମନୁଷ୍ୟ ତାର ସ୍ଥାନକୁ ଦୃଢ଼ୀଭୂତ କରିଛି । ଗୋଟିଏ ଦୃଷ୍ଟିରୁ ଆଧୁନିକତା ବର୍ତ୍ତମାନତାକୁହିଁ ବୁଝାଇଥାଏ । ପ୍ରାଚୀନତାର ଧୀରମନ୍ଥର ବିବର୍ତ୍ତନ ଓ ଉତ୍ତରଣରେ ହିଁ ଆଧୁନିକତା ଜନ୍ମ ନିଏ । ସାହିତ୍ୟ କ୍ଷେତ୍ରରେ ସାଧାରଣ ଭାବେ ବିଚାର କଲେ ସେହି ସମୟର ସୃଷ୍ଟି ହିଁ ସେହି ନିର୍ଦ୍ଦିଷ୍ଟ ସମୟ ପାଇଁ ଆଧୁନିକ । ସାରଳା ଦାସଙ୍କଠାରୁ ରାଧାନାଥଙ୍କ ପର୍ଯ୍ୟନ୍ତ ଯୁଗ ପରେ ଯୁଗ ଅତିକ୍ରମ କରି ସାହିତ୍ୟର ଯେଉଁ ପରିବର୍ତ୍ତନର ପରମ୍ପରା ପରିଲକ୍ଷିତ, ତହିଁରେ ଗୋଟିଏ ଯୁଗ ଅନ୍ୟ ଗୋଟିଏ ଯୁଗଠାରୁ ବେଶ ଭିନ୍ନ । ସେହି ଭିନ୍ନତା ହିଁ ଗୋଟିଏ ଦୃଷ୍ଟିରୁ ଆଧୁନିକତାର ପରିମାପକ । ସମୟର ପ୍ରବହମାନତାରେ ଆଧୁନିକ ପ୍ରାଚୀନତା ଲାଭ କରିଥାଏ । ଆଧୁନିକ ଆପାତତଃ ପ୍ରାଚୀନତାର ବିରୋଧୀ । ତଥାପି ଆଧୁନିକର ବିରୋଧ ଭିତରେ ଏକ ସମନ୍ୱୟ ପରିଲକ୍ଷିତ । ପ୍ରାଚୀନତାର ଭିତ୍ତିଭୂମି ଉପରେ ଆଧୁନିକ ଦଣ୍ଡାୟମାନ । ନୂତନତାର ଆହରଣ ଓ ସର୍ଜନାରେ ତାହା ରୂଢ଼ିମନ୍ତ ହୁଏ । କୋଣାର୍କ ପରି ଇତିହାସର ମୂକସାକ୍ଷୀ ରୂପେ ଆଧୁନିକ ପ୍ରାଚୀନତା ଲାଭ କରେ, ଦଣ୍ଡାୟମାନ ହୁଏ । ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଏହି ଅନୁକ୍ରମେ ଅନୁଶୀଳନ କଲେ ପ୍ରତ୍ୟେକଟି ସାହିତ୍ୟ ଯୁଗ ହିଁ ଆଧୁନିକ ଥିଲା । ତନ୍ମଧ୍ୟରୁ ସାରଳା-ଯୁଗ, ପଞ୍ଚସଖା ଯୁଗ ଓ ଭଞ୍ଜ ଯୁଗ ପ୍ରାଚୀନ ସାହିତ୍ୟ ଅନ୍ତର୍ଭୁକ୍ତ ହୋଇଯାଇଛି । ମାତ୍ର ରାଧାନାଥଙ୍କଠାରୁ ଆଜି ପର୍ଯ୍ୟନ୍ତ ପ୍ରାୟ ଏକ ଶତାବ୍ଦୀ ଅତିକ୍ରାନ୍ତ ହୋଇଥିଲେ ହେଁ, ଗତ ଶତାବ୍ଦୀର ଆଧୁନିକତା ଏକାବେଳକେ ନିରସ୍ତ ହୋଇନାହିଁ । କବିବର ଆଧୁନିକ ଓଡ଼ିଆ ସାହିତ୍ୟର ସ୍ରଷ୍ଟା ଭାବରେ ସ୍ୱୀକୃତି ଲାଭ କରିଛନ୍ତି । ପରିବର୍ତ୍ତିତ ମୂଲ୍ୟବୋଧରେ ଆଜି ମଧ୍ୟ ରାଧାନାଥ ସ୍ୱୟଂ ଆଧୁନିକ କବି ହୋଇ ରହିବାର ଯୋଗ୍ୟତାରୁ ଯେ ଏକାବେଳକେ ବଞ୍ଚିତ ନୁହନ୍ତି, ଏହା ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ ମନେହୁଏ ।

କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ନାମାନୁସାରେ 'ଭଞ୍ଜ ଯୁଗ' ନାମିତ । ଏହା 'ରୀତି ଯୁଗ' ନାମରେ ମଧ୍ୟ ପରିଚିତ । ଏହି ରୀତି ରବିର ଶେଷ ରଶ୍ମି ଅସ୍ତାଚଳ ଶିଖରରେ ଅସ୍ତମିତ ହେବାପରେ ଓଡ଼ିଆ ସାହିତ୍ୟ ରାଜ୍ୟରେ ଅନ୍ଧକାର ଯୁଗ ରାଜତ୍ୱ

Digitized by PPRACHIN, SOA

କଲା । ତାପରେ ପାଶ୍ଚାତ୍ୟ ଶିକ୍ଷା, ସଂସ୍କୃତିର ଆଶ୍ରାରେ ନିଜକୁ ବିମଣ୍ଡିତ କରି ଓଡ଼ିଆ ସାହିତ୍ୟ ଜଗତକୁ ନବୀନ ଦୀପ୍ତିରେ ଦୀପ୍ତିମନ୍ତ କଲେ ଯୁଗ ସ୍ରଷ୍ଟା କବିବର ରାଧାନାଥ ରାୟ । ସେ ପ୍ରାଚୀନ ସାହିତ୍ୟର ଭିତ୍ତିଭୂମି, ପାଶ୍ଚାତ୍ୟ କାବ୍ୟାଦର୍ଶ ଓ ସ୍ୱପ୍ରତିଭା ବଳରେ ଓଡ଼ିଆ ସାହିତ୍ୟରେ ନବଯୁଗର ସୂତ୍ରପାତ କଲେ । ପ୍ରତିଭାଶାଳୀ କବିତ୍ୱର ଅଧିକାରୀ ହୋଇ ରାଧାନାଥ ଓଡ଼ିଆ ଆଧୁନିକ ସାହିତ୍ୟର ଯୁଗସ୍ରଷ୍ଟା ପଦର ପ୍ରକୃତ ଅଧିକାରୀ ହେଲେ । ତାହାଙ୍କ ପୂର୍ବରୁ ଯେଉଁ ସାହିତ୍ୟ ଦୃଷ୍ଟିଗୋଚର ହୁଏ ସେ ସମସ୍ତ ପରମ୍ପରା ଅନୁମୋଦିତ । ସେମାନେ ମନ୍ଦିର ପ୍ରାଙ୍ଗଣ ଓ ରାଜପୃଷ୍ଠପୋଷକତା ଲାଭ କରି ସଂସ୍କୃତ ସାହିତ୍ୟର ଅନୁସରଣରେ ରାଜ ଅନ୍ତଃପୁର ମଧ୍ୟରେ ସୀମିତ ରହି ସାହିତ୍ୟ ସୃଷ୍ଟି ଦିଗରେ ନିଜକୁ ନିମଜ୍ଜିତ କରିଥିଲେ । ମାତ୍ର କବିବର ଯେତେବେଳେ ସାହିତ୍ୟ ସାଧନାରେ ରତ ହେଲେ, ସେ ସ୍ୱାଧୀନ ଭାବରେ ବିଭିନ୍ନ ସାହିତ୍ୟକୁ ଅନୁଶୀଳନ କରୁଥିଲେ । ଜଗନ୍ନାଥଙ୍କୁ ମୂଳପିଣ୍ଡ ଭାବରେ ଗ୍ରହଣ କରି ତାହାଙ୍କ ପୂର୍ବ-ସୂରୀମାନେ ସାହିତ୍ୟ ସୃଷ୍ଟି କରୁଥିଲେ । ମାତ୍ର ସେ ଧର୍ମ ଚିନ୍ତାଧାରାକୁ ସ୍ୱସୃଷ୍ଟିରେ ମୁଖ୍ୟସ୍ଥାନ ପ୍ରଦାନ ନକରି ପରିସ୍ଥିତିର ମୁକାବିଲା କଲେ । ଖ୍ରୀଷ୍ଟାବ୍ଦ ୧୮୦୩ରେ ଓଡ଼ିଶା ଇଂରେଜମାନଙ୍କ ଶାସନାଧୀନ ହେଲା । ତତ୍‌ପରେ ସେମାନେ ଓଡ଼ିଶା ମାଟିରେ ପାଶ୍ଚାତ୍ୟ ଶିକ୍ଷାର ପ୍ରଚଳନ କରିଥିଲେ ଓ ଖ୍ରୀଷ୍ଟଧର୍ମର ପ୍ରଚାର ତଥା ପ୍ରସାର ପାଇଁ ଚେଷ୍ଟିତ ହୋଇଥିଲେ । ବଙ୍ଗୀୟମାନେ ମଧ୍ୟ ଆମ ସାହିତ୍ୟର ଉନ୍ନତି କଲେ ପ୍ରତ୍ୟକ୍ଷ ଓ ପରୋକ୍ଷ ସାହାଯ୍ୟ ପ୍ରଦାନ କରିଥିଲେ । ଓଡ଼ିଶାର ବାଲେଶ୍ୱର, ପୁରୀ, କଟକ ଆଦି ଜିଲ୍ଲାମାନଙ୍କରେ ବ୍ରିଟିଶ ସରକାର ସର୍ବପ୍ରଥମେ ସ୍ୱଶାସିତରେ ଶିକ୍ଷାର ପ୍ରଚଳନ କଲେ । ରାଧାନାଥ ତତ୍ତ୍ୱ ସମୟରେ ଜଣେ ଏନ୍‌ଟ୍ରାନ୍‌ସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ନବଯୁବକ । ସ୍ୱମାତୃଭାଷା ବଙ୍ଗଳାରେ 'କବିତାବଳୀ' ରଚନା କରିସାରିବା ପରେ, ଭୂଦେବ ମୁଖୋପାଧ୍ୟାୟଙ୍କ ପ୍ରରୋଚନାରେ ଓଡ଼ିଆ ଭାଷାରେ ସାହିତ୍ୟ ସୃଷ୍ଟି ପାଇଁ ଆଗ୍ରହାନ୍ୱିତ ହେଲେ ।

ଊନବିଂଶ ଶତାବ୍ଦୀର ପ୍ରାରମ୍ଭରୁ ମିଶନାରୀମାନେ ଓଡ଼ିଆ ଭାଷାରେ ଅନୁବାଦ ପରେ ଖ୍ରୀଷ୍ଟଧର୍ମ ପ୍ରଚାର କରୁଥିଲେ । ସେଥିପାଇଁ ମୁଦ୍ରାଯନ୍ତ୍ର ଇତ୍ୟାଦିର ବ୍ୟବହାର ପ୍ରଥମେ ସେମାନେ ଓଡ଼ିଶାରେ ପ୍ରଚଳନ କରିଥିଲେ । ରାଧାନାଥ ରାୟଙ୍କର ମୂଳ ପ୍ରେରଣା ଉତ୍ସ ଭୂଦେବ ମୁଖୋପାଧ୍ୟାୟ ଓ ତାଙ୍କ ପ୍ରରୋଚନାରେ ବଙ୍ଗଳା ସାହିତ୍ୟରୁ ଓଡ଼ିଆ ସାହିତ୍ୟକୁ ତାଙ୍କର ଲମ୍ଫ-ପ୍ରଦାନ ହିଁ ଏ ସାହିତ୍ୟରେ ଆଧୁନିକ-ଯୁଗର ଉଦୟନ । ଗତଶତାବ୍ଦୀରେ ପାଶ୍ଚାତ୍ୟ ଶିକ୍ଷାଦର୍ଶରେ ଓଡ଼ିଆ ସାହିତ୍ୟରେ ଯେଉଁ ଯୁଗର ସୂତ୍ରପାତ ହେଲା ଓ କାବ୍ୟ କବିତାଦି ରଚନା କରାଗଲା—ତାହା ଆଧୁନିକ ଯୁଗ ନାମରେ ନାମିତ । ବୟସ ଦୃଷ୍ଟିରୁ ଏ ଯୁଗ ଶିଶୁ ହେଲେ ସୁଦ୍ଧା ତାହା ବୈଚିତ୍ର୍ୟମୟ । ପାଶ୍ଚାତ୍ୟ ଜଗତ ଆମ ଜଗତଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଇଉରୋପୀୟ ଦେଶଗୁଡ଼ିକ ନୂତନ ଆବିଷ୍କାର, ଉଦ୍ଭାବନ, ମତବାଦ ଓ ପ୍ରକଳ୍ପ ଦ୍ୱାରା ଆଧୁନିକ ଯୁଗ ସୃଷ୍ଟି କରିଥିଲେ । ଭାରତୀୟମାନେ ଇଂରେଜମାନଙ୍କ ପୂର୍ବରୁ ସମ୍ପୂର୍ଣ୍ଣ

Digitized by PPRACHIN, SOA

ଧର୍ମବିଶ୍ୱାସୀ ଥିଲେ । ମାତ୍ର ସେମାନଙ୍କ ସଂସ୍ପର୍ଶରେ ଆସି ଧର୍ମୀୟ ଚିନ୍ତାଧାରାରେ ଭିନ୍ନ ଦୃଷ୍ଟି ପୋଷଣ କରିଥିଲେ । ଜୀବନବୋଧରେ ବୈଜ୍ଞାନିକ ଭିତ୍ତି ଆତ୍ମପ୍ରକାଶ କରି ବିପ୍ଳବ ପାଇଁ ପଥ ନିର୍ମାଣ କଲା । ଓଡ଼ିଶାର ଧର୍ମୀୟ ପରମ୍ପରାର ପଛପଟଭୂମିରେ ହୋଇ ବୈଜ୍ଞାନିକ ମନୋବୃତ୍ତି ଦ୍ୱାରା ସାହିତ୍ୟ ସଂସ୍କୃତି ଆଦି ପରିଚାଳିତ ହେଲା ।

ଊନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧ ଓଡ଼ିଆ ସାହିତ୍ୟ ଇତିହାସର ଏକ ଅନ୍ଧକାର ଯୁଗ । ଓଡ଼ିଆ ସାହିତ୍ୟ ସୃଷ୍ଟି ପାଇଁ ସେହି ସମୟରେ ବୈଜ୍ଞାନିକ ବାତାବରଣ ସୃଷ୍ଟି ହୋଇ ନଥିଲା । ୧୮୬୬ ମସିହାରେ କରାଳ ଦୁର୍ଭିକ୍ଷ ମୁଖବ୍ୟାଦନ କରି ଓଡ଼ିଆଜାତିର ମେରୁଦଣ୍ଡକୁ ଦୋହଲାଇ ଦେଲା । ପରବର୍ତ୍ତୀ ସମୟରେ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ "ଓଡ଼ିଆ ସ୍ୱତନ୍ତ୍ର ଭାଷା ନୁହେଁ ।" ପୁସ୍ତିକାରେ ଓଡ଼ିଆ ଭାଷାର ଅସାରତା ପ୍ରତିପାଦନ କଲେ । ଏହିପରି ଏକ ଚରମ ଦୁର୍ଗତି ମଧ୍ୟରେ ରାଧାନାଥଙ୍କ ଆବିର୍ଭାବ । ପରାଧୀନର ଶାସନଚକ୍ର ତଳେ ନିଷ୍ପେଷିତ ଓଡ଼ିଆ ଜାତି ଶାସକ-ଗୋଷ୍ଠୀର ସଭ୍ୟତା ଓ ସଂସ୍କୃତିରେ ପ୍ରଭାବିତ ହେବାରେ କିଛି ନୂତନତା ନାହିଁ । ଆହରଣଶୀଳ ଜାତି ପକ୍ଷରେ ଏହା ମଧ୍ୟ କିଛି ଅସ୍ୱାଭାବିକ କଥା ନୁହେଁ । ମାତ୍ର ଆହରଣ ଯଦି ଉପଯୁକ୍ତ ନୁହେଁ ତେବେ ସୁଫଳ ଆଶା ବ୍ୟାହତ ହୁଏ । ପ୍ରଥମତଃ ଯଦି ଆହରଣ ଚିନ୍ତାଶୂନ୍ୟ ଅନୁକରଣ ହୁଏ ଓ ଦ୍ୱିତୀୟତଃ ଯଦି ଜାତୀୟ ଜୀବନ ବାସ୍ତବ ପରିବେଶରେ ପ୍ରତିବିମ୍ବିତ ନ ହୁଏ ତେବେ ଏପରି ଆହରଣରେ କୁଫଳ ଦେଖାଯାଏ ।

ଊନବିଂଶ ଶତାବ୍ଦୀରେ ଓଡ଼ିଶାରେ ଆଧୁନିକ ଶିକ୍ଷା ସଂଗଠନର ଯେଉଁ ଭୂମିକା ଗ୍ରହଣ କରିଥିଲା ତାହାର ପ୍ରାଣକେନ୍ଦ୍ର ଥିଲା କଟକ, ପୁରୀ ଓ ବାଲେଶ୍ୱର । ଏହା ଯଥାର୍ଥରେ ପାଶ୍ଚାତ୍ୟ ସଙ୍ଗମଣର ଉପଯୁକ୍ତ ସ୍ଥାନ । ଏହି ସ୍ଥାନରୁ ଆଧୁନିକ ଓଡ଼ିଶାର ଶିକ୍ଷିତ ଗୋଷ୍ଠୀ ପ୍ରାୟ ଜନ୍ମଗ୍ରହଣ କରିଥିଲେ । ଏ ପାଶ୍ଚାତ୍ୟ ଶିକ୍ଷା ଓ ଚେତନାବୋଧର ଭିତ୍ତି ସ୍ଥାପିତ ହୋଇଥିଲା ରେଭେନ୍ସା କଲେଜରେ । ନୂତନ ଇଂରାଜୀ ଶିକ୍ଷାନୁଷ୍ଠାନମାନଙ୍କରେ ଇଂରାଜୀ କବି ଚସର୍, ସେକସ୍‌ପିୟର୍, ସ୍ପେନ୍‌ସର୍, କାଉପର୍, ଗ୍ରେ, ମିଲ୍‌ଟନ ପ୍ରଭୃତିଙ୍କ କାବ୍ୟକବିତା ଓ ନାଟକାଦି ପଠିତ ହେଉଥିଲା । ଏହା ମଧ୍ୟ ଶିକ୍ଷିତ ଗୋଷ୍ଠୀଙ୍କ ଦ୍ୱାରା ଆଦୃତ ଲାଭ କରିଥିଲା । ଏହି କବିମାନଙ୍କ ରଚିତ କାବ୍ୟମାନଙ୍କର ଶକ୍ତିଶାଳୀ ସମ୍ମୋହନ ଦ୍ୱାରା ଓଡ଼ିଆ ସାହିତ୍ୟରେ ନୂତନ ଚେତନା ପରିପୁଷ୍ଟ ହେଲା । ଏହି ଚେତନାର ଅଭିନବ ପ୍ରେରଣାରେ ରାଧାନାଥ ପ୍ରଭାବିତ ହୋଇ ତାଙ୍କର କାବ୍ୟସୌଧ ନିର୍ମାଣ କଲେ । ପାଶ୍ଚାତ୍ୟ ସାହିତ୍ୟର ପ୍ରଭାବରେ ରାଧାନାଥ ବହୁ ପରିମାଣରେ ପ୍ରଭାବିତ ହୋଇଥିଲେ । ପାଶ୍ଚାତ୍ୟ କାବ୍ୟାଦର୍ଶର ପ୍ରେମଚେତନା, ପ୍ରକୃତି ଚେତନା, ଦେଶାତ୍ମବୋଧ ଓ ମାନବ ଚେତନା ଆଦି ତାଙ୍କ କାବ୍ୟରେ ଆପଣାର ପ୍ରଭାବ ଛାଡ଼ି ଯାଇଛି । ଆମ ପ୍ରାଚୀନ ସାହିତ୍ୟରେ ପ୍ରେମ ରହିଛି ମାତ୍ର ତାର ବୈଚିତ୍ର୍ୟ ନାହିଁ । ପ୍ରେମ ଚେତନା ଉପରେ ହିଁ ରାଧାନାଥ

Digitized by PPRACHIN, SOA

ପ୍ରଥମେ ଓଡ଼ିଆ ସାହିତ୍ୟରେ ପରିବର୍ତ୍ତନ ଆଣିଥିଲେ । ଊନବିଂଶ ଶତକର ଦ୍ୱିତୀୟାର୍ଦ୍ଧରେ ନିର୍ବିବାଦରେ ସାହିତ୍ୟରେ ରୋମାଣ୍ଟିକ୍ ଚେତନାର ସ୍ୱର ସ୍ପଷ୍ଟ ଶୁଣାଯାଏ । ରୋମାଣ୍ଟିସିଜମ୍ ପ୍ରଣୟ ଜିଜ୍ଞାସାର ଅନ୍ୟତମ ବିଶିଷ୍ଟ ଗୁଣ । ଶାସ୍ତ୍ରାଦି ଏ କ୍ଷେତ୍ରରେ ନିର୍ଦ୍ଦିଷ୍ଟତାର ପରିପୋଷକ । କିନ୍ତୁ ଏହି ପ୍ରଣୟ ଜିଜ୍ଞାସାରେ କବି ମୁକ୍ତ ପ୍ରୟାସ ଓ ତାହାର ପରିଣତିର ଚିତ୍ରଅଙ୍କନ କରିଛନ୍ତି । କାବ୍ୟର ଚରିତ୍ରମାନଙ୍କ ମାଧ୍ୟମରେ ସେ ଏହି ଚିତ୍ର ପ୍ରଦାନ କରିଅଛନ୍ତି । ରାଧାନାଥଙ୍କ "ନନ୍ଦିକେଶ୍ୱରୀ" କାବ୍ୟରେ ରାଜବାଳା ନନ୍ଦିକା ଏହାର ସ୍ପଷ୍ଟ ଦୃଷ୍ଟାନ୍ତ । ନନ୍ଦିକେଶ୍ୱରୀ ସମାଜ, ଶାସ୍ତ୍ର, ଗୁରୁଜନ ପ୍ରଭୃତିଙ୍କୁ ଜଳାଞ୍ଜଳି ଦେଇ ଶୈଳଗଙ୍ଗଙ୍କୁ ପତିରୂପେ ବରଣ କରିବାର ମନୋଭାବ ପୋଷଣ କରିଛନ୍ତି । ତେଣୁ କହିଛନ୍ତି,—

"ସୁତାରେ ପିତାଙ୍କ ପୂର୍ଣ୍ଣ ଅଧିକାର
ଭଣେ ଯେଉଁ ଶାସ୍ତ୍ର ତାକୁ ନମସ୍କାର"

(ନନ୍ଦିକେଶ୍ୱରୀ)

ପୁଣି 'କେଦାରଗୌରୀ' କାବ୍ୟରେ କେଦାରଗୌରୀ ଯୌବନର ପ୍ରଥମ ପାହାଚରେ ପରସ୍ପରଙ୍କୁ ଅନ୍ତର ଦେଇ ଭଲ ପାଇଛନ୍ତି । ସେମାନେ ତେଣୁ ସମାଜ, ଶାସ୍ତ୍ର ଓ ଗୁରୁଜନଙ୍କ ପ୍ରତି ଭ୍ରୂକ୍ଷେପ ନକରି ମିଳିତ ହେବାର ଆଶାରେ ରାତ୍ରି ସମୟରେ ପଳାୟନ କରିଛନ୍ତି । ସେମାନେ ଗୁରୁଜନମାନଙ୍କର ପ୍ରତିବନ୍ଧକ ଓ ପରସ୍ପର ପ୍ରତି ଥିବା ପ୍ରାଚୀରକୁ କହିଛନ୍ତି,—

"କହନ୍ତି କ ଛୁଳୁ ନିଦାରୁଣ ଏଥି
କେଉଁ ବଡ଼ପଣ ତୋର
ତନୁରୁ ତନୁକୁ ବିଚ୍ଛେଦ କରି ତୁ
ଲଭିବୁ ଦୁଷ୍କୃତ ଘୋର"

(କେଦାର ଗୌରୀ)

ତେଣୁ ନିର୍ଜନ ରାତ୍ରିରେ ପ୍ରେମିକ ପ୍ରେମିକାଦ୍ୱୟ
ନଗର ପ୍ରାନ୍ତରେ ନିର୍ମଳ ନିର୍ଝରେ
କୁଟଜ ବନ ବେଷ୍ଟିତ
ବେନିଙ୍କର ଭେଟ ତହିଁ ହେବ ବୋଲି
ବେନିଏ କଲେ ନିଶ୍ଚିତ

(କେଦାର ଗୌରୀ)

ଏହିପରି ଭାବରେ ପ୍ରେମଚେତନା ନାରୀ ପୁରୁଷ ହୃଦୟରେ ସଞ୍ଜାତ ହେଲେ, ସେମାନେ କୌଣସି ବାଧା ବନ୍ଧନ ମାନିବା ପାଇଁ ଆଗ୍ରହ ପ୍ରକାଶ କରନ୍ତି ନାହିଁ । କିନ୍ତୁ ଏପରି ମୁକ୍ତିର ଚିତ୍ର କଦାପି ନୀତି ନିରପେକ୍ଷ ମନେ ହୁଏ ନାହିଁ ।

Digitized by PPRACHIN, SOA

ରାଧାନାଥଙ୍କ ପୂର୍ବରୁ ଓଡ଼ିଆ କାବ୍ୟ ସାହିତ୍ୟରେ ଯେଉଁ କ୍ଷୀଣ ପ୍ରକୃତି ଚିତ୍ରଣ ଦୃଷ୍ଟିଗୋଚର ହୁଏ ତାହା କେବଳ ନାୟକ ନାୟିକାଙ୍କର ପ୍ରେମକୁ ବର୍ଦ୍ଧିତ କରିବାପାଇଁ ଉଦ୍ଦୀପନ ବିଭାବ ଭାବରେ ଉଲ୍ଲିଖିତ ହୋଇଥିଲା । ମାତ୍ର ରାଧାନାଥ ଇଂରାଜୀ କବି ଉଇଲିୟମ୍ ୱାର୍ଡ଼ସୱାର୍ଥଙ୍କ ପ୍ରଭାବରେ ପ୍ରକୃତିକୁ ମଣିଷର, ସୁଖଦୁଃଖର ସଂସାର ସହିତ ସଂଯୁକ୍ତ କରାଇଛନ୍ତି । ନିସର୍ଗ ଶୋଭାର ଅବଗୁଣ୍ଠନବତୀ ପ୍ରକୃତିର ଶୋଭାସ୍ଥଳୀ ଉତ୍କଳ । ଆପଣାର କାବ୍ୟସୌଧ ନିର୍ମାଣରେ ଓଡ଼ିଶାର ପ୍ରକୃତି ତାଙ୍କୁ ଖୋରାକ ଯୋଗାଇବାରେ ସାହାଯ୍ୟ କରିଥିଲା । ସେ ଯେଉଁ ପରିମାଣରେ ତାଙ୍କ କାବ୍ୟାଦିରେ ପ୍ରକୃତି ଚିତ୍ରଣ କରିଥିଲେ, ତାଙ୍କ ପୂର୍ବରୁ କୌଣସି ଓଡ଼ିଆ କବି ୯ପରି ଚିତ୍ରଣ କରିଥିବାର ପ୍ରମାଣ ମିଳେ ନାହିଁ । ତାହା କେବଳ ସେହି ପାଶ୍ଚାତ୍ୟ ପ୍ରକୃତି ଚିତ୍ରଣ ଦ୍ୱାରା ପରିପୁଷ୍ଟ । ତାଙ୍କ ପାଇଁ ପ୍ରକୃତି ଏକ ପ୍ରେରଣାର ଉତ୍ସ । ସେ ପ୍ରକୃତିକୁ ଅଧିକ ସ୍ନେହ କରୁଥିଲେ, ନିଜ ଜୀବନଠାରୁ ମଧ୍ୟ । ପ୍ରକୃତିକୁ ସନ୍ଦର୍ଶନ କରି କବି ବିଶ୍ୱବ୍ୟାପ୍ତ ଆନନ୍ଦମୟ ସତ୍ତାକୁ ଉପଲବ୍ଧି କରିପାରୁଥିଲେ । ତାଙ୍କ ଅନୁଭୂତିରେ ପ୍ରକୃତି ଥିଲା ଶାନ୍ତି, ଆସ୍ୱାଦନର ରମ୍ୟସ୍ଥଳୀ । ପ୍ରକୃତିରେ କବି ଦୃଷ୍ଟିରେ କୌଣସି ଜିନିଷ ହେୟ ବା ଗୌଣ ନୁହେଁ । ରାଧାନାଥ ଉତ୍କଳୀୟ ପ୍ରକୃତିକୁ ତାଙ୍କ କାବ୍ୟ କବିତା ଚୟରେ ସୁରୁଚିରୁ ରୂପେ ସନ୍ନିବିଷ୍ଟ କରିଛନ୍ତି । ପ୍ରଭାତ, ସୂର୍ଯ୍ୟାସ୍ତ, ନିଶୀଥ, ନଦୀ, ନିର୍ଝରିଣୀ, ବନ ପର୍ବତାଦି ବର୍ଣ୍ଣନାରେ ସେ ଥିଲେ ସିଦ୍ଧହସ୍ତ । ଉଷା ବର୍ଣ୍ଣନା—

"କଜ୍ଜ୍ୱଳ ପରୀର ପବିତ୍ର ନିସ୍ୱନ
ଜଗତେ ସୂଚିଲା ଉଷା ଆଗମନ
କ୍ରମେ କ୍ରମେ ହେଲେ ଚନ୍ଦ୍ରମା ନକ୍ଷତ୍ର
ଉଷାରାଗେ ରକ୍ତ ହେଲା ପ୍ରାଚୀନେତ୍ର" ।

[illegible] କାବ୍ୟରେ [illegible] ସ୍ଥିତ ହୋଇଛି । ବିଭିନ୍ନ ଅଞ୍ଚଳର ବର୍ଣ୍ଣନା ମଧ୍ୟରେ ଓଡ଼ିଶାର ସ୍ଥାନଗୁଡ଼ିକର ବର୍ଣ୍ଣନାରେ କବି ଲେଖିଛନ୍ତି—

"ହାଟକ ଗହ୍ୱରୀ କଟକ ତଣ୍ତ୍ରୀ ନାଗରୀ ବେଶେ,
ଅମଳ ରଜତ କୁସୁମ ଶୋଭେ ଶ୍ୟାମଳ ବେଶେ"

× × ×

ସବିତା, କୋଣାର୍କ ଦେବତା ନବଗ୍ରହ ବେଷ୍ଟିତ,
ମହାତେଜ ପୁଞ୍ଜ ବିଗ୍ରହ ସିଂହଦ୍ୱାରେ ଶୋଭିତ ।

ପାଶ୍ଚାତ୍ୟ ଶିକ୍ଷା ସଂସର୍ଗରୁ ଯେଉଁ ଚିନ୍ତାଧାରାଚୟ ଏ ଦେଶର କବିକୁଳଙ୍କ ମନରେ ପ୍ରବେଶ କରିଥିଲା, ଦେଶାତ୍ମବୋଧ ତନ୍ମଧ୍ୟରୁ ଅନ୍ୟତମ । ପାଶ୍ଚାତ୍ୟ ପ୍ରଭାବରେ ଆମ ଦେଶରେ ଏହାର ପ୍ରଭାବ ଊନବିଂଶ ଶତାବ୍ଦୀରେ ସମ୍ଭବ ହୋଇଥିଲା । ମାତ୍ର ଆମ ଦେଶାତ୍ମବୋଧ ସେମାନଙ୍କଠାରୁ ଭିନ୍ନ । ଇଂରେଜ ଶାସନ ଚକ୍ରତଳେ ନିଷ୍ପେଷିତ ଓଡ଼ିଆ ଜାତି ତହିଁରୁ ମୁକ୍ତିଲାଭ କରିବା ପାଇଁ ପ୍ରାଣପଣେ ଚେଷ୍ଟିତ ଥିଲା । କବି-

Digitized by PPRACHIN, SOA

ଗୋଷ୍ଠୀ ମାଧ୍ୟମ ଭାବରେ ଜନହୃଦୟରେ ଏହି ବୀଜ ପ୍ରୋଥିତ କରିବା ପାଇଁ ସାହିତ୍ୟ ମାଧ୍ୟମରେ ପରିପ୍ରଶ୍ରୟ କରିଥିଲେ । ଆଧୁନିକ ଶିକ୍ଷାର ଉତ୍ତରୋତ୍ତର ବିକାଶ ହିଁ ଏହି ଭାବଧାରା ସଂଚରଣ କରିବାରେ ସହାୟତା କରିଥିଲା । ରାଧାନାଥ ଉତ୍କଳୀୟ ପ୍ରକୃତି, କିମ୍ବଦନ୍ତୀ, ଐତିହାସିକ, ପୌରାଣିକ, କଥାବସ୍ତୁକୁ କାବ୍ୟରୂପ ପ୍ରଦାନ କରି ଦେଶାତ୍ମବୋଧର ସ୍ରୋତ ପ୍ରବାହିତ କଲେ । ଇତିହାସ କିମ୍ବଦନ୍ତୀ ଆଦିରେ ପାଶ୍ଚାତ୍ୟ ବିଷୟବସ୍ତୁକୁ ଆରୋପ କରି କାବ୍ୟ ଆଦି ରଚନା କଲେ । ନନ୍ଦିକେଶ୍ୱରୀ ଓ ପାର୍ବତୀ କାବ୍ୟ ଇତିହାସର କଥାବସ୍ତୁ ଉପରେ ଉଜ୍ଜୀବିତ । କେଦାରଗୌରୀ ଓ ଉଷା କାବ୍ୟ କିମ୍ବଦନ୍ତୀକୁ ନେଇ ରଚିତ । ପୌରାଣିକ ବିଷୟ ଉପରେ ମହାକାବ୍ୟ ମହାଯାତ୍ରା ଆଧାରିତ । ଚିଲିକା ଖଣ୍ଡ କାବ୍ୟରେ ଉତ୍କଳ ପ୍ରତି ତାଙ୍କର ଥିବା ଅସୀମ ଅନୁରାଗର ପରିଚୟ ମିଳେ ।

"ହିମାଚଳ ଶିଖେ ଲଲାଟ କେଶରୀ
ରଚିଲେ ରମ୍ୟ ନଗର
ଉତ୍କଳ ଭୁବନେ ଦେଶେ ଦେଶେ ଖ୍ୟାତ
ହେଲା ଭୁବନ ଈଶ୍ୱର"

(କେଦାର ଗୌରୀ)

ଏଥିରେ ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର କଥା ଉଲ୍ଲେଖ କରାଯାଇଛି । ଏହା କବିଙ୍କ ଦେଶପ୍ରୀତିର ପରିଚାୟକ । ପ୍ରକୃତି ଚିତ୍ର ପ୍ରଦାନ ପର୍ଯ୍ୟାୟରେ ଉଷା କାବ୍ୟକୁ ସ୍ମରଣ କରାଯାଇ ପାରେ—

'ଉତ୍ତରେ ବଳାଙ୍ଗୀ ମଧ୍ୟେ ଗଙ୍ଗାଧାର ଶୋଣ ଦକ୍ଷିଣେ
ଜଳବେଣୀ ବର୍ଣ୍ଣେ କୁରଙ୍ଗୀ ନୟନ ମାଲିମା ଜିଣେ"

(ଉଷା)

ଏହାମଧ୍ୟ କବିଙ୍କ ଦେଶପ୍ରୀତି ଓ ପ୍ରକୃତି ନିରୀକ୍ଷଣାର ଦୃଷ୍ଟାନ୍ତ ।

ଆଧୁନିକ କବି ଦୃଷ୍ଟିରେ ମାନବ ନାୟିକା ନିକଟରେ ପ୍ରଣୟ ପ୍ରାର୍ଥୀ ନୁହେଁ ବା ଭଗବାନଙ୍କ ନିକଟରେ ଆଶୀର୍ବାଦ ପ୍ରାର୍ଥୀ ନୁହେଁ । ମାତ୍ର ମାନବ ପ୍ରଜ୍ଞା ଓ ସାଂସ୍କୃତିକ ସାଙ୍ଗଠନିକ ଆନ୍ଦୋଳନର ବାର୍ତ୍ତାବହ । ଏହା ଜାତୀୟ ଜୀବନର ଉଦ୍ଧରଣ ପାଇଁ ଅଭିପ୍ରେତ । ଏଥିରେ ଆତ୍ମରକ୍ଷା ଆତ୍ମପ୍ରକାଶ ଓ ଆତ୍ମା ପ୍ରସାରର ପ୍ରବୃତ୍ତି ନିହିତ । ଊନବିଂଶ ଶତକରେ ଯେତେବେଳେ ଲୋକମାନେ ବିଦେଶୀମାନଙ୍କର ପୀଡ଼ନରେ ବିପର୍ଯ୍ୟସ୍ତ, ସେତେବେଳେ ଆତ୍ମା ସଂଗଠନର ହିଁ ଆବଶ୍ୟକତା ଥିଲା । ସେହି ସମୟରେ ବ୍ୟକ୍ତ ହେଲା ବିପ୍ଳବୀ । ଦେଶମୁକ୍ତି ପାଇଁ ହିଁ ତାର ବିପ୍ଳବ । ପୂର୍ବର ସତୀଦାହ, ନରବଳି, ମେରିଆ, ଜାତିଭେଦ, ବହୁବିବାହ, ବାଲ୍ୟବିବାହ ଆଦିର ଅମାନବିକ ଆଚରଣକୁ ପରିତ୍ୟାଗ କରି ସେ ବୈଜ୍ଞାନିକ ଚିନ୍ତା ପ୍ରଣାଳୀ ଓ ହେତୁ ବା ଜିଜ୍ଞାସା ବଳରେ ମାନବିକତାର ମୂଲ୍ୟବୋଧ ବିଷୟରେ ସଚେତନ ହେଲା । ରାଧାନାଥ

Digitized by PPRACHIN, SOA

ମହାଯାତ୍ରା କାବ୍ୟରେ ମଣିଷ ମନରେ ନୂତନ ଜାଗରଣର ସ୍ରୋତ ବୁହାଇବାରେ ଚେଷ୍ଟିତ ହୋଇଛନ୍ତି । 'ଦରବାର' କାବ୍ୟରେ ସେ ପ୍ରତିପତ୍ତି ଓ ସମ୍ମାନ ଲାଭ ପ୍ରୟାସୀ ବ୍ୟକ୍ତିଙ୍କ ବିରୁଦ୍ଧରେ ସ୍ୱରଉତ୍ତୋଳନ ପୂର୍ବକ ସମାଲୋଚନା କରିଛନ୍ତି । 'ଉଷା' କାବ୍ୟର ନାୟକ 'ଜୟନ୍ତ' ଉଷାକୁ ଲାଭ କରିବା ପାଇଁ ଛଳେ ହେଲେ ପାଶ୍ଚାତ୍-ପଦ ହୋଇ ନାହାନ୍ତି । ରାଧାନାଥ ସ୍ୱ ସମ୍ବନ୍ଧରେ ଲେଖିଛନ୍ତି —

"ସଂସାରେ ରହି ମୁଁ ସଦା ଉଦାସୀନ,
ଉଦାସୀନ ପ୍ରାୟେ କଟାଇଲି ଦିନ ।
ସଂସାରୀ ଜନଙ୍କ ସଙ୍ଗୀ ହେବାପାଇଁ,
କେବେହେଁ ମୋହର ମନ ବଳେନାହିଁ ।" (ଚିଲିକା)

ଏହା କବିଙ୍କଠାରେ ଥିବା ପ୍ରକୃତ ମାନବିକତାର ପରିଚୟ ପ୍ରଦାନ କରିଥାଏ ।

ରାଧାନାଥଙ୍କର କାବ୍ୟାଦିରେ ଏହି ସବୁ ଚେତନା ପ୍ରବାହ ଓଡ଼ିଆ ସାହିତ୍ୟରେ ସର୍ବ ପ୍ରଥମେ ତାଙ୍କଠାରେ ଦୃଷ୍ଟିଗୋଚର ହୁଏ । ଏ ସବୁ ପାଶ୍ଚାତ୍ୟ ଶିକ୍ଷା ସଂସର୍ଗର ଫଳ ମାତ୍ର ।

ଆଧୁନିକ କାବ୍ୟ ଶୈଳୀ ତାଙ୍କଠାରୁ ହିଁ ପ୍ରବର୍ତ୍ତିତ ହୋଇଅଛି । ତାଙ୍କ ପୂର୍ବର କବିମାନେ କାବ୍ୟାରମ୍ଭରେ ମଙ୍ଗଳାଚରଣ ପର୍ଯ୍ୟାୟରେ ସ୍ୱ ଆରାଧ୍ୟ ଦେବ-ଦେବୀଙ୍କର ଗୁଣଗାନ କରୁଥିଲେ । ମାତ୍ର ରାଧାନାଥ ଏହାକୁ ପରିହାର କରି କେବଳ ବିଷୟ ବସ୍ତୁକୁ ସିଧା ସଳଖ ଭାବରେ ଉପସ୍ଥାପିତ କରିଛନ୍ତି । ଛନ୍ଦ ପ୍ରୟୋଗ ବିଧିକୁ ମଧ୍ୟ ପରିହାର କରି ଗୋଟିଏ ଛନ୍ଦରେ ଆମୂଳାନ୍ତ କାବ୍ୟମାନଙ୍କ ସୃଷ୍ଟି କରିଛନ୍ତି । କେଦାରଗୌରୀ, ଯଯାତିକେଶରୀ, ଉର୍ବଶୀ, ପାର୍ବତୀ ଆଦି କାବ୍ୟ ଗୋଟିଏ ଛନ୍ଦରେ ଲିଖିତ । ଆଉ ମଧ୍ୟ ଅନ୍ୟାନ୍ୟ କାବ୍ୟଗୁଡ଼ିକ ଗୋଟିଏ ଗୋଟିଏ ଛନ୍ଦ ଦ୍ୱାରା ଆମୂଳାନ୍ତ ଲିଖିତ । ଅମିତ୍ରାକ୍ଷର ଛନ୍ଦ ସେ ପ୍ରଥମେ ମହାଯାତ୍ରା କାବ୍ୟରେ ପ୍ରୟୋଗ କରିଛନ୍ତି । ଏଥିପୂର୍ବରୁ କୌଣସି କବି ଉକ୍ତ ଛନ୍ଦ ଦ୍ୱାରା କାବ୍ୟ ସୃଷ୍ଟି କରି ଥିବାର ପ୍ରମାଣ ମିଳେ ନାହିଁ । ଏହା ପାଶ୍ଚାତ୍ୟ ସାହିତ୍ୟର ଶୈଳୀ ଦ୍ୱାରା ସମ୍ପୂର୍ଣ୍ଣରୂପେ ପ୍ରଭାବିତ । ଯଥା —

"ମହୀଧ୍ର ଶିଖରେ ବସି ଦିବ୍ୟାଲୋକ ଯୋଗେ
ଦେଖିଲେ ପାଣ୍ଡବ ଗଣ ଅନଳ ପ୍ରସାଦେ
ବିସ୍ମୟ ଅଦ୍ଭୁତ ଦୃଶ୍ୟ ଦିଶିଲା ଆକାଶେ
ତାରକା ଗୁମ୍ଫିତ ଗୁରୁ-ଚନ୍ଦ୍ରାତପ ତଳେ ।"

ଇଂରାଜୀ କବି ମିଲ୍‌ଟନଙ୍କ "Paradise Lost"ର ଛନ୍ଦ ଦ୍ୱାରା ଏହା ପ୍ରଭାବିତ । ଅତଏବ ପାଶ୍ଚାତ୍ୟ ଆଗତ ଏହି ଛନ୍ଦ ରୀତି ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଯେ ଓଡ଼ିଆ କବିଙ୍କ ଧ୍ୟାନ ଓ କାବ୍ୟ ଗଠନ କଳାକୁ ପ୍ରଭାବିତ କରିଥିଲା । ଏଥିରେ ସନ୍ଦେହ ନାହିଁ । ଓଡ଼୍ ବା ସମ୍ବୋଧ ଗୀତ ପାଶ୍ଚାତ୍ୟାନୁସୃତ ଏହି ମାନଦଣ୍ଡରେ ବିଚାର କଲେ ରାଧାନାଥଙ୍କ 'ପବନ' 'ଶିବାଜୀଙ୍କ ଉତ୍ସାହ ବାକ୍ୟ' ଓ ସତୀ ପ୍ରତି ସତୀଦ୍ରୋହୀ ପ୍ରତିର ଉକ୍ତି' କବିତା-

Digitized by PPRACHIN, SOA

ଗୁଡ଼ିକ ଓଡ଼ ପର୍ଯ୍ୟାୟଭୁକ୍ତ କରାଯାଇପାରେ । ପ୍ରତ୍ୟେକ କବିତାରେ ସମ୍ବୋଧନର ଆଭାସ ସ୍ପଷ୍ଟ । ଯଥା—

'କେ ତୋ ସମବଳୀ କହ ସମୀର ?
ଅସୀମ ଅନନ୍ତ ତୋହୋ ଶରୀର ।'' (ପବନ)

ରାଧାନାଥ ରାୟଙ୍କର 'ମହାଯାତ୍ରା' ଆଧୁନିକ ଓଡ଼ିଆ ମହାକାବ୍ୟ ରଚନାର ସର୍ବଶ୍ରେଷ୍ଠ ନିଦର୍ଶନ । ଏହି କାବ୍ୟରେ ନଗର, ଉପବନ, ଶୈଳ, ସମୁଦ୍ର, ପ୍ରଭାତ, ସନ୍ଧ୍ୟା ପ୍ରଭୃତିର ବର୍ଣ୍ଣନା ରହିଅଛି । ଏଥିରେ ଇତିହାସ ଓ ପୁରାଣର ସମନ୍ୱୟ ପ୍ରଭୃତିର ପ୍ରକାଶ ଥିବାରୁ, ଯୁଗପତ୍ ପ୍ରାଚ୍ୟ ମହାକାବ୍ୟ ପ୍ରତି ସମର୍ଥନ ଓ ପାଶ୍ଚାତ୍ୟ ଏପିକ୍ ରୀତିର ପ୍ରବର୍ତ୍ତନ ପରିଲକ୍ଷିତ ହୋଇଥାଏ ।

ବିଷୟବସ୍ତୁର ଅଙ୍ଗୀକରଣ କ୍ଷେତ୍ରରେ କବି ଚତୁରତାର ସହିତ କାର୍ଯ୍ୟ କରିଛନ୍ତି । ପାଶ୍ଚାତ୍ୟ ସାହିତ୍ୟର ବିଷୟବସ୍ତୁକୁ ଓଡ଼ିଶାର ପାଣି ପବନ ସହିତ ଏପରି ଭାବରେ ସନ୍ନିବେଶିତ କରିଛନ୍ତି ଯେ, ପାଠକ ମାନେ ତାହାକୁ ନିଜ ଇତିହାସ ଘଟଣା ବୋଲି ନିଶ୍ଚୟ ଭାବିବେ । କେଦାରଗୌରୀ କାବ୍ୟର ବିଷୟ ବସ୍ତୁ ରୋମାନ କବି ଓଭିଡ଼ଙ୍କର ପିରାମିସ୍ ଓ ଥିସ୍‌ବୀଙ୍କର ପ୍ରଣୟ କାହାଣୀ । 'ଚନ୍ଦ୍ରଭାଗା' କାବ୍ୟ Apollo and Daphneଙ୍କ ପ୍ରଣୟ କାହାଣୀ ମୂଳପ୍ରାଣ କରି ରଚିତ । ମାତ୍ର ସୂର୍ଯ୍ୟ ଓ କାମଦେବଙ୍କ ମଧ୍ୟରେ କଳହର ସୂତ୍ରପାତ କରି ରାଧାନାଥ ଲୌକିକ ଆସ୍ଥାର ସମ୍ମତ ଅନୁଷ୍ଠାନକୁ ବିନିଯୋଗ କରି ସ୍ୱାତନ୍ତ୍ର୍ୟ ପ୍ରଦର୍ଶନ କରିଛନ୍ତି । ସେହିପରି ନନ୍ଦକେଶରୀ, ଉଷା, ପାର୍ବତୀ ଆଦି କାବ୍ୟ ସମୂହ ପାଶ୍ଚାତ୍ୟ ବିଷୟ ବସ୍ତୁର ଆଧାରରେ ହିଁ ରଚିତ ।

ଦୁଃଖବାଦୀ କବି ରାଧାନାଥ କାବ୍ୟମାନଙ୍କର ଶେଷପର୍ଯ୍ୟାୟରେ ପ୍ରଣୟୀ, ପ୍ରଣୟିନୀମାନଙ୍କର ମୃତ୍ୟୁ ଘଟାଇ Tragedy ଅନ୍ତର୍ଭୁକ୍ତ କରିଅଛନ୍ତି । ଏହାଙ୍କ ପୂର୍ବରୁ ମିଳନାତ୍ମକ କାବ୍ୟ ଛଡ଼ା Tragedy କାବ୍ୟ ଓଡ଼ିଆ ସାହିତ୍ୟରେ ନ ଥିଲା । ସର୍ବପ୍ରଥମେ ରାଧାନାଥ ଏହାକୁ ପ୍ରବର୍ତ୍ତନ କରିଥିଲେ ।

ରାଧାନାଥ ଗଦ୍ୟ ସାହିତ୍ୟ କ୍ଷେତ୍ରରେ ସୁନାମ ଅର୍ଜନ କରିବାରେ ଅକ୍ଷମ ହୋଇଛନ୍ତି । ତଥାପି ତାଙ୍କର 'ବିବେକୀ' ପ୍ରବନ୍ଧ ଆମର ପ୍ରଥମ ପ୍ରବନ୍ଧ । ପରିଶେଷରେ କୁହାଯାଇ ପାରେ ଯେ, ରାଧାନାଥ ପ୍ରାଚୀନ ସାହିତ୍ୟିକମାନଙ୍କ ପରି ନିଜକୁ ନିର୍ଦ୍ଦିଷ୍ଟ ପରିସର ମଧ୍ୟରେ ଆବଦ୍ଧ ନରଖି ଚତୁର୍ଦ୍ଦିଗକୁ ହସ୍ତ ପ୍ରସାର କରି ଯେଉଁ ଗୁଚ୍ଛ ଆନୟନ କରିଥିଲେ, ତାହାକୁ ଉପଯୁକ୍ତ ମାଳୀ ଭାବରେ ଓଡ଼ିଆ ସାହିତ୍ୟ ଉଦ୍ୟାନରେ ପ୍ରୋଥିତ କଲେ । ସେ ସର୍ବପ୍ରଥମେ ଓଡ଼ିଆ ଭାଷାକୁ ଏକ ସ୍ୱତନ୍ତ୍ର ଭାବରେ ବିମଣ୍ଡିତ କରି ଯେଉଁ ସାହିତ୍ୟ ସୃଷ୍ଟି କରିଗଲେ, ତାହା ଓଡ଼ିଆ ସାହିତ୍ୟରେ ନବଯୁଗର ସଙ୍କେତ ଦେଲା । ଏହି ପରିପ୍ରେକ୍ଷୀରେ ରାଧାନାଥ ଓଡ଼ିଆ ସାହିତ୍ୟରେ ଆଧୁନିକତାର ବାର୍ତ୍ତାବହ ଭାବେ ବିବେଚିତ ହେବେ— ଏଥିରେ ସନ୍ଦେହ ନାହିଁ ।

Digitized by PPRACHIN, SOA

ଦ୍ୱନ୍ଦ୍ୱ ଚେତନା ଓ ସତ୍ୟବାଦୀ ସାହିତ୍ୟ

ଲକ୍ଷ୍ମୀଧର ସାହୁ
୬ଷ୍ଠ ବର୍ଷ

ଓଡ଼ିଆ ସାହିତ୍ୟର ଇତିହାସରେ ସତ୍ୟବାଦୀ ସାହିତ୍ୟର ଭୂମିକା ଅନସ୍ୱୀକାର୍ଯ୍ୟ । ପଣ୍ଡିତ ଗୋପବନ୍ଧୁ-ନୀଳକଣ୍ଠ - ଗୋଦାବରୀଶ—କୃପାସିନ୍ଧୁ-ହରିହରଙ୍କ ନିରଳସ ସାଧନା, ପୌରୁଷ ଦୀପ୍ତ ପ୍ରଜ୍ଞା, ମନନଶୀଳ ମାନସ, ନୀତିନିଷ୍ଠ ଭାବନା, ମାନବବାଦ ଏବଂ ସମାଜ ସଚେତନତା ସଂପର୍କିତ ପୂର୍ବୋଦ୍ଦିଷ୍ଟ ହେତୁ ରାଧାନାଥ ଯୁଗ ପରେ ଏକ ନୂତନ ମୋଡ଼ ସୃଷ୍ଟି ହେଲା ଯାହାକି ଓଡ଼ିଆ ସାହିତ୍ୟରେ ସତ୍ୟବାଦୀ ଯୁଗ ନାମରେ ନାମିତ । ତେବେ କେତେକ ସମୀକ୍ଷକ କହନ୍ତି-ସତ୍ୟବାଦୀ ସାହିତ୍ୟକୁ ସତ୍ୟବାଦୀ ଯୁଗନାମରେ ଆଖ୍ୟାୟିତ ନକରି ସତ୍ୟବାଦୀ ଗୋଷ୍ଠୀ ନାମରେ ଆଖ୍ୟାୟିତ କଲେ ଅଧିକ ସମୀଚୀନ ହେବ । କିନ୍ତୁ ସେମାନଙ୍କର ସେହି ଯୁକ୍ତି ଭିତ୍ତିହୀନ ବୋଲି ମନେ ହୁଏ । ଯେ ହେତୁ ନୂତନତାର ସଙ୍କେତରେ ସାହିତ୍ୟ ଯେଉଁଠି ନୂତନ ବେଶ ଓ ଅଭିମୁଖ୍ୟ ଗ୍ରହଣ କରିଥାଏ ସେହିଠାରେ ହିଁ ନୂତନ-ଯୁଗର ସନ୍ଧାନ ମିଳିଥାଏ । ଏହି ଦୃଷ୍ଟିରୁ ବିଚାର କଲେ, ସତ୍ୟବାଦୀ ସାହିତ୍ୟ କୌଣସିଗୁଣରେ ନ୍ୟୁନ ନୁହେଁ । ତା'ର ରାଜନୀତିକ ସଚେତନତା, ସାମାଜିକ ଅନ୍ତର୍ମୁଖିନତା, ସାହିତ୍ୟ କ୍ଷେତ୍ରରେ ନୂତନତା, ଏବଂ ସାଂସ୍କୃତିକ ଅବବାର୍ଯ୍ୟତା ଏକ ଏକ ନୂତନ ଅଧ୍ୟାୟ ସୃଷ୍ଟି କରେ । ଅନ୍ୟ ଅର୍ଥରେ କୁହାଯାଇ ପାରେ ଯେ ସତ୍ୟବାଦୀ ସାହିତ୍ୟ ଓଡ଼ିଆ ଜନ ଜୀବନ ପାଇଁ ଏକ କାଂକ୍ଷିତ ଅଧ୍ୟାୟ ।
(ସତ୍ୟବାଦୀ ସାହିତ୍ୟ)

'ଦ୍ୱନ୍ଦ୍ୱ ଚେତନା ଓ ସତ୍ୟବାଦୀ ସାହିତ୍ୟ' ଶୀର୍ଷକ ପ୍ରବନ୍ଧର ଦେହଲୀ ମଧ୍ୟରେ ପ୍ରବେଶ ପୂର୍ବରୁ ସତ୍ୟବାଦୀ ଗୋଷ୍ଠୀର ଅଭ୍ୟୁତ୍ଥାନ ପାଇଁ କି ପ୍ରକାର ପାଣି ପାଗ ସୃଷ୍ଟି ହୋଇଥିଲା, ସେ ସଂପର୍କରେ ଯତ୍‌ସାମାନ୍ୟ ଆଲୋଚନା ଏକାନ୍ତ ଆବଶ୍ୟକ ବୋଲି ମନେ ହୁଏ ।

ଓଡ଼ିଆ ସାହିତ୍ୟରେ ସତ୍ୟବାଦୀ ଯୁଗର ସୂତ୍ରପାତ ପୂର୍ବରୁ ରାଧାନାଥ ଯୁଗର ଭୂମିକା ଅନସ୍ୱୀକାର୍ଯ୍ୟ । ରାଧାନାଥ ଆଧୁନିକ ଓଡ଼ିଆ ସାହିତ୍ୟର ବହୁ ବିଜ୍ଞାପିତ ତଥା ଆଲୋଚିତ କବି । ରୀତି ସାହିତ୍ୟର ପରଂପରାରେ 'ଏକ ନୂତନ

Digitized by PPRACHIN, SOA

ମୋଡ଼ ସୃଷ୍ଟି କରିବା ପାଇଁ ତାଙ୍କ ନିକଟରେ ଉପଯୁକ୍ତ ପ୍ରତିଭା ଏବଂ ପ୍ରଜ୍ଞାଦୀପ୍ତ ପୂର୍ବଦୃଷ୍ଟିର ଅଭାବ ନଥିଲା । ଅବଶ୍ୟ ସେଥିପାଇଁ କବିବର ରାଧାନାଥଙ୍କ ପାଶ୍ଚାତ୍ୟ ଶିକ୍ଷା ଅନ୍ୟତମ କାରଣ । ଅପରପକ୍ଷରେ ସ୍ୱୟଂ ରାଧାନାଥ ଥିଲେ ଉଚ୍ଚ ଶିକ୍ଷିତ । ଇଂରାଜୀ ଭାଷାରେ ଗଭୀର ପ୍ରବେଶ ମଧ୍ୟ ତାଙ୍କ ନିକଟରେ ସମ୍ଭବ ହୋଇ ପାରିଥିଲା । ତେଣୁ ସେ ପାଶ୍ଚାତ୍ୟ ସାହିତ୍ୟର ପଥିକୃତ ସ୍ରଷ୍ଟାମାନଙ୍କର ପଦାଙ୍କ ଅନୁସରଣରେ ଓଡ଼ିଆ କାବ୍ୟ ସାହିତ୍ୟକୁ ଦେଇଗଲେ ଚନ୍ଦ୍ରଭାଗା, କେଦାରଗୌରୀ, ନନ୍ଦିକେଶ୍ୱରୀ, ପାର୍ବତୀ, ଉଷା, ଯଯାତିକେଶରୀ, ଚିଲିକା, ମହାଯାତ୍ରା ଏବଂ ଦରବାର ପରି ଅମ୍ଳାନ କୃତି ସମୂହ । ଅନ୍ୟ ଭାବରେ କହିଲେ, ରାଧାନାଥ ପାଶ୍ଚାତ୍ୟ ସଂସ୍କୃତିକୁ ଓଡ଼ିଆ ସଂସ୍କୃତି ସହ ସାମିଲ କରିଦେଇଗଲେ । ଏହା ବ୍ୟତୀତ ପାଶ୍ଚାତ୍ୟ ସାହିତ୍ୟ ଅନୁକରଣରେ ବିଷୟବସ୍ତୁ ପରିକଳ୍ପନା, ବିଜାତୀୟ ଚରିତ୍ର ଚୟନ, ଅମିତ୍ରାକ୍ଷର ଛନ୍ଦ ସଯୋଜନା ଏବଂ ଉପଧା ମିଳନ ଭଳି ଆହୁରି ଅଭିନବ ଦୃଷ୍ଟିଭଙ୍ଗୀ ଯୋଗୁ ସେ ହେଲେ ତଥା-କଥିତ ସମୀକ୍ଷକ ମଣ୍ଡଳୀର (ବିଶେଷକରି ସତ୍ୟବାଦୀ ସାହିତ୍ୟ ସାଧକବୃନ୍ଦ) ଶରବ୍ୟ । ଏ ପ୍ରସଙ୍ଗରେ ସତ୍ୟବାଦୀ ସାହିତ୍ୟର ଅଦ୍ୱିତୀୟ ପ୍ରତିଭାବାନ ସ୍ରଷ୍ଟା ପଣ୍ଡିତ ଗୋପବନ୍ଧୁ ଏବଂ ପଣ୍ଡିତ ନୀଳକଣ୍ଠଙ୍କ ଭୂମିକା ଭୁଲିବାର ନୁହେଁ । ଏପରିକି ଗୋପବନ୍ଧୁ ପୁରୀ ଜିଲ୍ଲାସ୍କୁଲରେ ଅଧ୍ୟୟନ ସମୟରେ (ଇନ୍ଦ୍ରଧନୁ ଓ ବିଜୁଳୀ ବିବାଦ) ଇନ୍ଦ୍ରଧନୁ ପତ୍ରିକାରେ ରାଧାନାଥଙ୍କୁ ସମାଲୋଚନା କରି ଲେଖିଥିଲେ—

"ଧଡ଼ିଆ ପଣ୍ଡିତ ମନ୍ୟ
ବାଉରୀ ସାହିରେ ଶୃଗାଳ କେଶରୀ
ପରି ହେଉଥାନ୍ତି ଗଣ୍ୟ"

ଚତୁର୍ଥ ଶ୍ରେଣୀରେ ଅଧ୍ୟୟନ ସମୟରେ ଯେଉଁ ଗୋପବନ୍ଧୁ ରାଧାନାଥ ପରି କବି-ପ୍ରତିଭାକୁ ସମାଲୋଚନା କରିପାରେ, ସେହି ଗୋପବନ୍ଧୁ ପରବର୍ତ୍ତୀ କାଳରେ ଉପରି ଯେ ରାଧାନାଥ ବିରୋଧୀ ସାଜିପାରେ ତାହା ସହଜରେ ଅନୁମାନ କରିହୁଏ । ଅପରପକ୍ଷରେ ନୀଳକଣ୍ଠ ଯୁକ୍ତି କରି କହନ୍ତି,-ରାଧାନାଥ ପାଶ୍ଚାତ୍ୟ ସଂସ୍କୃତି ଓ ବିଜାତୀୟ ଚରିତ୍ରମାନଙ୍କୁ ଓଡ଼ିଶାକୁ ଆମଦାନୀ କରି ଓଡ଼ିଆ ଜନ-ଜୀବନକୁ ପଥଭ୍ରଷ୍ଟ କରିଦେଲେ । ଯେଉଁ ସୂର୍ଯ୍ୟଦେବ ଓଡ଼ିଆମାନଙ୍କର ପୂଜ୍ୟ ଦେବତା ରୂପେ ପରିକଳ୍ପିତ, ତାଙ୍କୁ ଏକ ମାନୁଷୀ କନ୍ୟା ପାଶ୍ଚାତରେ କାମୁକ ଭାବରେ ଦଉଡ଼େଇବା, 'ନନ୍ଦିକେଶ୍ୱରୀରେ' ପିତୃମାତୃ ଅନୁଗାମୀ ଉତ୍କଳୀୟ ଲଳନାକୁ ନିଶୀଥର ଘନାନ୍ଧକାରରେ ସ୍ୱ ପିତାଙ୍କର କୈନ୍ତ୍ରମଣି ଅପହରଣ ପୂର୍ବକ ପିତୃମାତୃ ନିକଟରେ ପ୍ରେମ ଭିକ୍ଷା କରାଇବା'; 'ପାର୍ବତୀ' କାବ୍ୟରେ ପିତା ପୁତ୍ରୀ ମଧ୍ୟରେ ଅବୈଧ ଯୌନକ୍ରିୟା ସମ୍ପାଦିତ କରାଇବା, 'ଉଷା' କାବ୍ୟରେ ଏକ ଲଳନାକୁ ପ୍ରକାଶ୍ୟ ଦିବାଲୋକରେ ରାଜରାସ୍ତା ଉପରେ ଦଉଡ଼େଇବା ଇତ୍ୟାଦି କାର୍ଯ୍ୟାବଳୀ, ଓଡ଼ିଆ ସଂସ୍କୃତିରେ କେବେ କାଳେ ଦେଖା ନ ଥିଲା । ତେଣୁ ତାଙ୍କର କୋଣାର୍କେ କାବ୍ୟ ବଜ୍ର ଗମ୍ଭୀର ସ୍ୱରରେ ଘୋଷଣା କରି ଉଠିଛି ।

Digitized by PPRACHIN, SOA

"ଘର ଗ୍ରନ୍ଥି କଂପା ଯିବେ ସେ ଶାର ବାଳା ନଂଦିକା
ସହକାର-ଦ୍ରୁମ-ଗହ୍ୱଳେ ଭେଦ କ୍ଷୀଣା ଚନ୍ଦ୍ରିକା ।
କଉସଲ ଗାଂଗ ଧଉଳି ଏହି ନୟନେ ନାଚେ
କବିଙ୍କ ସୁମଣି ବିସରେ ମୁଖ ଫେରାଅ ପଛେ ।"

ସମ୍ଭବତଃ ଏହି କାରଣ ଯୋଗୁଁ କବିବର ରାଧାନାଥଙ୍କ କବି ଅସ୍ମିତା ନୀଳକଣ୍ଠଙ୍କ ରୋଷାନଳରେ ଏପରି ଦଗ୍ଧୀଭୂତ ହୋଇଥିଲା । ଅବଶ୍ୟ ତତ୍କାଳୀନ ଓଡ଼ିଶାର ପରିସ୍ଥିତି ହିଁ ସେମାନଙ୍କୁ (ସତ୍ୟବାଦୀ ଗୋଷ୍ଠୀ) ଏହି ପଥର ଯାତ୍ରୀ ହେବା ପାଇଁ ବାଧ୍ୟ କରିଥିଲା । ସେମାନଙ୍କ ସମ୍ମୁଖରେ ଏକମାତ୍ର ଚିନ୍ତା ଥିଲା ପରାଧୀନତା ଗ୍ରସ୍ତ ଓଡ଼ିଆ ଜାତିର ଦୁଃଖ ଯନ୍ତ୍ରଣାର ସମାପ୍ତି ଘୋଷଣା କରିବା । ସେଥିପାଇଁ ସେମାନେ ପ୍ରାଚୀନ ଓଡ଼ିଶାର ହୃତ ଗୌରବକୁ ନୂତନ ପ୍ରାଣଧର୍ମରେ ଜୀବୀକରଣ କରିବା ପାଇଁ ଚେଷ୍ଟାକରି ହିନ୍ଦୁ ଚେତନାକୁ ଏକମାତ୍ର ଅସ୍ତ୍ର ରୂପେ ପ୍ରୟୋଗ କରିଥିଲେ । ସେମାନେ ଯେ କେବଳ ରାଧାନାଥ-ସାହିତ୍ୟର ତୀବ୍ର ପ୍ରତିବାଦକ ଥିଲେ ତା' ନୁହେଁ; ଅପରପକ୍ଷରେ ରାଧାନାଥ-ସାହିତ୍ୟର ବୈପରୀତ୍ୟରେ ଗୋପବନ୍ଧୁ-ନୀଳକଣ୍ଠ ଗୋଦାବରୀଶ-ହରିହର ଏବଂ କୃପାସିନ୍ଧୁ ଏକ ନୂତନ ସାହିତ୍ୟର ସୂତ୍ରପାତ କରିଥିଲେ । ସେଥିପାଇଁ ସେମାନଙ୍କୁ ରାଧାନାଥଙ୍କ ପରି ପାଶ୍ଚାତ୍ୟ ସାହିତ୍ୟ ଜଗତର ଦ୍ୱାରସ୍ଥ ହେବାକୁ ପଡ଼ିନାହିଁ । ସେମାନେ ଏହି ଓଡ଼ିଶାର ପାଣି, ପବନରୁ କଞ୍ଚା ମାଲ ସଂଗ୍ରହ କରିଛନ୍ତି । ଅବଶ୍ୟ ତା' ମୂଳରେ ରାଧାନାଥଙ୍କ ପାଶ୍ଚାତ୍ୟ ଚେତନା କାମ ନ କରି, ପ୍ରାଚୀନ ହିନ୍ଦୁ ଚେତନା କାମ କରିଛି । ଏହି ହିନ୍ଦୁ ଚେତନା ମାଧ୍ୟମରେ ସେମାନେ ପୁଣିଥରେ ଓଡ଼ିଆ ସାହିତ୍ୟରେ ହୃତ ସମ୍ପତ୍ତିକୁ ଫେରାଇ ଆଣିବାକୁ ଚେଷ୍ଟା କରିଛନ୍ତି । ମୋଟ ଉପରେ ସତ୍ୟବାଦୀ ଗୋଷ୍ଠୀର ଉତ୍‌ଥାନ ଏବଂ ସତ୍ୟବାଦୀ ସାହିତ୍ୟର ସୂତ୍ରପାତ ମୁଖ୍ୟତଃ ହିନ୍ଦୁ ଚେତନାକୁ ନେଇ ଗଢି ଉଠିଛି । ଗୋପବନ୍ଧୁଙ୍କ ଭାଷାରେ —

"ନିଜ ସ୍ୱାର୍ଥଲାଗି ଜାତି ନୁହେ ହିନ୍ଦୁ,
ବିଶ୍ୱ ହିତେ ହିନ୍ଦୁ ପ୍ରତି ରକ୍ତ ବିନ୍ଦୁ ।"

ମୁଖ୍ୟତଃ ହିନ୍ଦୁ ଚେତନା କହିଲେ ଆମେ ହିନ୍ଦୁ ଧର୍ମ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଥାଉ । କିନ୍ତୁ ପ୍ରଶ୍ନ ଉଠେ 'ହିନ୍ଦୁ' ଶବ୍ଦ ଏକ ବିକଶିତ ଅର୍ବାଚୀନ ରୂପ ନା ପ୍ରାଚୀନ ରୂପ । ଏହି ପର୍ଯ୍ୟାୟରେ 'ଶବ୍ଦକଳ୍ପଦ୍ରୁମ' ର "ହୀନଂ ନନ୍ଦତି ଇତି ହିନ୍ଦୁ" ଉକ୍ତିଟି ଗ୍ରହଣ ଯୋଗ୍ୟ । ଏହି ଉକ୍ତି କେବଳ ଉତ୍କଳ କିମ୍ବା ଭାରତ ପ୍ରତି ପ୍ରଯୁଜ୍ୟ ନୁହେଁ, ସମଗ୍ର ବିଶ୍ୱର ମାନବ ସଭ୍ୟତା ପ୍ରତି ପ୍ରଯୁଜ୍ୟ । ଯେ କୌଣସି ଧର୍ମ ପ୍ରସଙ୍ଗ, ହୃଦ୍‌ସ୍ଥ-ବୃତ୍ତିର କଥା ନିହିତସ୍ଥ । ହିନ୍ଦୁ ଧର୍ମ ବେଦ ଭଳି ଇତିହାସୋତୀର୍ଣ୍ଣ ପୁଣି ଅପୌରୁଷେୟ । ଏହାକୁ ଅନ୍ୟ ଅର୍ଥରେ ସନାତନ ଧର୍ମ କୁହାଯାଏ । ସନାତନ ହିନ୍ଦୁ ଧର୍ମ ସର୍ବଶକ୍ତିମାନ, ଅନାଦି, ଅନନ୍ତ ପରଂବ୍ରହ୍ମ ଭଗବାନଙ୍କ ପ୍ରତି ବିଶ୍ୱାସ ରଖିବାକୁ ଶିକ୍ଷା ଦେଇଥିଲା । ଏକେଶ୍ୱର ବାଦ ଥିଲା ହିନ୍ଦୁମାନଙ୍କର ମୂଳ ବିଶ୍ୱାସ । ଜାତି ଧର୍ମ ନିର୍ବିଶେଷରେ

Digitized by PPRACHIN, SOA

ମନୁଷ୍ୟ ମଧ୍ୟରେ ହୃଦୟର ମିଳନ ହେଉଛି ହିନ୍ଦୁ ଧର୍ମର ଉଦ୍ଦେଶ୍ୟ । ବେଦାନ୍ତ, ବାଇବେଲ, କୋରାନରେ ଏହି ତାତ୍ପର୍ଯ୍ୟ ଦେଖିବାକୁ ମିଳେ । ଇତିହାସ ପୃଷ୍ଠାରେ ବୌଦ୍ଧ ଧର୍ମ, ଖ୍ରୀଷ୍ଟଧର୍ମ, ମୁସଲମାନ ଧର୍ମ ଯଥାକ୍ରମେ ୨୫୦୦, ୨୦୦୦, ୧୭୦୦ ବର୍ଷ ତଳେ ଆସିଥିବାର ପ୍ରାମାଣିକ ତଥ୍ୟ ନହିତ । ଅଥଚ ହିନ୍ଦୁ ଧର୍ମର ଉତ୍ପତ୍ତି ସମସ୍ତ ଅନିର୍ଣ୍ଣୀତ ଓ ଅଜ୍ଞାତ । ଭାରତବର୍ଷର ବ୍ୟକ୍ତିମାନେ ଉଦାରଚେତା ପୁଣି ସେମାନଙ୍କର ଚିନ୍ତା ଓ ଚେତନା ସେହି ଶାଶ୍ୱତ ଉପରେ ଅଧିକ ପ୍ରତ୍ୟୟ ସ୍ଥାପନ କରେ । ସସୀମ ନୁହେଁ ଅସୀମ ହିଁ ତାର ଲକ୍ଷ୍ୟ । ସାଧନା, ଏକନିଷ୍ଠତା ଏଗୁଡିକ ତାର ପ୍ରଦର୍ଶନୀ ନୁହଁନ୍ତି ବରଂ ଲକ୍ଷ୍ୟର ମାଧ୍ୟମ । ଧର୍ମ ଦୃଷ୍ଟିରୁ ହିନ୍ଦୁ ଧର୍ମକୁ ବିଚାର କଲେ ତାର ମୂଳ ଲକ୍ଷ୍ୟ ଠିକ୍ ରୂପେ ନିରୂପଣ କରାଯାଇ ନ ପାରେ । ତେଣୁ ସାଧାରଣ ଭାବେ ହିନ୍ଦୁ ଧର୍ମ ବା ହିନ୍ଦୁ ଚେତନା କହିଲେ ଆମ୍ଭେମାନେ ବ୍ୟକ୍ତି ସମ୍ପ୍ରୀତି (ମଣିଷ ମଣିଷକୁ ଭଲପାଇବା), କାୟମନୋବାକ୍ୟରେ ପବିତ୍ରତା, ବିଶ୍ୱଚେତାମୁଖୀ ଉଦାରତା, ଗୋବ୍ରାହ୍ମଣମାନଙ୍କୁ ପୂଜ୍ୟସ୍ଥାନ ଦେବା, ପ୍ରାଚୀନ ହିନ୍ଦୁ ଗ୍ରନ୍ଥ ଆଦିକୁ (ବେଦ, ଉପନିଷଦ, ପୁରାଣ, ଗୀତା) ବିଶ୍ଳେଷଣ କରିବା, କର୍ମ ଓ ଜ୍ଞାନ ଯୋଗ ଉପରେ ଅଧିକ ପ୍ରତ୍ୟୟ ରଖିବା ଇତ୍ୟାଦିକୁ ବୁଝିଥାଉ ।

ସମସ୍ତ ଥିଲା, ଯାହା ଆମକୁ ଧାରଣ କରି ରଖିଥାଏ ତାହା ଧର୍ମ ବୋଲି ସର୍ବଜନ ସ୍ୱୀକୃତ ଥିଲା । କିନ୍ତୁ କାଳକ୍ରମେ ହୁଏତ ସେ ପ୍ରକାର କିଛି ପରିବର୍ତ୍ତନ ଘଟିଛି । ତଥାପି ତାହା ଏକାନ୍ତ ସତ୍ୟ ବୋଲି ମନେହୁଏ । ତେବେ ଏହି ଧର୍ମର ପରିପ୍ରେକ୍ଷଣର ମାଧ୍ୟମ ହେଉଛି ସାହିତ୍ୟ । ଏ ପ୍ରସଙ୍ଗରେ ଓଡ଼ିଆ ସାହିତ୍ୟର ପ୍ରାରମ୍ଭିକ ସୃଷ୍ଟି ବୌଦ୍ଧଗାନ ଦୋହାଠାରୁ ଆରମ୍ଭ କରି ପର୍ଯ୍ୟାୟକ୍ରମେ ନାଥ ସାହିତ୍ୟ, ଶୈବ ସାହିତ୍ୟ, ସାରଳା ସାହିତ୍ୟ, ପଞ୍ଚସଖା ସାହିତ୍ୟ, ରୀତି ସାହିତ୍ୟ, ରାଧାନାଥ ଯୁଗ ସାହିତ୍ୟ ଇତ୍ୟାଦିରେ ଦୃଷ୍ଟିଗୋଚର ହୋଇଥାଏ । ଅନୁରୂପ ଭାବରେ ଓଡ଼ିଆ ସାହିତ୍ୟ ପରି ପ୍ରତ୍ୟେକ ଭାରତୀୟ ପ୍ରାନ୍ତୀୟ ସାହିତ୍ୟରେ ଧର୍ମର ଏକ ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ବାସ୍ତବିକ୍ ଧର୍ମହିଁ ସମାଜ ବା ସଭ୍ୟତାକୁ ଏକ ସୁସ୍ଥ, ସୁନ୍ଦର ରୂପ ପ୍ରଦାନ କରିଥାଏ । ଏ ସବୁ ସତ୍ତ୍ୱେ କାଳକ୍ରମେ ସଙ୍କଟର ଆଭାସ ମିଳିଥାଏ । ପ୍ରାସଙ୍ଗିକ ଭାବରେ ଏଠାରେ ବୈଦିକ ହିନ୍ଦୁ ଧର୍ମ ଓ ବୌଦ୍ଧଧର୍ମ ମଧ୍ୟରେ ସମାଜ ସୂଚନା ଦିଆଯାଇ ପାରେ । ଏକଦା ବୈଦିକ ହିନ୍ଦୁଧର୍ମ ତାର ପକ୍ଷବିସ୍ତାର କରି ରହିଥିଲା ସମଗ୍ର ସଭ୍ୟତାରେ । କିନ୍ତୁ କାଳକ୍ରମେ ତନ୍ମଧ୍ୟରେ ବହୁ କୁସଂସ୍କାର ଓ ଅନ୍ଧ-ବିଶ୍ୱାସର ସୂତ୍ରପାତ ହେଲା । ଧର୍ମ ନାମରେ ସତୀଦାହ ପ୍ରଥା, ପଶୁବଳୀ, ଜାତିପ୍ରଥା ଓ ଅସ୍ପୃଶ୍ୟତା ଅତି କଠୋର ଆକାର ଧାରଣ କରିଥିଲା । ସମ୍ଭବତଃ ଏ ସମସ୍ତ ପ୍ରଚ୍ଛଦ ପଟରୁ ସୃଷ୍ଟି ହେଲା ବୌଦ୍ଧଧର୍ମ । ପର୍ଯ୍ୟାୟକ୍ରମେ ସେହିପରି ଧର୍ମୀୟ ସ୍ୱରୂପ ଓ ସଙ୍କଟ ମଧ୍ୟରୁ ବହୁ ନୂତନ ଧର୍ମର ଅଙ୍କୁରୋଦ୍‌ଗମ ଘଟି ବିଲୁପ୍ତି ଘଟିଛି । ଏହି ପରଂ-ପରାରେ ଊନବିଂଶ ଶତାବ୍ଦୀରେ ରାଜା ରାମମୋହନ ରାୟ, ଦେବେନ୍ଦ୍ର ନାଥ ଠାକୁର,

Digitized by PPRACHIN, SOA

କେଶବ ଚନ୍ଦ୍ର ସେନ୍, ଶିବନାଥ ଶାସ୍ତ୍ରୀ ଇତ୍ୟାଦି ଉଦ୍ୟୋକ୍ତାଙ୍କ ଉଦ୍ୟୋଗରେ ବ୍ରାହ୍ମ-ଧର୍ମର ଉତ୍କୂଳ ପ୍ଲାବନ ଓଡ଼ିଶା ଭୂଇଁକୁ ଧସେଇ ପଶିଥିଲା । ରାମମୋହନ ରାୟ ଏହି ସାମାଜିକ କୁସଂସ୍କାରକୁ ଦୂରୀଭୂତ କରିବା ପାଇଁ ଉଦ୍ୟମ କରିଥିଲେ । ମାତ୍ର ଏଠାରେ ସ୍ମର୍ତ୍ତବ୍ୟ ଯେ, ବୈଦିକ ହିନ୍ଦୁ ଧର୍ମର ବକ୍ଷରେ ଯେପରି ବୌଦ୍ଧଧର୍ମର ସୂତ୍ରପାତ ହୋଇଥିଲା, ଠିକ୍ ସେହିପରି ମିଶନାରୀ ପାଦ୍ରୀମାନଙ୍କର ଧର୍ମ ପରିପ୍ରଚାର ହିନ୍ଦୁଧର୍ମ ପାଇଁ ଏକ ଚ୍ୟାଲେଞ୍ଜ୍ ରୂପେ କାର୍ଯ୍ୟ କରିଥିଲା । କିନ୍ତୁ ବ୍ରାହ୍ମଧର୍ମ କେତେକ ମୁଷ୍ଟିମେୟ ବ୍ୟକ୍ତି ବିଶେଷଙ୍କ ବ୍ୟତୀତ ଅନ୍ୟାନ୍ୟ ଉତ୍କଳୀୟଙ୍କ ନିକଟରୁ ଆସ୍ଥାଲାଭ କରି ପାରି ନଥିଲା । ଏହିପରି ବାରଂବାର ଧର୍ମୀୟ ପନ୍ଥ ପରିବର୍ତ୍ତନ ହେତୁ ହିନ୍ଦୁଧର୍ମାବ ବିଶ୍ୱାସୀ ଜନତା ଆତ୍ମ ସଚେତନ ହୋଇ ଉଠିବା ସଙ୍ଗେ ସଙ୍ଗେ ସେହି ଆତ୍ମ ସଚେତନତା ଫଳରେ ସାମାଜିକ ସଂସ୍କାର ପ୍ରୟାସୀ ହୋଇ ଉଠିଲା । ଏହି ହିନ୍ଦୁ ଧର୍ମର ନଷ୍ଟ ମୂଲ୍ୟବୋଧର ଆଦ୍ୟତମ ନମୁନା ହେଲା ରାଧାନାଥ ରାୟଙ୍କର ମହାଯାତ୍ରା, ଦରବାର, ପାର୍ବତୀ ଓ ନନ୍ଦକେଶରୀ ଇତ୍ୟାଦି । କିନ୍ତୁ ଏହାର ତୀବ୍ର ବିରୋଧକରେ ସତ୍ୟବାଦୀ ଯୁଗୀୟ ସାହିତ୍ୟ । ତେଣୁ ସତ୍ୟବାଦୀ ଗୋଷ୍ଠୀ ସମୀକ୍ଷକମାନଙ୍କ ମତରେ କ୍ରିୟା ନୁହେଁ ଏକ ପ୍ରତିକ୍ରିୟା ଉକ୍ତିଟି ଦୋଷାବହ ନୁହେଁ । ଏ ସରଣୀରେ ସୃଷ୍ଟ କୃତି-ଗୁଡ଼ିକ ମଧ୍ୟରୁ ଗୋପବନ୍ଧୁଙ୍କର 'ଗୋ ମାହାତ୍ମ୍ୟ', 'ଧର୍ମପଦ' ଏବଂ 'ନଚିକେତା ଉପାଖ୍ୟାନ;' ପଣ୍ଡିତ ନୀଳକଣ୍ଠ ଦାସଙ୍କର 'କୋଣାର୍କେ' 'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ' 'ସଂସ୍କୃତ ଓ ସଂସ୍କୃତି,' 'ଆର୍ଯ୍ୟ ଜୀବନ' ଏବଂ 'ଓଡ଼ିଆ ଭାଷା ଓ ସାହିତ୍ୟ'; ଗୋଦାବରୀଶଙ୍କର 'ହିନ୍ଦୁ ଦେବମନ୍ଦିର ପ୍ରବନ୍ଧ' 'ପୁରୁଷୋତ୍ତମ ଦେବ' ଏବଂ 'ମୁକୁନ୍ଦଦେବ' ନାଟକ ଦ୍ୱୟର ନାମ ଉଲ୍ଲେଖ ଯୋଗ୍ୟ ।

ହିନ୍ଦୁ ଚେତନାର ଏକ ବୈପ୍ଲବିକ ଉନ୍ମେଷ ଓ ବିକାଶ ହିଁ ସତ୍ୟବାଦୀ ଗୋଷ୍ଠୀର ସାରସ୍ୱତ ସାଧକଙ୍କ ସହାୟତାରେ ସୁଷ୍ଠୁ ହୋଇଥିଲା, ଏଥିରେ ମତାନ୍ତର ଥାଇ ନପାରେ । ୧୯୦୯ ମସିହା ଅଗଷ୍ଟ ମାସ ୨୯ତାରିଖ ଦିନ ଗୋପବନ୍ଧୁ ଏବଂ ନୀଳକଣ୍ଠଙ୍କ ନେତୃତ୍ୱରେ ସତ୍ୟବାଦୀ ବନ ବିଦ୍ୟାଳୟ ପ୍ରତିଷ୍ଠା ହୁଏ । ଗୋପବନ୍ଧୁ ଅନୁଭବ କରିଥିଲେ ସମଗ୍ର ଦେଶକୁ ନିରକ୍ଷରତା, କୁସଂସ୍କାର ତଥା ପରାଧୀନତାର ବେଡ଼ି ମଧ୍ୟରୁ ରକ୍ଷା କରିବାପାଇଁ ହେଲେ, ସେଥିପାଇଁ ଉପଯୁକ୍ତ ମନୁଷ୍ୟ ଗଠନ କରିବା ସର୍ବାଦୌ ଆବଶ୍ୟକ । ତେଣୁ ଗୋପବନ୍ଧୁ ତାଙ୍କର ସେହି ମହାନ ଲକ୍ଷ୍ୟକୁ ରୂପ ଦେବାପାଇ ସାଇଁ ଗୋଖଲେଙ୍କ ଉଦ୍ୟମରେ ପ୍ରତିଷ୍ଠିତ ପୁନାର ଫର୍ଗୁସେନ କଲେଜ, ଇଂଲଣ୍ଡର ଇଟନ, ହାରୋ, ରୁଗବି ଆଦି public School ମାନଙ୍କ ଆଦର୍ଶରେ ସତ୍ୟବାଦୀ ବନ ବିଦ୍ୟାଳୟର ପରିକଳ୍ପନା କରିଥିଲେ । ବାସ୍ତବରେ ଗୋପବନ୍ଧୁଙ୍କର ସେପରି ମହାନ ଆକାଙ୍କ୍ଷାର ସାର୍ଥକ ରୂପାୟନହିଁ ସତ୍ୟବାଦୀ ବନ ବିଦ୍ୟାଳୟ । ଅନ୍ୟ ପ୍ରକାରେ କୁହାଯାଇପାରେ ଯେ, ତାହା ହେଉଛି ଗୋପବନ୍ଧୁଙ୍କର ମଣିଷଗଢ଼ା କାରଖାନା । ମାତ୍ର ନୀଳକଣ୍ଠ, ଗୋଦାବରୀଶ,

Digitized by PPRACHIN, SOA

ହରିହର, କୃପାସିନ୍ଧୁ ପ୍ରମୁଖ ସେହି ମଣିଷଗଢ଼ା କାରଖାନାର ଜଣେ ଜଣେ କଳାକାର ମାତ୍ର ।

ସେତେବେଳକୁ ଦେଶର ପ୍ରଚଳିତ ଶିକ୍ଷା ପଦ୍ଧତିର ପରିକଳ୍ପନା କଲେ କିମ୍ଭୂତ କିମାକାର ପ୍ରାୟ ମନେ ହୁଏ । ପାଶ୍ଚାତ୍ୟ ଶିକ୍ଷାନୁପ୍ରାଣିତ ଯୁବଗୋଷ୍ଠୀଙ୍କ ଉଚ୍ଛୃଙ୍ଖଳ ମନୋଭାବ ସୀମାତିକ୍ରମ କରିଥିଲା । ପାଶ୍ଚାତ୍ୟ ଶିକ୍ଷା ନାମରେ ଦ୍ୱାହି ଦେଇ ସେମାନେ ଗୁରୁ, ଗୁରୁଜନ ମଧ୍ୟ ମାନୁନଥିଲେ । ଏହାର ବସ୍ତୁ ବର୍ଣ୍ଣନା ମିଳେ ଫକୀର-ମୋହନଙ୍କ ଗଳ୍ପ, ଉପନ୍ୟାସ ଓ କବିତାରେ । ଏ ସବୁର ବୈପରୀତ୍ୟରେ ଗୋପବନ୍ଧୁ ଶିକ୍ଷାକ୍ଷେତ୍ରରେ ସରଳତା, ସଂଯମ ଓ ନିଷ୍ଠା, ବ୍ରହ୍ମଚର୍ଯ୍ୟ ପାଳନ, ଚରିତ୍ର ଗଠନ ପ୍ରଭୃତି ପ୍ରାଚୀନ ଭାରତୀୟ ଗୁରୁକୁଳ ଆଦର୍ଶ ସମ୍ମତ ମାର୍ଗ ପ୍ରତି ବିଶେଷ ଭାବରେ ଆକୃଷ୍ଟ ହୋଇଥିଲେ । ଏହି ପରମ୍ପରାରେ ଶିକ୍ଷାପ୍ରଦାନ କରାଗଲେ, ହୁଏତ ପୁଣି ଥରେ ପ୍ରାଚୀନ କାଳର ଗୁରୁ-ଛାତ୍ରର ସମ୍ପର୍କ ଫେରି ଆସିବ, ଛାତ୍ରମାନେ ଗୁରୁକୁଳ ଆଶ୍ରମରେ ରହି ଶୁଚିମନ୍ତ ଜୀବନ ଯାପନ କରି ନୀତିନିଷ୍ଠ ହୋଇ ପାରିବେ ବୋଲି ତାଙ୍କର ଏକ ବିଧିବଦ୍ଧ ଧାରଣା ଥିଲା । ତେବେ ଏ କ୍ଷେତ୍ରରେ ପଣ୍ଡିତ ନୀଳକଣ୍ଠଙ୍କ ଅବଦାନ ଅଧିକ ସୁସ୍ପଷ୍ଟ । ନୀଳକଣ୍ଠ ଏମ୍.ଏ. ପାଶ କରି ମଧ୍ୟ କୌଣସି ଉଚ୍ଚ ପଦବୀ ପ୍ରତି ପ୍ରଲୋଭିତ ନହୋଇ ମାତ୍ର ଟ୩୦୯/ ବେତନରେ ସତ୍ୟବାଦୀ ବନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରିଥିଲେ । ନୀଳକଣ୍ଠ ଛାତ୍ରମାନଙ୍କ ସହିତ ଏପରି ସମ୍ପର୍କ ରଖିଲେ ଯେ, ସେମାନେ ବହୁ ଦୂରରେ ରହି ପାଠ ପଢୁଥିଲେ ମଧ୍ୟ ନିଜର ପିତା ମାତାଙ୍କ ସ୍ନେହ ସ୍ମୃତିକୁ ଭୁଲି ଯାଉଥିଲେ । ସତ୍ୟବାଦୀ ବନ ବିଦ୍ୟାଳୟର ଶିକ୍ଷାପଦ୍ଧତି ସାଧାରଣ ବିଦ୍ୟାଳୟର ଶିକ୍ଷା ପଦ୍ଧତି ଠାରୁ ଭିନ୍ନ ଧରଣର ଥିଲା । ଇତିହାସ ଓ ଭୂଗୋଳ ଉପରେ ବିଶେଷ ଗୁରୁତ୍ୱ ଦିଆ ଯାଉଥିଲା କାରଣ, ଇତିହାସ ଜାତୀୟତା ଚେତନାର ପ୍ରଧାନ ସହାୟକ ସେହିପରି ଭୂଗୋଳ ବିଭିନ୍ନ ଦେଶ ସହିତ ପରିଚିତ କରାଇ ଚିତ୍ତ ବିସ୍ତାରିତ କରିଥାଏ । ଏହା ବ୍ୟତୀତ ଏହି ବିଦ୍ୟାଳୟରେ କୃଷିକାର୍ଯ୍ୟ, ବଢ଼େଇ କାମ, କୁଟୀର ଶିଳ୍ପ ଆଦି ବୈଷୟିକ ଶିକ୍ଷା ମଧ୍ୟ ଦିଆ ଯାଉଥିଲା । ଛାତ୍ରମାନଙ୍କୁ ସଙ୍ଗୀତ ଏବଂ ନାଟକ ଶିକ୍ଷା ଦେବା ଲାଗି ଗାୟକ ଏବଂ ରଙ୍ଗମଞ୍ଚ ନିର୍ମାଣ କରାହୋଇଥିଲା । ଛାତ୍ରମାନଙ୍କୁ ଐତିହାସିକ ଗବେଷଣା ପ୍ରତି ଆଗ୍ରହୀ ହେବା ପାଇଁ ଐତିହାସିକ ସଂସଦ ଗଠନ କରାଯାଇଥିଲା । ବିଦ୍ୟାଳୟର ଛାତ୍ର ଏବଂ ଶିକ୍ଷକମାନେ ଜନସେବାରେ ନିଜକୁ ନିୟୋଜିତ କରୁଥିଲେ । ଜାତୀୟଭାବ ଜାଗରଣ, ସମାଜ ସଂସ୍କାରଆଦି ପବିତ୍ର ଆଦର୍ଶ ଲାଗି ସେମାନେ ନିଜର ସୁଖସୌଭାଗ୍ୟକୁ ତ୍ୟାଗ କରି ସତ୍ୟବାଦୀ ବନବିଦ୍ୟାଳୟକୁ ଜୀବନର ପବିତ୍ର କାର୍ଯ୍ୟକ୍ଷେତ୍ର ରୂପେ ବରଣ କରି ନେଇଥିଲେ । ଯେତେବେଳେ ସତ୍ୟବାଦୀ ବନବିଦ୍ୟାଳୟର ଛାତ୍ରମାନେ କଟକ ଯାଇ ଉତ୍କଳ ସମ୍ମିଳନୀରେ ସ୍ୱେଚ୍ଛା-ସେବକ କାର୍ଯ୍ୟ ସମ୍ପାଦନା କରିଥିଲେ; ସେମାନଙ୍କର ଶୃଙ୍ଖଳା ଜ୍ଞାନ ଦେଖି ମଧୁସୂଦନ କହିଥିଲେ Nilakantha your boys are fines ।

Digitized by PPRACHIN, SOA

ସତ୍ୟବାଦୀ ସାଧକଙ୍କ ପ୍ରତିଟି ସୃଷ୍ଟିରେ ଊଣା ଅଧିକେ ହିନ୍ଦୁ ଚେତନାର ଅଭାବ ନାହିଁ । ଗୋପବନ୍ଧୁଙ୍କର 'ଗୋ ମହାତ୍ମ୍ୟ' ଗୀତାର ମହାନ ବାଣୀ-'ଗୋ ବ୍ରାହ୍ମଣ ହିତାୟ ଚ' ପଂକ୍ତିକୁ ସ୍ମରଣ କରାଇ ଦିଏ । ହିନ୍ଦୁ ସଂସ୍କୃତିରେ ଗୋରୁକୁ ଦେବତା ରୂପେ ପୂଜା କରିବାର ଉଦାହରଣ ଏକାନ୍ତ ଦୁର୍ଲ୍ଲଭ ନୁହେଁ । ସ୍ଥଳ ବିଶେଷରେ ଗୋ ମାତାହିଁ ଅଭୀଷ୍ଟ ଫଳ ପ୍ରଦାନ କରିବାର ନମୁନା ରହିଛି । ଏ ପର୍ଯ୍ୟାୟରେ ଆମେ ପୁରାଣ ପୃଷ୍ଠାରେ ରୂପାୟିତ ଦିଲିପଙ୍କର ଗୋସେବା ବର୍ଣ୍ଣନା ଅଧ୍ୟାୟ ପ୍ରତି ବିହଙ୍ଗାବଲୋକନ କରିପାରୁ । ସେହିପରି ତାଙ୍କର ଅନ୍ୟ ଏକ ଅନବଦ୍ୟ ସୃଷ୍ଟି 'ଧର୍ମପଦ' କାବ୍ୟରେ ଓଡ଼ିଶାର ସୁପ୍ରତିଷ୍ଠିତ କୋଣାର୍କର ନିର୍ମାଣ ସମ୍ପର୍କରେ ଦ୍ୱାଦଶ ବର୍ଷୀୟ ବାଳକର ତ୍ୟାଗପୂତ ଅଲୌକିକ ମହିମା ମଣ୍ଡିତ ଜୀବନଗାଥ ମନରେ ପ୍ରାଣସ୍ପନ୍ଦନ ସୃଷ୍ଟି କରିଛି । ତାଙ୍କର ଏକ ଉଲ୍ଲେଖ ଯୋଗ୍ୟ କୃତି 'ନଚିକେତା ଉପାଖ୍ୟାନ' କଠୋପନିଷଦରେ ବର୍ଣ୍ଣିତ ଆଦର୍ଶମୟ ଜୀବନ କାହାଣୀର ଏକ ଅଭ୍ରାନ୍ତ ସ୍ୱାକ୍ଷର । ଏଥିରେ ଗୋପବନ୍ଧୁ ସମଗ୍ର ମାନବ ସମାଜକୁ ନଚିକେତା ପରି ଆଦର୍ଶନିଷ୍ଠ ଜୀବନ ଯାପନ ପାଇଁ ନିର୍ଦ୍ଦେଶ ଦେଇ ଯାଇଛନ୍ତି । ତାର ପ୍ରତିଟି ଛନ୍ଦରେ ବେଦ ବେଦାନ୍ତ ଆଦିର ଶାଶ୍ୱତ ବାଣୀର ସାର୍ଥକ ରୂପାୟନ ଘଟିଛି । ଗୋପବନ୍ଧୁଙ୍କ ସମ୍ପାଦନାରେ ସମ୍ପାଦିତ 'ସତ୍ୟବାଦୀ' (ମାସିକ ପତ୍ରିକା) ଏବଂ 'ସମାଜ' (ସାପ୍ତାହିକ ସମ୍ବାଦ ପତ୍ର) ଓଡ଼ିଶାର ସାମାଜିକ ସଂସ୍କୃତି ଓ ଜାତୀୟ ଜୀବନକୁ ଯେପରି ଆଲୋକିତ କରିଛନ୍ତି ତାର ପଟାନ୍ତର ଅନ୍ୟତ୍ର ନାହିଁ । ସେହିପରି ବନ-ବିଦ୍ୟାଳୟର ପଣ୍ଡିତ ନୀଳକଣ୍ଠ ସଂସ୍କୃତିନିଷ୍ଠ ସାହିତ୍ୟ ସ୍ରଷ୍ଟା ହିସାବରେ ସ୍ମରଣୀୟ । ଏ ପର୍ଯ୍ୟାୟରେ ତାଙ୍କର 'ଆର୍ଯ୍ୟଜୀବନ' ଏକ ଉଚ୍ଚ କୋଟୀର ଗ୍ରନ୍ଥ । ଏଥିରେ ସେ ଆର୍ଯ୍ୟ ପ୍ରକୃତି, ତାର ବୀଜ, ତାର ଅଧିଷ୍ଠାନ ମୂଳାଧାର (ଆଧ୍ୟାତ୍ମିକତା), ସାଧନା ଓ ଶେଷରେ ତା ସମ୍ପର୍କରେ ଯେପରି ଗଭୀର ଜୀବନ ଧର୍ମୀ ଆଲୋଚନା କରିଛନ୍ତି ସାମ୍ପ୍ରତିକ ପରିପ୍ରେକ୍ଷୀରେ ତା'ର ପ୍ରାସଙ୍ଗିକତାକୁ ଅସ୍ୱୀକାର କରାଯାଇ ନପାରେ । ଏହି କୃତିଟି ଶ୍ରୀମଦ୍ ଭଗବଦ୍ ଗୀତାର "ସ୍ୱଧର୍ମେ ନିଧନଂ ଶ୍ରେୟ ପରଧର୍ମୋ ଭୟାବହଃ" ପଂକ୍ତିଦ୍ୱାରା ବହୁଧା ପ୍ରଭାବିତ । ତାଙ୍କର 'କୋଣାର୍କେ' କାବ୍ୟଟି ମୁଖ୍ୟତଃ ରାଧାନାଥ ସାହିତ୍ୟ-ପ୍ରତିକ୍ରିୟା ଜନିତ ଏ ସଂସ୍କୃତି ପଣ୍ଡିତ ଗ୍ରନ୍ଥର ଆସନ ଦାବୀ କରେ । ଏଥିରେ ରାଧାନାଥ ବିରୋଧୀ ଯେଉଁ କେତୋଟି ପଂକ୍ତି ରୂପାୟିତ ହୋଇଛି ତାହା ନୀଳକଣ୍ଠଙ୍କ ବ୍ୟକ୍ତି ମାନସର ଯଥାର୍ଥ ପରିଚୟ ଦିଏ । ମାୟାଦେବୀ ପର୍ଯ୍ୟାୟରେ ନରସିଂହ ଦେବ ଏବଂ ମାୟାଦେବୀର ପ୍ରଣୟ ସମ୍ପର୍କ ସ୍ଥାପନ, କିନ୍ତୁ ଅବସ୍ଥା ଚକ୍ରରେ ପଡ଼ି ଉତ୍କଳ ରାଜପୁତ୍ରଙ୍କଠି କାଶ୍ମୀର ରାଜକନ୍ୟାଙ୍କ ସହିବିବାହ ଏବଂ ମାୟାଦେବୀର ଦେହ ତ୍ୟାଗ ଇତ୍ୟାଦି ପ୍ରାଚୀନ ସଂସ୍କୃତି ତଥା ହିନ୍ଦୁ ଧର୍ମର ଏକ ଏକ ସାର୍ଥକ ନମୁନା । 'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ' 'ସଂସ୍କୃତ ଓ ସଂସ୍କୃତି' 'ଓଡ଼ିଆ ଭାଷା ଓ ସାହିତ୍ୟ' ପ୍ରଭୃତି ସମାଲୋଚନା ଗ୍ରନ୍ଥ ଗୁଡ଼ିକ ପୁରାଣ ଏବଂ ଇତିହାସ ତଥା ସଂସ୍କୃତିନିଷ୍ଠ ଓଡ଼ିଶୀ ପରମ୍ପରାକୁ ଏକ ମଞ୍ଜୁଳ ରୂପ ପ୍ରଦାନ କରିବାରେ ସ୍ପଷ୍ଟତଃ

Digitized by PPRACHIN, SOA

ପ୍ରଚେଷ୍ଟିତ । ଏତଦ୍ ବ୍ୟତୀତ 'ଅଛୁ ଓ ହେବୁ' 'ମୋ ଜଣ' 'ପୃଥିବୀର ଗୁଣପ୍ରଧାନ ଧର୍ମ', 'ଆମ୍ଭର ଥିଲ କାରଣ ଥାଇପାରେ' 'ନୀତି ଓ ପ୍ରକୃତି' ପ୍ରବନ୍ଧ ଗୁଡ଼ିକ ତଥାକଥିତ କୁସଂସ୍କାର ଓ ଅନ୍ଧବିଶ୍ୱାସରେ ତୀବ୍ର କୁଠାରଘାତ କରି ସଂସ୍କୃତି ତଥା ଧର୍ମ ଦିଗରେ ଯେ ପନ୍ଥ ପରିବର୍ତ୍ତନ କରି ଦେଇଥିଲ; ଏହା କହିବା ଲ ସମ୍ଭବତଃ ସତ୍ୟର ଅପଲାପ ହେବ ନାହିଁ । ସେହିପରି ଗୋଦାବରୀଶଙ୍କର 'କଣଳୟ' ଏବଂ 'କଳିକା'ରେ ଗୋଦାବରୀଶଙ୍କ ସମାଜ ସଚେତନତା ଜନକଲ୍ୟାଣ କାମନା ଓ ଜନତା ଜନାର୍ଦ୍ଦନର ଆଶା-ଆକାଂକ୍ଷାରେ ନିଜ ଆତ୍ମାରେ ନିଗୂଢ଼ ଯୋଗ ସାଧନାରେ ଯେପରି ମହିମା ମଣ୍ଡିତ ହୋଇ ଉଠିଛି ସେହିପରି ସ୍ନେହ, ସହାନୁଭୂତି, ପ୍ରୀତି, ମୈତ୍ରୀ ଓ ଅଶ୍ରୁ ବିନ୍ଦୁରେ ରସାଣିତ ହୋଇ ଉଠିଛି । କିନ୍ତୁ ଗାଥା କବିତାର ସଙ୍କଳନ 'ଆଲେଖିକା' ସମ୍ବେଦନଶୀଳତା ମୂର୍ତ୍ତି ଏବଂ ସମାଜ ସଚେତନତାର ଜୀବନ୍ତ ଆଲେଖ୍ୟ । ଏଥିରେ ଦ୍ୱନ୍ଦ୍ୱ ଚେତନା ଛନ୍ଦେ ଛନ୍ଦେ ପ୍ରତିଫଳିତ ।

"ସେହି ସତ୍ୟବାଦୀ ଗୁପ୍ତବୃନ୍ଦାବନ
ବଉଳ ତମାଳ ତଳେ
କଳିଯୁଗେ ଆଜି ଦ୍ୱାପର ବସିଲେ
ଦିଶୁଛି ଆବର ଥରେ
ଦାସ ଗୋପବନ୍ଧୁ ଗୋପବାଳ ଲୀଳା
କରିଛ ଭିଆଣ ପୁଣି
କହି ଜମ୍ବୁଦ୍ୱୀପେ କେ ନାହିଁ ନାଆଁ ସେ
ସେ ଦାସ ପୁଅର ଶୁଣି ।"

(ସାକ୍ଷୀଗୋପାଳ ..... ଆଲେଖିକା)

ମନୁଷ୍ୟ ଜୀବନର ନଶ୍ୱରତା ସମ୍ପର୍କରେ ଶ୍ରୀମଦ୍ଭାଗବତ୍ ଯେଉଁ ଅମୃତଧ୍ୱନି "ମର୍ତ୍ତ୍ୟ ମଣ୍ଡଳେ ଦେହବନ୍ତି/ଦେବତା ହୋଇଲେ ମରଇ" ର ଶାଶ୍ୱତ ବାଣୀ ଗୋଦାବରୀଶଙ୍କ କବିତାର ପ୍ରତି ପଂକ୍ତିରୁ ମିଳିଥାଏ । କ୍ଷୁଦ୍ରାଦପି କ୍ଷୁଦ୍ର ଅନାବନା ଗଛଠାରୁ ଆରମ୍ଭ କରି ସ୍ୱର୍ଗ ରାଜ୍ୟର ଅଦୃଶ୍ୟମାନ ନନ୍ଦନ କାନନର ପାରିଜାତ ପର୍ଯ୍ୟନ୍ତ କବିଙ୍କ ଲେଖନୀରେ ଅମର ହୋଇଅଛନ୍ତି । ତାଙ୍କର ସୁପ୍ରସିଦ୍ଧ କୃତି ଯଥାକ୍ରମେ— 'ପୁରୁଷୋତ୍ତମ ଦେବ' 'ମୁକୁନ୍ଦ ଦେବ' ନାଟକ ଦ୍ୱୟ ଏକାଦିକ୍ରମେ ଇତିହାସ, ସଂସ୍କୃତି ଏବଂ ଧର୍ମ କ୍ଷେତ୍ରରେ ଏକ ଏକ ଉତ୍କୃଷ୍ଟ ସାହିତ୍ୟିକ ବିଭବ ରୂପେ ବିବେଚ୍ୟ । ଏହି ପରିପ୍ରେକ୍ଷୀରେ ଦେଖିଲେ ସତ୍ୟବାଦୀ ବନବିଦ୍ୟାଳୟର ପଣ୍ଡିତ ବାସୁଦେବ ଏକ ଅଦର୍ଶ ପରିପୂର୍ଣ୍ଣ ସାହିତ୍ୟ ସାଧନା ଆସନରେ ଅଧିଷ୍ଠିତ । ତାଙ୍କର 'ଶାନ୍ତିଧାରା' 'ବୀର ଭରତ' ଇତ୍ୟାଦି ଚିନ୍ତା ମୂଳକ ପ୍ରବନ୍ଧ ଗୁଡ଼ିକରେ ଦ୍ୱନ୍ଦ୍ୱ ଚେତନାର ଅଭ୍ରାନ୍ତ ସ୍ୱାକ୍ଷର ନିହିତ ରହିଛି ।

ସମୀକ୍ଷା ମନୀଷାରେ, ସତ୍ୟବାଦୀ ଗୋଷ୍ଠୀର ସାହିତ୍ୟାଭିମୁଖୀ ଦ୍ୱନ୍ଦ୍ୱ ଚେତନା କଥିତ ପରିସୀମାରେ ଏକ ସଙ୍କୀର୍ଣ୍ଣ ପରିସର ମଧ୍ୟରେ ଆବଦ୍ଧ ଥିଲା । ସେମାନଙ୍କ

Digitized by PPRACHIN, SOA

ଦୃଷ୍ଟିକୋଣ ସୁଦୃଢ଼ ପ୍ରସାରୀ ନଥିଲା । ଉତ୍କଳର ଭୌଗୋଳିକ ସୀମା ମଧ୍ୟରେ ଆବଦ୍ଧ ରହି ସେମାନେ ଭାରତ ମାତା ପ୍ରତି ଅବହେଳା ପ୍ରଦର୍ଶନ କରିଥିଲେ । କିନ୍ତୁ ସମାଲୋଚକମାନେ ସମ୍ଭବତଃ ଭୁଲି ଯାଇଛନ୍ତି ଯେ, ପ୍ରଥମେ ଆମେ ସମସ୍ତେ ମଣିଷ, ଦ୍ୱିତୀୟରେ ଉତ୍କଳୀୟ ଏବଂ ସର୍ବଶେଷରେ ଭାରତୀୟ । ଓଡ଼ିଶା ଭାରତର ଏକ ଭିନ୍ନ ସତ୍ତା ନୁହେଁ , ଯେପରି ମାନବ ଶରୀରର ଏକ ନିର୍ଦ୍ଦିଷ୍ଟ ଛଟାକ୍ତ ସ୍ଥାନର ଚିକିତ୍ସା କରିବାକୁ ଯାଇ ସମଗ୍ର ଶରୀରର ହିତ ସାଧନ କରାଯାଇ ଥାଏ । ସେହିପରି ସତ୍ୟବାଦୀ ସାଧକ ଓଡ଼ିଶାର ଉନ୍ନତି ମାଧ୍ୟମ ଦେଇ ସମଗ୍ର ଦେଶର ଉନ୍ନତି କରୁଥିଲେ ।

ପରିଶେଷରେ ଏତିକି ମାତ୍ର କୁହାଯାଇ ପାରେ ଯେ , ରାଧାନାଥ ସାହିତ୍ୟର ଆଗ୍ନେୟ ପ୍ରତିବାଦକ ରୂପେ ଆବିର୍ଭୂତ ହୋଇଥିବା ସତ୍ୟବାଦୀ ଗୋଷ୍ଠୀର ସାଧକ-ଗଣ , ହିନ୍ଦୁ ଚେତନା ଦ୍ୱାରା ଉଦ୍‌ବୁଦ୍ଧ ହୋଇ , ପାରଂପାରିକ ସଂସ୍କୃତି ଦିହ ପୁରୋଦୃଷ୍ଟି ସମ୍ପନ୍ନ ସମୃଦ୍ଧ ସାହିତ୍ୟ ସୃଷ୍ଟି କରିଯାଇଛନ୍ତି । ହିନ୍ଦୁ ଶବ୍ଦର ଅର୍ଥ ସଙ୍କୋଚନ ହେତୁ ଏବେ ଏହା ନିର୍ଦ୍ଦିଷ୍ଟ ଅଞ୍ଚଳର ଧର୍ମକୁ ହିଁ ବୁଝାଉଛି । କିନ୍ତୁ ଶବ୍ଦର ସାର୍ଥକ ଅର୍ଥ ଉଦାରଚେତନା । ସତ୍ୟବାଦୀ ଗୋଷ୍ଠୀର ସାହିତ୍ୟିକବୃନ୍ଦଙ୍କ ମାନବିକ ଉଦାରତା, କିନ୍ତୁ, ଆଞ୍ଚଳିକ ସାଧନାର ଭିମ୍ମୁତଳେ ନାକ୍ଷତ୍ରମାନ ବହ୍ନି ତୁଲ୍ୟ ସଦା ଉଦ୍ଦୀପ୍ତ । ଜାତୀୟତାବାଦ ଦୃଷ୍ଟିରୁ ହୁଏତ ସେମାନଙ୍କ ସାହିତ୍ୟକୁ ତୁଚ୍ଛ ଆଞ୍ଚଳିକତା କହି ଉପହାସ କରାଯାଇ ପାରେ, କିନ୍ତୁ ଉଦାରଚେତନା ଦୃଷ୍ଟିରୁ ସେମାନଙ୍କ ସାହିତ୍ୟର ମର୍ଯ୍ୟାଦା ଅସ୍ୱୀକାର କରିବାର ନୁହେଁ ।

Digitized by PPRACHIN, SOA

ସବୁଜ ସାହିତ୍ୟର ଜାତୀୟ ଆନ୍ତର୍ଜାତିକ ଦିଗନ୍ତ

ପ୍ରଫୁଲ୍ଲ କୁମାର ଦେ
ପଞ୍ଚମ ବର୍ଷ

ଗତ ଶତାବ୍ଦୀର ଉତ୍ତରକୋଡ଼ଏରେ ସବୁଜ ସାହିତ୍ୟ ସୃଷ୍ଟି ହୁଏ ରେଭେନ୍‌ସା କଲେଜର କେତେଜଣ ପ୍ରଥମ ବାର୍ଷିକ ତରୁଣ ଗ୍ରୁପଙ୍କ ସମ୍ମେଳନରେ । ୧୯୨୧ ମସିହାରେ ସାହିତ୍ୟ ଚର୍ଚ୍ଚା ପାଇଁ ସେମାନେ ଗଢ଼ନ୍ତି Nonsense Club Nonsense Club, ନାମକରଣ ସମ୍ପର୍କରେ ଏହି ତରୁଣମାନଙ୍କ ମଧ୍ୟରୁ ଅନ୍ନଦାଶଙ୍କର ରାୟ ସ୍ୱୀକାର କରିଛନ୍ତିଯେ "ଏ ନାଁଟା ଆମର ପାଠ୍ୟ ପୁସ୍ତକ ଇଂରେଜ କବି କୁପର (Cowper) ଙ୍କର ପଦାବଳୀରୁ ଆମେ ପାଇଥିଲୁଁ" । Club ଗଠନର ମୂଳ ଲକ୍ଷ୍ୟ ସାହିତ୍ୟ ସାଧନା, ସେଥିପାଇଁ ସେହି ବ୍ୟକ୍ତିମାନଙ୍କର ନାମର ଆଦ୍ୟାକ୍ଷରମାନଙ୍କୁ ନେଇ ଏକ ହାତ ଲେଖା ପତ୍ରିକା ପ୍ରକାଶ ପାଇଥିଲା । ପତ୍ରିକାର ନାମ 'ଅବକାଶ' । ଅ-ରେ ଅନ୍ନଦାଶଙ୍କର, ବ-ରେ ବୈକୁଣ୍ଠ ନାଥ, କା-ରେ କାଳିନ୍ଦୀ ଚରଣ, ଶ-ରେ ଶରତଚନ୍ଦ୍ର ପ୍ରମୁଖ । କିନ୍ତୁ ଏମାନଙ୍କ ସହିତ ଯୋଗ ଦିଅନ୍ତି ହରିହର। ତେଣୁ ଏହି ପତ୍ରିକାର ନାମ ପରିବର୍ତ୍ତିତ ହୋଇ ହୁଏ 'ଶକ୍ତିସାଧନା' । ପ୍ରଥମ କରି 'ଅବକାଶ' ପତ୍ରିକାରୁ ହିଁ ସେମାନଙ୍କର ସାହିତ୍ୟ ସାଧନାର ଆଦ୍ୟ ଆରମ୍ଭ କିନ୍ତୁ ସେ ପର୍ଯ୍ୟନ୍ତ କୌଣସି ପ୍ରତିଷ୍ଠିତ ମାସିକ ପତ୍ରିକାରେ ଏମାନଙ୍କର ପ୍ରତିଭା ମୁଦ୍ରିତ ଭାବେ ଆତ୍ମ ପ୍ରକାଶ କରି ନଥିଲା । ଠିକ୍ ସେହି ସମୟରେ ଓଡ଼ିଶାର ଏକ ପ୍ରତିଷ୍ଠିତ ପତ୍ରିକା ଥିଲା 'ଉତ୍କଳ ସାହିତ୍ୟ' । ଏହି 'ଉତ୍କଳ ସାହିତ୍ୟ'ର ପ୍ରବୀଣ ସମ୍ପାଦକ ଥିଲେ ଶ୍ରୀଯୁକ୍ତ ବିଶ୍ୱନାଥ କର । ତାଙ୍କର ସସ୍ନେହ ଦୃଷ୍ଟି ଏହି ତରୁଣ ପ୍ରତିଭାବାନ ଯୁବକମାନଙ୍କ ଉପରେ ପଡ଼ିଥିଲା । ଉତ୍କଳ ସାହିତ୍ୟ ପତ୍ରିକାରେ ଏମାନଙ୍କର ଲେଖା ଆତ୍ମପ୍ରକାଶ କଲା । ଏପରି ଲେଖା ଭିତରୁ ମୁଖ୍ୟତଃ ବୈକୁଣ୍ଠନାଥଙ୍କର 'ସବୁଜ ବନ୍ଦ୍ୟୁପାଠ' କବିତା ଅନ୍ୟତମ । ସେହି ଦିନଠାରୁ ପ୍ରଥମ କରି 'ସବୁଜ' ନାମର ଉଦ୍ରେକ ହୁଏ । ସବୁଜର ପ୍ରେରଣା ଅନ୍ନଦାଶଙ୍କରଙ୍କର ବ୍ୟକ୍ତିଗତ ଜୀବନ ସହ ସମ୍ପୃକ୍ତ । ଅନ୍ନଦାଶଙ୍କର ଯେତେବେଳେ ଢେଙ୍କାନାଳ ସ୍କୁଲରେ ଅଧ୍ୟୟନ କରୁଥାନ୍ତି, ତାଙ୍କ ନିଜ ଗୃହକୁ ବିଭିନ୍ନ ଭାଷାର ପତ୍ରିକା ଆସୁଥାଏ । ଅନ୍ନଦାଶଙ୍କରଙ୍କର କାକା ହରିଶ୍ଚନ୍ଦ୍ର ରାୟ ସେତେବେଳେ ଜଣେ ଜ୍ଞାନୀ ଲୋକଥିଲେ । ତେଣୁ ସେ ବିଭିନ୍ନ ଭାଷାର ପତ୍ରିକାମାନ ନିଜଘରକୁ ଆଣୁଥାଆନ୍ତି । ସେହିପତ୍ରିକା ମଧ୍ୟରୁ 'ସବୁଜ ପତ୍ର' ଏକ ବଙ୍ଗଳା ପତ୍ରିକା ମଧ୍ୟ ଆସୁଥାଏ । ଏ ପତ୍ରିକା ପ୍ରମଥ ଚୌଧୁରୀଙ୍କ ସମ୍ପାଦନାରେ ୧୯୧୪ ରେ

Digitized by PPRACHIN, SOA

ଆତ୍ମ ପ୍ରକାଶ କରିଥିଲା ଏବଂ ଏଥିରେ ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କର ଆତ୍ମିକ ସମ୍ପର୍କ ଥିଲା । ରବୀନ୍ଦ୍ରନାଥଙ୍କ କବିତା— "ଓରେ ସବୁଜ, ଓରେ ଆମାର କାଁ । ଗ୍ର । ତାଙ୍କର ମୂଳମନ୍ତ୍ରଥିଲା । ପୁଣି ଏ ପତ୍ରିକାର ଉପର କଭର୍ ମଧ୍ୟ ସବୁଜ ରଙ୍ଗରଥାଏ । ତେଣୁ ଅନ୍ନଦାଶଙ୍କର ତଦ୍ୱାରା କିଛିଟା ପ୍ରଭାବିତ ହୋଇଛନ୍ତି ।

ସବୁଜ ସାହିତ୍ୟର ନାମକରଣ ପାଇଁ 'ପଶ୍ଚିମଦ୍ୱାର' କବିତାର 'ସବୁଜପକ୍ଷୀ କବିତାଟି ବିଶେଷ ସହାୟକ । କବିତାଟିର ପାରମ୍ଭ ଏହିପରି —

"ସବୁଜ ପରୀ ଆସ
ପକ୍ଷ ରହେ କାନଡ଼େର, ଉର୍ଦ୍ଧ୍ୱେ ଗ୍ରହେଁ ଘାସ
ଶୀତ ଗଳବନେ ବନେ, ପଲ୍ଲବ ଝୁଁଡାଇ
ଉତ୍ତରୀ ପବନେ ତାର କୁତ୍ସା ଉଡ଼ାଇ
ହରେ ହରେ ଫେଟଲ ଶୁଷ୍କତାର ଶ୍ୱାସ
ସବୁଜ ପକ୍ଷୀ ଆସ
ଯୌବନର ମନ୍ତ୍ରେ ସଖୀ ଜୀର୍ଣ୍ଣ କରନାଶ । "

(ଅନ୍ନଦାଶଙ୍କର)

୧୯୨୮ ମସିହାରେ 'ସବୁଜ ସମିତି' ନାମକ ଏକ ପ୍ରକାଶନ ସଂସ୍ଥା ଗଠିତ ହୋଇଥିଲା ଏବଂ ୩୦ ଖଣ୍ଡ ପୁସ୍ତକ ପ୍ରକାଶ ପାଇଲା । ଏଥିରେ ସବୁଜ ଗୋଷ୍ଠୀର ପାଞ୍ଚଜଣ ସାହିତ୍ୟ ରଥୀଙ୍କ ବଂଶୀତ ସତ ସାଉତରାୟ, ମାନ୍ସିଂହଙ୍କର କବିତା ମଧ୍ୟ ପୁସ୍ତକ ମାନଙ୍କରେ ସ୍ଥାନ ପାଇଥିଲା । ପୁଣି ମିଳିତ ଚେଷ୍ଟା ଓ ନିଷ୍ଠା ଫଳରେ ଗୋଟିଏ ଉପନ୍ୟାସର କିଛି କିଛି ଅଂଶ 'ଉତ୍କଳ ସାହିତ୍ୟ' ରେ ପ୍ରକାଶ ପାଉଥାଏ । କିନ୍ତୁ ପରେ ପୂର୍ଣ୍ଣାଙ୍ଗ ଉପନ୍ୟାସଟି ପ୍ରକାଶ ପାଇଲା । ସେହି ଉପନ୍ୟାସଟି ହେଲା 'ବାସନ୍ତୀ' । ପୁଣି ୧୯୩୧ ରେ 'ସବୁଜ କବିତା'ଟି ପ୍ରକାଶ ପାଏ । 'ସବୁଜ କବିତା' ପୁସ୍ତକଟି ପାଞ୍ଚଜଣଙ୍କର ୩୨ଟି କବିତାର ପ୍ରକାଶ । ତେଣୁ ବିଂଶ ଶତାବ୍ଦୀର ତୃତୀୟ ଦଶକରେ ଏମାନଙ୍କ ସାହିତ୍ୟକୁ ସବୁଜ ସାହିତ୍ୟ କହି ପାରିବା । 'ସବୁଜ କବିତା' ପୁସ୍ତକରେ ମଧ୍ୟ ସ୍ୱରହର କହିଛନ୍ତି ଯେ, "ସେ ସବୁଜ ଶବ୍ଦଟା ଆମେ ବଙ୍ଗଳାରୁ ଆଣିଥିଲୁଁ ।" ତେଣୁ ବଙ୍ଗଳା ସାହିତ୍ୟର ମଧ୍ୟ କିଛି ପ୍ରଭାବ ରହିଛି । ସେ ଯାହା ହେଉନା କାହିଁକି, ୧୯୨୦ ଠାରୁ ୧୯୩୫ ମସିହା, ଏହି ୧୫ବର୍ଷ ମଧ୍ୟରେ ସମଗ୍ର ସବୁଜ ସାହିତ୍ୟିକମାନଙ୍କର ଲେଖାକୁ ସବୁଜ ସାହିତ୍ୟ ରୂପେ ନାମିତ କରାଯାଇ ପାରେ । ପୁଣି ସେ ସମୟରେ ଅନ୍ୟ ସ୍ରଷ୍ଟାମାନଙ୍କର କୃତି ପ୍ରକାଶ ହେଉଥିଲେ ମଧ୍ୟ ସାହିତ୍ୟ ଦରବାରରେ ସେମାନେ ଏତେଟା ପ୍ରକାଶ ପାଇ ନ ଥିଲେ । ସବୁଜ ସାହିତ୍ୟିକମାନେ ଦଳଗତ ଭାବରେ ସାହିତ୍ୟ ସାଧନା କରି ପ୍ରତିଷ୍ଠିତ ହେଲେ । ସାହିତ୍ୟର ଇତିହାସ କ୍ଷେତ୍ରରେ ଏହା ସ୍ୱୀକାର୍ଯ୍ୟ ନିଶ୍ଚୟ ।

Digitized by PPRACHIN, SOA

ତଥାପି ୧୯୩୦-୩୬ ରୁ 'ସବୁଜ ସାହିତ୍ୟ' ସମିତି ବିରୁଦ୍ଧରେ ବିଦ୍ରୋହର ସ୍ୱର ଦେଖାଦିଏ । କାରଣ ସବୁଜ ଗୋଷ୍ଠୀର ସାହିତ୍ୟିକମାନେ ଥିଲେ ତରୁଣ । ତେଣୁ ତାଙ୍କ ସମୟରେ ସମସାମୟିକ ଅନ୍ୟ ସାହିତ୍ୟିକମାନଙ୍କର ପ୍ରତିଭା 'ଉତ୍କଳ ସାହିତ୍ୟ' ପତ୍ରିକାରେ ପ୍ରକାଶ ନ ପାଇବାରୁ କେତେକ ବିଦ୍ରୋହର ସ୍ୱରଉତ୍ତୋଳନ କଲେ ବା ଈର୍ଷାଗ୍ରସ୍ତ ହେଲେ । ତେଣୁ ଡଃ ମାୟାଧର ମାନ୍‌ସିଂହ 'ଓଡ଼ିଆ ସାହିତ୍ୟର ଇତିହାସ' ପୁସ୍ତକରେ କହିଛନ୍ତିଯେ " 'ସବୁଜ' ଦଳର 'ସବୁଜ' ନାମଟି ମଧ୍ୟ ବଙ୍ଗ ଦେଶରୁ ଆହୃତ,—ରବୀନ୍ଦ୍ରନାଥଙ୍କ ବନ୍ଧୁ ଓ ସହକର୍ମୀ ଏବଂ ବଙ୍ଗଳାଗଦ୍ୟର ଜନୈକ ବିଶିଷ୍ଟ ପୁରୁଷ ପ୍ରମଥ ଚୌଧୁରୀଙ୍କ ସବୁଜ ପତ୍ରିକାରୁ" । ଯଦିଓ ମାନସିଂହ ନିଜେ ମଧ୍ୟ ବଙ୍ଗଳା ପ୍ରଭାବ ବା ରବୀନ୍ଦ୍ରନାଥଙ୍କ ଦ୍ୱାରା କିଛି କମ୍ ପ୍ରଭାବିତ ହୋଇ ନାହାନ୍ତି । ପୁଣି ସେ କହିଛନ୍ତି " ଏକ ସାଧାରଣ ଲଘୁ ଝାପ୍‌ସା ଅନିର୍ଦ୍ଦିଷ୍ଟ ଭାବରେହିଁ ସବୁଜ ବନ୍ଧୁମାନେ କେବଳ ପକ୍ଷୀ, ମେଘ ବା ନବକିଶଳୟ ଇତ୍ୟାଦିର ବର୍ଣ୍ଣନା କରି ଗ୍ଲେଲେ । " ଆଲୋଚନା, ସମାଲୋଚନାର ଶରବ୍ୟ ହେଲେ ମଧ୍ୟ ଏ ସାହିତ୍ୟକୁ ସବୁଜ-ସାହିତ୍ୟ କହିବାରେ ସତ୍ୟତା ନିହିତ ରହିଛି ।

ସବୁଜ ସାହିତ୍ୟ ଏକ ସମନ୍ୱୟବାଦୀ ସାହିତ୍ୟ । ଆଧୁନିକ ଓଡ଼ିଆ ସାହିତ୍ୟରେ ରାଧାନାଥ ପ୍ରଥମେ ପାଶ୍ଚାତ୍ୟ ସାହିତ୍ୟକୁ ଆଣି ଓଡ଼ିଆ ପାଣି ପବନ, ବଣ ପାହାଡ଼, ତରୁଲତା, ନଦନଦୀରେ ଏପରି ଖାପ୍ ଖୁଆଇ ଦେଲେ ଯେ ସେ ସାହିତ୍ୟ ଏକ ନୂତନ ରୂପରେଖ ପାଇଲା । ସତ୍ୟବାଦୀ ସାହିତିକ ମାନଙ୍କର ମୂଳଲକ୍ଷ୍ୟ ଥିଲା ଜାତୀୟବାଦୀ ସାହିତ୍ୟ ସୃଷ୍ଟି କରିବା । କିନ୍ତୁ ସବୁଜ ସାହିତ୍ୟ ଏମାନଙ୍କ ସାହିତ୍ୟକୁ ଆଦୌ ବାଦ୍ ଦେଇ ନାହାନ୍ତି । ପରନ୍ତୁ ଏ ସାହିତ୍ୟକୁ ଗ୍ରହଣ କରି ଆଉ ଅଧିକ ନୂତନ ସାହିତ୍ୟ ସୃଷ୍ଟି କରିଛନ୍ତି । ତାହା ହେଉଛି ରୋମାଣ୍ଟିକ୍ ସାହିତ୍ୟ । ସବୁଜ ସାହିତ୍ୟ ମଧ୍ୟରୁ କବିତାର ସ୍ଥାନ ପ୍ରାୟ ସମସ୍ତଙ୍କର ଅଧିକ ମାତ୍ରାରେ ଥିଲା । ଉପନ୍ୟାସ, କ୍ଷୁଦ୍ରଗଳ୍ପର ପ୍ରଭାବ ଥିଲା, କିନ୍ତୁ ତାହା କବିତା ତୁଳନାରେ ଗୌଣ । ତେଣୁ ସବୁଜ ଯୁଗର ସାହିତ୍ୟିକମାନଙ୍କୁ କବିରୂପେ ସ୍ୱୀକାର କରାଯାଇପାରେ ।

ରୋମାଣ୍ଟିକ୍ ଧର୍ମୀ ସାହିତ୍ୟ ବା କବିତା ବ୍ୟତୀତ ଜୀବନ୍ତ ସାହିତ୍ୟ ସୃଷ୍ଟି କରିବାର ଆଗ୍ରହ ଥିଲା ସବୁଜ ଗୋଷ୍ଠୀର । ଯେଉଁ ସାହିତ୍ୟରେ ଯୌବନର ଆଶ୍ୱାସ ଖେଳିଯିବ । ଅନ୍ୟରୂପରେ ସବୁଜ ଶକ୍ତି ପୁଣି ସମାଜ ଭିତରେ ଜାଗ୍ରତ କରିବ, ସମସ୍ତଙ୍କର ମନ ସତେଜ କରିବ ସେ ସାହିତ୍ୟ—ଏହିପରି ଗୋଟିଏ ଭାବ ସବୁଜ ଯୁଗର କବିମାନଙ୍କ ଭିତରେ ଥିଲା । ଜୀବନ୍ତ ତଥା ଧର୍ମୀ ସାହିତ୍ୟ ସାର୍ବଜନୀନ । ତେଣୁ ସବୁଜ ଯୁଗର କବିମାନେ ଜାତୀୟସ୍ତରରେ ଯେ ପୁନଃ ଜାଗରଣର ତରଙ୍ଗ ସୃଷ୍ଟି କଲେ ତାଙ୍କ ସାହିତ୍ୟ ମାଧ୍ୟମରେ ତାହାନୁହେଁ । ଆନ୍ତର୍ଜାତୀୟ କ୍ଷେତ୍ରରେ ମଧ୍ୟ ଶୋଷଣ ଓ ପରାଧୀନତା ବିରୁଦ୍ଧରେ ବିଦ୍ରୋହୀ ଗଣଚେତନା, ସାମ୍ୟ ମୈତ୍ରୀ ଭାବେ ଭବିଷ୍ୟ ଜୟ ଗାନ ପ୍ରଚାର କଲେ । ପୁଣି ବଙ୍ଗଳା ସାହିତ୍ୟର ଓଡ଼ିଆ ସାହିତ୍ୟ ଉପରେ

Digitized by PPRACHIN, SOA

ପ୍ରଭାବ ଓ ରବୀନ୍ଦ୍ରନାଥ ଠାକୁରଙ୍କ ସର୍ବବ୍ୟାପୀ ପ୍ରଭାବରୁ ମୁକ୍ତ ହେବାର ଚେଷ୍ଟା ମଧୁମୟ ସନ୍ଧିକ୍ଷଣରେ ସବୁଜର ହେଲା ଆବିର୍ଭାବ ।

ରାଧାନାଥ ପାଶ୍ଚାତ୍ୟ ସାହିତ୍ୟକୁ ଆଣି ଓଡ଼ିଆ ସାହିତ୍ୟରେ ଖାପ ଖୁଆଇ ଦେବା ଫଳରେ ଓଡ଼ିଆ ପାଣି ପବନରେ ମିଶିଗଲା ଭଳି ସାହିତ୍ୟ ସୃଷ୍ଟି କଲେ । କିନ୍ତୁ ସବୁଜ ସାହିତ୍ୟିକମାନେ ପାଶ୍ଚାତ୍ୟ ସାହିତ୍ୟକୁ ଅଧ୍ୟୟନ ଓ ଆଲୋଚନା ସମାଲୋଚନା କରି ଆତ୍ମ ଜାତୀୟତାର ଦିଗନ୍ତ ଦର୍ଶାଇବାରେ ପ୍ରବୀଣ ସ୍ରଷ୍ଟା ହୋଇ ପାରିଛନ୍ତି । ତାଙ୍କ ମଧ୍ୟରେ ପ୍ରଥମ ସ୍ରଷ୍ଟା ଅନ୍ନଦାଶଙ୍କର ରାୟ । ରାୟଙ୍କର 'ସବୁଜ ଅକ୍ଷର' ପୁସ୍ତକର ବିଭିନ୍ନ ପ୍ରବନ୍ଧରେ ସେ ପାଶ୍ଚାତ୍ୟ କବି, ପ୍ରାବନ୍ଧିକ, ଔପନ୍ୟାସିକ, ଗାଳ୍ପିକ-ମାନଙ୍କର ସାହିତ୍ୟ ସମ୍ବନ୍ଧରେ ବିଭିନ୍ନ ଦୃଷ୍ଟିରୁ ବିଚାର କରିଛନ୍ତି । ତାଙ୍କର 'ବସନ୍ତ ଗାଥା' ପ୍ରବନ୍ଧରେ ମଧୁସୂଦନଙ୍କର 'ବସନ୍ତ ଗାଥା' ନାମ କରଣ ଦୃଷ୍ଟିରୁ ପ୍ରଥମେ ବସନ୍ତ ନାମକୁ ଅସ୍ୱୀକାର କରି କହିଛନ୍ତି ଯେ, 'ଏହି କବିତା ଗୁଡ଼ିକ ଉପରେ ବସନ୍ତର ପ୍ରଭାବ ଏତେ ଅଲକ୍ଷିତ ଯେ ଏ ଗୁଡ଼ିକ ବସନ୍ତରେ ରଚିତ ବୋଲି ସ୍ପଷ୍ଟ ଧାରଣା ହୁଏ ନାହିଁ ।" ତାପରେ ସେ Wordsworthଙ୍କର "Written in Early Spring"କବିତାଟିର ଶିରୋନାମା ଥିଲେ ମଧ୍ୟ ତାହା ବସନ୍ତରେ ରଚିତ ବୋଲି ରାୟଙ୍କର ମତ । ପୁଣି ଗାଥା ସମ୍ବନ୍ଧରେ ସେ ତାଙ୍କର ଅଭିଯୋଗ ଦେଇଛନ୍ତି । ସେ ଦର୍ଶାଇଛନ୍ତି-ଏହି 'ଗାଥା' ଚତୁର୍ଦ୍ଦଶପଦୀ ନୁହେଁ । ଏହା ଏକ ଭିନ୍ନଜାତୀୟ । ବୌଦ୍ଧ ସାହିତ୍ୟର 'ଥେର-ଥେରୀ-ଗାଥା' ଯାହାର ଛନ୍ଦ ଅଶୁଦ୍ଧ ସଂସ୍କୃତ ଓ ଅନିୟମିତ ରଚନା ବୋଲି ତାଙ୍କର ମତ । ଆଧୁନିକ ସାହିତ୍ୟରେ ରାଜସ୍ଥାନର ଚାରଣ ଗାଥା, ଉତ୍ତର ଭାରତର 'ଆଲ୍ହା' ଗାଥା ସହିତ ମଧୁସୂଦନଙ୍କ ଗାଥାକୁ ସେ ଅସ୍ୱୀକାର କରିଛନ୍ତି । ତେଣୁ ସେ କହିଛନ୍ତି—"ସମ୍ଭବତଃ, କବି ଶ୍ରୁତିମାଧୁର୍ଯ୍ୟ କଲେ ଏହି ବିଶିଷ୍ଟାର୍ଥକ ଶବ୍ଦଟିର ବ୍ୟାପକ ପ୍ରୟୋଗ କରିଅଛନ୍ତି । 'ଗାଥା' ନ କହି ଗୀତ କହିଥିଲେ ଏହି ଗୀତ-କବିତା ଗୁଡ଼ିକର ଉପଯୁକ୍ତ ନାମକରଣ ହୋଇଥାନ୍ତା ।" ଏଥିରୁ ଅନୁମିତ ହୁଏ ଅନ୍ତର୍ଜାତୀୟ ସାହିତ୍ୟ କ୍ଷେତ୍ରରେ କେତେ ଆଗ୍ରହ ଥିଲା ସବୁଜ ସାହିତ୍ୟିକମାନଙ୍କର ।

ପାଶ୍ଚାତ୍ୟ କବିମାନେ ସାମାଜିକ ବନ୍ଧନ ମାନିବାକୁ ରାଜିନୁହନ୍ତି । କାରଣ କବିତା ମୁକ୍ତିଦ୍ୱାର ସୃଷ୍ଟି । କବିତାରେ କିଛି ସ୍ଥିର ନିର୍ଦ୍ଦିଷ୍ଟ କୁହାଯାଇ ପାରେନା । ସାହିତ୍ୟ ଏକ ରହସ୍ୟ । ରହସ୍ୟ ତାହାହିଁ ଯାହା ହିସାବ କରି କହିବା ସହଜ ନୁହେଁ ! କବିତା ଆଲୋଚନା କେତେବେଳେ ସରେନା । କିନ୍ତୁ ସେତେବେଳେ ଭାରତୀୟ ସାହିତ୍ୟ ଅଳଙ୍କାର ଶାସ୍ତ୍ରର ନାମରେ ତଟସ୍ଥ । ସାମାଜିକ ଆଦର୍ଶ ପ୍ରଭୃତିର ଶୃଙ୍ଖଳାରେ ଆବଦ୍ଧ । ଅତି ଦୁଃଖରେ ରବୀନ୍ଦ୍ରନାଥ ଲେଖିଥିଲେ, "ଭାରତ ଛଡ଼ା ଅନ୍ୟ କୌଣସି ଦେଶର ଲୋକେ ସାମାଜିକ ଆଦର୍ଶର ଅନୁକରଣକୁ ସାହିତ୍ୟିକ ଆଦର୍ଶ କହିବେ ନାହିଁ ।" ତେଣୁ ଶ୍ରୀଯୁକ୍ତ ରାୟ କହିଛନ୍ତି—"ଶେକ୍ସପୀୟରଙ୍କ

Digitized by PPRACHIN, SOA

ଓଥେଲେ ଆଦର୍ଶ ସ୍ୱାମୀ ନୁହେଁ, ହେମରଙ୍କ ହେଲେନ ଆଦର୍ଶ ପତ୍ନୀ ନୁହେଁ, କିନ୍ତୁ କାଳିଦାସଙ୍କ ଶକୁନ୍ତଳାଙ୍କୁ ଏକ ଆଦର୍ଶ ସତୀ ବୋଲି ପ୍ରତିପନ୍ନ କରିବାକୁ ହେବ।" ଏହା ରାୟଙ୍କର ଏକବ୍ୟକ୍ତୋକ୍ତି ଭାରତୀୟ ସାହିତ୍ୟ ପ୍ରତି। କାରଣ ସାହିତ୍ୟ ହେଉଛି ସ୍ୱତନ୍ତ୍ର ଭାବ ଅଭିବ୍ୟକ୍ତି। ଅନ୍ନଦାଶଙ୍କର ରାୟ ଏହି ପ୍ରବନ୍ଧରେ ପାଶ୍ଚାତ୍ୟ କବି ଏବଂ କେତେଜଣଙ୍କର ଯେ ଆଲୋଚନା କରିଛନ୍ତି, ତାହାନୁହେଁ ଏହି ମହାନ୍ ସ୍ରଷ୍ଟାମାନଙ୍କ ବ୍ୟତୀତ ଦାନ୍ତେଙ୍କର **"Divinia Comedia"** ଗ୍ରନ୍ଥରୁ କିଛି ଆଭାସ, ପୁଣି ମିଲଟନ୍, ସେଲି, କାଟ୍ସ୍ ଗ୍ରେ, ଓ ଓମର ଖୈୟାମଙ୍କର ଆଲୋଚନା ଓ ସମାଲୋଚନା ମାଧ୍ୟମରେ 'ବସନ୍ତ ଗାଥା' ପ୍ରବନ୍ଧଟି ଅତି ସୁନ୍ଦର ହୋଇ ପାରିଛି।

ତାଙ୍କର ଅନ୍ୟ ଏକ ପ୍ରବନ୍ଧ "ସମର ସାହିତ୍ୟ" ରେ ଆୟାରଲଣ୍ଡର କାହାଣୀ, **Norway** ଓ **Sweden**ର ପୁରା କାହାଣୀ, ବହୁବର୍ଷ ତଳର ବୀର, ଯୋଦ୍ଧାମାନଙ୍କର ବିପଦଜନକ ଭ୍ରମଣ ବୃତ୍ତାନ୍ତ ସେ ଠିକ୍‌ଭାବରେ ଅଧ୍ୟୟନ କରିଛନ୍ତି ବୋଲି ପ୍ରମାଣ ମିଳେ। କାରଣ ଜଣେ ଲୋକ ଅଧିକ କିଛି ଅଧ୍ୟୟନ କରି ନଥିଲେ ବା ଜାଣି ନ ଥିଲେ ନିଜ ପ୍ରତିଭାର ଆଲୋକ, ଲୋକ ସମକ୍ଷକୁ ଆଣି ପାରିନଥାନ୍ତି। ଏହା ସତ୍ତ୍ୱେ ସେହି ପ୍ରବନ୍ଧରେ ବହୁ ବହିର୍ଦେଶୀୟ କବିମାନଙ୍କର କାବ୍ୟକୁ ସେ ସ୍ଥାନ ଦେଇଛନ୍ତି। ଯଥା Tasso ଙ୍କର 'Gerusalemme Liberata (Jerusalem Liberated), Ariositow ର 'Orlando Furioso; Spencer ଙ୍କର 'Fairie Queen" ପ୍ରଭୃତି ଉଲ୍ଲେଖ ଯୋଗ୍ୟ।

ଉପନ୍ୟାସ କ୍ଷେତ୍ରରେ ମଧ୍ୟ ବହୁ ବିଦେଶୀୟ ଉପନ୍ୟାସମାନ ଅଧ୍ୟୟନ କରି, ତାଙ୍କର ସେହି ପ୍ରବନ୍ଧରେ କିଛି କିଛି ଆଲୋଚନା କରିଛନ୍ତି। କିନ୍ତୁ ଏଠାରେ ଆଲୋଚନା ସମ୍ଭବ ନ ହୋଇ ପାରିବାରୁ କେବଳ ଔପନ୍ୟାସିକମାନଙ୍କର ଉପନ୍ୟାସର ନାମ ଉଲ୍ଲେଖ କରାଗଲା। ସ୍ପେନୀୟ ଔପନ୍ୟାସିକ **Tbanez** ଙ୍କ ଉପନ୍ୟାସ Four Horsemen of Apocalypse" A.S M. Hnt Chiusow ଙ୍କ ଉପନ୍ୟାସ "If winter Comes"। ଏଥିରୁ ମଧ୍ୟ ଶ୍ରୀଯୁକ୍ତ ରାୟଙ୍କର ମାନସିକ ଆନ୍ତର୍ଜାତିକ ଚେତନାର ପରିଚୟ ମିଳେ।

ତାଙ୍କର ଏକ ଖୋଲଚିଠି (୧) "ନାରୀର ମୁକ୍ତି" ପ୍ରବନ୍ଧରୁ ସେ Ibsen ଙ୍କର ବିପ୍ଳବ ବାଦର ଆଦର୍ଶକୁ ଗ୍ରହଣ କରିଛନ୍ତି ବୋଲି ସ୍ୱୀକାର କରନ୍ତି। ତେଣୁ ସେହି ପ୍ରବନ୍ଧରେ Ibsenଙ୍କର ଉକ୍ତିସହ ନିଜର ଉକ୍ତି ପ୍ରକାଶ କରିଛନ୍ତି, "These people (ସାଧାରଣ ବିପ୍ଳବବାଦୀମାନେ) only desire political revolutions only in externals, in politics. But these are mere trifles. There is only one thing that avails to-revolutionise people's minds" (Ibsen) ବିପ୍ଳବ ବାଦର ଏହି ଆଦର୍ଶ

Digitized by PPRACHIN, SOA

ମୋର । ମୋର ମୁକ୍ତ ମନର ମୁକ୍ତ —ଜଡ଼ତାରୁ , କୁସଂସ୍କାରରୁ, ଅସଂଯମରୁ, ଉଚ୍ଛୃ-ଙ୍ଖଳତାରୁ, ଅବସାଦରୁ ମୁକ୍ତ । " ଏହ୍ନ ପଡ଼୍‌କ୍ତିରୁ ସ୍ପଷ୍ଟ ଜଣାଯାଏ ଯେ ସେ କେବଳ ଜଣେ ସାହିତ୍ୟିକ ଥିଲେ ବା ତାଙ୍କ ଗୋଷ୍ଠୀମାନେ ଯେ କେବଳ ରୋମାଣ୍ଟିକ ଚନ୍ତା-ଧାରା ବା ସ୍ୱପ୍ନପୁରରେ ଘୁରି ବୁଲୁଥିଲେ, ତା ନୁହେଁ ବିପ୍ଳବର ଆହ୍ୱାନ ଦେଉଥିଲେ, ଏ ଆହ୍ୱାନ ସେମାନଙ୍କ ପାଇଁ କେବଳ ନଥିଲା, ଏ ଆହ୍ୱାନ ଥିଲା ସେତେବେଳର ପରାଧୀନ ଭାରତବାସୀମାନଙ୍କ ଉଦ୍ଦେଶ୍ୟରେ । ତେଣୁ ଏ ବିପ୍ଳବର ପ୍ରଭାବ ମଧ୍ୟ ଆନ୍ତର୍ଜାତୀୟ କ୍ଷେତ୍ରରୁ ପାଇଥିଲେ ଏବଂ ଦେଶ ବାସୀଙ୍କୁ ଏହି ମନ୍ତ୍ରରେ ଦୀକ୍ଷିତ କରିବା-ପାଇଁ ଥିଲା ସବୁଜ ଯୁଗର କବିମାନଙ୍କର ଏକ ବଳିଷ୍ଠ ଆଗ୍ରହ ।

'ଖେଳଘର' ପ୍ରବନ୍ଧରେ ନରୱେର ସାହିତ୍ୟିକ ବେ୍ୟାନସେନ୍, ଇବ୍‌ସେନ୍ ହାମସୁନସାନଙ୍କ ସାହିତ୍ୟକୁ ଶ୍ରୀଯୁକ୍ତ ରାୟ ଆଲୋଚନା କରିଛନ୍ତି । ସ୍ୱିଡ଼େନର ସ୍ମାଲାଣ୍ଡ ପ୍ରଦେଶର ସୁଲେଖିକା ଏଲେନ୍‌ର ଜନ୍ମ ବୃତ୍ତାନ୍ତ ଠାରୁ ତାଙ୍କର ବିରାଟ ଗ୍ରନ୍ଥ "Lines of life" (ଜୀବନ ରେଖା) ପର୍ଯ୍ୟନ୍ତ ସମସ୍ତ ଘଟଣା ତାଙ୍କର 'ଏଲେନ କେଇ' ପ୍ରବନ୍ଧରୁ ସୂଚନା ମିଳେ ଏବଂ 'ବାନାର୍ଡ଼ଶଙ୍କ ମତବାଦ' ନାମକ ଏକ ପ୍ରବନ୍ଧରେ ତାଙ୍କ ମତବାଦ ସମସ୍ତ ସେ ଉଲ୍ଲେଖ କରିଛନ୍ତି । ଏହ୍ନପରି ବହୁତ ବିଦେଶୀ ସାହିତ୍ୟକୁ ଅଧ୍ୟୟନ କରି ତାଙ୍କ ସାହିତ୍ୟରେ କେତେ ପରିମାଣରେ ପାଶ୍ଚାତ୍ୟ ପ୍ରଭାବ ପଡ଼ିଛି, ଏଥିରୁ ସୁସ୍ପଷ୍ଟ ।

କବି କାଳନ୍ଦୀ ଚରଣ ପାଣିଗ୍ରାହୀଙ୍କର 'କୃଷ୍ଣପ୍ରାସ' 'ପୌଷମଳୟ' ପ୍ରଭୃତି କବିତାରେ ଇଂରାଜୀ କବି Keatsଙ୍କର "Ode to the Xightangle, ଓ Shellyଙ୍କର "Ode to the West Wend" କବିତାର ପ୍ରଭାବ ରହିଛି ଏ କଥାରେ ମତ ଦ୍ୱିଧା ନାହିଁ ।
ତାଙ୍କ କବିତାରେ:—

"ଧରଣୀ ହେଲା କୋମଳ-ତମ ଆକାଶ କମନୀୟ
ମରଣ ହେଲା ମଧୁର ତର ଜୀବନ ହେଲା ପ୍ରିୟ । "

କୃଷ୍ଣପ୍ରାସ

John Keatsଙ୍କ କବିତା ହେଉଛି :—

"I have in haltin love
with escapeful death,
Call him soft names in
many a mused rhine (ମେଳ)"

ଏହ୍ନପରି Keatsଙ୍କ କବିତା କବିଙ୍କ ମୃତ୍ୟୁ ଚେତନାର ଭାବଧାରା ସହିତ ସ୍ୱର ସାମ୍ୟ ରକ୍ଷାକରୁଥିବା ଅନୁମେୟ । ପୁଣି ରହସ୍ୟବାଦୀ (Romantic

Digitized by PPRACHIN, SOA

ଭାବଚେତନା) ଜୀବନର ବୃହତ୍ତର ସତ୍ୟ ଆଡ଼କୁ କାଳନ୍ଦୀଚରଣ ଦୃଷ୍ଟି ଆକର୍ଷଣ କରନ୍ତି । ଜୀବନ ଯେ Romantic ବିଳାସ ବିପାର୍ଶ୍ୱ ଏକ ସଂକ୍ଷିପ୍ତ ବସ୍ତୁ ଏହା ସେ ଅନୁମାନ କରିଛନ୍ତି । କ୍ଷୁଦ୍ରରୁ ମହାନ୍, ରୂପରୁ ଅରୂପ ଓ ସୀମାରୁ ଅସୀମ ଆଡ଼କୁ ତାଙ୍କର ଆକର୍ଷଣ ଅଛି । ବିଶ୍ୱାତ୍ମାର ଅପମାନ ତାଙ୍କ ପାଇଁ ଅପମାନରେ ପରିଣତ ହୋଇଛି । ଏକ ମହତ ଜୀବନାଗ୍ରହରେ ପରିଣତ ହୋଇଛି ତାଙ୍କର ବ୍ୟକ୍ତିଗତ ଆଗ୍ରହ:—

> "ଜୀବନେ ଶ୍ରେଷ୍ଠ ଶ୍ରେଷ୍ଠ ମଣିଲି ଯେତେ ସତ
> ଅଳପ ଧନେ ହେଲା ମିଛେ ସେ ପରିଣତ ।"—କ୍ଷଣିକ ସତ୍ୟ—

ତାପରେ ବୈକୁଣ୍ଠନାଥଙ୍କ 'ମୂକ ଭଗବାନ' (୧୯୩୧) ଏକ ପ୍ରତୀକବାଦୀ ରଚନା । କିନ୍ତୁ ଓଡ଼ିଆ ସାହିତ୍ୟରେ ସବୁଜ ରଚନା ପୂର୍ବରୁ ଦ୍ୱିତୀୟ ଦଶକରେ ୟୁରୋପୀୟ ସାହିତ୍ୟରେ ରୂପକଳ୍ପ ରଚନା କ୍ଷେତ୍ରରେ ଆନ୍ଦୋଳନ ସୃଷ୍ଟି ହୋଇଥିଲା । ସେଥିପ୍ରତି ସବୁଜମାନେ ଆଦୌ ସଚେତନ ନଥିଲେ । ରୂପକଳ୍ପକୁ ଏକ ବଳିଷ୍ଠ କାବ୍ୟର ଆଙ୍ଗିକ ଭାବରେ ଏମାନେ ସମ୍ପୂର୍ଣ୍ଣ ଗ୍ରହଣ ନକରିଥିଲେ ମଧ୍ୟ ବୈକୁଣ୍ଠ-ନାଥଙ୍କ କବିତାରେ ଲକ୍ଷ୍ୟ କରାଯାଏ ।

> "ଜନନୀ ବାତ୍ସଲ୍ୟ ସମ କୌମୁଦୀ ପ୍ଳାବିତ ମୌନ ନିଶି
> ଆବୃତ କରିଛି ବିଶ୍ୱ ! ଧୀର୍ ବଳୟେ ଯାଇଅଛି ମିଶି ।"

ବୈକୁଣ୍ଠନାଥ ଯେ କେବଳ ୟୁରୋପୀୟ ସାହିତ୍ୟରୁ ରୂପକଳ୍ପ ଗ୍ରହଣ କରିଥିଲେ ତାହାନୁହେଁ ପ୍ରକୃତ, ଆଧ୍ୟାତ୍ମିକ ଚେତନାର ନଥି ଖୋଲି, ପ୍ରକୃତିରୂପ ଭିତରେ Wordsworthଙ୍କ ପରି ଏ ଅନିର୍ବଚନୀୟ ଭଗବତ୍ ଉପଲବ୍ଧି ପାଖରେ ପହଞ୍ଚିଛନ୍ତି । ଆନ୍ତର୍ଜାତିକ ସାହିତ୍ୟରେ ଫ୍ରଏଡ଼ଙ୍କ ଯୌନରହସ୍ୟ ତଥା ଅବଚେତନର ତଥ୍ୟାବଳୀ ପ୍ରବେଶକରି ସାହିତ୍ୟକୁ ଏକ ନୂତନ ଦିଗ୍‌ଦର୍ଶନ ଦେଇଥିଲାବେଳେ ବୈକୁଣ୍ଠନାଥ ସେଥିରୁ ଦୂରତା ରକ୍ଷା କରିଛନ୍ତି । ପୁଣି ରହସ୍ୟବାଦୀ ଚେତନା କ୍ଷେତ୍ରରେ ଇଂରେଜୀ କବି Leigh Hunt, Cardinal Newman, Tennyson, John Massfield ଙ୍କର ଭାବଧାରାକୁ ସେ ଗ୍ରହଣ କରି 'କାରାବାସୀ କବିର ସ୍ୱପ୍ନ' 'ପଥଭ୍ରଷ୍ଟା' ଓ 'ପାନ୍ଥଶାଳା' ଆଦି କବିତାକୁ ରହସ୍ୟବାଦୀ ଭାବଧାରାରେ ପରିବ୍ୟାପ୍ତ କଲେ । ଶ୍ରେଷ୍ଠ କବିଙ୍କର ଆରମ୍ଭରୁ ବିଶ୍ୱମୂଳାଧାର ପ୍ରସାରିତ ହୋଇଛି, ଏଥିରେ ମତଭେଦ ନାହିଁ ।

କବି ସଦା ସର୍ବଦା ତାର ମାନସ ଭୂମି ଉପରେ ସମାଜ ପାଇଁ ଉପୁଯାଇ ଆଏ ଶସ୍ୟ । ସେହି ସାହିତ୍ୟ ଶସ୍ୟ ସମାଜରେ ଆଣେ ସଞ୍ଚାର । ତାରୁଣ୍ୟକୁ ଦେଶରେ ଚିର ଜାଗ୍ରତ ରଖିବା ଓ ନୂଆ ନୂଆ ଭାବସୃଷ୍ଟି କରି ସାହିତ୍ୟ ମାଧ୍ୟମରେ ଦେଶ ଆଗରେ ଉପସ୍ଥାପିତ କରିବା ହେଲା ସବୁଜ ଗୋଷ୍ଠୀର ମୁଖ୍ୟ ନୀତି ଓ ଲକ୍ଷ୍ୟ ।

Digitized by PPRACHIN, SOA

ସେଥିପାଇଁ ବିଶୃଙ୍ଖଳ ବିପ୍ଳବ ଅପେକ୍ଷା କଳ୍ପନା ଓ ଭାବ ପ୍ରବଣତାର ପ୍ରୟୋଜନ ଅଧିକ । ତେଣୁ ଶୃଙ୍ଖଳାଗତ ବିପ୍ଳବ ବା ଜାତୀୟତାର ମନ୍ତ୍ର ଦେବାରେ ସବୁଜ ସାହିତ୍ୟିକ ବା କବିମାନେ ଥିଲେ ପ୍ରମାଣ । ଓଡ଼ିଆ ସାହିତ୍ୟର ସତ୍ୟବାଦୀ ସାହିତ୍ୟ ଥିଲା ଜାତୀୟବାଦୀ ସାହିତ୍ୟ । ପୁଣି ୧୯୨୦, ୨୧ ସମୟରେ ଭାରତରେ ପରାଧୀନତାରୁ ମୁକ୍ତି ପାଇଁ ଅହିଂସାର ଆନ୍ଦୋଳନ ସୃଷ୍ଟି ହୁଏ ଗାନ୍ଧିଙ୍କର ନେତୃତ୍ୱରେ । ତେଣୁ ସତ୍ୟବାଦୀ ଗୋଷ୍ଠୀର ସାହିତ୍ୟ ସାଧକମାନେ ସେହି ଗାନ୍ଧିଙ୍କର ଆହ୍ୱାନରେ ଝାସ ଦେଲେ । ସେମାନେ ଜାତିକୁ ବାସ୍ତବ-ଦୃଷ୍ଟିରେ ସନ୍ଦର୍ଶନ କରୁଥିଲେ । ତେଣୁ ସାହିତ୍ୟ କ୍ଷେତ୍ରରେ ଦେଖାଦିଏ ଏକ ଅଭାବବୋଧ । ଏ ଅଭାବବୋଧକୁ ପୂରଣ କରନ୍ତି ସବୁଜ ଗୋଷ୍ଠୀର ସାହିତ୍ୟିକ ବା କବିମାନେ । ସେ ସମୟରେ ସବୁଜ କବିମାନଙ୍କ ଠାରେ ଜାତୀୟବାଦୀ ସାହିତ୍ୟ ସୃଷ୍ଟି କରିବାର ପ୍ରଭାବ ରାଧାନାଥଙ୍କଠାରୁ ଆରମ୍ଭ କରି ସତ୍ୟବାଦୀ ଗୋଷ୍ଠୀଙ୍କ ଦୃଷ୍ଟି କୋଣ ପର୍ଯ୍ୟନ୍ତ ଯଥେଷ୍ଟ ପରିମାଣରେ ଥିଲା । ଅନ୍ୟ ଦିଗରେ କାଳନ୍ଦୀଚରଣ, ବୈକୁଣ୍ଠନାଥ, ହରିହର ପ୍ରମୁଖ ସତ୍ୟବାଦୀ ସ୍କୁଲ ଛାତ୍ର ଥିଲେ । ତେଣୁ ଏହି କବିମାନଙ୍କ ଉପରେ ସ୍କୁଲ ଜୀବନରୁ ହିଁ ଜାତୀୟତାର ଛାପ ପଡ଼ିଥିଲା । କାରଣ ସତ୍ୟବାଦୀ ବିଦ୍ୟାଳୟ ଥିଲା ମଣିଷ ତିଆରି କାରଖାନା । ସେହି ଦୃଷ୍ଟିରୁ ବିଚାର କଲେ ସବୁଜ କବିମାନେ ଜୀବନର ପହିଲି ପାହାଚରୁ ଜାତୀୟ ମନ୍ତ୍ରରେ ଦୀକ୍ଷିତ ହୋଇଥିଲେ, ତଥା ସେହି ଜାତୀୟ ମନ୍ତ୍ର ସମସ୍ତେ ସତେ ଯେପରି ଉଚ୍ଚାରଣ କରିଥିଲେ ତାଙ୍କ କବିତା ମାଧ୍ୟମରେ ।

ସେ ସମୟରେ ସମାଜରେ ପୂରି ରହିଥିବା କୁସଂସ୍କାରକୁ ନଷ୍ଟ କରି ଏକ ଉନ୍ନତ ରୁଚିସମ୍ପନ୍ନ ସମାଜ ଗଠନ କରିବା, ସେମାନଙ୍କର ଲକ୍ଷ୍ୟଥିଲା । ସେତେବେଳେ ଭାରତ ଜନନୀ ଇଂରେଜମାନଙ୍କ ଅଧୀନରେ । ତେଣୁ ଭାରତବାସୀ ନରନାରୀ ସେମାନଙ୍କ ଦାସ ଦାସୀ ସ୍ୱରୂପ । ଏହି ଦାସତ୍ୱରୁ ମୁକ୍ତ ହେବା ପାଇଁ କବି ଅନ୍ନଦାଶଙ୍କର ରାୟ ତାଙ୍କର "ପ୍ରଳୟ-ପ୍ରେରଣା" କବିତାରେ ମୁକ୍ତ ଓ ନିର୍ଭୀକ କଣ୍ଠରେ ଗାଇ ଉଠିଛନ୍ତି:—

"ଜନନୀ ଭଗିନୀ କନ୍ୟା
ପ୍ରାଣପ୍ରିୟା ଜୀବନ ସଙ୍ଗିନୀ
ଦାସୀନୁହ, ଦାସୀନୁହ,
ନୁହ ତୁମ୍ଭେ ରୁଦ୍ଧ ବନ୍ଦିନୀ

ଉଚ୍ଚ ସ୍ୱରେ କହି ଉଠ—
"ମୁକ୍ତ ମୁହିଁ, ମୁକ୍ତ ମୋ ଜୀବନ
ମୁକ୍ତ ମୋର ପ୍ରେମ ଆଜି
ତବ ପ୍ରେମେ ଲଭିବି ମିଳନ ।"

Digitized by PPRACHIN, SOA

ସତେ ଯେପରି କବିଙ୍କ ହୃଦୟ ମୁକ୍ତ ହେବା ପାଇଁ ଏବଂ ଏ ଦେଶର ଜନନୀ, ଭଗିନୀ, କନ୍ୟା, ପ୍ରାଣପ୍ରିୟାର ଦୁଃଖକୁ ସହ୍ୟ କରି ନପାରି ମୁକ୍ତିର ମଶାଲ ଧରି ଆଗଭର ।

କବିଙ୍କର "ପ୍ରଳୟ-ପ୍ରେରଣା" ଏକ ସାର୍ଥକ ଜାତୀୟତାବାଦୀ କବିତା । ଏହା ଅବହେଳିତ ଜନତାକୁ ଜାଗ୍ରତ କରିବାପାଇଁ ସାର୍ଥକ ସୃଷ୍ଟି । ସବୁଜ କବିତା ଜାତୀୟ ଜୀବନର ପ୍ରେମବୋଧଠାରୁ ବିଚ୍ଛିନ୍ନ । ତେଣୁ ସବୁଜ କବିତାର ଏହି ପ୍ରଥମ କବିତାଟି ତାର ବିରୋଧର ନିଦର୍ଶନ ହିଁ । ସେଥିରେ ଅଛି :—

"ଜାତୀୟ ଜୀବନେ ଯେତେ
ଅଛି ପାପ, ଅଛି ଆବିଳତା,
ବୈଷମ୍ୟ, ବିରୋଧ ଯେତେ
ଅବିଶ୍ୱାସ,ଭୀରୁତା, ଭଣ୍ଡତା
ସବୁ ହୁଅ ନିର୍ବିଘ୍ନରେ
ନିର୍ବିକାରେ ଅନଳେ ଆହୁତ,
ତେବେ ତ ଲଭିବ ଭାଇ
ଦାସତ୍ୱର ନିଗଡ଼ୁ ନିଷ୍କୃତି ।"

ତେଣୁ ଏହି କବିତା ପଢ଼ିରୁ ଆମେ ଗାନ୍ଧି ଆନ୍ଦୋଳନର ପ୍ରେରଣାକୁ ଉଦ୍‌ଘାଟିତ କରି ପାରିବା । ତେଣୁ ଯାହା କୁହାଯାଇଛି—ପରମ୍ପରା ଓ ସାମାଜିକ ଜୀବନବୋଧ ଠାରୁ ବିଚ୍ଛିନ୍ନ ତାହା ସମ୍ପୂର୍ଣ୍ଣ ଭ୍ରମାତ୍ମକ । ଓଡ଼ିଆ ସାହିତ୍ୟର କବିତାକୁ ଦୁଇଟି ଦିଗରେ ଦେଖି ହୁଏ—ଗୋଟିଏ ହେଉଛି ଗାନ୍ଧିବାଦୀର ପ୍ରେରଣା ଏବଂ ଅନ୍ୟଟି ଜାତୀୟ ବାଦୀ ଚିନ୍ତାଧାରାର ହେଲେ ମଧ୍ୟ ରବୀନ୍ଦ୍ରଙ୍କ ପ୍ରଭାବରେ ପ୍ରଭାବିତ । ତେଣୁ "ପ୍ରଳୟ – ପ୍ରେରଣା" ଏକ ଉଲ୍ଲେଖ୍ୟ ଯୋଗ୍ୟ କବିତା ।

ପୁଣି ତାଙ୍କର "ସୃଜନ ସ୍ୱପ୍ନ" କବିତା ଧ୍ୱଂସର ଅନୁରାଗୀ ନୁହେଁ ବରଂ ସୌନ୍ଦର୍ଯ୍ୟର ଅନୁଗାମୀ । ତାହା "ତାଙ୍କ ସୃଜନ ସ୍ୱପ୍ନ" କବିତାର ପ୍ରଥମ ଉକ୍ତିଟି ପଦରେ ସ୍ପଷ୍ଟ ଅଭିବ୍ୟକ୍ତି ଲାଭ କରିଛି । ଏଥିରେ ବାସ୍ତବତା ବଦଳରେ ଆଦର୍ଶର ବନ୍ଦନା ଗାନ ହୋଇଥିଲେ ହେଁ ତାଙ୍କର ଶେଷ ଶ୍ରେଷ୍ଠ କବିତା ।

କବି କାଳନ୍ଦୀଚରଣ ପାଣିଗ୍ରାହୀ ମାନବବାଦ, ଗ୍ରାମଭିବାଦ, ବାସ୍ତବବାଦ ଓ ମାର୍କସ୍ ଚିନ୍ତାଧାରା, ସ୍ୱରାଜସଂଗ୍ରାମ, ରବୀନ୍ଦ୍ରନାଥ, ଗୋପବନ୍ଧୁ ଓ ସତ୍ୟବାଦୀ ଗୋଷ୍ଠୀ ଏ ସବୁଥିରୁ ପ୍ରେରଣା ଲାଭ କରିଛନ୍ତି ବୋଲି ମନେ ହୁଏ । 'ପୂଜା ମନ୍ଦିର' ତାଙ୍କର ସଫଳ ବାସ୍ତବବାଦୀ କବିତା ମଧ୍ୟରେ ସର୍ବପ୍ରଥମ । ବାସ୍ତବବାଦୀ କବିତାଗୁଡ଼ିକ ମଧ୍ୟରେ ନିମ୍ନଲିଖିତ କବିତା ଗୁଡ଼ିକୁ ପର୍ଯ୍ୟାୟଭୁକ୍ତ କରାଯାଇପାରେ । 'ଦରିଦ୍ର ଭଗବାନ' 'ଭକ୍ତ ଓ ଗ୍ରାହକ', 'ପ୍ରତିମା' 'ଜୟ ଭଗବାନ', 'ଯାଦୁଘର'

Digitized by PPRACHIN, SOA

'ପୂଜା', 'ଗାନ୍ଧୀଙ୍କର ଆଶୀର୍ବାଦ', 'ଆଗାମୀ', 'ନବ ଶଳା ଶଇତାନ', 'ଦେବତା ମଣିଷ', 'ଜୀବନର ସ୍ୱର୍ଣ', 'ବାକ୍‌ଗୁଡ଼ିତ', 'ଆଗାମୀକାଲ୍‌', 'ଲୁଗାଟିଏ ଲୋଡ଼ା', 'କ୍ଷଣିକ ସତ୍ୟ', 'ମୋର ବାଣୀ', 'ପାଶୋଣ ଦେଉଳରେ ଶିମୁଳପାଳ' ଇତ୍ୟାଦି ।

କିନ୍ତୁ 'ପୁଣ୍ୟ ମନ୍ଦିର' କବିତାରେ ବାସ୍ତବବାଦୀ ଓ ପ୍ରଗତିଶୀଳ ମନର ପ୍ରତି-ଫଳନ ଆମେ ଦେଖୁ । ଈଶ୍ୱର ମଣିଷକୁ ନିଜସ୍ୱ ରୂପରେ ଗଢ଼ିଛନ୍ତି, "God has made man in his own image" ଏକଥା ଅପେକ୍ଷା ମଣିଷ ନିଜସ୍ୱ ରୂପରେ ଈଶ୍ୱର ଗଢ଼ିଛି, 'Man has made God in his own image' ବେଶି ସତ୍ୟ ବୋଲି ମନେହୁଏ । ଶ୍ରମ ଓ ସୃଷ୍ଟି ସକାଶେ ଅଧିକ ପୂଜା ପ୍ରଶଂସାର ଅଧିକାରୀ ଏଇ ମଣିଷ । ଏହି ସତ୍ୟ ହିଁ ଏଥିରେ ପ୍ରକଟିତ ।

"ବନ୍ଦଂଚ ଯେ ଆତ୍ମା ଏହି ପାଷାଣେ ନିହିତ
ଉଦ୍ଦେଶ୍ୟେ ତାହାରେ ଆଜି ନ୍ୟସ୍ତ ମୋର ଶିର
ରକତ ମାଂସର ଯେତେ ହସ୍ତ ନିର୍ମିଲା ଏଇ ପ୍ରସ୍ତର ସମସ୍ତ
ତାହାର ସକାଶେ ଏ ପାଷାଣ ପାଶେ ନମସ୍କାର ବାରମ୍ବାର ।
ମାନବର ସୃଷ୍ଟି ଏ ଯେ ମାନବର ଅନ୍ତର ଆରତି
ନମଇ ମୁଁ ତେଣୁ ଏଠି ଜଣାଏ ମୋ ବ୍ୟଥାର ଭାରତୀ ।"

ମଣିଷ କଳ୍ପନାରେ ସ୍ୱର୍ଗ ନ ତୋଳି ଏବଂ ମୃତ୍ୟୁ ପରେ ମୁକ୍ତି ଆଶାରେ ପାଗଳ ନ ହୋଇ ସୁଖ ଦୁଃଖର ନିକେତନ, ଆଶାଆକାଂକ୍ଷାର ମଧୁ ଭଣ୍ଡାର ଏଇ ମାଟି-ମଣିଷର ବାସ୍ତବ ପୃଥିବୀକୁ ଭଲପାଇବା ଉଚିତ । ପୁଣି ସବୁଜ ଗୋଷ୍ଠୀର କବିଙ୍କ ମଧ୍ୟରେ ମାନବିକତାର ଅପୂର୍ବ ଚିନ୍ତା ରହିଛି । ଏହି ଗୋଷ୍ଠୀର ଉଭୟ କବିତା ଓ ଉପନ୍ୟାସରେ ବାସ୍ତବ ମଣିଷ ମନର ଆଧୁନିକ ରୂପ ସ୍ପଷ୍ଟ । ପ୍ରଥମତଃ ପୁଣ୍ୟମନ୍ଦିର ବିଗ୍ରହ । ଆଜିର ସମାଜରେ ବ୍ୟକ୍ତି ନିଜର ଅସ୍ତିତ୍ୱ ପାଇଁ ନିଜର ସବୁକିଛି ତ୍ୟାଗ କରୁଛି ! କିନ୍ତୁ ତ୍ୟାଗ ସତ୍ତ୍ୱେ ଇପ୍‌ସିତ ଫଳ ମିଳୁନାହିଁ । 'ପୁଣ୍ୟ ମନ୍ଦିର'ରେ ଇତିହାସ ଓ କାଳ ଅପେକ୍ଷା ମଣିଷର ସମସାମୟିକ ସମାଜର ଆଭାସ ମିଳେ । ମଣିଷ ପଥର ଦେହରେ ପ୍ରାଣର କଥା ଯେପରି ଛଳଛଳ ଭାଷାରେ କହି ପାରୁଛି ତାହା ଅନ୍ତରରେ ମାନବିକତାର ସ୍ୱର ଲକ୍ଷ୍ୟ କରାଯାଏ ।

ପାଣିଗ୍ରାହୀଙ୍କର ଶ୍ରେଷ୍ଠ ଉପନ୍ୟାସ 'ମାଟିର ମଣିଷ'ରେ ବର୍ତ୍ତମାନ ବରଜୁର ତ୍ୟାଗ ମାନବ ସମାଜ ପାଇଁ ଏକ ଚେତାବନୀ ଏହା କେହି ଅସ୍ୱୀକାର କରିପାରିବେ ନାହିଁ । ସମାଜର ବାସ୍ତବ ଚିତ୍ର ଖଳ ପ୍ରକୃତି ଠାରୁ ଆରମ୍ଭ କରି ନାରୀ ଚରିତ୍ର ପର୍ଯ୍ୟନ୍ତ । ନାରୀର ପ୍ରଭାବରେ ସାନଭାଇ ଛକଡ଼ି ଯେଉଁ ଭାଇ ଆଗରେ ଉଚ୍ଚରି କଥା କହି ପାରୁନଥିଲା ସେ ମଧ୍ୟ ସ୍ୱାର୍ଥ ପାଇଁ ଆଗେଇ ଯାଇଛି । ଯଥାର୍ଥରେ ଏହା ଏକ ବାସ୍ତବ ବାଦୀ ଓ ଜାତୀୟ ବାଦୀ ଚନ୍ଦ୍ରା ନାୟକଙ୍କର ଶ୍ରେଷ୍ଠ ଉପନ୍ୟାସ । ଗୋପୀନାଥ ମହାନ୍ତିଙ୍କ ଭାଷାରେ :—"ମାଟିର ମଣିଷ" ପ୍ରଥମ ଆଧୁନିକ ଉପନ୍ୟାସ" ।

Digitized by PPRACHIN, SOA

ପ୍ରକୃତ, ବାସ୍ତବବାଦ, ଆଧ୍ୟାତ୍ମିକତା, ଜାତୀୟତାବାଦ ଆନ୍ତର୍ଜାତୀୟତାବାଦ ଦୃଷ୍ଟିରୁ ସବୁଜ-ସାହିତ୍ୟର ଯଥେଷ୍ଟ ଉପାଦାନ ପରିଲକ୍ଷିତ ହୁଏ । ତଥାପି ବହୁ ସମାଲୋଚକଙ୍କ ଦ୍ୱାରା ଏହା ସମାଲୋଚନାର ଶରବ୍ୟ ହୋଇଛି । କାରଣ ସେ ସମୟରେ ଜଣେ ସ୍ୱତନ୍ତ୍ରବାଦୀ ରବୀନ୍ଦ୍ର ନାଥ ଠାକୁର, ଆଉ ଜଣେ ପ୍ରତ୍ୟକ୍ଷ ଦଳବଳସ୍ଥ ଅସହ-ଯୋଗ ଆନ୍ଦୋଳନର କର୍ତ୍ତା ମହାତ୍ମା ଗାନ୍ଧୀ । ସବୁଜ କବିମାନେ ଯେ କେବଳ ରବୀନ୍ଦ୍ରନାଥଙ୍କ ଦ୍ୱାରା ଅନୁପ୍ରାଣିତ ହୋଇଥିଲେ ତାହା ନୁହେଁ ଗାନ୍ଧୀଙ୍କର ଜାତୀୟ ପ୍ରାଣତା ଦ୍ୱାରା ଅନୁପ୍ରାଣିତ ମଧ୍ୟ ହୋଇଥିଲେ । କିନ୍ତୁ ରବୀନ୍ଦ୍ରନାଥ ଅସହଯୋଗ ଆନ୍ଦୋଳନକୁ ପସନ୍ଦ କରୁ ନଥିଲେ । ସବୁଜ କବିମାନେ ରବୀନ୍ଦ୍ରନାଥଙ୍କ ଦ୍ୱାରା ବହୁ ପରିମାଣରେ ଅନୁପ୍ରାଣିତ ଏହା ସ୍ୱୀକାର କରାଯାଏ । ବିଖ୍ୟାତ ଔପନ୍ୟାସିକ 'ରୋମାଁ ରୋଲାଁ' ଗାନ୍ଧୀ ଓ ରବୀନ୍ଦ୍ରନାଥ ଉଭୟଙ୍କୁ ସମ୍ମାନ ଦେଇ କହିଛନ୍ତି ଯେ With all my respects for Gandhi Iam with Tagore" ତେଣୁ ସବୁଜ କବିମାନେ ଏହି ଆଦର୍ଶ ଅବଲମ୍ବନ କରିଛନ୍ତି ।

ପୁଣି ସେ ସମୟରେ ଓଡ଼ିଶାର ପ୍ରବୀଣ ଉଦ୍ଦାମ ଯୁବକ ବୀରକିଶୋର, ବାଞ୍ଛାନିଧି, ହରେକୃଷ୍ଣ ମହତାବ, ଗୋପବନ୍ଧୁ ପ୍ରମୁଖ ସମକାଳୀନ ଜାତୀୟ ଆନ୍ଦୋଳନର କବିତା ପାଇଁ ଚେଷ୍ଟା କରିଯାଉଥିଲେ । କିନ୍ତୁ ସବୁଜ କବିମାନେ କବିତା ଗଢ଼ିଛନ୍ତି । ସମୟର ଆବର୍ତ୍ତ ମଧ୍ୟରେ ନିଃଶେଷ ହୋଇଯିବା ପାଇଁ ଏମାନେ ଚାହିଁ ନଥିଲେ । ଗାନ୍ଧୀ ଓ ରବୀନ୍ଦ୍ରନାଥଙ୍କ ମଧ୍ୟରେ ପାର୍ଥକ୍ୟ ଦର୍ଶାଇ ରାଧାମୋହନ ଗଡ଼ନାୟକ ତାଙ୍କର "ସ୍ୱାଗବାଡ଼ାକାଗବାସେ" କବିତାରେ ପ୍ରମାଣ କରିଛନ୍ତି - ରବୀନ୍ଦ୍ରନାଥ ଯେତେବେଳେ ପୁଷ୍କରିଣୀ ଭିତରେ ଫୁଟନ୍ତା ପଦ୍ମଫୁଲକୁ ଦର୍ଶନ କରୁଥିଲେ, ସେତେବେଳେ ଗାନ୍ଧୀ ସେହି ପଦ୍ମଫୁଲର ନାଡ଼କୁ ଦେଖୁଥିଲେ । ଜଣେ ବାସ୍ତବକୁ ଦେଖୁଥିଲେ, ଅନ୍ୟଜଣେ କଳ୍ପନା ମଧ୍ୟରେ ନିମଗ୍ନ ରହୁଥିଲେ । ତଥାପି ସବୁଜ କବିମାନେ ଗାନ୍ଧୀଙ୍କୁ ପରିହାର କରିନାହାନ୍ତି । ଅନ୍ୟ ପକ୍ଷରେ ସବୁଜ ପୂର୍ବବର୍ତ୍ତୀ ସାହିତ୍ୟିକ ବା ସତ୍ୟବାଦୀ ଗୋଷ୍ଠୀଙ୍କର ଥିଲା ଜାତୀୟତାବାଦୀ ସାହିତ୍ୟ ସୃଷ୍ଟି ଏବଂ ତାଙ୍କର ଥିଲା ନେତା ହେବାର ଉଦ୍ଦେଶ । କିନ୍ତୁ ସବୁଜ କବିମାନଙ୍କର ଏ ମନୋଭାବ ନଥିଲା । ଏମାନେ ଦୁଇ ନାଆଁରେ ଦୁଇଟି ପାଦ ଦେଇ ନଥିଲେ । ଯାହା ତାଙ୍କର ଜୀବନର ପ୍ରଥମ ଲକ୍ଷ୍ୟ ତାହାହିଁ ସେମାନେ ଶେଷ ପର୍ଯ୍ୟନ୍ତ ଧାରଣ କରିଥିଲେ ।

ତେଣୁ ସବୁଜ ସାହିତ୍ୟ କେବଳ ରୋମାଣ୍ଟିକ ନୁହେଁ, ବାସ୍ତବବାଦୀ, ମାନବ ବାଦୀ, ପ୍ରଗତିବାଦୀ, ଚେତନା ଦ୍ୱାରା ମଧ୍ୟ ପ୍ରଭାବିତ ହୋଇ ସାହିତ୍ୟର ଜାତୀୟ ଓ ଆନ୍ତର୍ଜାତିକ ପ୍ରତିମାକୁ ପ୍ରସାରିତ କରିଥିଲା—ଏହା ନିର୍ବିବାଦରେ କୁହାଯାଇପାରେ ।

*

Digitized by PPRACHIN, SOA

ଓଡ଼ିଆ ପ୍ରଗତିଶୀଳ କାବ୍ୟଧାରା

ଶ୍ରୀ ବିମ୍ବାଧର ବରାହ
ଷଷ୍ଠ ବର୍ଷ

ଆଧୁନିକ ଓଡ଼ିଆ କବିତାର ଉତ୍ତରଣ ପର୍ବରେ ପ୍ରଗତିଶୀଳ କବିତାର ଉନ୍ମେଷ ଏବଂ ବିକାଶ ନିଶ୍ଚିତ ଭାବରେ ଏକ ନୂତନ ସମ୍ଭାବନାର ସୂଚନା ଦିଏ। ଓଡ଼ିଆ କାବ୍ୟକବିତାକୁ ଗତାନୁଗତିକତାରୁ ମୁକ୍ତ ଦେବାକୁ ସତେ ଯେପରି ତା'ର ଏହି ଦୁର୍ବାର ଅଭିଯାନ। ତେବେ ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଉପର୍ଯ୍ୟୁକ୍ତ କାବ୍ୟ-ପରଂପରାଟି ଯଦିଓ ଓଡ଼ିଶା କିମ୍ବା ଭାରତର ପାଣି ପବନରୁ ଗୃହୀତ ନ ହୋଇଛି, ଯଦିବା ଏହାର ଉପାଦାନ ପାଶ୍ଚାତ୍ୟ ସାହିତ୍ୟରୁ ଗୃହୀତ, ତଥାପି ଓଡ଼ିଆ କାବ୍ୟ-କବିତା କ୍ଷେତ୍ରରେ ଏହା ଯେଉଁ ନୂତନ ମୋଡ଼ ସୃଷ୍ଟି କଲା (ଉଭୟ ଆଙ୍ଗିକ ଓ ଆତ୍ମିକ କ୍ଷେତ୍ରରେ) ତାହା ଅଦ୍ୟାବଧି ଜୀବନ୍ତ ଓ ସତେଜ। କବି ଶ୍ରୀ ସଚ୍ଚିଦାନନ୍ଦ ରାଉତରାୟ, ଅନନ୍ତ ପଟ୍ଟନାୟକ, ମନମୋହନ ମିଶ୍ର, ରଘୁନାଥ ଦାସ, ରଜନୀକାନ୍ତ ଦାସ, ଦୁର୍ଗାଚରଣ କୁଅଁର, ରବୀନ୍ଦ୍ର ନାଥ ସିଂହ, ବ୍ରଜନାଥ ରଥ, ମନୋଜ ଦାସ, ପ୍ରସନ୍ନ ପାଟଶାଣୀଙ୍କ ଅବଦାନ ଏ କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ।

ପ୍ରଗତିଶୀଳ କବିତାର ସଂଜ୍ଞା ଓ ସ୍ୱରୂପ :

ପ୍ରଗତିଶୀଳ ସାହିତ୍ୟର ସଂଜ୍ଞା ନିରୂପଣ କରିବାକୁ ଯାଇ ଜ୍ଞାନପୀଠ ପୁରସ୍କାର-ପ୍ରାପ୍ତ ହିନ୍ଦୀ ସାହିତ୍ୟର ବିଶିଷ୍ଟ କବି ସୁମିତ୍ରାନନ୍ଦନ ପନ୍ଥ କହନ୍ତି ଯେ—ପ୍ରଗତିବାଦ ସାହିତ୍ୟିକ ମାର୍କସ୍‌ବାଦ ବ୍ୟତୀତ ଅନ୍ୟ କିଛି ନୁହେଁ। ଅତଏବ ପ୍ରଗତିଶୀଳ ସାହିତ୍ୟିକମାନଙ୍କୁ ମାର୍କସିଷ୍ଟ ଭାବରେ ଅଭିହିତ କରିବା ଅଧିକ ଯୁକ୍ତିସଙ୍ଗତ ମନେହୁଏ। କିନ୍ତୁ ଯେଉଁମାନେ ରାଜନୈତିକ କ୍ଷେତ୍ରରେ ଏହି ଦର୍ଶନକୁ କାର୍ଯ୍ୟରେ ପରିଣତ କରନ୍ତି ସେମାନଙ୍କୁ କମ୍ୟୁନିଷ୍ଟ ବୋଲିଯାଏ। କାର୍ଲମାର୍କସ୍ ଊନବିଂଶ ଶତାବ୍ଦୀର ଜଣେ ବିଶିଷ୍ଟ ୟୁରୋପୀୟ ଦାର୍ଶନିକ। ସେ (ମାର୍କସ୍) ଇତିହାସର ଅର୍ଥନୈତିକ ବ୍ୟାଖ୍ୟା (Economic Interpretation of History) ପ୍ରଦାନ କରିଥିଲେ। ଅର୍ଥାତ୍ ଇତିହାସର ବିକାଶ ମଣିଷ ସଭ୍ୟତାର ଅର୍ଥନୈତିକ ସ୍ଥିତି ଉପରେ ନିର୍ଭର କରେ ବୋଲି ସେ ଏକ ବୈପ୍ଳବିକ ଦୃଷ୍ଟିକୋଣ ପ୍ରକାଶ କରିଥିଲେ। ଏହା ବୋଧହୁଏ ତାଙ୍କ ଦାର୍ଶନିକ ଚିନ୍ତାଧାରାର ମୂଳ ହେତୁ ଥିଲା। ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ମାର୍କସଙ୍କର ଆବିର୍ଭାବ ଘଟେ। ତତ୍ ପୂର୍ବବର୍ତ୍ତୀ ଶତାବ୍ଦୀ ୧୮ଶ ଶତାବ୍ଦୀ)ର ଶିଳ୍ପ ବିପ୍ଳବ ଦୁଇଟି ଶ୍ରେଣୀର ଜନ୍ମ ଦେଇଥାଏ। ଗୋଷ୍ଠିଏ

Digitized by PPRACHIN, SOA

ହେଲା ପୁଞ୍ଜିପତି ଶ୍ରେଣୀ ଏବଂ ଅପରଟି ଶ୍ରମିକ ବା ସର୍ବହରା ଶ୍ରେଣୀ । ସେମାନଙ୍କ ମଧ୍ୟରେ ଦେଖାଦେଉଥିବା ଶ୍ରେଣୀ ସଂଘର୍ଷ ତଥା ଅର୍ଥଗତ ବୈଷମ୍ୟ ବିରୁଦ୍ଧରେ ମାର୍କସ୍ ସ୍ୱର ଉତ୍ତୋଳନ କରିଥିଲେ । ସାମନ୍ତବାଦ ବିଦାୟ ନେବା ସଙ୍ଗେ ସଙ୍ଗେ ପୁଞ୍ଜିବାଦର ଅଭ୍ୟୁତ୍ଥାନ ଘଟିଥିଲା । କିନ୍ତୁ ମାର୍କସଙ୍କର ଚରମ ଆକାଂକ୍ଷା ଥିଲା ପୁଞ୍ଜିବାଦରୁ ସମାଜବାଦ ମଧ୍ୟଦେଇ ସାମ୍ୟବାଦ ନିକଟରେ ପହଞ୍ଚିବା । ସେଥିପାଇଁ ସେ ମଣିଷର ଅର୍ଥଗତ ସ୍ଥିତିକୁ ଏକମାତ୍ର ମାଧ୍ୟମ ରୂପେ ବାଛି ନେଇଥିଲେ । ଆର୍ଥିକ ବ୍ୟବସ୍ଥା ସମାଜ ବ୍ୟବସ୍ଥାର ମୂଳାଧାର ବୋଲି ସେ ତାଙ୍କର ଇସ୍ତାହାରରେ ଉଲ୍ଲେଖ କରିଥିଲେ । ଏପରିକି ଦର୍ଶନ, କଳା ଓ ସାହିତ୍ୟ ଇତ୍ୟାଦି ମଧ୍ୟ ମଣିଷର ଅର୍ଥନୈତିକ ସ୍ଥିତି ଦ୍ୱାରା ନିୟନ୍ତ୍ରିତ ହୋଇଥାଏ ବୋଲି ତାଙ୍କର ବିଶ୍ୱାସ ଥିଲା । ତେଣୁ ମାର୍କସ୍ ସେ ପ୍ରକାର ଅର୍ଥଗତ ବୈଷମ୍ୟର ଉଚ୍ଛେଦ ସାଧନପୂର୍ବକ ଏକ ଶ୍ରେଣୀହୀନ ଶୋଷଣହୀନ ସମାଜ ଗଠନର ସ୍ୱପ୍ନ ଦେଖିଥିଲେ; ଯେଉଁଠି ଶ୍ରେଣୀ ସଂଘର୍ଷର ଚିହ୍ନ ନଥିବ କିମ୍ବା ମଣିଷ ମଣିଷ ମଧ୍ୟରେ ବୈଷମ୍ୟର ଭେଦରେଖା ନଥିବ । ସବୁ କିଛି ବୈଷମ୍ୟର ଉଚ୍ଛେଦ ପାଇଁ, ମେହେନତି ଶ୍ରେଣୀର ପ୍ରତିଷ୍ଠା ପାଇଁ ବା ସାମ୍ୟବାଦୀ ଚିନ୍ତାଧାରାର ଉଦ୍‌ବର୍ତ୍ତନ ପାଇଁ ମାର୍କସୀୟ ଦର୍ଶନ ଇଭୋଲ୍ୟୁସନରେ ବିଶ୍ୱାସ ନ ରଖି ରିଭୋଲ୍ୟୁସନ୍‌ରେ ବିଶ୍ୱାସ କରିଥିଲା । କାରଣ ଯଥାଶୀଘ୍ର ପରିବର୍ତ୍ତନ ଉପରେ ସେ ବହୁଧା ଆସ୍ଥାଶୀଳ । ମାର୍କସୀୟ ଦର୍ଶନର ଅନ୍ୟ ଏକ ବିଶେଷତ୍ୱ ହେଲା ସେଥିରେ ଆଦର୍ଶବାଦର ସତ୍ତା ସୂକ୍ଷ୍ମ ନାହିଁ । ଯେହେତୁ ତାହା ଏକ ବିଜ୍ଞାନ-ଭିତ୍ତିକ ମତବାଦ । ଈଶ୍ୱର କିମ୍ବା ଧର୍ମକୁ ଅସ୍ୱୀକାର କରି 'ଜଡ଼ବାଦ' ବା 'ବସ୍ତୁବାଦ' ଉପରେ ଅଧିକ ଗୁରୁତ୍ୱ ଦେବାରେ ତାହା ସତତ ଚେଷ୍ଟିତ । ବୋଧହୁଏ ସେଇଥିପାଇଁ ମାର୍କସ୍ ଦ୍ୱନ୍ଦ୍ୱାତ୍ମକ ବସ୍ତୁବାଦ (Dilectical Materialism) ଉପରେ ଅଖଣ୍ଡ ବିଶ୍ୱାସ ରଖିଥିଲେ । ମୋଟାମୋଟି ଭାବରେ କୁହାଯାଇପାରେ ଯେ, ମାର୍କସ୍ ଚାହିଁଥିଲେ ଏକ ଶାସକହୀନ ଶାସନ ବା ନୈରାଜ୍ୟର ଭିତ୍ତିସ୍ଥାପନ; ଯେଉଁଠି ସର୍ବହରାର ଏକ ନାୟକତ୍ୱ ବା ଗୋଷ୍ଠୀ ମୂଳଆର ଅଧିକାର ବଜାୟ ରହିବ ପୁଣି ଯେଉଁଠି ପୁଞ୍ଜିବାଦର ସତ୍ତା ପୁଣି ଚିହ୍ନିତ ହେଉ ନ ଥିବ ।

ବସ୍ତୁତଃ, ଉପରୋକ୍ତ ମାର୍କସୀୟ ଚିନ୍ତା ଚେତନାର ଅନୁସରଣରେ ଗଢ଼ିଉଠିଥିବା ସାହିତ୍ୟ ହିଁ ପ୍ରଗତିଶୀଳ ସାହିତ୍ୟ । ଶ୍ରେଣୀ ସଂଘର୍ଷକୁ ଉତ୍ଖାତ କରିବା ସଙ୍ଗେ ସଙ୍ଗେ ଏକ ବିଜ୍ଞାନ-ଭିତ୍ତିକ ଧର୍ମ ବିବର୍ଜିତ ଶ୍ରେଣୀହୀନ, ଶୋଷଣହୀନ ସମାଜର ଗଠନ ପାଇଁ ଆହ୍ୱାନ ଦେଉଥିବା ସାହିତ୍ୟ ହିଁ ପ୍ରଗତିଶୀଳ ସାହିତ୍ୟ । ପ୍ରଗତିଶୀଳ ସାହିତ୍ୟର ସଂଜ୍ଞା ଏବଂ ସ୍ୱରୂପ ସମ୍ପର୍କରେ ଦୁଇ ତିନୋଟି ଉକ୍ତି ଏଠାରେ ଉଲ୍ଲେଖଯୋଗ୍ୟ—'ଯେଉଁ ସାହିତ୍ୟ ଆମ୍ଭମାନଙ୍କ ବିଚାରବୁଦ୍ଧିକୁ ଉଦ୍‌ବୁଦ୍ଧ କରେ, ସମାଜ ବ୍ୟବସ୍ଥା ଓ ରୀତିନୀତିକୁ ଯୁକ୍ତି ସମ୍ମତ ଭାବେ ପରୀକ୍ଷା କରେ, ଆମ୍ଭମାନଙ୍କୁ କର୍ମଠ ଓ ଶୃଙ୍ଖଳିତ ସମାଜର ରୂପାନ୍ତର ସୃଷ୍ଟିରେ ସାହାଯ୍ୟ କରେ, ତାହାକୁ ହିଁ

Digitized by PPRACHIN, SOA

ଆମେ ପ୍ରଗତିଶୀଳ ସାହିତ୍ୟ ବୋଲି କହିବୁ ।' (୧), "ସାହିତ୍ୟରେ ବିପ୍ଳବ ପ୍ରଚାର କରି ଜାତୀୟ ଜୀବନରେ ଚଞ୍ଚଳତାର ସୁଯୋଗ ଦେବା ଏହାର ଚରମ ଲକ୍ଷ୍ୟ ।" (୨) ଏ ସାହିତ୍ୟରେ ଭଗବାନଙ୍କ ସହିତ କୌଣସି ସମ୍ପର୍କ ନ ଥିବ । ଧର୍ମ ସହିତ କୌଣସି ସମ୍ବନ୍ଧ ନ ଥିବ । ମନୁଷ୍ୟଭାବରେ ମନୁଷ୍ୟର ସମସ୍ୟାକୁ ଧରି ଏହା ଅଗ୍ରସର ହେବ । ଏହିପରି ଏକ ସାହିତ୍ୟ ରୁଷିଆରେ ବର୍ତ୍ତମାନ ସୃଷ୍ଟି ହୋଇଛି । ଓଡ଼ିଆ ସାହିତ୍ୟକୁ ସେହି ଆଦର୍ଶ ଧରିବାକୁ ହେବ ।' (୩)

ଉପରୋକ୍ତ ସମସ୍ତ ଆଲୋଚନାକୁ ଭିତ୍ତିକରି ପ୍ରଗତିଶୀଳ ସାହିତ୍ୟର ଏକ ସହଜ ସରଳ ସଂଜ୍ଞା ପ୍ରଦାନ କରି କୁହାଯାଇପାରେ ଯେ; ପ୍ରଗତିଶୀଳ ସାହିତ୍ୟ ଏକ ପ୍ରତିଷ୍ଠା ବିରୋଧୀ ସାହିତ୍ୟ, ଯାହା ସବୁକିଛି ପ୍ରତିଷ୍ଠାର ଊର୍ଦ୍ଧ୍ୱରେ । ଏହା ଏକ ବିଜ୍ଞାନ ଭିତ୍ତିକ ସାହିତ୍ୟ ହୋଇଥିବାରୁ ଆଦର୍ଶବାଦର ପରିପନ୍ଥୀ ରୂପେ ନିଜକୁ ଅନ୍ୟମାନଙ୍କ ନିକଟରେ ପରିଚିତ କରାଏ । ସବୁକିଛି ଧର୍ମୀୟ ମୂଲ୍ୟବୋଧ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ବସ୍ତୁବାଦ ବା ଜଡ଼ବାଦ ଉପରେ ବିଶ୍ୱାସ ରଖେ । Social Progress ବା ସାମାଜିକ ପ୍ରଗତି ହିଁ ତାର ଚରମ ଲକ୍ଷ୍ୟ । ପରିବର୍ତ୍ତନଶୀଳତାକୁ ଅଙ୍ଗୀକାର କରି ନେବା ସତେ ଯେପରି ତା'ର ଧର୍ମ । ପରିବର୍ତ୍ତନ ବିଦ୍ୱେଷୀ ବା 'ଅନ୍ଧ' ଗୋଷ୍ଠୀଙ୍କ ବୈପରୀତ୍ୟରେ ତା'ର ଉନ୍ମେଷ ଏବଂ ବିକାଶ । ସାହିତ୍ୟ ଦୃଷ୍ଟିରୁ ଏହି ପ୍ରଗତିଶୀଳ ସାହିତ୍ୟତତ୍ତ୍ୱ 'ସାମାଜିକ ବାସ୍ତବବାଦ' ନାମରେ ନାମିତ ।

ପ୍ରଗତିଶୀଳ ଚେତନାର ଉନ୍ମେଷ ଓ ଓଡ଼ିଆ କବିତାରେ ତାର ପ୍ରବାହ :

ବିଶ୍ୱ ସାହିତ୍ୟର ଇତିହାସରେ ପ୍ରଗତିଶୀଳ କବିତାର ଉନ୍ମେଷ ଏକ ପ୍ରଚଣ୍ଡ ରାଜନୈତିକ ଆଗ୍ରହର ରୂପାନ୍ତର ବ୍ୟତୀତ ଅନ୍ୟ କିଛି ନୁହେଁ । ଏ ପର୍ଯ୍ୟାୟରେ ୧୯୧୭ ଖ୍ରୀଷ୍ଟାବ୍ଦରେ ସଙ୍ଘଟିତ ବଲ୍‌ସେଭିକ୍ ଆନ୍ଦୋଳନକୁ ସ୍ମରଣ କରାଯାଇପାରେ । ଅତ୍ୟାଚାରୀ ଜାର୍ ଶାସନର ବିଲୁପ୍ତି ପାଇଁ ସର୍ବହରା ଶ୍ରେଣୀର ବିପ୍ଳବ ତଥା ବିଜୟ, ବିଶିଷ୍ଟ ଜନନାୟକ ଲେନିନ୍‌ଙ୍କ ହାତକୁ ଶାସନ କ୍ଷମତାର ହସ୍ତାନ୍ତର, ରୁଷିଆରେ ଏକ ଶୋଷଣମୁକ୍ତ ଶ୍ରମନିର୍ଭର ସମତୁଲ ସମାଜ ପ୍ରତିଷ୍ଠା (ଯେଉଁଥିପାଇଁ ମାର୍କସ୍ ଅହରହ ସ୍ୱପ୍ନ ଦେଖୁଥିଲେ) ଇତ୍ୟାଦି ବାସ୍ତବରେ ଏକ ଏକ କ୍ରାନ୍ତିକାରୀ ଘଟଣା । ବସ୍ତୁତଃ, ଏଇ ସର୍ବହରା ଆନ୍ଦୋଳନ ହିଁ କେବଳ ରୁଷିଆ କାହିଁକି, ସମଗ୍ର ବିଶ୍ୱର ସୁପ୍ରତିଷ୍ଠିତ ରାଜତନ୍ତ୍ର ଶାସନ ମୂଳରେ ତୀବ୍ର କୁଠାରାଘାତ କରି ଅତି ସଚେତନ

---

(୧) ଆସନ୍ତାକାଲିର ସାହିତ୍ୟ ପୃ : ୧୨୯—ପ୍ରାଣନାଥ ପଟ୍ଟନାୟକ ।

(୨) ନବଭାରତ – ପଣ୍ଡିତ ନୀଳକଣ୍ଠ ଦାଶ ।

(୩) ବର୍ତ୍ତମାନ ସାହିତ୍ୟରେ ନୂତନ ଭାବଧାରାର ଆବାହନ—ନବଭାରତ—ଶ୍ରୀ ରାମପ୍ରସାଦ ସିଂହ ।

Digitized by PPRACHIN, SOA

ଭାବରେ ଯେଉଁ ବାର୍ତ୍ତା ଉଦ୍‌ଘୋଷଣ କରିଥିଲା ତାହାହିଁ 'ସାମ୍ୟବାଦୀ ସ୍ୱର' ନାମରେ ନାମିତ । ରୁଷ୍ ବିପ୍ଳବର ଏଇ ମହାନ୍ ମାନବିକ ଆଦର୍ଶ (ସାମ୍ୟବାଦୀ ସ୍ୱର) କେବଳ ସାମାଜିକ ଚିନ୍ତା-ଚେତନା କ୍ଷେତ୍ରରେ ଆବଦ୍ଧ ନ ରହି କ୍ରମଶଃ ସାହିତ୍ୟକୁ ପ୍ରଭାବିତ କଲା । ଫଳରେ ରୁଷ୍ ସାହିତ୍ୟରେ ସାମ୍ୟବାଦୀ ସାହିତ୍ୟ ବା ପ୍ରଗତିଶୀଳ ସାହିତ୍ୟର ଉଦ୍‌ବର୍ତ୍ତନ ଘଟି ସମଗ୍ର ବିଶ୍ୱ ସାହିତ୍ୟକୁ ନୂତନତାର ସଙ୍କେତ ପ୍ରଦାନ କଲା । ରୁଷ୍ ସାହିତ୍ୟରେ ଏଇ ଚିନ୍ତାଧାରା କ୍ଷେତ୍ରରେ ବିଶିଷ୍ଟ କଥାକାର ମାକ୍‌ସିମ୍ ଗର୍କି ନିଜର ସବ୍ୟସାଚୀତ୍ୱର ପରିଚୟ ଦେଇଥିଲେ । ଏହି ନବାବିଷ୍କୃତ ସାହିତ୍ୟିକ ଚିନ୍ତାଧାରା ପ୍ରତି ଆକୃଷ୍ଟ ହୋଇ ଫ୍ରାନସର ପ୍ୟାରିସ୍‌ଠାରେ World Congress for Defence of Peace ଦ୍ୱାରା ଫରାସୀ ସାହିତ୍ୟରେ ପ୍ରଗତିଶୀଳ ସାହିତ୍ୟର ଭିତ୍ତି ସ୍ଥାପିତ ହୁଏ । ସମସାମୟିକ କାଳରେ (ବିଂଶ ଶତାବ୍ଦୀର ତୃତୀୟ ଦଶକ ବେଳକୁ) ଇଂରାଜୀ ସାହିତ୍ୟ ମଧ୍ୟ ଏଥିରୁ ବାଦ୍ ପଡ଼ି ନଥିଲା । ଏ କ୍ଷେତ୍ରରେ ଇଂରାଜୀ ସାହିତ୍ୟର Auden Group (ଅଡ଼େନ୍ ଗୋଷ୍ଠୀ)ର ଭୂମିକା ଅନସ୍ୱୀକାର୍ଯ୍ୟ । ତୃତୀୟ ଦଶକର ଅବ୍ୟବହିତ ପୂର୍ବରୁ, ଅର୍ଥାତ୍ ୧୯୨୨ ଖ୍ରୀଷ୍ଟାବ୍ଦରୁ ଇଂରାଜୀ ସାହିତ୍ୟରେ T. S. Eliotଙ୍କ ପ୍ରଭାବ ବେଶ୍ ଅନୁଭୂତ ହୋଇଉଠିଥାଏ । ବିଶେଷତଃ Eliotଙ୍କ Waste Land (୧୯୨୨)ର ପ୍ରକାଶ ପରେ ତତ୍‌ଜନିତ 'ନୈରାଶ୍ୟବାଦ' (Nihilism) ବା ନୈରାଶ୍ୟବାଦ ଦ୍ୱାରା ଇଂରାଜୀ, ସାହିତ୍ୟରେ ଏକ ଉନ୍ମୂଳ ଆନ୍ଦୋଳନ ସୃଷ୍ଟି ହୋଇଥିଲା । କିନ୍ତୁ Auden Group ଇଂରାଜୀ ସାହିତ୍ୟକୁ Eliotଙ୍କ 'ନୈରାଶ୍ୟବାଦ'ଠାରୁ ଦୂରେଇ ନେଇ ସାମ୍ୟବାଦୀ ଚିନ୍ତାଧାରା ନିକଟରେ ପହଞ୍ଚେଇ ଦେବାରେ ସମର୍ଥ ହୋଇଥିଲେ । ଅନ୍ୟପ୍ରକାରେ କୁହାଯାଇପାରେ ଯେ, Auden Group ଦ୍ୱାରା ଇଂରାଜୀ ସାହିତ୍ୟରେ ପ୍ରୋଗ୍ରେସିଭ୍ ଲିଟରେଚର୍ ସୃଷ୍ଟି ସମ୍ଭବ ହୋଇପାରିଥିଲା ।

ଏ ପ୍ରକାର ବିଶ୍ୱବ୍ୟାପୀ ଚେତନା ରୁ ଭାରତବର୍ଷ ନିଜକୁ ଦୂରେଇ ରଖିପାରି ନ ଥିଲା । ଯୁଗବିଦ୍ଧ ଭାରତବର୍ଷୀୟ ସାଂସ୍କୃତିକ ଧର୍ମୀୟ ଚେତନା କ୍ରମଶଃ କୁସଂସ୍କାରଗ୍ରସ୍ତ ରୂପେ ପ୍ରତୀତ ହେଲା । ଗଣ ଅପେକ୍ଷା ଜଣ ବା ସମୂହ ଅପେକ୍ଷା ବ୍ୟକ୍ତି ଅଧିକ ସ୍ୱାତନ୍ତ୍ର୍ୟ-ଯୁକ୍ତ ମନେ ହେଲା । ତେଣୁ ଗଣଚେତନା ବ୍ୟକ୍ତି ଚେତନାରେ ରୂପାନ୍ତରିତ ହେଲା । ସମାଜ ବ୍ୟକ୍ତିସ୍ୱାତନ୍ତ୍ର୍ୟ ଅଭିମୁଖୀନ ହେବାରୁ ଭାଗ୍ୟ, ଭଗବାନ ଓ ପୁରୋହିତ କ୍ରମଶଃ ବ୍ୟକ୍ତିଦ୍ୱାରା ଅସ୍ୱୀକୃତ ହେଲେ । ଏପରି ଏକ ପ୍ରେକ୍ଷାପଟ ମଧ୍ୟରୁ ସେହି ତିରିଶି ଦଶକର ମଧ୍ୟଭାଗରେ (୧୯୩୬ ଖ୍ରୀଷ୍ଟାବ୍ଦ) ଲକ୍ଷ୍ନୌଠାରେ ସର୍ବଭାରତୀୟ ସ୍ତରରେ ହିନ୍ଦୀ କଥା ସାହିତ୍ୟ ସମ୍ରାଟ ପ୍ରେମଚନ୍ଦଙ୍କ ସଭାପତିତ୍ୱରେ 'ନିଖିଳ ଭାରତୀୟ ଲେଖକ ସଂଘ' ଅନୁଷ୍ଠିତ ହୋଇ ଭାରତୀୟ ସାହିତ୍ୟରେ ପ୍ରଗତିଶୀଳ ସାହିତ୍ୟର ଉନ୍ମେଷ ଘଟେ । ପ୍ରଗତିକାମୀ ଲେଖକ ସଂଘର ଲକ୍ଷ୍ୟ ନିର୍ଣ୍ଣୟରେ ତଥା ବାସ୍ତବ ସାହିତ୍ୟ କ୍ଷେତ୍ରରେ ଏକ ନୂତନ ବିପ୍ଳବର ସୂଚନା ଦେବାରେ ଉପରୋକ୍ତ ଲେଖକ ସଂଘର ପ୍ରତିଷ୍ଠା

Digitized by PPRACHIN, SOA

ଅର୍ଜିତ ଖ୍ୟାତିରେ ସ୍ୱାଗତଯୋଗ୍ୟ । ଆଲୋଚ୍ୟ କାଳରେ ସ୍ୱନାମଧନ୍ୟ ବଙ୍ଗ ସାହିତ୍ୟିକ ବିଷ୍ଣୁ ଦେ (ଜ୍ଞାନପୀଠ ପୁରସ୍କାର ପ୍ରାପ୍ତ), ଜୀବନାନନ୍ଦ ଦାସ, ଅମିୟ ଚକ୍ରବର୍ତ୍ତୀ ପ୍ରମୁଖଙ୍କ ଲେଖନୀରେ ବଙ୍ଗଳା ସାହିତ୍ୟରେ ମଧ୍ୟ ପ୍ରଗତିଶୀଳ ସାହିତ୍ୟର ସୃଷ୍ଟି ସାଧିତ ହୋଇଥିଲା । ତେବେ ଉପରୋକ୍ତ ସମସ୍ତ ପ୍ରଗତିଶୀଳ ସାହିତ୍ୟର ମୂଳ ହେତୁ ଥିଲା ସମାଜରେ ପ୍ରଗତିଶୀଳ ରାଜନୈତିକ ସଂଗଠନର ଅନୁଚିନ୍ତା । ଓଡ଼ିଶା ଏଥିରୁ ବା କିପରି ବାଦ୍ ଯାଆନ୍ତା ? ବାସ୍ତବପକ୍ଷେ ଦେଖିବାକୁ ଗଲେ 'ଓଡ଼ିଶା କଂଗ୍ରେସ ସୋସାଲିଷ୍ଟ ପାର୍ଟି' ହିଁ ଓଡ଼ିଶାର ରାଜନୈତିକ ଏବଂ ସାମାଜିକ କ୍ଷେତ୍ରରେ ଏକ ରେନେସାଁର ସୂତ୍ରପାତ କରିଥିଲା । ସେତେବେଳେ ଏହି ଜାଗରଣର ନେତୃତ୍ୱ ନେଇଥିବା ଚିନ୍ତାନାୟକବୃନ୍ଦ ଥିଲେ ସ୍ୱର୍ଗତ ଭଗବତୀ ଚରଣ ପାଣିଗ୍ରାହୀ, ନବକୃଷ୍ଣ ଚୌଧୁରୀ, ମାଲତୀ ଚୌଧୁରୀ, ଲକ୍ଷ୍ମୀଧର ନାୟକ, ଅନନ୍ତ ପଟ୍ଟନାୟକ, ସ୍ୱର୍ଗତ ଭୁବନାନନ୍ଦ ଦାସ, ସୁରେନ୍ଦ୍ରନାଥ ଦ୍ୱିବେଦୀ. ସ୍ୱର୍ଗତ ପ୍ରାଣନାଥ ପଟ୍ଟନାୟକ ପ୍ରମୁଖ ଯୁବ ବିପ୍ଳବୀବର୍ଗ । ତେବେ କେବଳ ରାଜନୀତି ଦ୍ୱାରା ସମାଜରେ ପରିବର୍ତ୍ତନ ଆଣିବା ଏକ ଅସମ୍ଭବ ବ୍ୟାପାର ବୋଲି ସେମାନଙ୍କର ହୃଦ୍‌ବୋଧ ହୋଇଉଠିଲା । ସାହିତ୍ୟ ହିଁ ସମାଜ ପରିବର୍ତ୍ତନର ଏକମାତ୍ର ଅସ୍ତ୍ରବୋଲି ସେମାନେ ଚିନ୍ତାକଲେ । ତେଣୁ ଓଡ଼ିଶାର ସାହିତ୍ୟ ଏବଂ ସଂସ୍କୃତିକୁ ଗତାନୁଗତିକତାରୁ ପ୍ରମୁକ୍ତ ଦେଇ ଏକ ଭିନ୍ନରୂପ ଦେବାର ଉଦଗ୍ର ଅଭିପ୍ସା ହିଁ ସେମାନଙ୍କର ଚିନ୍ତାଶୀଳ ହୃଦୟର ମସ୍ତିଷ୍କରେ ଉଙ୍କିମାରିଲା । ଏପରି ଏକ ପ୍ରଚେଷ୍ଟାରୁ ୧୯୩୫ ମସିହା ନଭେମ୍ବର ୨୯ତାରିଖରୁ ଡିସେମ୍ବର ୪ତାରିଖ ପର୍ଯ୍ୟନ୍ତ କଟକର ଶ୍ରୀରାମଚନ୍ଦ୍ର ଭବନରେ ସ୍ୱର୍ଗତ ଭଗବତୀ ଚରଣ ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ଛଅ ଦିନିଆଁ ଆଲୋଚନାଚକ୍ର ଅନୁଷ୍ଠିତ ହୁଏ । ଏହି ଆଲୋଚନାଚକ୍ର ହିଁ ଓଡ଼ିଆ କାବ୍ୟ-କବିତା କ୍ଷେତ୍ରରେ ପ୍ରଗତିଶୀଳ କବିତା ବା ମାର୍କସ୍‌ବାଦୀ ଚେତନା ସମ୍ବଳିତ କବିତା ସୃଷ୍ଟି ପାଇଁ ମାର୍ଗ ପ୍ରସ୍ତୁତ କରି-ଦେଇଥିଲା ।

ଯଥାର୍ଥରେ ଦେଖିବାକୁ ଗଲେ ଉପରୋକ୍ତ ଛଅଦିନିଆଁ ଆଲୋଚନାଚକ୍ର ହିଁ 'ନବଯୁଗ ସାହିତ୍ୟ ସଂସଦ' ନାମରେ ନାମିତ । ଏହା ହିଁ ଓଡ଼ିଆ ସାହିତ୍ୟରେ ପ୍ରଗତିଶୀଳ କବିତା ସୃଷ୍ଟିର ମୂଳଦୁଆ ପକାଇଥିଲା । ସଂସଦର ଆଦ୍ୟ ଉତ୍ସବରେ ସଭାପତିତ୍ୱ କରିଥିଲେ ଓଡ଼ିଶାର ସ୍ୱନାମଧନ୍ୟ ସାହିତ୍ୟିକ ଶ୍ରୀଯୁକ୍ତ କାଳିନ୍ଦୀ ଚରଣ ପାଣିଗ୍ରାହୀ । ସଂସଦର ଉଦଘାଟନ ଅବକାଶରେ ସର୍ବୋଦୟ ନେତ୍ରୀ ଶ୍ରୀମତୀ ମାଲତୀ ଚୌଧୁରୀଙ୍କ କଣ୍ଠରେ ଯେଉଁ ଉଦ୍‌ବୋଧନୀ ସଂଗୀତଟି ଧ୍ୱନିତ ହୋଇଥିଲା, ତାହା ଏଠାରେ ଉଲ୍ଲେଖ କଲେ ସମ୍ଭବତଃ ଅସଙ୍ଗତ ହେବନାହିଁ ଯଥା—

“ନବୀନ ଯୁଗର ତରୁଣ ଜାଗରେ ଜାଗ ବନ୍ଧନ ହରି
ଲକ୍ଷ ଶୋଣିତ ଲକ୍ଷ ଜୀବନେ ଖେଳାଅ ଆଲୋକ ଧାରି

Digitized by PPRACHIN, SOA

ଛିନ୍ନହେଉରେ ବନ୍ଧନ-ଗ୍ରନ୍ଥି କନ୍ଦନ ହେଉ ଶେଷ
ଲୁପ୍ତ ହେଉରେ ଜାତି ଉପଜାତି ଖଣ୍ଡିତ ଶତଦେଶ
ମହାମାନବର ଶଙ୍ଖ-ଶବଦେ ଶମୁରେ ଦୁଃଖ ଜ୍ୱାଳା
ଜାଗ ବନ୍ଧନ ହରା ।"(୪)

ତେବେ ଏଠାରେ ଉଲ୍ଲେଖଯୋଗ୍ୟ ଯେ 'ନବଯୁଗ ସାହିତ୍ୟ ସଂସଦ' ପରି ଏକ ସଂଗଠନ ପାଇଁ ଆବାହକ ଭଗବତୀ ଚରଣ ରୁଷିଆର ବରିଷ୍ଠ କଥାକାର ମ୍ୟାକ୍‌ସିମ୍ ଗର୍କିଙ୍କ ଦ୍ୱାରା ଅନୁପ୍ରାଣିତ ହୋଇଥିଲେ । ପ୍ରକୃତପକ୍ଷେ, ସେହିଠାରୁ ହିଁ ପ୍ରଗତିଶୀଳ କବିତାର ସାଂଗଠନିକ ଆରମ୍ଭ ହୋଇ କ୍ରମଶଃ ତାହା ଉନ୍ନତି ପଥରେ ଅଗ୍ରସର ହୋଇଥିଲା । ସେହି ଯାତ୍ରାର ପୁରୋଭାଗରେ ଅବତୀର୍ଣ୍ଣ ହୋଇଥିବା ଅଗ୍ରଜ କବିମାନଙ୍କ ମଧ୍ୟରୁ ସଚି ରାଉତରାୟ, ଅନନ୍ତ ପଟ୍ଟନାୟକ, ମନମୋହନ ମିଶ୍ର ଏବଂ ରଘୁନାଥ ଦାସ ପ୍ରମୁଖଙ୍କ ନାମ ସ୍ମରଣୀୟ । ଓଡ଼ିଆ କାବ୍ୟ-କବିତା କ୍ଷେତ୍ରରେ ମାର୍କସ୍‌ବାଦୀ ଚେତନା ବା ପ୍ରଗତିବାଦୀ ଚିନ୍ତାଧାରାର ଏକ ଏକ ମୂର୍ତ୍ତିମନ୍ତ ଦଲିଲ ଭାବରେ ସଚି ରାଉତରାୟଙ୍କ ଅଭିଯାନ (୧୯୩୮), ବାଜିରାଉତ (୧୯୪୨), ପାଣ୍ଡୁଲିପି (୧୯୪୭); କବି ଅନନ୍ତ ପଟ୍ଟନାୟକଙ୍କ କଣ୍ଟକ, ଶାନ୍ତିଶିଖା, ଗୁଇରଚ୍ଛଟା (୧୯୬୬),ଅଲେଖା ଲେଖା (୧୯୬୦), କବି ମନମୋହନ ମିଶ୍ରଙ୍କ କୋଟିକଣ୍ଠେ (୧୯୫୧), କନ୍ତାର ଡାକ (୧୯୫୨), ଜୀବନର ଜୟଗାନ (୧୯୫୨), ଆବାଜ୍ (୧୯୫୪), ଏବଂ ରଘୁନାଥ ଦାସଙ୍କ 'ଅ ଷ୍ଟ ପଦୀ ଓ ଅନ୍ୟାନ୍ୟ କବିତା' ଇତ୍ୟାଦି କବିତା ସଂକଳନଗୁଡ଼ିକର ଭୂମିକା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ମନେ ହୁଏ । ଉପରୋକ୍ତ କବିମାନଙ୍କ ମଧ୍ୟରୁ କବି ସଚ୍ଚିଦାନନ୍ଦ ରାଉତରାୟ ଆଲୋଚ୍ୟ କାବ୍ୟ-ପରମ୍ପରାର ଥିଲେ ଯଥାର୍ଥ ଭଗୀରଥ । ୧୯୩୪ ସାଲ ଅକ୍ଟୋବର ମାସରେ ପ୍ରକାଶିତ ତାଙ୍କର 'ଶ୍ରମିକ କବି' କବିତାଟି ସର୍ବପ୍ରଥମ ଉଲ୍ଲେଖଯୋଗ୍ୟ ପ୍ରଗତି-ଶୀଳ କବିତାର ମର୍ଯ୍ୟାଦାଲାଭ କରେ । 'ଶ୍ରମିକ କବି' କବିତାର ପରେ ପରେ ୧୯୩୫ଖ୍ରୀ ବେଳକୁ ତାଙ୍କ ଲେଖନୀରୁ ଜନ୍ମ ନିଏ ସର୍ବପ୍ରଥମ ପ୍ରଗତିଶୀଳ ଉପନ୍ୟାସ 'ଚିତ୍ରଗ୍ରୀବ' । କିନ୍ତୁ 'ଅଭିଯାନ' ଥିଲା ତାଙ୍କ ପ୍ରଗତିଶୀଳ କାବ୍ୟଚେତନାର ଉତ୍ତରଣ ଏବଂ ଯଥାର୍ଥ ଅଭିଯାନ । 'ବାଜିରାଉତ' ମଧ୍ୟଦେଇ 'ପାଣ୍ଡୁଲିପି' ନିକଟରେ ସେହି ଅଭିଯାନର ଅନ୍ତିମ ଉତ୍ତରଣ ଘଟେ । ଅର୍ଥାତ୍ ୧୯୪୭ସାଲ ପରେ ତାଙ୍କ କାବ୍ୟ-ମାନସରେ ପୂର୍ବର ସେହି ବୈପ୍ଳବିକ ଦୃପ୍ତସ୍ୱର କ୍ରମଶଃ ଶିଥିଳ ହୋଇ ଉଠିବାର ଦେଖାଯାଏ । ପ୍ରଗତିଶୀଳ କବିତାର ଅନ୍ୟତମ ହାନ୍ତକାଶ୍ରୀ କାବ୍ୟପ୍ରତିଭା ଶ୍ରୀଯୁକ୍ତ ଅନନ୍ତ ପଟ୍ଟନାୟକ ମଧ୍ୟ ବିଭିନ୍ନ ପ୍ରକାର ରାଜନୈତିକ ଘଟଣାରେ ଜଡ଼ିତ ହୋଇ କିଛି ବର୍ଷପାଇଁ ଜେଲ୍ ବରଣ କରନ୍ତି । ଜେଲ୍‌ରୁ ମୁକ୍ତିଲାଭ ପରେ ସେ ଏକ ପ୍ରକାର ଉଦାସୀନ ହୋଇ ଉଠିଥିଲେ । ଫଳରେ ତାଙ୍କ ଲେଖନୀ ନିଃସୃତ କବିତା ପୂର୍ବପରି ଆଉ ବାହ୍ୟ ବର ଓ କାର ତୋଳି ପାରି ନଥିଲା । ତାଙ୍କର ମାର୍କସବାଦୀ କବିହୃଦୟ ମାର୍କସ୍-

(୪) ଉଦ୍‌ବୋଧନୀ ଅନନ୍ତ ପଟ୍ଟନାୟକ- 'ନବଭାରତ ୨/୬,୭-ଜାନୁୟାରୀ୧୯୩୬

Digitized by PPRACHIN, SOA

ବାଦରୁ ଓହରି ଆସି ଗାନ୍ଧୀବାଦର ସୋଚ୍ଚାର ଜୟଗାନ କରି ଉଠିଛନ୍ତି । ସେହି ପରିବର୍ତ୍ତନଶୀଳ କବି ହୃଦୟର ଅଭ୍ରାନ୍ତ ସ୍ୱାକ୍ଷର ସ୍ୱରୂପ ଆତ୍ମପ୍ରକାଶ କରେ 'ଅର୍ପଣ କରେ ଆତ୍ମା', 'ଶାନ୍ତିଶିଖା' ଇତ୍ୟାଦି କବିତାଗ୍ରନ୍ଥ । ତାଛଡ଼ା ପ୍ରଗତିଶୀଳ ସାହିତ୍ୟର ଜନକ ଭଗବତି ଚରଣଙ୍କ ଅକାଳ ବିୟୋଗ ଏବଂ ଦେଶ ସ୍ୱାଧୀନ ଜନିତ ସରକାରୀ କଳର ପରିବର୍ତ୍ତନ ହେତୁ ସ୍ୱାଧୀନତା ପୂର୍ବବର୍ତ୍ତୀ ପ୍ରଗତିଶୀଳ କବିତାର ବୈପ୍ଳବିକ ସ୍ୱର ସ୍ୱାଧୀନୋତ୍ତର କାଳରେ ଆଉ ଦେଖାଗଲା ନାହିଁ । ଏସବୁ କାରଣ ବ୍ୟତୀତ ତଥାକଥିତ ପ୍ରଗତିଶୀଳ କବିମାନଙ୍କର ପ୍ରୟୋଗବାଦୀ ରୋମାଣ୍ଟିକ କବିତା ପ୍ରତି ଆସକ୍ତି ହେତୁ ପ୍ରଗତିଶୀଳ କବିତାର ଅବକ୍ଷୟ ଦେଖାଦେଇଥିଲା । କିନ୍ତୁ ପ୍ରଗତିଶୀଳ କବିତାର ଏପରି ଏକ ସଙ୍କଟମୟ କାଳରେ ଯେଉଁମାନେ ବାମପନ୍ଥୀ ଚେତନାରେ ଉଦ୍‌ବୁଦ୍ଧ ହୋଇ ଆଲୋଚ୍ୟ କାବ୍ୟ ପରମ୍ପରାକୁ ବଞ୍ଚେଇ ରଖିଥିଲେ ଓ ରଖିଛନ୍ତି ସେମାନେ ହେଲେ ରବୀନ୍ଦ୍ରନାଥ ସିଂହ, ମନୋଜ ଦାସ, ଦୁର୍ଗାଚରଣ ସାମନ୍ତ, କୃଷ୍ଣ ଚରଣ ବେହେରା, ବ୍ରଜନାଥ ରଥ, ଏବଂ ପ୍ରସନ୍ନ ପାଟଶାଣୀ ପ୍ରମୁଖ ସ୍ୱାଧୀନୋତ୍ତର କବିବୃନ୍ଦ । ସମସାମୟିକ କବି ଶ୍ରୀଯୁକ୍ତ ଚନ୍ଦ୍ରମଣି ବେହେରା, ବେଣୁଧର ରାଉତ, ଜାନକୀବଲ୍ଲଭ ମହାନ୍ତି, ଉତ୍କଳ ପାତ୍ର ଏବଂ ରମାକାନ୍ତ ରଥ ପ୍ରମୁଖ କବିଙ୍କ ଲେଖାମାନରେ ମଧ୍ୟ ପ୍ରଗତିବାଦୀ ଚିନ୍ତାଚେତନାର ସ୍ୱାକ୍ଷର ଏକାନ୍ତ ଦୁର୍ଲ୍ଲଭ ନୁହେଁ । ତେବେ ସ୍ୱାଧୀନତା ପରବର୍ତ୍ତୀ କାଳରେ ପ୍ରକାଶିତ ପ୍ରଗତିଶୀଳ କବିତାଗ୍ରନ୍ଥମାନଙ୍କ ମଧ୍ୟରୁ ରବୀନ୍ଦ୍ରନାଥ ସିଂହଙ୍କ ପଥପ୍ରାନ୍ତର କବିତା (୧୯୫୯) ଚରମପନ୍ଥ (୧୯୬୧) ଶିଥିଳ ବଳୟ (୧୯୬୨), ଭ୍ରୁକୁଟି (୧୯୬୩), ଲାଲ ପାଗୋଡ଼ାର ପ୍ରେତ ଓ ଅନ୍ୟାନ୍ୟ କବିତ (୧୯୬୩), ଜ୍ୱାଳାମାଳା (୧୯୬୭), ବିଷବାଣୀ (୧୯୬୯), ଦୁର୍ଗମଗିରି (୧୯୭୨), ଝଡ଼ (୧୯୭୩) ; ମନୋଜ ଦାସଙ୍କ 'ପଦଧ୍ୱନି' (୧୯୫୪), କୃଷ୍ଣ ଚରଣ ବେହେରାଙ୍କର 'ଜଗତରେ ଝଡ଼' (୧୯୫୩) ୫୪-ସନ୍ଥ-ବଇଦେଲନ୍ (୧୯୫୬); ବ୍ରଜନାଥରଥଙ୍କ 'ମରୁଗୋଲାପ' (୧୯୬୦), ନିଜସ୍ୱ ସଂଳାପ, ନିଶବ୍ଦ ପ୍ରତିବାଦ ଏବଂ ପ୍ରସନ୍ନ ପାଟଶାଣୀଙ୍କ 'ବାଘର ଆଁ ଭିତରେ ପିକନିକ୍' ଏବଂ 'ଚକ୍ରପଥ' ପ୍ରଭୃତି କବିତା ସଂକଳନଗୁଡ଼ିକ ସ୍ମରଣୀୟ । ଉଲ୍ଲିଖିତ କବିତାଗ୍ରନ୍ଥଗୁଡ଼ିକ କାଳୟ ମନୋବାକ୍ୟରେ ଥିଲେ ମାର୍କସବାଦୀ । ଉପରୋକ୍ତ କବିମାନଙ୍କ ବ୍ୟତୀତ ସଂପ୍ରତି ବହୁ ଉଦୀୟମାନ ତରୁଣ ଲେଖକ ବା କବି ପ୍ରଗତିଶୀଳ ସାହିତ୍ୟର ଧାରାକୁ ଆଗେଇ ନେବାରେ ଯତ୍ନଶୀଳ ହୋଇ ଉଠିଛନ୍ତି । ସେଥିପାଇଁ ସେମାନେ ଯଦି ଆଗରୁ ସଚେତନ ରହିବେ ତେବେ ପ୍ରଗତ ସାହିତ୍ୟ ବା ପ୍ରଗତିଶୀଳ କବିତାର ଧାରା ଯେ ଅବ୍ୟାହତ ରହିପାରିବ ଏଥିରେ ସନ୍ଦେହ ନାହିଁ ।

କାବ୍ୟିକ ମୂଲ୍ୟବୋଧ ଓ ଜୀବନ ଚେତନାର ପରିଚୟ :

ପ୍ରଗତିଶୀଳ ସାହିତ୍ୟ ସମ୍ପର୍କରେ ମତଦେବାକୁ ଯାଇ କେତେକ ସମାଲୋଚକ କହିଥାନ୍ତି ଯେ, ଏହା ଏକ ପ୍ରଚୁର ସର୍ବସ୍ୱ (ପ୍ରୋପାଗଣ୍ଡା) ସାହିତ୍ୟ ବ୍ୟତୀତ

Digitized by PPRACHIN, SOA

ଅନ୍ୟକିଛି ନୁହେଁ । ମାତ୍ର ସମାଲୋଚକମାନଙ୍କର ସେପରି ମୂଲ୍ୟ ଏକାନ୍ତ ଭିତ୍ତିହୀନ ବୋଲି ମନେହୁଏ । ସମ୍ଭବତଃ ସେପରି ମତପ୍ରଦାନ କରୁଥିବା ସମାଲୋଚକମାନେ ପ୍ରଗତିଶୀଳ ସାହିତ୍ୟର ଉଚ୍ଚକୋଟିର କଳା ପକ୍ଷକୁ ଗ୍ରହଣ କରିପାରୁ ନଥିବେ । ତେଣୁ ସେମାନେ ଏକଦେଶଦର୍ଶୀ ହୋଇ ଏପରି ମତ ପ୍ରଦାନ କରୁଛନ୍ତି କିନ୍ତୁ; ମାତ୍ର ତାହା କେତେଦୂର ଯୁକ୍ତିଯୁକ୍ତ, ସେହି ଦିଗଟି ପ୍ରତି ଦୃଷ୍ଟିନିକ୍ଷେପ କରିବା ପାଇଁ ସମ୍ପୂର୍ଣ୍ଣ ଅନାବଶ୍ୟକ । ଯଥାର୍ଥତଃ ତାହା ଏକ ସ୍ୱତନ୍ତ୍ର ପର୍ଯ୍ୟାୟରେ ଆଲୋଚନାର ଅପେକ୍ଷା ରଖେ ।

ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧରୁ ଓଡ଼ିଆ କାବ୍ୟ-କବିତାରେ ଦେଖା ଦେଇଥିବା ରୋମାଣ୍ଟିକ୍ ଚିନ୍ତାଧାରାର ବୈପରୀତ୍ୟରେ ପ୍ରଗତିଶୀଳ କବିତାର ଉନ୍ମେଷ ଏବଂ ବିକାଶ । ରୋମାଣ୍ଟିକ ଚିନ୍ତାଧାରା ସମ୍ବଳିତ କାବ୍ୟ-କବିତାରେ କଳ୍ପନା ବା Imagination ର ପ୍ରଚୁର ବ୍ୟବହାର ଦେଖାଦେଇଥିଲା । ତେଣୁ ସେଥିରେ ବାସ୍ତବ ଜୀବନ, ସମାଜ ଓ ସମସ୍ୟାର ଚିତ୍ର ଅନୁସନ୍ଧାନ କଲେ ପାଠକକୁ ହତାଶ ହେବାକୁ ପଡ଼ିଥାଏ । 'କଳାପାଇଁ କଳାର ସୃଷ୍ଟି' (Art for Art's sake)ଥିଲା ସେ ସବୁ ସୃଷ୍ଟିମାନଙ୍କର ମୂଳମନ୍ତ୍ର । ତେଣୁ ଜୀବନ ଓ ଜଗତର ବାସ୍ତବମୂର୍ତ୍ତି ଚିତ୍ର ସ୍ରଷ୍ଟା ସୃଷ୍ଟିର ନିସୀମା ଛୁଇଁ ସ୍ପର୍ଶ କରିପାରୁ ନଥିଲା । କିନ୍ତୁ ସମୟର ପରିବର୍ତ୍ତନରେ ଜନବର୍ଗ ମାନ ମନୀଷ ଚେତନାରେ ସୃଷ୍ଟି ହେଲା ଅଭିଜ୍ଞତାର ଗଭୀରତା, ପୁଣି କଷ୍ଟକର ପୀଡ଼ାଦାୟୀ ବାସ୍ତବତା ସହ ମୁକାବିଲା । ଫଳରେ କାଳ୍ପନିକତାର ମାୟାଜାଲ କ୍ରମଶଃ ବିଚ୍ଛିନ୍ନ ହେବାକୁ ଦେଖାଗଲା । ଏ ପ୍ରକାର ପ୍ରତ୍ୟକ୍ଷ ସଂସର୍ଗ ମଧ୍ୟରୁ କବି ନିଜକୁ ମୁକ୍ତରଖି ନ ପାରି ସ୍ୱସୃଷ୍ଟିକୁ ଜୀବନଧର୍ମୀ କରିବା ସଙ୍ଗେ ସଙ୍ଗେ ସମାଜ ନିକଟରେ ଅଧିକତଃ ଅଙ୍ଗୀକାର ବଦ୍ଧ ହେଲା । ଏପରି ଏକ ମନୋଭାବରୁ ପ୍ରଗତିଶୀଳ କବିତାର ସୃଷ୍ଟି-ସମ୍ଭବ ହୋଇ-ପାରିଥିଲା । ବସ୍ତୁତଃ, ପ୍ରଗତିଶୀଳ କବିତାହିଁ ରୋକ୍‌ଠୋକ୍ ଭାବେ କଳ୍ପନାର ଓଢ଼ଣୀଟିକୁ ସମ୍ପୂର୍ଣ୍ଣ ଭାବରେ ଖୋଲି ଦେଖାଇଦେଲା ଚର୍ମଢ଼ଙ୍କା ବାସ୍ତବତାକୁ । ତେଣୁ କାବ୍ୟ-କବିତାରୁ ପଳାୟିତ ସ୍ୱପ୍ନିଳ ଓ ଆଦର୍ଶବାଦୀ ଦୃଷ୍ଟିଭଙ୍ଗୀ ବିଦାୟ ନେବା ସଙ୍ଗେ ସଙ୍ଗେ ଦୈନନ୍ଦିନ ଜୀବନର ଘାତପ୍ରତିଘାତ, ସୁଖ ଦୁଃଖ, ଆଶା ଆକାଂକ୍ଷା ଇତ୍ୟାଦିକୁ କବିତାର ଉପାଦାନ ଭାବରେ ଗ୍ରହଣ କଲି । ତା'ର ଲକ୍ଷ୍ୟ ଥିଲା ଜୀବନ ସହିତ କଳାର ନିବିଡ଼ ସଂଯୋଗ । ତେଣୁ ପ୍ରଗତିକବି, ରୋମାଣ୍ଟିକ୍ କବିର କଳ୍ପନାସର୍ବସ୍ୱ ପଳାୟନବାଦୀ ମନୋବୃତ୍ତିକୁ ଲକ୍ଷ୍ୟକରି କହି ଉଠିଛି—

"ଆରେ ଆରେ ପଳାୟନପନ୍ଥି !
ଧଳାଇବୁ ଅଜ କାହିଁ ଛନ୍ନକରି ଧରଣୀର ଗ୍ରନ୍ଥି?
ଲୁଚିବୁ ବା କାହିଁ
ମୃତ୍ତିକାର ଏତେ ଦାବି
ପାଶରୁକି ଅଜ ରୁ କଟାଇ ?

Digitized by PPRACHIN, SOA

କାନ୍ଦି ଝୁରୁ ନେତ୍ରରେ ଅଶ୍ରୁସ୍ତ
ତୋର ସେଇ କୁଞ୍ଜବନ ଦେଇ କି ସେ ପାରିବ ଅଭୟ "? (୬)

ଅଥବା;

ଆକାଶେ ଝଞ୍ଜା ଝଡ଼, ଇନ୍ଦ୍ର-ମେଘ ଗର୍ଜୁଛି ହୁଙ୍କାର,
ହାତଡାନ୍ତେ ଗଢ଼ା ତୋର ସପନର ସୌଖୀନ ମିନାର
ଭାଙ୍ଗି ପଡ଼େ କବି ! ଫୁଲର ଫସଲେ ଆଜି ପଙ୍ଗପାଳ ତୋଳୁଛି ଭୈରବୀ ।

÷ ÷ ÷

ସହର ତଳର ଉଷା ତୂର୍ଯ୍ୟ ମ୍ଳାନ କଣ୍ଠେ ଗୁଡ଼େ ଡାକ······
ଜାଗ ପଳାୟନପନ୍ଥୀ ନଷ୍ଟପକ୍ଷ ହେ ମୂକ ମୈନାକ !
ଜାଗ ଆତ୍ମଭୋଳା
ଘୃଣ୍ୟ ଏ ନୃତ୍ୟର ବେଶ ଫିଙ୍ଗି ଦୂରେ ଜାଗ ବୃହନ୍ନଳା ।। (୭)"

ରୋମାଣ୍ଟିସିଜମ୍‌ର ଏଇ ବିରୋଧ ପରଂପରାରେ ପ୍ରଗତିବାଦୀ ଚିନ୍ତାଧାରାର ଅନ୍ୟତମ ବାହକ କବି ଅନନ୍ତ ପଟ୍ଟନାୟକଙ୍କ 'ଅଶ୍ରୁ-ଉଦ୍‌ବୋଧନ '(୮) କବିତାଟିକୁ ମଧ୍ୟ ସ୍ମରଣ କରାଯାଇପାରେ ।

ଉପରୋକ୍ତ ଉଦ୍ଧୃତିଗୁଡ଼ିକରୁ ପ୍ରଗତିଶୀଳ କବିତାର ରୋମାଣ୍ଟିସିଜମ୍ ବିଦ୍ୱେଷୀ ପ୍ରବୃତ୍ତିର ପରିଚୟ ମିଳିଥାଏ । କାରଣ, ସେ ଉତ୍ତମରୂପେ ହୃଦୟଙ୍ଗମ କରିଥିଲା ଯେ, ସେ ସାହିତ୍ୟକୁ ନେଇ ଜାତିର ଗର୍ବ କରିବାର କିଛି ନାହିଁ ବା ସେ ସାହିତ୍ୟରେ ଜାତିଗଠନର କିଛି ସାମଗ୍ରୀ ନାହିଁ । ତା'ର ପ୍ରତିଟି ଛତ୍ରରେ ଭୀତ ଦ୍ୱିଧାଗ୍ରସ୍ତର ମୁଦ୍ରାଙ୍କ ମୁଦ୍ରିତ । ସେ କେବଳ ରୋମାଣ୍ଟିକ୍ ସାହିତ୍ୟ ପ୍ରତି ସଚେତନ ନ ଥିଲା, ସଚେତନ ଥିଲା ନିଜର କବିଧର୍ମ ପ୍ରତି । ଏକ ସାମାଜିକ ପ୍ରାଣୀ ହିସାବରେ ତା'ର ହୃଦ୍‌ବୋଧ ହୋଇଥିଲା ଯେ, କବି ନିଜର ସମସାମୟିକ ସମାଜର ବିଭିନ୍ନ ସମସ୍ୟା କିମ୍ବା ନିଜର ପାରିପାର୍ଶ୍ୱିକ ପରିବେଶ ପ୍ରତି ବିମୁଖତା ପ୍ରଦର୍ଶନ କରିବାମାନେ ନିଜର କବିଧର୍ମ ପ୍ରତି ଅନ୍ୟାୟ ଆଚରଣ କରିବା । ତେଣୁ ସେ ତା'ର କବିଧର୍ମ ସମ୍ପର୍କିତ ଇସ୍ତାହାରରେ ଉଲ୍ଲେଖ କରିଛି ଯେ, —

---

(୬) ବାଜିରାଉତ-ସଚ୍ଚିଦାନନ୍ଦ ରାଉତରାୟ / ପୃ: ୩୦—୪ର୍ଥ ସଂସ୍କରଣ, ଡିସେମ୍ବର ୧୯୬୪ ।

(୭) ପଦ୍ମଭୂକ୍ - ପାଣ୍ଡୁଲିପି - ସଚ୍ଚିରାଉତରାୟ ପୃ:୧୭ ୯ -୨ୟ ମୁଦ୍ରଣ ।

(୮) ଅଶ୍ରୁ-ଉଦ୍‌ବୋଧନ - ଭୁଲର ଛୁଟି-ଅନନ୍ତ ପଟ୍ଟନାୟକ -ପୃ·୧୫୬, ୨ୟ ସଂସ୍କରଣ ୧୯୬୬ ।

Digitized by PPRACHIN, SOA

"ମୁଁ ସଚ୍ଚି ରାଉତରାୟ
(ନୁହେଁ ଟାଗୋର ବା ଶେଲି)
ମୁଁ ଏଇ ମାଟିର ଧରା, ଆଉ ଆକାଶର କବି ।।
କାମ ନୁହେଁ ମୋ ଖାଲି ଆଙ୍କିବା କାଗଜରେ ଛବି ।।

\+ \+ \+

ଏଇ ପୃଥିବୀର ସବୁ ମଣିଷ ଜାତି, ତା'ର ପ୍ରତିଟି ଖବର
ରୂପ ପାଏ କବିତାରେ ମୋର ।।
ଖାଲି ମୋ ସମାଜ ବା ଦେଶର ନୁହେଁ,
ଆଗାମୀ ସମାନର ହାସ୍ୟ-ଉଜ୍ଜ୍ୱଳ ମୁହଁ,
ତା'ର ନୂତନ ଖସଡ଼ା
ମଣିଷର ପ୍ରେମ, ଅଶ୍ରୁ, ସୁଖଦୁଃଖ ଖାପଛଡ଼ା,
ରୂପ ପାଏ ଇସ୍ତାହାରରେ ମୋର ଷୋଳଅଣା ।" (୯)

ଉପରୋକ୍ତ ପଙ୍‌କ୍ତିରୁ ପ୍ରଗତିକବିର ବାସ୍ତବବାଦୀ ଦୃଷ୍ଟିଭଙ୍ଗୀର ପରିଚୟ ମିଳିଥାଏ । ପୁଣି ତା'ର ସେହି ବାସ୍ତବବାଦୀ ଦୃଷ୍ଟିଭଙ୍ଗୀ ଦଶଅଣା ବା ବାରଅଣା ନୁହେଁ, ଷୋଳଅଣାରୁ ଷୋଳଅଣା । ଅର୍ଥାତ ପ୍ରଗତିକବିର ବାସ୍ତବବାଦୀ ଦୃଷ୍ଟିଭଙ୍ଗୀ ଶତକଡ଼ା ଶହେରୁ ଶହେ । ସେଥିରେ କଳ୍ପନାର ଛଟା ମଧ୍ୟ ଦେଖିବାକୁ ମିଳେ ନାହିଁ । ତେଣୁ ସେ କହିଉଠିଛି—

"ଜୀବନ ବାସ୍ତବ ରଣେ ସପନର କୋମଳ ସାଧନା
ଅଜଠୁଁ ସମାଧି ନେଲି ତୁମ ସାଥେ ହେ ମୋର କଳ୍ପନା ।"(୧୦)

ଜୀବନର ବାସ୍ତବ ରଣକ୍ଷେତ୍ର ପ୍ରଗତିକବିକୁ ପାଗଳ କରିଛି । ସ୍ତୂପୀକୃତ ବନ୍ଧନବାଧ ସାମାଜିକ ଆବର୍ଜନାର ଉଚ୍ଛେଦ ପାଇଁ ସେ ତା'ର ସମାଜ ତା'ର ଆତ୍ମୀୟସ୍ୱଜନ ଏପରିକି ପ୍ରିୟାର ପ୍ରେମକୁ ମଧ୍ୟ ତୁଚ୍ଛ ମନେକରିଛି । ସତେଯେପରି ସବୁ ମାୟା, ସବୁ ମମତାର ଊର୍ଦ୍ଧ୍ୱରେ ତା'ର ସ୍ଥିତି । ତେଣୁ ତା'ର ଲେଖନୀ ଉଦ୍‌ଘୋଷଣା କରି ଉଠିଛି ଯେ;

"ସମ୍ମୁଖ ତ ହାତ ଠାରି ବାରେ ବାରେ କରଇ ଇସାରା,
ଯିବାକୁଇ ହେବ ମତେ, ବହୁ ଦୂରେ ମୋ ପଥର ଧାରା···।" (୧୧)

---

(୯) ରାଜଜେମା—ପାଣ୍ଡୁଲିପି-ସଚ୍ଚି ରାଉତରାୟ । ପୃ· ୧୮୯–୨ୟ ମୁଦ୍ରଣ ।
(୧୦) ପ୍ରେମ ଓ ଜୀବନ—ପାଣ୍ଡୁଲିପି-ସଚ୍ଚି ରାଉତରାୟ । ପୃ-୧୫
(୧୧) -ତତ୍ରୈବ- ପୃ-୧୧

Digitized by PPRACHIN, SOA

ଯଥା;

"କାନ୍ଧର କୋଦାଳ ଆଉ ହାତରେ ନନ୍ଧାଣରେ ମୋର
ହସର ହାତୁଡ଼ି ଆଉ ଦୈନ୍ୟର ଦାଆରେ ମୋର
ଲୌହର ଲେଖନୀ ଆଉ କୋଇଲାର ତୂଳୀରେ ମୋର
ନଭର ଗର୍ଭରେ ଯେଇ ଭୂମିର ଭ୍ରୂଣ ଗୁଲ୍ଲ ମୁଁ ଗୁଲ୍ଲି ।" (୧୨)

ଦୈନନ୍ଦିନ ଜୀବନର ଅତି ରଙ୍ଗଛଡ଼ା ଅତି ରୂପଛଡ଼ ଘଟଣାଗୁଡ଼ିକୁ 'As it is' ଭାବରେ ଉପସ୍ଥାପିତ କରିବା ସଚ୍ଚିଦାନନ୍ଦଙ୍କ ତା'ର ଚରମ ଅଭିପ୍ରାୟ । ତା'ର ପ୍ରତିଟି କବିତାର କଥାବସ୍ତୁ ଏହି ବାସ୍ତବସମାଜର ଘଟଣାବଳୀକୁ ନେଇ ପରିପୁଷ୍ଟ । ସେଥିପାଇଁ ସେ ରୋମାଣ୍ଟିକ କବିମାନଙ୍କ ପରି ସୁଦୂରର ମୋହରେ ମୋହାନ୍ଧ ହୋଇ-ନାହାଁନ୍ତି । ବାସ୍ତବ ଘଟଣାଗୁଡ଼ିକୁ କାବ୍ୟରୂପ ପ୍ରଦାନ କଲାବେଳେ ବାସ୍ତବ ଚରିତ୍ରମାନଙ୍କ ପ୍ରତି ମଧ୍ୟ ପ୍ରଗତିକବି ଅବହେଳା ପ୍ରଦର୍ଶନ କରିନାହାଁନ୍ତି । କବି ସଚ୍ଚିଦାନନ୍ଦ ରାଉତରାୟଙ୍କ ବାଜିରାଉତ, ପ୍ରତିମାନାୟକ; ରଜନୀକାନ୍ତ ଦାସଙ୍କ ରଘୁ ମହାନ୍ତି, ମାଧିଆ ଭାଇ ଇତ୍ୟାଦି ଚରିତ୍ରଗୁଡ଼ିକ ଏହି ଦୃଷ୍ଟିରୁ ସ୍ମରଣୀୟ । ବାଜିରାଉତ ଯେପରି ଏକ ଗଡ଼ଜାତ ଅଧ୍ୟୁଷିତ ଗ୍ରାମୀଣ ଶିଶୁ, ପ୍ରତିମା ନାୟକ ସେହିପରି ବିଶ୍ୱଯୁଦ୍ଧୋତ୍ତର ବସ୍ତୁତାନ୍ତ୍ରିକ ସମାଜର ଏକ ଉଚ୍ଚଶିକ୍ଷିତା ଯୁବତୀ, ଯାହାର ରୂପ ଓ ଆକୃତି ତା'ର ନିଜସ୍ୱ । ମଧ୍ୟଯୁଗୀୟ ନାୟିକାପରି ସେ ଅନନ୍ତଯୌବନା ଅପରୂପ ସୁନ୍ଦରୀ ନୁହେଁ---

"ମୁଖ ତାର ବ୍ରଣଦୁଷ୍ଟ ହାତରେ ତା ଚମଡ଼ାର ବ୍ୟାଗ୍
ଶୀର୍ଣ୍ଣ ଗ୍ରୀବା ଗାଲେ ଫୁଟେ ବ୍ୟର୍ଥତାର ଅକପଟ ଦାଗ ।
ତନୁ ତାର ରୋଗ ଜୀର୍ଣ୍ଣ, ବ୍ରଣେ ତାର ମ୍ଳାନ ମୁହଁସାକ,
ଶ୍ଳଥ, ରୁଗ୍ଣ ଦେହ-ଶିଖା ଢାଙ୍କି ଅଛି ଖାଦ୍ଦିର ପୋଷାକ ।" (୧୩)

କବି ରଜନୀକାନ୍ତ ଦାସଙ୍କ ରଘୁମହାନ୍ତି ଏବଂ ମାଧିଆ ଭାଇ ମଧ୍ୟ ଏହି ବାସ୍ତବ ସମାଜର ଜଣେ ଜଣେ ପ୍ରତିନିଧିସ୍ଥାନୀୟ ଚରିତ୍ର, ଯେଉଁମାନେ ଏକାନ୍ତ ବାସ୍ତବମୁଖୀ ।

କଥାବସ୍ତୁ ଏବଂ ଚରିତ୍ର ଯେତେବେଳେ ବାସ୍ତବ ଧର୍ମୀ ହୋଇଉଠନ୍ତି, ଭାଷା ସଂଯୋଜନା ବା ଶବ୍ଦଚୟନ ମଧ୍ୟ ବାସ୍ତବଧର୍ମୀ ହୋଇ ଉଠିବା ସ୍ୱାଭାବିକ । ତା' ନୋହିଲେ ତା'ର (ପ୍ରଗତିକବିର) ବକ୍ତବ୍ୟ ଯେ ବାସ୍ତବ ସମାଜର ଏହି ସାଧାରଣ ବ୍ୟକ୍ତିବିଶେଷଙ୍କ ନିକଟରେ ଅସ୍ପଷ୍ଟ ହୋଇଉଠିବ—ଏକଥା ତା' ନିକଟରେ ଅବୁଝା

---

(୧୨) ଗୁଲ୍ଲ ମୁଁ ଗୁଲ୍ଲି-ଅଲୋଡ଼ାଲୋଡ଼ା-ଅନନ୍ତ ପଟ୍ଟନାୟକ-ପୃ.୭୯ ।
(୧୩) ପ୍ରତିମା ନାୟକ-ପାଣ୍ଡୁଲିପି-ସଚ୍ଚି ରାଉତରାୟ-ପୃ.୧୧୫ ।

Digitized by PPRACHIN, SOA

ଉଦ୍ଧନଥିଲା । ତେଣୁ ଗଣମୁଖୀ ଭାଷା ପ୍ରୟୋଗ, ସ୍ଥଳବିଶେଷରେ ସାଙ୍ଗୀତିକତାକୁ ଅଙ୍ଗୀକାର କରିନେବାକୁ ପ୍ରଗତିଶୀଳ କବିର ଏକପ୍ରକାର ପ୍ରବଣତା ଦେଖା-ଦେଇଥିଲା । କାରଣ କବିତାରେ ସଙ୍ଗୀତର ରୂପାୟନ ତୁଳ ମାନବିକ ଆବେଦନ ସମ୍ବନ୍ଧ କରିଥିବାର ଦୃଷ୍ଟାନ୍ତ ଓଡ଼ିଆ କାବ୍ୟ-କବିତାରେ ବିରଳ ନୁହେଁ । ଏ ପର୍ଯ୍ୟାୟରେ ମଧ୍ୟଯୁଗୀୟ କାବ୍ୟକବିତାକୁ ସ୍ମରଣ କରାଯାଇପାରେ । ତେବେ ତା'ର ଭାଷାରେ କପଟତା ବା ଅସାଧାରଣ କଥା କିଛି ନାହିଁ । ଯାହା କହେ ତାହା ଦିବାଲୋକ ପରି ଅତି ସ୍ପଷ୍ଟ, ପୁଣି ଗଣ ପ୍ରଚଳିତ ନିତିଦିନିଆଁ ଭାଷାର ଇସ୍ତାହାର । ତାକୁ ବୁଝିବାପାଇଁ କୌଣସି ଅଭିଧାନ କିମ୍ବା ଅନ୍ୟକିଛି ଶାସ୍ତ୍ରୀୟ ସହାୟର ଆବଶ୍ୟକତା ପଡ଼େନା । ଏ କ୍ଷେତ୍ରରେ ସେମାନେ ହୁଇଟ୍‌ମ୍ୟାନ ଓ ମାୟାକୋଭସ୍କିଙ୍କ ଦ୍ୱାରା ଗଭୀରଭାବରେ ପ୍ରଭାବିତ ।

ତା' ଛଡ଼ା କବିତାର ଅନ୍ୟାନ୍ୟ ଆଙ୍ଗିକ ଯଥାକ୍ରମେ ପ୍ରତୀକ, ଚିତ୍ରକଳ୍ପ, ମିଥ୍ ଏବଂ ଛନ୍ଦ ସଂଯୋଜନା ଇତ୍ୟାଦି କ୍ଷେତ୍ରରେ ପ୍ରଗତିଶୀଳ କବିତା ଯେଉଁ ନୂତନତାର ସଙ୍କେତ ପ୍ରଦାନ କରିଛି, ତା'ର କଳାଗତ ମୂଲ୍ୟ ନିଶ୍ଚିତଭାବେ ଉଚ୍ଚକୋଟୀର । ପ୍ରଗତିଶୀଳ କବିତାରେ ପ୍ରଥମକରି ଉପମାର ସୃଷ୍ଟି ଅନୁଭୂତିରୂପେ ପ୍ରତୀକ ଏବଂ ଚିତ୍ରକଳ୍ପର ପ୍ରୟୋଗ ଦେଖାଗଲା । ଯଥା —

"ମୃତ୍ୟୁର କଳେ ପହଁରି ପହଁରି ତୋଳେ ଯେ
ତୋ ପାଇଁ ରକ୍ତକଇଁ
କୃଷ୍ଣନାଗର ଦଂଶନେ ସେ କି
ପଡ଼ିବ ନଇଁରେ ପଡ଼ିବ ନଇଁ ।"

'ରକ୍ତକଇଁ' ଏଠାରେ ସାମ୍ୟବାଦୀ ସମାଜର ପ୍ରତୀକ । 'ରକ୍ତ କଇଁ' ଉଚ୍ଚାରଣରୁ କିଛି ନିର୍ଦ୍ଦିଷ୍ଟ ଅର୍ଥ ଧରି ହୁଏନାହିଁ । ମାତ୍ର କବିତାରେ ତା'ର ଅର୍ଥ ଭିନ୍ନଭାବର ପ୍ରତୀତ ଅଟେ । ସେହିପରି ଚିତ୍ରକଳ୍ପ ପ୍ରୟୋଗର ଏକ ଦୃଷ୍ଟାନ୍ତ—

'ବାହାରେ କଳାହରିତ ଭିଖାରୀ ବି' ଜଣ,
ଉପରେ ଚିରର କନ୍ଥା, ଯାଏ ବୁଣି, ଇଷତ କୁହୁଡ଼ି ।
କଦମ୍ବଫୁଲିଆ କନ୍ଥା ହେଲା ଆସି ଲାଲ
ମନେହୁଏ ଏକ ମୃତ ହରିଣର ଛାଲ,
ଛାଙ୍କେ ପୃଥିବୀ, ପାହାଡ଼ ନଦୀବି ।' (୧୪)

ସେହିପରି ଗଦ୍ୟଛନ୍ଦ ବା ମୁକ୍ତଛନ୍ଦର ପ୍ରୟୋଗରେ ପ୍ରଗତିଶୀଳ କବିମାନଙ୍କର ସିଦ୍ଧି ଅନନ୍ୟ ସାଧାରଣ ।

(୧୪) ଲାବଣ୍ୟବତୀକୁ ଚନ୍ଦ୍ରଭାନୁର ଚିଠାଉ-ପାଣ୍ଡୁଲିପି-ପୃ. ୧୬୭ ।

Digitized by PPRACHIN, SOA

ପ୍ରଗତିଶୀଳ କବିତାର ଅନ୍ୟ ଏକ ଦୁଃସାହସିକ କାର୍ଯ୍ୟ ହେଲା ପ୍ରତିଷ୍ଠିତ ଧର୍ମୀୟ ମୂଲ୍ୟବୋଧକୁ ଅସ୍ୱୀକାର କରିବା । ପ୍ରଗତି କବି ବୁଝି ପାରିଥିଲା ଯେ ଧର୍ମ ବୋଲି କିଛି ଗୋଟାଏ ବସ୍ତୁ ବା ଚେତନା ଏ ଦୁନିଆଁରେ ନାହିଁ । ଭଗବାନଙ୍କ ଅସ୍ତିତ୍ୱକୁ ଅସ୍ୱୀକାର କରିବାକୁ ଯାଇ ସେ କହି ଉଠିଛି—

"ଭଗବାନ ଅଛି କାହିଁ ?
ଆକାଶ, ପବନ ଗର୍ଜି ମୋ କାନେ କହୁଯାଏ 'ନାହିଁ ନାହିଁ ।' (୧୫)

ସେ ଲକ୍ଷ୍ୟକରି ପାରିଥିଲା ଯେ ଧର୍ମ ହିଁ ଆଭିଜାତ୍ୟ ବା ପୁଞ୍ଜିବାଦର ଦାସ । ଶୋଷକ ଦ୍ୱାରା ଶୋଷିତ ଶୋଷଣ ହେବା ମଧ୍ୟ ହିଁ ଧର୍ମ । ଧର୍ମର ଏକ କମ୍ବୁ ଚକ୍ରାକାର ଚକ ବାନ୍ଧି ମେହେନତୀ ଶ୍ରେଣୀକୁ ପଦାନତ କରି ରଖିବାରେ ଏକ ସୁଗମ ପନ୍ଥା ତଥାକଥିତ ପୁଞ୍ଜିବାଦ ନିକଟରେ ସହଜ ହୋଇଉଠିଥିଲା । କିନ୍ତୁ ଏହାକୁ ଏକ ଅନ୍ଧବିଶ୍ୱାସ ବୋଲି ଉଦ୍‌ଘୋଷଣା କରି ପ୍ରଗତିକବି ଗାଇଉଠିଥିଲା –

"ଧନ ଓ' ପଦ୍ମରେ ରଜା ଜମିଦାର ଆହୁରି ସମାଜପତି
ଧରମ ନାଆଁରେ ଚଳାଇଛନ୍ତି ସ୍ୱାର୍ଥମତ ଉକାସ୍ୱତି ।

× × ×

ଜାଣିଥାଅ ଭାଇ ! ଧର୍ମଟା ହେଲା ସବୁ ଫିସାଦର ଗୁରୁ
ସେ ଗୁରୁ ରହିଛି ଧନକମୁଠାରେ ତମେ ମରି ଏବେ ଗୁରୁ !
ସବୁ ଶୋଷଣର ଧର୍ମଟା ଜାଣ ଅଟଇ ଅସଲ ମନ୍ତ୍ରୀ
ଆମ୍ଭାକୁ ଆମ କରେ ସେ ପଙ୍ଗୁ ଗେରୁଆ ରଙ୍ଗେ ରଙ୍ଗି । (୧୬)

ଏ ପର୍ଯ୍ୟାୟରେ ବିସ୍ମୃତ ବିପ୍ଳବୀ କବି ରଘୁନାଥ ଦାସଙ୍କର 'କାଳୀପୂଜା' କବିତାଟିକୁ ମଧ୍ୟ ସ୍ମରଣ କରାଯାଇପାରେ । ଏ କବିତାଟିରେ ଅତି ବେ୍ରକଠୋକ ଭାବରେ କୁହାଯାଇଛି ଯେ "ଶିଳ୍ପୀମାନେ ଯେଉଁ କାଳୀମୂର୍ତ୍ତି ଗଢ଼ି ସେଥିରେ ମାଟିର ମଣିଷ ମୁଣ୍ଡକୁ ହାର ଆକାରରେ ଟାଙ୍ଗି ଦେଉଛନ୍ତି, ତାହା ସତ୍ୟତା ପ୍ରତି ଏକ ଚରମ ଉପହାସ । କାରଣ ତାଙ୍କ ମତରେ ଏ ଯୁଗର ଶ୍ୟାମାପାଇଁ ଆଉ କାଳ୍ପନିକ ନୃମୁଣ୍ଡର ମାଳା ଦରକାର ନୁହେଁ, ତାକାଳନ୍ଦରେ ଜଳଜଳ ସାକ୍ଷାତ ମଣିଷ ମୁଣ୍ଡର ଅଭାବ ନାହିଁ ।"(୧୭)

ବସ୍ତୁତଃ ଏହାହିଁ ପ୍ରଗତିଶୀଳ କବିତାର ଆହ୍ୱାନ । ଧର୍ମର ଅଳୀକତା, ଅପାରଗତାକୁ ଦେଖାଇଦେବା ସଚେତେଯେପରି ତା'ର ଏକ ସ୍ୱାର୍ଥମତ ଅଭିଯାନ । ପ୍ରୟୋଜନ ହେଲେ ଧର୍ମର ନିନ୍ଦା ବା ଭର୍ତ୍ସନା କରିବାକୁ ମଧ୍ୟ ପ୍ରଗତିଶୀଳ କବିତା କୁଣ୍ଠାବୋଧ କରିନାହିଁ ।

---

(୧୫) ଭଗବାନ ଅଛି କାହିଁ ? ଅଭିଯାନ-ସଚ୍ଚି ରାଉତରାୟ-ପୃ·୪୫
(୧୬) ନୂଆଗ୍ରେଷ୍ମ – ଛନ୍ଦୈବ-ପୃ· ୪୦ ୪୧ ।
(୧୭) ସବୁଜରୁ ସାମ୍ପ୍ରତିକ -ଡଃ ନିତ୍ୟାନନ୍ଦ ଶତପଥୀ-ପୃ .୩୫୭ ।

Digitized by PPRACHIN, SOA

ସାମାଜିକ ବିଚ୍ଛିନ୍ନତା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ମଧ୍ୟ ପ୍ରଗତିଶୀଳ କବିତାର ଅନ୍ୟଏକ ବିଶେଷତ୍ୱ । ଏହାର ଯଥାର୍ଥ ମୁଖଧର ଥିଲେ ୟୁରୋପୀୟ ଦାର୍ଶନିକ କାର୍ଲ୍‌ମାର୍କସ୍ । ଶିଳ୍ପ ବିପ୍ଳବ ସୃଷ୍ଟ ପୁଞ୍ଜିପତି ଶ୍ରେଣୀ ଏବଂ ସର୍ବହରା ଗୋଷ୍ଠୀ ମଧ୍ୟରେ ଦେଖାଦେଇଥିବା ବିଚ୍ଛିନ୍ନତାର ଅବସାନ ପାଇଁ ସେମାନଙ୍କ ଆଖିରେ ନିଦ୍ରା ନ ଥିଲା । ଏ କ୍ଷେତ୍ରରେ ସେମାନଙ୍କ ଉଦ୍ୟମର ସର୍ବଶେଷ ପରିଣତି ଥିଲା ଗଣସଂସ୍କୃତି (mass culture)ର ପ୍ରତିଷ୍ଠା । ଅବଶ୍ୟ ପ୍ରଗତି କବିମାନଙ୍କର ଏଇ ଗଣ ସଂସ୍କୃତି ସ୍ୱାଧୀନୋତ୍ତର କାବ୍ୟ-କବିତାରେ ଲୋକ ସଂସ୍କୃତିରେ ରୂପାନ୍ତରିତ ହୋଇଛି । ତେବେ ସାମାଜିକ ବିଚ୍ଛିନ୍ନତା ବୋଧର ଦୂରୀକରଣ ପାଇଁ ସେମାନେ ମିଥ ଏବଂ ଆର୍କିଟାଇପର ଆଶ୍ରୟ ନେଉଥିଲେ । ଫଳରେ ସମସ୍ତ ଦୃଷ୍ଟିରୁ ମଧ୍ୟ ଅତୀତ ଓ ବର୍ତ୍ତମାନର ସମନ୍ୱୟ ସାଧିତ ହୋଇଥିଲା । ତେଣୁ ତାର ସାହିତ୍ୟରେ ସାମାଜିକ ବିଚ୍ଛିନ୍ନତା ସହିତ କାଳଗତ ବିଚ୍ଛିନ୍ନତାର ମଧ୍ୟ ଅବସାନ ଘଟିଥିଲା ।

କିନ୍ତୁ ଓଡ଼ିଆ ସାହିତ୍ୟକୁ ପ୍ରଗତିଶୀଳ କବିତାର ସର୍ବଶ୍ରେଷ୍ଠ ଦାନ ହେଲା ସାମୂହିକ ଆବେଗ ବା collective emotion । ଇମୋସନ୍ ଦୁଇପ୍ରକାର । ଯଥା-ବ୍ୟକ୍ତିଗତ ଆବେଗ (Individual emotion) ଏବଂ ସାମୂହିକ ଆବେଗ । ପ୍ରାଚୀନ କାବ୍ୟ-କବିତା ମୁଖ୍ୟତଃ ବ୍ୟକ୍ତିଗତ ଆବେଗ ଉପରେ ପ୍ରତିଷ୍ଠିତ । ତଥା-କଥିତ କାବ୍ୟ-କବିତାମାନଙ୍କରେ କବି ଚେତନା ସମାଜର ଦଶ ପାଞ୍ଚ ଲୋକଙ୍କ ଚେତନା ସହ ମିଶିପାରେ ନାହିଁ । ସେଠି କବିଚେତନା ସତେ ଯେପରି ଏକ ନିର୍ଜନ ଦ୍ୱୀପର ଅଧିବାସୀ । ଅବଶ୍ୟ ତତ୍‌ପୂର୍ବରୁ ସାରଳା ଦାସଙ୍କ ସୃଷ୍ଟି-ସମ୍ଭାରରେ ସାମୂହିକ ଆବେଗର ସୂଚନା ରହିଛି । ମାତ୍ର ତାହା ପର୍ଯ୍ୟାପ୍ତ ନୁହେଁ । ପରବର୍ତ୍ତୀକାଳରେ ସତ୍ୟବାଦୀ ଯୁଗର କବିଗୋଷ୍ଠୀଙ୍କ ଲେଖାମାନରେ ମଧ୍ୟ ସାମୂହିକ ଆବେଗର କ୍ରମବିବର୍ତ୍ତିତ ବିକାଶ ସାଧିତ ହୋଇଥିବାର ଲକ୍ଷ୍ୟ କରାଯାଏ । କିନ୍ତୁ ତା'ର ସାର୍ଥକ ରୂପାୟନ ଘଟିଛି ପ୍ରଗତିଶୀଳ କାବ୍ୟ କବିତାରେ । ପ୍ରଗତିଶୀଳ ସାହିତ୍ୟର ସୁପ୍ରସିଦ୍ଧ ଗ୍ରନ୍ଥ 'Theoritical ଗ୍ରନ୍ଥ Illusion and Reality' (ପ୍ରକାଶକାଳ ୧୯୩୭) ରେ ଖ୍ରୀଷ୍ଟୋଫର କଡ୍‌ୱେଲ୍ ମଧ୍ୟ ସାମୂହିକ ଆବେଗ ସମ୍ପର୍କିତ ବହୁ ତଥ୍ୟ ପରିବେଷଣ କରିଯାଇଛନ୍ତି । ତେବେ ଓଡ଼ିଆ ସାହିତ୍ୟରେ ସାମୂହିକ ଆବେଗର ପ୍ରାଥମିକ ପର୍ଯ୍ୟାୟ ଥିଲା ଜାତୀୟତାବାଦ । ପରେ ସତ୍ୟବାଦୀଯୁଗୀୟ କାବ୍ୟ-କବିତାରେ ପୂର୍ବର ସେହି ଜାତୀୟତାବାଦ ସାମୂହିକ ଆବେଗରେ ରୂପାନ୍ତରିତ ହୋଇ ଏକ ନିର୍ଦ୍ଦିଷ୍ଟ ରୂପଧାରଣ କଲା । କିନ୍ତୁ ପ୍ରଗତିଶୀଳ କାବ୍ୟ-କବିତା ସୃଷ୍ଟି ବେଳକୁ ସାମୂହିକ ଆବେଗ ସ୍ପଷ୍ଟତଃ ଏକ ସମାଜନିଷ୍ଠତା ସହିତ ଜଡ଼ିତ ହୋଇଥିବାର ଲକ୍ଷ୍ୟ କରାଗଲା । ମାତ୍ର ସ୍ୱାଧୀନୋତ୍ତର ଓଡ଼ିଆ ସାହିତ୍ୟରେ ତାହା ସଂସ୍କୃତିକ ଆବେଗରେ ରୂପାନ୍ତରିତ ହେଲା ।

ଏହିସବୁ ଆଲୋଚନାକୁ ଭିତ୍ତିକରି ଏକ ସୈଦ୍ଧାନ୍ତିକ ମତପ୍ରଦାନ କରାଯାଇ-ପାରେ ଯେ ; ପ୍ରଗତିଶୀଳ ସାହିତ୍ୟର କଳାପକ୍ଷ ନିଶ୍ଚିତ ଭାବରେ ଇତରକୋଟୀର ।

Digitized by PPRACHIN, SOA

ତା'ର ଶରୀରରେ ପ୍ରକାଶ ପାଇଥିବା ମନ୍ତବ୍ୟଟି (ପ୍ରଗତି ସାହିତ୍ୟ ଏକ ପ୍ରୋପାଗଣ୍ଡା ସାହିତ୍ୟ) କୌଣସି ଗୋଟିଏ ଦିଗରୁ ମଧ୍ୟ ଯୁକ୍ତିଯୁକ୍ତ ବୋଲି ମନେହୁଏ ନାହିଁ । ଅବଶ୍ୟ ଏହା ସତ୍ୟ ଯେ ପ୍ରଗତିଶୀଳର ଭଙ୍ଗୀ ତୃପ୍ତ, କଣ୍ଠ ସ୍ୱର ଦୃଢ଼ ଓ ସମୁଚ୍ଚ । ଯେ ହେତୁ ସେ ବିପ୍ଳବରେ ବିଶ୍ୱାସ କରେ । ସମାଜର ବୀଭତ୍ସତା, ପଙ୍ଗୁତା ଓ ଅନ୍ଧତା ସମ୍ପର୍କରେ ପାଠକକୁ ସଚେତନ କରାଇଦିଏ ।, ପୁଣି ସାମାଜିକ ବିଷମତାକୁ ବ୍ୟଙ୍ଗ କରେ । ତା'ର ସେହି ବ୍ୟଙ୍ଗ ଯେତେମାତ୍ରାରେ ସମାଜନିଷ୍ଠ ସେତେ ମାତ୍ରାରେ ବ୍ୟକ୍ତିନିଷ୍ଠ । ତା' ନିକଟରେ ଶୋଷଣର ଉଚ୍ଛେଦ ହିଁ ବଡ଼କଥା । କାରଣ ଶୋଷଣର ବିନାଶରେ ଶ୍ରେଣୀହୀନ ସମାଜର ପ୍ରତିଷ୍ଠା ନିଶ୍ଚିତ ସତ୍ୟ । ତେଣୁ ତା'ର ବକ୍ତବ୍ୟ ତୀବ୍ର ବା ଶାଣିତ ହେବା ସ୍ୱାଭାବିକ । କିନ୍ତୁ ତାହା ପ୍ରଚାର ସର୍ବସ୍ୱ ସାହିତ୍ୟ ନୁହେଁ, ବରଂ ବିପ୍ଳବ ସର୍ବସ୍ୱ । ଏଣୁ ସେ ସାହିତ୍ୟ ଆମର ଅଭିନନ୍ଦନୀୟ, ଏଥିରେ ସନ୍ଦେହର ଅବକାଶ ନାହିଁ ।

Digitized by PPRACHIN, SOA

'ସ୍ୱାଧୀନୋତ୍ତର ଓଡ଼ିଆ କବିତାରେ ବ୍ୟକ୍ତି ଓ ବକ୍ତବ୍ୟ'

ପ୍ରତିଭା ଗୋସ୍ୱାମୀ
ଷଷ୍ଠବର୍ଷ

ବ୍ୟକ୍ତି ଓ ବକ୍ତବ୍ୟ : ଐତିହାସିକ ପୃଷ୍ଠଭୂମି—

ଓଡ଼ିଆ କବିତାର 'ଆଦ୍ୟ ଓଁକାର ଚର୍ଯ୍ୟାଗୀତିକା'ଠାରୁ ଆରମ୍ଭ କରି ସାରଳା ଦାସ, ପଞ୍ଚସଖା ବା ଭକ୍ତିଯୁଗ ପର୍ଯ୍ୟନ୍ତ କାବ୍ୟ କବିତା ପ୍ରତି ଦୃଷ୍ଟି ନିକ୍ଷେପ କଲେ ତନ୍ମଧ୍ୟରେ ବ୍ୟକ୍ତି ସତ୍ତାର ଏକ ସଙ୍କୁଚିତ ରୂପ ପ୍ରାୟ ସ୍ପଷ୍ଟ ହୋଇ ଉଠିଥାଏ । ସେଠି ପ୍ରାୟତଃ ମଣିଷ ଥିଲା ଭଗବତ୍‌ସତ୍ତାର କ୍ରୀଡ଼ା କନ୍ଦୁକ ନଚେତ୍, ନାରୀ ସୌନ୍ଦର୍ଯ୍ୟର ନିଷ୍ଠ ପୂଜାରୀ । କିନ୍ତୁ ଏହି ଚେତନାର ମୌଳିକ ରୂପାନ୍ତର ଓ ସ୍ପଷ୍ଟ କ୍ରମ ବିବର୍ତ୍ତନ ଗତ ଦୁଇ ଶତାବ୍ଦୀ ମଧ୍ୟରେ ପରିଲକ୍ଷିତ ହୋଇଥାଏ ଯାହା କବିତାର ଇତିହାସରୁ ମଧ୍ୟ ପ୍ରମାଣିତ ହୋଇ ପାରିବ ।

୧୮୦୩ରେ ଓଡ଼ିଶା ହୁଏ ବ୍ରିଟିଶ ଶାସନାଧୀନ । ସେତେବେଳକୁ ଓଡ଼ିଆ ସାହିତ୍ୟରେ ଚାଲିଥାଏ ରୀତିଯୁଗୀୟ ରସଚର୍ଚ୍ଚା ଓ ସଙ୍ଗୀତ ସେବାର ସ୍ୱାଦ୍ୟ ଲୀଳା । ପରନ୍ତୁ ସେହି କାବ୍ୟକାର ମଧ୍ୟ ଅଳଙ୍କାରର ଦୁର୍ବହ ଭାରରେ ଅଳଙ୍କୃତ କରି ନାୟିକାକୁ ସ୍ଥାଣୁ ପ୍ରାୟ ଗଢ଼ି ତୋଳିବା ସଙ୍ଗେ ସଙ୍ଗେ ନାୟକମାନଙ୍କୁ ସେମାନଙ୍କର ବସ୍ତ୍ରାଞ୍ଚଳର ଦାସ କରି ରଖିଥାଏ । ରୀତି କାବ୍ୟର ଶବ୍ଦମୟ ନିଶ୍ଚିନ୍ତ-ନୀରନ୍ଧ୍ରତା ବକ୍ତବ୍ୟ ଶୂନ୍ୟତାର ଏକପ୍ରକାର ନାମାନ୍ତର । ଏହି ପୃଷ୍ଠଭୂମି ଉପରେ କେତୋଟି ବିଶିଷ୍ଟ ଘଟଣା-ଯେପରି ନଅଙ୍କ ଦୁର୍ଭିକ୍ଷ ବା ଭାଷା ବିଲୋପ ଆନ୍ଦୋଳନ, ବ୍ୟକ୍ତି ଏବଂ ତା'ର ବକ୍ତବ୍ୟ କ୍ଷେତ୍ରରେ ଏକ ସଚେତନତା ଆଣି ଦେଇଥିଲା । ବସ୍ତୁତଃ ଊନବିଂଶ ଶତାବ୍ଦୀର ଏହି ଘଟଣା ଦ୍ୱୟ ହିଁ ବ୍ୟକ୍ତି ମନରେ ଜାତୀୟ ଭାବ-ଭାବନା ଉଦ୍ରେକ କରିବା ସଙ୍ଗେ ସଙ୍ଗେ ତା'ର ବକ୍ତବ୍ୟକୁ ଶାଣିତ ତଥା ମାର୍ଜିତ କରିଥିଲା ବୋଲି କୁହାଯାଇପାରେ । ପରେ ପରେ ଭାରତୀୟ ଜାତୀୟ କଂଗ୍ରେସ ଗଠନ, ଉତ୍କଳ ସମ୍ମିଳନୀର ଭୂମିକା ମଧ୍ୟ ସ୍ମରଣୀୟ । ପୁନଶ୍ଚ ବିଂଶ ଶତାବ୍ଦୀର ଦ୍ୱିତୀୟ ଦଶନ୍ଧିର ପ୍ରଥମ ବିଶ୍ୱଯୁଦ୍ଧ ସତେ ଯେପରି ସେହି ସ୍ତୁପୀକୃତ ବାରୁଦ ଗଦାରେ ଇନ୍ଧନ ସଂଯୋଗ କରିଥିଲା । ଫଳରେ ୧୯୨୦ ବେଳକୁ ବ୍ୟକ୍ତି ଓ ତା'ର ବକ୍ତବ୍ୟ କ୍ଷେତ୍ରରେ ବିଧିବଦ୍ଧ ସଚେତନତା ଦେଖାଦେଇଥିଲା ଏବଂ ସତ୍ୟବାଦୀଯୁଗୀୟ ସାହିତ୍ୟ ଏହାର ସମ୍ୟକ୍ ପରିଚୟ ଦେବାକୁ ସମର୍ଥ ହୋଇଥିଲା ।

Digitized by PPRACHIN, SOA

ବିଶ୍ୱଯୁଦ୍ଧ ପରେ ଏ ରୂପାନ୍ତର ପ୍ରକ୍ରିୟା ଦ୍ରୁତତର ହେଲା । ଭାରତ ଓ ଓଡ଼ିଶା ପରିପ୍ରେକ୍ଷୀରେ ବିଶିଷ୍ଟ ଘଟଣା ଗାନ୍ଧୀଙ୍କ ନେତୃତ୍ୱରେ ସ୍ୱାଧୀନତା ଆନ୍ଦୋଳନ । ଏଥିରେ ବ୍ୟକ୍ତି ମନେ ଚେତନତାର ସୁସ୍ପଷ୍ଟ ଅଭିବ୍ୟକ୍ତି ଐତିହାସିକ ସତ୍ୟ । କିନ୍ତୁ କେବଳ ଭାରତ କିମ୍ବା ଓଡ଼ିଶା ନୁହେଁ ସମଗ୍ର ପୃଥିବୀ ସାହିତ୍ୟରେ ଜାତୀୟତାର ଯେଉଁ ନବ ଜାଗରଣ ସୃଷ୍ଟି ହୋଇଥିଲା ସେ ସବୁର ପୃଷ୍ଠଭୂମିରେ ୧୯୧୭ର ବଲ୍ସେଭିକ୍ ଆନ୍ଦୋଳନ, ସର୍ବହରା ଜନତାର ଉଦ୍ୟମରେ ଅତ୍ୟାଗ୍ରହୀ ଜାର ଶାସନର ଉଚ୍ଛେଦ, ଜନନାୟକ ଲେନିନଙ୍କ ହାତକୁ କ୍ଷମତାର ହସ୍ତାନ୍ତର, ଏକ ଶୋଷଣ-ହୀନ ସମାଜର ଗଠନ ସମ୍ଭାବନା କ୍ଷେତ୍ରରେ ରୁଷିଆର ଆଦର୍ଶ ଉଲ୍ଲେଖଯୋଗ୍ୟ । ସେହିପରି ଉଲ୍ଲେଖ ଯୋଗ୍ୟ ଭାରତ ବାହାରେ ଗର୍କିଙ୍କ ନେତୃତ୍ୱରେ ପ୍ରଗ୍ରେସିଭ ରାଇଟର୍ସ କନ୍‌ଫରେନସ୍, ସର୍ବଭାରତୀୟ କ୍ଷେତ୍ରରେ ପ୍ରେମଚନ୍ଦଙ୍କ ନେତୃତ୍ୱରେ ପ୍ରଗତିଶୀଳ ଲେଖକ ସଂଘ, ଓଡ଼ିଶାରେ ଭଗବତୀ ପାଣିଗ୍ରାହୀଙ୍କ ନେତୃତ୍ୱରେ ନବଯୁଗ ସାହିତ୍ୟ ସଂସଦ ।

ଏତେବେଳକୁ ପୂର୍ବର ସେଇ ବଦ୍ଧମୂଳ ଚିନ୍ତାଧାରା, "ରାଜା ହିଁ ଈଶ୍ୱରଙ୍କ ପ୍ରତିନିଧି" କ୍ରମେ ଭିତ୍ତିହୀନ ବୋଲି ବିବେଚିତ ହୋଇ ଉଠିଲା ଏବଂ ମଣିଷ ହାତରେ ତା' ଓ ହାରୁଡ଼ି ଧରି ତା'ର ନ୍ୟାଯ୍ୟ ଅଧିକାରକୁ ଜୋର କରି ଛଡ଼ାଇ ଆଣିବାକୁ ଉଦ୍ୟମ କଲା । ଏହି ପରିପ୍ରେକ୍ଷୀରେ ଲିଖିତ ପ୍ରଗତିଶୀଳ କବିତା 'ବାଜିରାଉତ' ଓ 'ଅଭିଯାନ'ର କେତୋଟି କବିତା ଅନସ୍ୱୀକାର୍ଯ୍ୟ । ବ୍ୟକ୍ତିର ସ୍ୱରୂପ, ବିଶେଷତଃ ସଙ୍କଟକୁ ଏକ ବିଶିଷ୍ଟ ରୂପ ଦେବା ଦିଗରେ ମତେ ଯେପରି ପ୍ରଗତିଶୀଳ ସାହିତ୍ୟର ସମାଜବାଦୀ ଅଭିଯାନ ହିଁ ମୁଖ୍ୟତଃ ଦାୟୀ । ସ୍ୱାଧୀନତାପ୍ରାପ୍ତି ବା ୧୯୪୭ ମସିହା ପରେ ଏହି ବ୍ୟକ୍ତିଚେତନାର ରୂପ ଆହୁରି ପରିବର୍ତ୍ତିତ ହୋଇ ଯାଇଥିଲା ।

ଶତାବ୍ଦୀ ଶତାବ୍ଦୀ ଧରି ମଣିଷର ଯେଉଁ ଜୀବନ ଧାରା ଗଢ଼ି ଉଠୁଥିଲା କେତେ ଗୁଡ଼ିଏ ଶାସ୍ତ୍ରୀୟ ମତକୁ ବିଶ୍ୱାସ ଓ ଅବଲମ୍ବନ କରି, ନୂତନ ଜ୍ଞାନ-ବିଜ୍ଞାନର ବିକାଶ ଓ ଅନ୍ୟାନ୍ୟ ଆଲୋଚିତ ସଂସ୍କାରର ସଂଘାତରେ ରେଣୁରେଣୁ ହୋଇ ଝଡ଼ି ପଡ଼ିଲା ମଣିଷର ସେଇ ସବୁ ସରଳ ମୂଲ୍ୟବୋଧଗୁଡ଼ିକ, ସୃଷ୍ଟିଆଡ଼େ ରହିଗଲା କେବଳ ଏକ ନିରୁତା ଶୂନ୍ୟତା । ଈଶ୍ୱରଙ୍କ ଉପରୁ ମଣିଷ କ୍ରମେ ବିଶ୍ୱାସ ହରାଇବାକୁ ବାଧ୍ୟ ହେଲା । ପ୍ରଥମ ବିଶ୍ୱଯୁଦ୍ଧପରେ ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ ଜନ୍ମ ନେଇଥିବା ଆଧୁନିକ କବିତା ଧୀରେ ଧୀରେ ବିକାଶ ଲାଭ କଲା । ଧ୍ୱଂସର ଭଗ୍ନ ସ୍ତୂପ ଭିତରୁ ପରବର୍ତ୍ତୀ ନୂତନ ଯୁଗର ଶୁଭ ଶଙ୍ଖ ବାଜି ଉଠିଲା । କେତୋଟି ଦୃଷ୍ଟାନ୍ତ ମାଧ୍ୟମରେ ଏହାର ଉପଲବ୍ଧି ପାଇଁ ଚେଷ୍ଟା କରାଯାଇ ପାରେ ।

ଅସ୍ତିତ୍ୱବାଦୀ ଭାବଧାରା ଓ ଯନ୍ତ୍ରଣାର ରୂପ ରୂପାନ୍ତର :

ଦୁଇଟି ମହାଯୁଦ୍ଧର ଧ୍ୱଂସକାରୀ ପ୍ରଭାବ ବିଶ୍ୱ ମାନବର ଚିତ୍ତରେ ଯେଉଁ ଅଶାନ୍ତି, ଅନିଶ୍ଚିତତା, ଚିନ୍ତା, ଅବସାଦ, ଉଦ୍‌ବେଗ, ନୈରାଶ୍ୟ, ବ୍ୟର୍ଥତା ଓ

Digitized by PPRACHIN, SOA

ଶୋଚନୀୟତା ଆଣି ଦେଲା ତାହାର ପ୍ରଭାବଜନିତ ବସ୍ତୁବାଦ ତତ୍‌କାଳୀନ ମାନବ ମାନସକୁ ଆଚ୍ଛନ୍ନ କରିବା ଆଉ ଅସ୍ୱାଭାବିକ ହୋଇ ରହିଲାନି । ଜୀବନ୍ତ ମଣିଷଟି ଜୀଇଁ ଥାଉ ଥାଉ ମୃତବତ୍ ନିର୍ବାକ୍ ଭାବେ ଦଣ୍ଡାୟମାନ ହୋଇ ରହିଲା । ସବୁବେଳେ କିଛି ନା କିଛି ଅଭାବ ବୋଧ, କୌଣସି ନା କୌଣସି ଯନ୍ତ୍ରଣାବୋଧ ସହିତ ଜଡ଼ିତ ହୋଇ ରହିଲା । ମୋଟ ଉପରେ କହିଲେ ଜୀବନର ବିଜ୍ଞାପନ ସମ୍ପୂର୍ଣ୍ଣ ନିରୁତ୍ତର ନିରୁଦ୍ଦିଷ୍ଟ ହୋଇ ରହିଗଲା । ସତେ ଯେପରି ମଣିଷ ତା'ର ଜନ୍ମ ପରଠାରୁ କେବଳ ମୃତ୍ୟୁର ପ୍ରତୀକ୍ଷାରେ ହିଁ ସମୟ କାଟିବା ପାଇଁ ଅଭିପ୍ରେତ ବୋଲି ଧରି ନିଆଗଲା ଏବଂ ମଣିଷ ନିଜକୁ ଯେତିକି ନିକଟରେ ଦେଖିବାକୁ ଚାହୁଁଥିଲା, ସେତିକି ଆଘାତ ପାଇ ସେ, ନିଜଠାରୁ ନିଜେ ଛିଟିକି ଯାଇ ବହୁଦୂରରେ ପଡ଼ିଲା, ମଣିଷ ଦୂରେଇ ଗଲା ମଣିଷଠାରୁ, ତା ନିଜଠାରୁ ମଧ୍ୟ । ସଚ୍ଚି ରାଉତରାୟଙ୍କ ପରି କବିଙ୍କ ବହୁମୁଖୀ କାବ୍ୟ–ଚେତନାରେ ଏହି ସ୍ଥିତିବାଦୀ ବିଚ୍ଛିନ୍ନତାର ଅନ୍ତଃସ୍ୱର ସ୍ପଷ୍ଟ ପ୍ରକଟିତ ହେଲା ।

"ସମସ୍ତର ଆଇନାରେ ନିଜକୁ ମୁଁ ଯେତେ ଯେତେ ଚାହେଁ
ସେତିକି ମୁଁ ନିଜଠରୁ ଦୂରେ ଦୂରେ ଦୂରେ ଚାଲିଯାଏ,
ସେ କି ଛାୟା? ସେ କି ରୂପ? ଅବା ଖାଲି
ଗୋଟିଏ ମୁହୂର୍ତ୍ତ । ତୁଷାର ହୃଦର ପକ୍ଷୀ ଉଡ଼ୁ ଉଡ଼ୁ
ହୋଇଛି ବା ମୂର୍ତ୍ତି, ବରଫର କାଚେ, ସେଇପରି
ଢଳଢଳ ଏକ ବିନ୍ଦୁ ମୁହୂର୍ତ୍ତର ଗୁଚ୍ଛେ, ମୁଁ କି
ଅନ୍ୟପ୍ରାଣ, ସର୍ବାଙ୍ଗେ ସତ୍ତ୍ୱର ଛଟକେ କ୍ଷଣିକ ଏ କମ୍ପା ଚିରନ୍ତନ

(ରଂଗମ – ସ୍ୱଗତ – ପୃ ୪୭୯)

ମୃତ୍ୟୁଜନିତ ଅସହାୟ ନେତିବାଦର ଚରମ ପରିଣତି ହୁଏତ ଏହି ସ୍ଥିତିବାଦ, ଯାହା ବ୍ୟକ୍ତିଚେତନା କ୍ଷେତ୍ରରେ ଶତାବ୍ଦୀର ସର୍ବଶ୍ରେଷ୍ଠ ଉଦ୍ଗିରଣ । ଭୟଙ୍କର ମାରଣାସ୍ତ୍ର ପାଖରେ ମଣିଷର ବଞ୍ଚିବାର ସଫଳ ସ୍ୱପ୍ନ ଯେତେବେଳେ ଚୂର ହୋଇଯାଇଛି ମଣିଷ ନିଜକୁ ତା' ନିଜଗତା ଗୋଷ୍ଠୀ, ସମାଜ ଓ ଧର୍ମଠାରୁ ବଡ଼ ମନେ କରିବା ସ୍ୱାଭାବିକ୍ ଓ ଉଚିତ୍ ମଧ୍ୟ । ସମାଜଧର୍ମ ବ୍ୟବସ୍ଥା ପ୍ରତି ସୃଷ୍ଟି ହେଲା ଏକ ଅନାସ୍ଥାଭାବ । ଅଥଚ ଏଇ ପାରଂପାରିକ ମୁକ୍ତ ବିଶ୍ୱାସ ଅପେକ୍ଷା ଯେ କୌଣସି ମତେ ବଞ୍ଚିବାର ଯେଉଁ ଆନ୍ତରିକ ଆସକ୍ତି ସୃଷ୍ଟି ହୋଇଥିଲା, ତାହାହିଁ ମଣିଷକୁ ପ୍ରେରଣା ଦେଇଥିଲା ସବୁ ଧ୍ୱଂସ, ସବୁ ରୋଗ ଓ ମୃତ୍ୟୁ ମଧ୍ୟରେ ତଥାପି ବଞ୍ଚିରହିବାକୁ । ମଣିଷକୁ ଓ ମଣିଷ ଜାତିକୁ ଯୁଦ୍ଧ ସମ୍ପୂର୍ଣ୍ଣଭାବେ ନିଶ୍ଚିହ୍ନ କରିପାରିବ ନାହିଁ । ତଥାପି କିଏ ତା'ର ବାପା, ମାଆ, ଭାଇ ଭଉଣୀ ? କେଉଁଠି ତା'ର ସମାଜ ଓ ଧର୍ମ ସଂସାର-ସେ ଜାଣେ ନାହିଁ । ସେ କେବଳ ଜନ୍ମ ନେଇଛି ଓ ଅଛି । ଏହାହିଁ ଯେପରି ଏକମାତ୍ର ସତ୍ୟ । ତେଣୁ ତା'ର ପରିଚୟ—

Digitized by PPRACHIN, SOA

"ଧରଣୀର ଛିନ୍ନ ଭିନ୍ନ ଭୃଣ ସମ
ଆତ୍ମସ୍ଥ କୁସୁମ ମୁଁ ଯେ ସୁଗନ୍ଧ ଅନୁପମ
ବିଜ୍ଞାନ ଚରମ ।" (ଅନନ୍ତ ପଟ୍ଟନାୟକ)

ଏହି ସ୍ଥିତିବାଦୀ ଆବେଗ ସ୍ୱାଧୀନତା ପରେ ସ୍ଥିତିବାଦର ନିର୍ଦ୍ଦିଷ୍ଟ ଦାର୍ଶନିକ ସଚେତନତା ସହିତ ଅଭିବ୍ୟକ୍ତ । ସ୍ୱାଧୀନତା ପରବର୍ତ୍ତୀ କାଳରେ ରମାକାନ୍ତ ରଥଙ୍କ ପରି କବିଙ୍କ କବିତାରେ ଏହାର ସ୍ପଷ୍ଟତର ଅନୁଧ୍ୟାନ କରାଯାଇପାରେ । ଯେହେତୁ ମଣିଷର ମରିବାର ସ୍ୱାଧୀନତା ନାହିଁ ତେଣୁ ସେ ଇଚ୍ଛା କରି ମରିପାରେନି । ଯିଏ ଅନୁଭୂତି ପାଇଁ ବାରବାର ଅଭିନୟ କରିବସେ ଏହିପରି, ଯାହା ସାର୍ତ୍ତ୍ରୀୟ ଦର୍ଶନର ପରିଭାଷାରେ 'bad faith' ବୋଲି କୁହାଯାଇଥାଏ । ଯନ୍ତ୍ରଣାଗ୍ରସ୍ତ ଜୀବନର ଗଭୀର ସ୍ୱରୂପକୁ ନିର୍ଦ୍ଧାରଣ କରିବାକୁ ଯାଇ କାନ୍ଦୁରି ମଣିଷଟି କହୁଛି—

"ସ୍ୱାମୀ ଏବଂ ପିତା ହେଲେ
ସବୁବେଳେ କରଛଡ଼ା ଦେବା ଅସୁନ୍ଦର
ବେଳେ ବେଳେ ଫାଙ୍କା ଘରେ
ଅକାଶକୁ ଚାହିଁବ ଝରକାର ରେଲିଂ କାବୁଡ଼ି ଧରି
ବେଳେ ବେଳେ ଅବସ୍ଥାର ଗୁରୁତ୍ୱ ଦୃଷ୍ଟିରୁ
କାନ୍ଦିବା ଉଚିତ୍ ମଧ୍ୟ ଓଠ ଚପି
ଯେମିତି ମୁଁ ଆଜି କାନ୍ଦୁଥିଲି ।"

ଏମିତି ମରିବା ଭିତରେ ସେ ବଞ୍ଚେ । ବଞ୍ଚିବାକୁ ଭଲପାଏ, ଏବଂ ସେ ପୁନର୍ଜନ୍ମରେ ବିଶ୍ୱାସ କରେ ନାହିଁ । ଅସ୍ୱୀକାର କରେ । ବିଦାୟ ହିଁ ତା ପାଇଁ ଅନ୍ତିମ ବିଦାୟ; ଠିକ୍ ଏହିପରି—

"ତଥାପି ରହିବ ମୃତ୍ୟୁ
ଘଣ୍ଟା ଘଣ୍ଟା ଶୂନ୍ୟ ଅପେକ୍ଷାରେ ।

× × ×

ଥଣ୍ଡା ଲଗେ ମୋକ୍ଷ, ସନ୍ତଜ ବଜାର ଶୂନ୍ୟ,
ଶୂନ୍ୟଦିନ, ଶୂନ୍ୟରାତି, ଖାଲି ନଗୁଣ୍ଟିଆ ଷ୍ଟେସନରେ
ଟ୍ରେନ୍ ଗ୍ଭଲିଯିବାର ଆବାଜ ।
ଦୁଇଟି ମାଳିକ ମୃତ୍ୟୁ ତୋର ନାହିଁ
ଚୂଡ଼ାନ୍ତ ଉପାୟ, ଅଧୈର୍ଯ୍ୟ ଦେଖଣାହାରୀ ।
ପୁନର୍ଜନ୍ମ ଅନିଶ୍ଚିତ, ବିଦାୟ ବିଦାୟ ।"

ଏବଂ ତା'ର ଶାଶ୍ୱତିକ ମୃତ୍ୟୁ ପୂର୍ବରୁ ବାରମ୍ବାର ସେ ଶବଟିଏ ପାଲଟୁଛି ।

Digitized by PPRACHIN, SOA

ଜୀବନର ଉଦଗ୍ରଜା ବେଳାଭୂମିରେ ଠିଆ ହୋଇ ଶୂନ୍ୟତାର ଶାମୁକା ଗୋଟାଇ ପୁଣି ବଞ୍ଚିବାର ଉହାଧର କାନ୍ଦୁଛି । ତା'ର ମିଛର ସ୍ଥିତି, ତା' ଗୃହପାଳର ମିଛମଣ୍ଡ ପରିବେଶ ସବୁ ଟାଳି ମିଛର କୁହୁଡ଼ି ପହରା । ସତ୍ୟବୋଲି କିଛି ନାହିଁ ଯଦି ବା ରହିଛି ତାହା କେବଳ 'ମାୟା ସତ୍ୟ' । ତଥାପି ଏଇ ସ୍ତୁପୀକୃତ ନିଃସଙ୍ଗତା, ବିଚ୍ଛିନ୍ନତାକୁ ସେ ଯୋଡ଼ିବାରେ ଲାଗିଛି ଠିକ୍ ଏହିପରି;

"ସମସ୍ତ ସଂପର୍କ ସତ୍ତ୍ୱେ ମୁଁ ନିଜକୁ ବିଚ୍ଛିନ୍ନ କରିବାର
ଚେଷ୍ଟା କରୁଛି ଅବା ସ୍ତୁପୀକୃତ ବିଚ୍ଛିନ୍ନତା ଯେତ
ଢଆରୁଛି ଏକକ ମୁଁ ।" (ପ୍ରହରାଜ ସତ୍ୟନାରାୟଣ ନନ୍ଦ)

ଏଠି ଜୀବନ ପ୍ରତି କୌଣସି ଆବେଗ ନାହିଁ । ମଣିଷ ସ୍ନେହ, ଆଦର, ପ୍ରେମ, ପ୍ରୀତି, ମମତାଶୂନ୍ୟ ହୋଇ, ଏକ ଅସହାୟ ସ୍ଥିତି ହୋଇ ଝୁଲୁଛି । ପ୍ରେମ ଏଠି କେବଳ ଦେହ ଭୋଗ ସହିତ ଜଡ଼ିତ । ମନ ସହିତ କୌଣସି ସମ୍ପର୍କର ପ୍ରଶ୍ନ ମଧ୍ୟ ଉଠୁ ନାହିଁ । ଏକ ବିକଳାଙ୍ଗ ସ୍ଥିତିନେଇ ମଣିଷ ବଞ୍ଚୁଛି । ବର୍ତ୍ତମାନର ବେଳାଭୂମି ଧୂସର । ଏଠି କୌଣସି ସ୍ମୃତି ନାହିଁ, ସମୃଦ୍ଧି ନାହିଁ । ସବୁ ଫାଙ୍କା, ସବୁ ଶୂନ୍ୟ, ଏବଂ ଏଠି ବଞ୍ଚିବା ଯେମିତି 'ସମସ୍ତଙ୍କର ବିବର୍ଣ୍ଣ ବିସ୍ମୃତି ।'

ସେଇ ଯେ ମାତୃ ଜଠରରୁ ସେ ଛିଟିକି ପଡ଼ିଥିଲା ସେଇ ଦିନଠୁ ସେ ଖୁବ୍ ଏକୁଟିଆ ହୋଇଯାଇଛି । ନିଜ ପାଖରେ ନିଜେ ଅପରିଚିତ ହୋଇ ପଡ଼ୁଛି । ନିଜ ଚିନ୍ତା ମଧ୍ୟ ତା'ର ଅଧୀନ ନୁହେଁ । ପରିବାରରେ ସେ ରହେ ଅଥଚ କାହାରି ସହିତ ଆତ୍ମୀୟତା ରକ୍ଷା କରିପାରେ ନାହିଁ । ନିହାତି ଏକାକୀ ସେ ଓ ଖୁବ୍ ବେଶୀ ନିଃସଙ୍ଗ । ବନ୍ଧୁହୀନ ସଖାହୀନ ଭାବେ ବଞ୍ଚୁଛି । ତା'ର ସେଇ ନିର୍ଜନ ଅସ୍ତିତ୍ୱ ସମ୍ପର୍କରେ କୁହାଯାଇପାରେ—

"ଏବଂ ମୁଁ ଅଗ୍ନିଗିରି ବଣେ ଶୁଆ ତଥା ଅନ୍ୟାନ୍ୟ
ଚଢ଼େଇମାନଙ୍କୁ ଉଡ଼ିବା ପାଇଁ ଧାନ କ୍ଷେତେ
ବାଉଁଶରେ ବନ୍ଧା ସଫେଦ କନାର ଅଟେ
ଅଭ୍ୟନ୍ତର । ଖୁବ୍ ଏକୁଟିଆ ।"

ମଣିଷର ଜୀବନ ନାହିଁ କି ମୃତ୍ୟୁ ନାହିଁ । ଏକ ଜୀବନ୍ମୃତ ଅବସ୍ଥା । ସେ ଫୁଲର ନୁହେଁ କି ଫସଲର ନୁହେଁ, ସେ ଆକାଶର ନୁହେଁ କି ମାଟିର ନୁହେଁ । ତା'ର ସହଜ ସରଳ ପୁରୁଣା ପୃଥିବୀ ବଞ୍ଚିବାର ଅଗ୍ନିଶିଖା ତଳେ ଜଳି ପୋଡ଼ି ଛାରଖାର ହୋଇଯାଇଛି । ସେଥିପାଇଁ ସମସ୍ତ ବିକଳ ବିଧ୍ୱସ୍ତ ଯନ୍ତ୍ରଣାକ୍ତ ମାନବବାଦୀ ସ୍ୱର ନିମ୍ନୋକ୍ତ ମତେ ସ୍ପଷ୍ଟ ହୁଏ—

Digitized by PPRACHIN, SOA

"ପୁରୁଣା ପୃଥିବୀ ଆଜି ବଷ୍ଟବାର ଅଗ୍ନିଶିଖା ତଳେ
ସୃଷ୍ଟିର ଜଙ୍ଗଲ ପରି ଅନ୍ତଃସାର ଶୂନ୍ୟ ହୋଇ
ଜଳେ ଜଳିଯାଏ ଅକାଳେ ମଣିଷ
ଶତାବ୍ଦୀର ମେରୁଦଣ୍ଡ ଭାଙ୍ଗିଯାଏ ଆଜି ଅହର୍ନିଶ"

ଏବଂ,

"ସବୁ ଯାଏ ଜଳିପୋଡ଼ି ମନ ଓ ଇନ୍ଦ୍ରିୟ
ଜଳିଯାଏ ଅନୁଭୂତ ସକଳ ଭାବନା
ସବୁ ସମ୍ଭାବନା ଆହା
ସବୁ ସ୍ୱପ୍ନ ସବୁ ଆଶ୍ୱାସନା
ଦାଉ ଦାଉ ଧପ୍ ଧପ୍ ଆକାଶକୁ କୁଦାମାରେ
ନିଆଁ, ଲହ ଲହ ରକ୍ତ ଜିହ୍ୱା; ଆକାଶ
ପୃଥିବୀ ଭରେ ସ୍ଫୁଲିଙ୍ଗ ଓ ଧୂଆଁ ।"

ଏବଂ ପୁନଶ୍ଚ,

ମୁଁ ଆଉ ପାରୁନ ଚିହ୍ନି ଆପଣାକୁ
ମୁଁ ଆଉ ପାରୁନ ଜାଣି
କାହା ସ୍ଥିତି ଆପଣାର ଛଡ଼ା ।"

ମାତ୍ର କୌଣସି ମତେ ପୁଣି ନିଜକୁ ଆଶ୍ୱାସନା ଦେଉଛି । ଖାଲି ଲୋଡ଼ୁଛି ଟିକିଏ ପ୍ଲାବନ, ଟିକିଏ ଜ୍ୟୋତ୍ସ୍ନା ଟିକିଏ ଶ୍ରାବଣ;

"ଫଟାଭୂଇଁ କାନ୍ଦେ ଅଜି ଜଳିଜଳି ଚୈତ୍ରର ଦହନେ
ଆକାଶ ସହବାସ ଲୋଡ଼ା ତା'ର ଏକାନ୍ତ ଗହନେ;

ଟିକିଏ ପ୍ଲାବନ ଲୋଡ଼ା, ଲୋଡ଼ା ଖାଲି ଟିକିଏ ପ୍ଲାବନ
ସବୁଜ ଶସ୍ୟର ପାଇଁ ଖୋଜୁଛି ସେ ଆଷାଢ଼ ଶ୍ରାବଣ ।"

କିନ୍ତୁ ସଂସାରର କଦର୍ଯ୍ୟ ଜଙ୍ଗଲରେ ତାର ହୃଦୟ ବିଦୀର୍ଣ୍ଣ, କ୍ଷତ ବିକ୍ଷତ । ତା'ର ମାନସିକତା ନିଷ୍ଫଳ, ଅଥର୍ବ । ଜୀବନର ଶୂନ୍ୟ ବସ୍ତୁତରେ ସେ ଯେପରି ଏକ ଶୂନ୍ୟ ଅସହାୟତା । ତେଣୁ ସେ ନିଜକୁ ଭାବେ —

"ମୁଁ ଏକ ଗୋପନ ହାଓ୍ୱା ଜଙ୍ଗଲର ଅଦୃଶ୍ୟ ଅନ୍ତରେ ।"

ସୀମାହୀନ ବ୍ୟଥାରେ ଜର୍ଜରିତ ମଣିଷର ଇତିହାସ ପ୍ରତି ମୁହୂର୍ତ୍ତିରେ ପଢ଼ୁଛି ତା'ର ଅଥର୍ବତ୍ୱ । ଅସମର୍ଥ ଭଣ୍ଡ ଆଦର୍ଶର ମହାପୁରୁଷ ହୋଇ ସାମନାରେ ପ୍ରତି ମୁହୂର୍ତ୍ତିରେ ଘଟୁଥିବା ଅନ୍ୟାୟର ବିଷକୁ ହଜମ କରି ନୀରବ ସନ୍ନ୍ୟାସୀ ପରି ବସିଛି । ସେ ଦେଖୁଛି ତା'ର ସ୍ତ୍ରୀର ଲୁଣ୍ଠିତ ଉଲଗ୍ନ ଦେହ ଅଥଚ ମିଛ ତତ୍ତ୍ୱଜ୍ଞାନର ଦୁହାଇ ଦେଇ ସେ ନୀରବ ରହିବାକୁ ବାଧ୍ୟ ହେଉଛି । ସଭ୍ୟତାର ମଦଭାଟିରେ ସବୁ ଭାଗ,

Digitized by PPRACHIN, SOA

କ୍ଲେଷ, ଦୁଃଖ, ଦୈନ୍ୟକୁ ନିଲମ କରି ସେ ଅସହାୟ ହୋଇ ପଡ଼ୁଛି, ଗୋପଦାଣ୍ଡ ବାହୁନି କାନ୍ଦୁଛି ଅଥଚ କୃଷ୍ଣ ଆସୁ ନାହାନ୍ତି । ଶତାବ୍ଦୀର ଅଭିଶାପରେ ସେ ଜର୍ଜରିତ । ତେଣୁ ତା'ର ଦୁଃଖର ଶେଷ ନାହିଁ, ଏବଂ ଏ ଦୁଃଖ ତା' ପାଇଁ —

"ଦୁଃଖ ବଡ ନୂଆ ଶାଢ଼ୀ
ଦେହୁ ଦ୍ରୌପଦୀର
ଖୋଲି ଦେଲେ ଖୋଲେ ନାହିଁ
ଯେତେ ବାରବାର"

(ଶରତ ଚନ୍ଦ୍ର ପ୍ରଧାନ)

ଦୁଃଖ ଏମିତି ଲପେଟଇ ଥାଏ । ତାକୁ ତ୍ୟାଗ କଲେ ମଧ୍ୟ ସେ ତାହାକୁ ଛାଡ଼ି ଦିଏ ନାହିଁ ଏବଂ ମଣିଷ ଦୈନନ୍ଦିନତା ଭିତରେ ନିଃଶେଷ ହୋଇ ଯାଉଛି । ଜୀବନର ଲିଖିତ ହିସାବ-ନିକାଶ ଭିତରେ ସେ ନିସ୍ତାନ୍ତ ।

ଜୀବନ ଓ ପ୍ରକୃତି

ଜୀବନ କ'ଣ, ଜୀବନର ଲକ୍ଷ୍ୟ କଣ, ଆରମ୍ଭ କେଉଁଠି, ଏହା କେତେ ପରିମାଣରେ ତିକ୍ତ ଓ ମଧୁର, କେତେ ବାସ୍ତବ ଅବାସ୍ତବ ଏ ସବୁର ଏକ ଆଶୁ ସମାଧାନ ତ କବି ହିଁ କରିଥାଏ । ଯଦିଓ ତା'ର ପ୍ରେମ ପଲାୟନର ନୁହେଁ ଏବଂ ସେ ଶୂନ୍ୟତା ଓ ହାହାକାର ବିରହ ଯନ୍ତ୍ରଣାରେ ସନ୍ତ୍ରସ୍ତ ନାହିଁ ତେବେ ବି ସମାଜ-ଆର୍ଥନୀତିକ ଯୂପରେ ପେଷି ହୋଇ କବି ପ୍ରେମର ସେ ରୋମାଣ୍ଟିକ୍ ସ୍ୱପ୍ନପ୍ରବଣ ରୂପକୁ ଭୁଲିଯାଇଛି । ଅନ୍ତର କେବଳ ହଳାହଳର ବିଷଜ୍ୱାଳାରେ ପ୍ରଜ୍ୱଳିତ । ତା' ଜୀବନର ଅସୀମ ସ୍ୱପ୍ନ ସ୍ୱପ୍ନରେ ହିଁ ମିଳେଇ ଯାଏ । ଅଝଟ ବର୍ଷାର ସନ୍ଦର୍ଶନରେ କବି ମନର ଖ୍ୱବନ୍ୟାଗଜ ଦୂରକୁ ବିଚରଣ କରିଯାଏ । ପୁଣି, ନିକଟବର୍ତ୍ତୀ ଦୁଃଖ ଓ ଖେଦର ଘୂର୍ଣ୍ଣିରେ ଧରଣୀ ଲଗ୍ନ ହୋଇପଡ଼େ । ଏହି ବିମର୍ଷ ବେଦନା ଭିତରେ ଆସିଛି ପ୍ରେମ, ପ୍ରଣୟ ପ୍ରତି ଏକ ନୂତନ ଦୃଷ୍ଟିଭଙ୍ଗୀ, ଯାହାକୁ ଆଣ୍ଟିରୋମାଣ୍ଟିକ ଚେତନା ମଧ୍ୟ କୁହାଯାଇପାରେ । ରୂଢ଼ ବାସ୍ତବବାଦ ଉପରେ କବିର ପ୍ରେମ ପ୍ରତିଷ୍ଠିତ ହୋଇଥିବାରୁ ତା'ର ପ୍ରେମ ଫୁଲର, ବାସନାର ନୁହେଁ, ଫସଲର ନୁହେଁ; ସେ ପ୍ରେମ ମରୁ ଓ ଶିଳାର । ଅତ୍ୟନ୍ତ ନୈରାଶ୍ୟରେ ତେଣୁ କବି ମନର ଗହ୍ୱଳ ଆଶା ଓ ବହଳ ଦୁଃଖ ଏକାକାର ହୋଇଯାଏ । ହୋଇପାରେ ସମାଜ ପ୍ରତି କବିର ରୁଦ୍ଧ ଅଭିମାନ ଓ ନୀରବ ପ୍ରତିକ୍ରିୟା । କାହା ଆଗରେ ନିଜ ମନ କଥା ଫିଟେଇ କହିବ ? କିଏ ଶୁଣିବ ତା'ର ସେଇ ବ୍ୟଥାର ସଙ୍ଗୀତ ?

ଏମିତି ଗୋଟାଏ ବିଚ୍ଛିନ୍ନରେ ଛୁଡ଼ା ହୋଇ ମଣିଷ ଦୀର୍ଘଶ୍ୱାସ ପକାଏ । ନିରୁପାୟ ହୋଇ ଅଟ୍ଟସ୍ତୁ ନିଏ ହସହସ୍ତ ସଭ୍ୟତାର ଯାନ୍ତ୍ରିକ କୋଳାହଳ ଭିତରେ ।

Digitized by PPRACHIN, SOA

ମାତ୍ର ସେଠି ସେ ପ୍ରବଞ୍ଚିତ ହୋଇ ଅବସର ଗ୍ରହଣ ପରେ ଖୋଜି ବସେ ସହଜ, ସରଳ, ସ୍ନିଗ୍ଧ ଚେତନାର ଗାଉଁଲି ପରିବେଶ ଯେଉଁଠି ତା'ର ଶୈଶବ ଓ ଷଠୀ-ଘରର କେଇ ଗଣ୍ଡା କଉଡ଼ି ତାକୁ ଖୋଜୁଥାଏ । ଖଇ ଓ ତୁଳାରେ ତନୁ ଶୁଭ୍ର କରି ରାମନାମ ମନ୍ତ୍ରର ଆବର୍ତ୍ତନ ଦେଇ ଏ ଯାତ୍ରାର ପରିସମାପ୍ତି ପାଇଁ ମଣିଷଟି ବ୍ୟାକୁଳ ହୋଇଉଠେ । ନିଜ ଅସହାୟତାରେ ଗ୍ରାମପଥକୁ ଅଯୁତ ପ୍ରଣାମ ବାଢ଼ି ଦିନେ ନିଜ ପାଖରେ ଅଜାଣତ ହୋଇପଡ଼ିଥ କବି ମଣିଷଟି । ହୃଦୟର କେଉଁ ନିଭୃତ କୋଣରୁ ଝରିପଡ଼େ ଅସହାୟ ଆଖିର ଅଶ୍ରୁ—

"ଭିକ୍ଷାରୀ ପ୍ରାଣ ପୀଡ଼େ   ମତେ ଅହରହ
ପାଥେୟ ବିହୀନ ପଥିକ ମୁଁ ମଣେ
    ଯାତ୍ରା ଏ ଦୁରୁହ
ଖଇ ଓ ତୁଳାରେ   ଶୁଭ୍ର କରି ତୋ ତନୁ
ରାମନାମ ସତ   ମନ୍ତ୍ରେ ଚାଲିବ
    ତୋ ଗାଁର ଶ୍ମଶାନେ
    କେବେ କହ କେବେ କହ ।"

ତେବେ ବି ତା'ର ଅସହାୟତାର ଶେଷ ହୁଏ ନାହିଁ । ଯଦିଓ ମୃତ୍ୟୁ ଜୀବନର ଚରମ ପରିଣତି, ମୃତ୍ୟୁ ପାଇଁ କେବଳ ଏକ କ୍ଲାନ୍ତିକର ପ୍ରସ୍ତୁତି ମାତ୍ର । ଆତ୍ମସଚେତନ ପୁରୁଷ ଜାଣେ ନାରୀ ସୌନ୍ଦର୍ଯ୍ୟ ତା ନିଜ ଦେହ କ୍ଷୁଧାର କାଳ୍ପନିକ ଆବିଷ୍କାର । ମଧ୍ୟବିତ୍ତା ନାରୀ ମଧ୍ୟ ଜାଣେ ପୁରୁଷର ପ୍ରେମ The hunger for the women", ମୃତ୍ୟୁ, ଆତ୍ମହତ୍ୟା, ସାମାଜିକ ବିଚ୍ୟୁତି ସତ୍ତ୍ୱେ ମଣିଷ ପ୍ରେମ କରେ । ଯଦିଓ ସେ ଆଜି ଆତ୍ମପ୍ରତ୍ୟୟହୀନ ନିଃସଙ୍ଗ, ନିରୁପାୟ, ତେବେ ବି ଜୀବନର ଧଗଧଗା ବେଲାଭୂମିରେ ସେ ଖୋଜେ ଟିକେ ସ୍ନେହ ମୁଠାଏ ମମତା ଓ ଏମିତି ଅନେକ କିଛି । ସବୁ ଥିବା ସତ୍ତ୍ୱେ ସେ ଅନୁଭବ କରେ କିଛି ନାହିଁ, ତାର କେହି ନାହିଁ ଓ ସେବି କାହାର ନୁହେଁ । ଏବଂ ବେଳେବେଳେ ସବୁ ପୁଣି ଓଲଟ ପାଲଟ ହୋଇଯାଏ । ସେଠି ନଥାଏ ପ୍ରଜାପତିର ଚଞ୍ଚଳ ଡେଣା, ନୀଳ ଲାଲ୍ ବିଦ୍ୟୁତ ପରି ଅନୁରାଗର ମୁହୂର୍ତ୍ତ ସବୁ, ସେଠି ନଥାଏ ଇନ୍ଦ୍ରଧନୁର ବର୍ଣ୍ଣବିଭା, ସେଠି କେବଳ ଝୁଲୁଥାଏ 'ନାହିଁ; ନାହିଁ!' ର ଗୋଟିଏ ଶୂନ୍ୟ ଝୁଲଣା । ସକଳ ସମ୍ଭାବନା ଶୂନ୍ୟ ନିଜର ଭଗ୍ନ ମୋହ ମନ ନେଇ ଆଧୁନିକ ବ୍ୟକ୍ତି ମଣିଷ ଆଜି ଅସହାୟତା ଓ ଅଥର୍ବତାର ସମ୍ମୁଖୀନ—

"ମୋ ପାଇଁ ଚଇତ କେବେ ଯାଇ ନାହିଁ ପତର ଅଗାଇ
ମୋ ପାଇଁ-ଗଳିର ମୋଡ଼ କେବେ ହେଲେ ଚେଇଁ ଉଠିନାହିଁ
ତେତେ ଯୁକ୍ତି ତର୍କ ଯେତେ ସବୁ

Digitized by PPRACHIN, SOA

ବାଦ-ପ୍ରତିବାଦ ପରେ, ମୋ ପାଇଁ ଯାଇଚି ରହି
ଯୁକ୍ତ ଆଉ ବିଯୁକ୍ତ ମୀମାଂସା ଏକ ମାତ୍ର ସମାଧାନ ମୋର।

ଆଖି ଖୋଲିଲେ ହିଁ ବସନ୍ତର ସବୁଜ ସମ୍ଭାର । ଫୁଲଫଳ ସବୁଜ ପତ୍ରରେ ଚର୍ଚ୍ଚିତ ପୃଥିବୀ । ଅଥଚ କବି ମନରେ ଏ ସବୁର ପ୍ରତିକ୍ରିୟା କିଛି ନାହିଁ । ବର୍ଷା, ବସନ୍ତ, ଶରତ ଖାଲି ଜଳବାୟୁ ଓ ଋତୁ ପରିବର୍ତ୍ତନର ସଙ୍କେତଗୁଡ଼ିଏ ହୋଇ ରହିଛନ୍ତି । ବସନ୍ତ ପାଇଁ କୌଣସି ସରସ ପ୍ରତୀକ୍ଷା ବି ନାହିଁ, ମନରେ କୌଣସି ଆଗ୍ରହ ନାହିଁ, ଅଛି ଖାଲି ବିକଳ, ବିଡମ୍ବିତ, କ୍ଷତାକ୍ତ ମନଟିଏ । ସେଥିପାଇଁ ବସନ୍ତ ତା ଦୃଷ୍ଟିରେ —

"ବସନ୍ତ ରୋଗର ନାମ, ବସନ୍ତ ବି ବ୍ୟର୍ଥତାର ନାମ
ବସନ୍ତଇ ନଜେ ଦୁଃଖ, ଯାହା କାଟେ ଗ୍ରାଉପର
ପ୍ରତିବନ୍ଧ ପରି । ଫୁଲ ଭଳିଁ ଦୁଃଖର ବଖରା ।"

ଏବଂ ଏ ବସନ୍ତ ଲାଲ୍ ଶିମୁଳ ଫୁଲଟିଏ ବୋଲି କବି ଗ୍ରହଣ କରି ନେଇଛି—

"କ୍ରୂଶବଦ୍ଧ ଯୀଶୁସମ
ଶିମ୍ୱଳୀର ଫୁଲ ହୋଇ ଫୁଟେ
ଯେଉଁ ଫୁଲ ରକ୍ତସ୍ରାବୀ ଯନ୍ତ୍ରଣାର
ନିର୍ମମ ଦହନେ, ଲୋହିତ ସ୍ୱାକ୍ଷର
ରଖେ ଆକାଶର ଛାତି ଉପରେ ।

ତେଣୁ ଏ ବିକଳ ବର୍ତ୍ତମାନରେ ବସନ୍ତର ବାସନ୍ତୀ ପରିବେଶ ପାଇଁ ଚୈତାଳୀର କୋଳାହଳ ଶୁଭିବ କେମିତି ? ଲହୁଲୁହାଣ ଜୀବନରେ ବର୍ତ୍ତମାନ ବସନ୍ତ ଗୋଟାଏ 'ଶିମୁଳୀ ଫୁଲ' ଯାହା ରକ୍ତପରି ଲାଲ ଓ ନିଷ୍ଠୁର ଏବଂ ତାହା ଖାଲି ଏକ ଋତୁର ନାମ ହୋଇ ଭୂଗୋଳ ପୃଷ୍ଠାରେ ରହିଯାଇଛି ।

ମପାଚୁପା ଜୀବନରେ କେତେବେଳେ ଚୁପ୍‌ଚାପ ସନ୍ତର୍ପଣରେ ବସନ୍ତ ବିଦାୟ ନେଇ ଚାଲିଯାଏ ସେ କଥା ଜାଣି ହୁଏ ନାହିଁ । ତାରୁଣ୍ୟ କେତେବେଳେ ଝଡିଯାଏ ନିଃଶବ୍ଦରେ ନିର୍ବିବାଦରେ । ମଣିଷ ଜଳକାଟିଏ ହୋଇ ଆପଣାକୁ ଜାବୁଡ଼ି ଧରି ଆପଣାର ଶବ ଜଳୁଥିବାର ଦୃଶ୍ୟ ଦେଖେ । ଯଦିବା ବସନ୍ତ ଆସେ ଆସିବା ନିଶ୍ଚିତ ମଧ୍ୟ । କିନ୍ତୁ ସେ ବସନ୍ତ ରୋମାଣ୍ଟିକ୍ କଳ୍ପନାର ଉଦ୍ଦୀପକ ନୁହେଁ; ବରଂ ଏକ ମରୀଚିକା ପରି ମରୁଭୂମିର ତତଲା ବାଲିରେ ଦହିଡାଏ । ଏକାନ୍ତ ନିଃସଙ୍ଗ ମଣିଷ ସ୍ୱପ୍ନ ନୁହେଁ, ପ୍ରଶ୍ନ କରେ ଜୀବନ ଜିଜ୍ଞାସା । ଏବଂ ସବୁ ପ୍ରତାରଣା ଯନ୍ତ୍ରଣା ସତ୍ତ୍ୱେ ମଣିଷ ପ୍ରତ୍ୟାଖ୍ୟାନ କରିନପାରି ବସନ୍ତର କୋଳରେ ଶୋଇ ଶୀତର ସ୍ୱପ୍ନ ଦେଖେ । ଜୀବନର ଦୋମୁହାଁଣୀ ଛକରେ ଠିଆ ହୋଇ ଗତାୟୁ ବସନ୍ତ ପାଇଁ ବାହୁନି ଉଠେ —

Digitized by PPRACHIN, SOA

"ହଠାତ୍ ବାହାରି ହୁଏ କାହିଁ ମୋର ନିପଟ ବସନ୍ତ
କାହିଁ ତା' ଟହଲ ପଡ଼ ଶୁନ ଶୁନ ହାତ ।"

ବସନ୍ତ ଏଠି ଗୋଟାଏ ଦୀର୍ଘ ଋତୁନ୍ତର ନଈଷ୍ଟିଏ ମାତ୍ର । ବସନ୍ତ ଆଜି ତା'ର ସମସ୍ତ ଆକର୍ଷଣ ଯେପରି ହରାଇ ବସିଛି । ପ୍ରାଚୀନ କବିଙ୍କ ବସନ୍ତର ଗୋଲ ଗୋଲ ହସ୍ତାକ୍ଷର ଖାଲି ପୋଥି ବାଇଗଣ ହୋଇ ରହି ଯାଇଛି । ଏ ଯୁଗର ଅସହାୟ କାନ୍ଦୁରା ମଣିଷଟି ପାଇଁ ବସନ୍ତ ସତେ ଯେପରି ନର୍ମୋକ ହୋଇଯାଇଛି ।

ସଭ୍ୟତାର ସଂକଟ ଓ ପ୍ରେମର ଅବକ୍ଷୟ;

ଏ ଶତାବ୍ଦୀର କବିତା ଏକ ନୂଆ ଚେତନାର ବାର୍ତ୍ତାବହ । ଏକ ବିରୋଧା-ଭାସପୂର୍ଣ୍ଣ ପରିବେଶରେ ମଣିଷ ବିରୋଧାଭାସଟିଏ ହୋଇ ବଞ୍ଚୁଛି । ଏ ପୃଥିବୀ, ଏ ସଭ୍ୟତା ଓ ସେ ନିଜେ ବିଜ୍ଞାନର ଯାଦୁଘରେ ଏକ ଚଳନ୍ତା କଣ୍ଢେଇ । ଅଥଚ ଏ ବିଜ୍ଞାନ ମଣିଷର ହାତ ତିଆରି । ତେଣୁ—

"ଏ ପୃଥିବୀ ଏ ସଭ୍ୟତା ଆଜି ଯନ୍ତ୍ରଣାର ଦୋଛକି
ଉପରେ, ଚନ୍ଦ୍ର ଦେହେ ହାତ ରଖି ବ୍ୟକ୍ତି ଆଜି
ପାନ କରେ ବିଜ୍ଞାନର ବିଷ ନିଜକୁ ଚିହ୍ନିବା ପାଇଁ
ସବୁ କିଛି କୃତଘ୍ନରେ ତା'ର ମ୍ଲାନ,
ପରିବେଶ ଗୁଣ୍ଡି ଗୁ ସିନା ପାଲଟିବ ବାହୁଡ଼ା
ବିଜୟ, କିନ୍ତୁ ମଣିଷ ଯେ ମଣିଷକୁ
ଧ୍ୱଂସ କରେ ବିଦ୍ୱେଷ ବ୍ୟୂହରେ ।"

ପୁନଶ୍ଚ କେଉଁଠି—

"ସୌନ୍ଦର୍ଯ୍ୟର ତରଳ ଲାବଣ୍ୟରେ
କେଉଁଠି ପ୍ରସ୍ତୁତ ହୋଇଛି ସ୍ୱର୍ଣ୍ଣାଭିକରଣ
କେଉଁଠି ବା ହିଂସାର ଶାଣିତ ଫକ୍ଷଣ୍ଟାରେ
ତିଆରି ହୋଇଛି ଉଲଙ୍ଗ ତରବାରି ।"

(ଚନ୍ଦ୍ରାମଣି ବେହେରା)

ପୁଣି ସବୁ ପାଇବା ଭିତରେ ମଣିଷ ଆଜି କେମିତି ନିଃସହାୟ ହୋଇ-ଯାଇଛି । ସେ ଭଲ ପାଉଛି ଅଥଚ ପ୍ରେମିକାଟି ତା'ର ନୁହେଁ । ତା' କଥା ଭାବିବା ପାପ ବୋଲି ସେ ଜାଣିଛି କିନ୍ତୁ ଜାଣିଶୁଣି ମଧ୍ୟ ଇଚ୍ଛା କରୁଛି ସେଇ ପାପରେ ଥିବାକୁ, ସେଇ ନର୍କର ଭୟାବହତାରେ ଘାଣ୍ଟି ହେବାକୁ । ଅବକ୍ଷୟ ସହିତ ଏକ ନୂତନ ମୂଲ୍ୟବୋଧ ବି ତାକୁ ପ୍ରଭାବିତ କରୁଛି ।

Digitized by PPRACHIN, SOA

"ତମେ ମୋର ନୁହଁ । ତମେ ଆଉ କାହାର ।
ତମକୁ ଭାବିବା ତେଣୁ ପାପ ।
କିନ୍ତୁ ମୁଁ ପଛରେ
ତମକୁ ଭୁଲିଯାଇଥିଲେ
ମୋର କଣ ପୁଣ୍ୟ ହୋଇଥାନ୍ତା ?
ଯଦି ତାହାହିଁ ହୁଏ
ତେବେ ଚାହେଁ ନାହିଁ ମୁଁ ସେ ନିର୍ମମ ପୁଣ୍ୟ,
ମୁଁ ଚାହେଁ ପାପ,
ମୁଁ ଚାହେଁ ନର୍କ-ଯଦି ସେ ତମର ମମତାରେ
ମମତାମୟ ।" (ଦୁର୍ଗାଚରଣ ପରିଡ଼ା)

ଜୀବନ ଏଠି ଅର୍ଥହୀନ । ବଞ୍ଚିବା ଏଠି ଦୁର୍ବିସହ । ତା'ପାଇଁ ମୁକ୍ତି ନାହିଁ କି ସମ୍ଭାବନା ମଧ୍ୟ ନାହିଁ । ଜହ୍ନ ଦେଖି ସେ ଦେଖି ପାରେନ । କୋଇଲିର କୁହୁ ଶୁଣେ ପୁଣି ଶୁଣିପାରେନା । ଭବିଷ୍ୟତ ପାଇଁ କୌଣସି ପ୍ରତିଶ୍ରୁତି ନାହିଁ, ଅତୀତର ପ୍ରେରଣା ନାହିଁ କି ବର୍ତ୍ତମାନରେ ସେ ସବୁ ଲାଗି ମଧ୍ୟ ଅନ୍ୱେଷା ନାହିଁ । ତେଣୁ ସେ ଯେମିତି ନିର୍ବାକ୍ ନିଥର ହୋଇପଡ଼ିଛି । ନିଃସଙ୍ଗତା ନୀରବତା ଭିତରେ ଜୀବନକୁ ଖୋଜି ବୁଲୁଛି ଅତି ଅସହାୟ ଭାବେ;—

"ଅପରାହ୍ନରେ ସବୁ କେମିତି ଖାଲି ଖାଲି
ଲାଗେ, ସବୁଠି ବା ଗଛରେ ନାହାଁନ୍ତି ପକ୍ଷୀ,
ବଜାରରେ କଣାକିଣା ନାହିଁ, ମୋ ପ୍ରିୟାର
କିଛି ଅଭିଯୋଗ ନାହିଁ ଆହା ମୁଁ
କାହାକୁ ନେଇ ବିତାଇବି ଏଇ ମଧୁବେଳା:
(ସୌଭାଗ୍ୟ ମିଶ୍ର)

ତଥାପି ସେ ପ୍ରିୟା ଉଦ୍ଦେଶ୍ୟରେ ନିଜର ବିବୋଧାଭାସ ପୂର୍ଣ୍ଣ ସ୍ୱୀକାରୋକ୍ତି ବାଢ଼େ । ପ୍ରିୟା ତାକୁ ଚାହୁଁ ଅବା ନ ଚାହୁଁ ସେଥିରେ କିଛି ଯାଏ ଆସେ ନାହିଁ । କାବ୍ୟପୁରୁଷଟି କିନ୍ତୁ ନିଜକୁ ନିଶ୍ଚିହ୍ନ କରି ଦେବାକୁ ଚାହେଁ ବଞ୍ଚିବାର ବିବୋଧାଭାସ ଭିତରେ ।

ଆଧ୍ୟାତ୍ମିକ ଜୀବନ ଅନ୍ୱେଷା :—

ପ୍ରେମ, ଆଧୁନିକ ଜୀବନରେ ଏକ ଶସ୍ତା ଉପନ୍ୟାସର କାହାଣୀ ବା ସିନେମା ସଙ୍ଗୀତଟିଏ ହୋଇ ରହି ଯାଇଛି । ତଥାପି ଏସବୁ ସତ୍ତ୍ୱେ କାଳପୁରୁଷରେ କାବ୍ୟ-ନାୟକ ଓ ନାୟିକା ଉଭୟେ ଉଭୟଙ୍କ ନିକଟରେ ଆତ୍ମସମର୍ପଣ କରିବସନ୍ତି । କିନ୍ତୁ

Digitized by PPRACHIN, SOA

ଯନ୍ତ୍ରଣାରୁ ମୁକ୍ତି ମିଳେ ନାହିଁ । ସମୟର ନିଃଶବ୍ଦ ବେଦନା ଭିତରେ କାଳପୁରୁଷର ଆତ୍ମା ବିକଳ ହୋଇ ପଡ଼େ । ଅତୀତର ସେଇ ପାରମ୍ପରିକ ଈଶ୍ୱର ବିଶ୍ୱାସ ତଥା ଇଲିୟଟୀୟ ଦୃଷ୍ଟିଭଙ୍ଗୀକୁ ଜାବୁଡ଼ି ଧରି ଏକ ଆଧ୍ୟାତ୍ମିକ ଚେତନା ପାଖରେ ବାରବାର ପ୍ରଣତ ହୁଏ –

"ହେ ଅକ୍ରୂର, ହେ ଉଦ୍ଧବ ସଖା ମୋର
ପ୍ରାଣର ସୋଦର, ରୁହ ରୁହ ଛୁଆରୁହ,
ପିଠିରେ ମୋ ତୁମ ପରି ବୋଝ
× × ×
ମୁଁ ପିଇ ତୁମରି ପରି ଶୋକ ମୋର
ପିତାମାତା ନିର୍ମୂଳ ନଷ୍ଟରେ ଖୋଜ
ଅରୁନ୍ଧତୀ ତାରାର ଆଲୁଅ ।"

(ଗୁରୁପ୍ରସାଦ ମହାନ୍ତି)

ଏବଂ ହତାଶା ଓ ଗ୍ଲାନିରେ ଭାଙ୍ଗି ପଡ଼ି ଅତି ଅସହାୟ ଭାବେ ଜୀବନର ଅଗଣିତ ଜଟିଳ ସମସ୍ୟାକୁ ସାମନା କରିବାର ସାହସ ହରେଇ ଅତି ବିକଳ ଭାବେ ଭଗବାନ୍‌ଙ୍କ ନିକଟରେ ଶରଣ ଭିକ୍ଷା କରି ପ୍ରକଟ ଏଇ ମର୍ମୋକ୍ତି କହେ—

"ମହାପ୍ରଭୁ ମୁକ୍ତି ଦିଅ. ଏହି ଯାତ୍ରା ଶୁଭ ହେଉ
ତୁମରି ଇଚ୍ଛାରୁ ଏହି ଯାତ୍ରା ହେଉ ମୋର
ଶେଷ ଯାତ୍ରା ଏ ଦେହକୁ ...... ।" (ଗୁରୁପ୍ରସାଦ ମହାନ୍ତି)

ଏହି ବକ୍ତବ୍ୟ ଜୀବନ ପ୍ରତି ଏହି ଦୃଷ୍ଟିକୋଣ ସୀତାକାନ୍ତ ଓ ଜାନକୀ ବଲ୍ଲଭ ପ୍ରମୁଖଙ୍କ କାବ୍ୟ ଚେତନାରେ ମଧ୍ୟ ସମୁତ୍କୀର୍ଣ୍ଣ । ଆଧୁନିକ ଯୁଗର ବିପର୍ଯ୍ୟୟର ଦୋଦୁଲ୍ୟମାନ ସ୍ଥିତି ଉପରେ ମଣିଷ ନିଜେ ହିଁ ଦ୍ୱିଧାଗ୍ରସ୍ତ ହୋଇ ଉଠୁଛି । ତା'ର ଜୀବନର ପ୍ରାତ୍ୟହିକତା ମଧ୍ୟରେ ସେ ନୀରବରେ ବଗିଚାରେ ବସି କଫି ପିଉଛି, ଟ୍ରାଞ୍ଜିଷ୍ଟର ବଜାଉଛି, କାଗଜ ପଢ଼ୁଛି ଏବଂ ମୁକ୍ତିଟିଏ ପାଇଁ ଅପେକ୍ଷା କରୁଛି । ସେ ମୁକ୍ତି ଈଶ୍ୱର ପ୍ରାପ୍ତି ହୋଇପାରେ, ହୋଇପାରେ ମଧ୍ୟ ମୃତ୍ୟୁ । ନିଜକୁ ଅଭାଗା ଚେରଟିଏ ବୋଲି ମନେ କରି ସେ କହୁଛି—

"ମୁଁ ଅଭାଗା ପତ୍ର ଚେର··ଗଛର ମଲା ଡାଙ୍ଗରେ
ଓ ମୋର ମଲା ହାଡ଼ରେ ପଡ଼ିରହ ସାବ୍‌ଜାକୁ
ସପନର ନେଳିଆକୁ ସେ ପାଣିର ଉଠିବାର
କୋହ, ସେ ଖାଲି ନୀରବ ସ୍ତବ୍ଧ । ଚୁପ୍‌ଚାପ୍
ଶ୍ଳେଟ ହସ କାନ୍ଦ ଏ ବିରାଟ ଶୂନ୍ୟତାରେ,
କ୍ଷିତିଜ ପ୍ରାନ୍ତରେ ଗର୍ଭବତୀ କେଇଟି ସନନ୍ଦ··· ।"

(ସୀତାକାନ୍ତ ମହାପାତ୍ର)

Digitized by PPRACHIN, SOA

ନିଜ ଭିତରେ ନିଜେ ସୀମିତ ହୋଇ ଉଠୁଛି ମଣିଷ । ସମୁଦ୍ର କୂଳରେ ବୁଲିବୁଲି ଗୋଟେଇଥିବା ଚଉଡ଼ା ଶାମୁକାସବୁ ହଜିଯାଉଛି । ପ୍ରଜାପତି, ସଦାଶବ୍ଦାଙ୍ଗ ଫୁଲ, ବାଲିର କଙ୍କଡ଼ା ସବୁ କାହିଁ କେତେ ପଛରେ ରହି ଯାଉଛନ୍ତି ଏବଂ ମଣିଷ ତା'ର ସବୁ ସ୍ମୃତି, ସବୁ ସମ୍ଭାବନାର ସତେଜଫୁଲକୁ ନେଇ ସ୍ୱର୍ଗଦ୍ୱାର ଜହ୍ନାଁରେ ଥୋଇ ଆକୁଳ ଚିତ୍କାର କରି ଅନୁନୟ କରୁଛି, ବନ୍ଧନରୁ ମୁକ୍ତ କାମନା କରୁଛି;

ଏଥିକି ମିନତି ପ୍ରଭୁ
ଭୁଲିଇ ଦିଅ ହେ ମୋତେ ଆପଣା ଜନ୍ମର ସ୍ୱପ୍ନ
ଭୁଲିଯାଏ ସମସ୍ତ ଅତୀତ
କରି ମୋତେ ଦୃଷ୍ଟିହୀନ, ଶ୍ରୁତିହୀନ ମୂକ ଓ ନିର୍ବାକ
ରବର ଘଷି ଲିଭାଅ ସମସ୍ତ ରେଖା ଓ ଚିତ୍ର
ପଞ୍ଜରରୁ ଖାଲି ଗୋଟେ ନେତର ପ୍ରତୀକ ।"

(ସୀତାକାନ୍ତ ମହାପାତ୍ର)

ସତରେ ଆଜି ଆଧୁନିକ କବିତା ହୋଇଛି ଯନ୍ତ୍ରଣାର ଏକ ଧୂସର ମାନଚିତ୍ର । ତଥାପି ଏ ଯୁଗର ଯନ୍ତ୍ରଣାରୁ ମୁକ୍ତ ହୋଇ ଆନନ୍ଦ ଓ ଆଲୋକକୁ ସ୍ୱାଗତ କରିବା-ପାଇଁ ଆଜିର କବି ଓ କବିତା ଉଭୟେ ବ୍ୟାକୁଳ । ଏକ ନୂତନଯୁଗ ନିଶ୍ଚୟ ଆସିବ, ଏକ ନୂତନ ଶିଶୁଟିଏ ଜନ୍ମ ନେବ । ଏକ ନୂତନ ପୃଥିବୀ ଆବିଷ୍କୃତ ହେବ । ହୁଏତ ପୁରୁଣା କ୍ୟାଲେଣ୍ଡର ଜାଗାରେ ନୂଆ କ୍ୟାଲେଣ୍ଡରଟିଏ ଝୁଲୁଥିବ, କିନ୍ତୁ ନୂଆ ପୃଥିବୀଟିଏ ହସି ଉଠିବ ଏବଂ

"ସବୁଜର ଶୂନ୍ୟତାର କାରୁଣ୍ୟକୁ ପୋଛି ଦେବ
ହାତ ପାପୁଲିରେ ····· ଯେତେ ସବୁ ଗଭୀର
ଦୁଃଖର ଗ୍ଳାନି ଅଉ କାନ୍ଦୁରି ଚିହ୍ନାକୁ
ସାନ୍ତ୍ୱନାରେ ଓଦା କରିଦେବ ।"

ଏବଂ ମଣିଷ ହବେ ଏକ ପୂର୍ଣ୍ଣାଙ୍ଗ ମହତ୍ତ୍ୱପୂର୍ଣ୍ଣ ଜୀବନର ଅଧିକାରୀ ହେବ । ତା'ର ବର୍ତ୍ତମାନର ଚେତନା ରୂପାନ୍ତରିତ ହୋଇ ଏକ ନୂଆଚେତନାର ବିକାଶ ଘଟିବ । ସମସ୍ତ ଅସହାୟତା, ନିଃସଙ୍ଗତା ଓ ଯନ୍ତ୍ରଣା ସତ୍ତ୍ୱେ ଜୀବନରେ ଏକ ଶାଶ୍ୱତ 'ମଧୁଚନ୍ଦ୍ରାନ' ସମ୍ଭବ । ସେଥିପାଇଁ ତ ସେଇ ସମସ୍ତୋତ୍ତୀର୍ଣ୍ଣ ସମୟ, କାଳୋତ୍ତୀର୍ଣ୍ଣ କାଳକୁ ଅପେକ୍ଷା କରି ବସେ ମଣିଷଟି ଯେହେତୁ—

"ସମସ୍ତ ଘୂରାଇ ଦେଖ କୁଣ୍ଡଳ ଗତିରେ
ନାମହୀନ ଧାମହୀନ ମହାଶୂନ୍ୟ ପୁରେ
ସେ ସଜାଏ ଅହର୍ନିଶ ଏରୂପ ବଜାର

Digitized by PPRACHIN, SOA

ଅନାହ୍ଵାନ ସ୍ୱରେ ଶୁଭେ ତା ପଦାନୁସ୍ୱର
କାଳୋସ୍ମି ରୂପମିଦଂ ସେ ଯେ ମହାବାହୁ
କ୍ଷ୍ୟୋତର ବଳସ୍ଥ ତାର ଦଶେ ଦାଉଦାଉ ।”

(ଶରତ ଚନ୍ଦ୍ର ପ୍ରଧାନ)

ଏପରି ଏକ ପରାଭୌତିକ ଜିଜ୍ଞାସା ଆଧୁନିକ କବିତାର ବଶିଷ୍ଟ୍ୟ ସ୍ୱରୂପେ ଅଭିବ୍ୟକ୍ତ । ଆଧୁନିକ କବିର ବକ୍ତବ୍ୟ ସତେ ଯେପରି ରମାକାନ୍ତ ରଥଙ୍କ ଏଇଭଳି ଏକ କାବ୍ୟ ଛନ୍ଦରେ ସ୍ପଷ୍ଟ ହୋଇଉଠେ –

“ମୁଁ ଏଠାରୁ ପାଣିବାକୁ ଘୁଞ୍ଚି ଗଲେ ଜହ୍ନ ବୁଡ଼ିଯିବ
କାଲେ ମୁଁ ଫେରିବା ବେଳେ
ସୂର୍ଯ୍ୟାଲୋକେ ବାଟ ନ ଦିଶିବ ।”

ଏପରି ଏକ ଉଚ୍ଚାରଣରେ ଯେପରି ଉଭୟ କାଳ ଓ କାଳୋତ୍ତୀର୍ଣ୍ଣତାର ସଚେତନତା ପରିଲକ୍ଷିତ, ତାହା ଆଧୁନିକ କବିର ବକ୍ତବ୍ୟର ବୈଶିଷ୍ଟ୍ୟକୁ ଅବଶ୍ୟ ଚିହ୍ନିତ କରେ–ଏଥିରେ ସନ୍ଦେହ ନାହିଁ ।

Digitized by PPRACHIN, SOA

ଓଡ଼ିଆ କ୍ଷୁଦ୍ର ଗଳ୍ପରେ ସାମାଜିକ ବାସ୍ତବତା

ରମେଶ ଚନ୍ଦ୍ର ସାହୁ
ଷଷ୍ଠ ବର୍ଷ

ସାହିତ୍ୟ କ୍ଷେତ୍ରରେ ପ୍ରବନ୍ଧ ଓ ଉପନ୍ୟାସ ରଚନା ଅପେକ୍ଷା, କ୍ଷୁଦ୍ରଗଳ୍ପ ହେଉଛି ସବୁଠାରୁ ବଳି ଆୟାସସାଧ୍ୟ କଳାରୂପ, କବିତା ପରେ ଯାହାର ପଠନ ଗୃହିତା ଅଧିକ । ସମାଲୋଚକ William Faulknerଙ୍କ ଭାଷାରେ "Which is the most demanding form after poetry". ପ୍ରକୃତରେ କହିବାକୁ ଗଲେ ସାହିତ୍ୟରେ ଯେତେ ପ୍ରକାର କଳାରୂପ ଅଛି,ସେମାନଙ୍କ ସମନ୍ୱୟରେ ହିଁ କ୍ଷୁଦ୍ର ଗଳ୍ପ ଗଠିତ । ତେଣୁ ଏହା ସଂକ୍ଷିପ୍ତ ନ ହୋଇ କ୍ଷୁଦ୍ର; କାବ୍ୟ ନ ହୋଇ କାବ୍ୟ ଧର୍ମୀ, ସ୍ଥୂଳ ନ ହୋଇ ବାସ୍ତବଧର୍ମୀ ଏକ ଜଟିଳ ଭାବପ୍ରବଣ ଅବସ୍ଥାର ଚୂଡ଼ାନ୍ତ ରୂପ ।

ସମାଜ ବ୍ୟକ୍ତିର ଜୀବନ ଭୂମି । ସମାଜର ପରିବର୍ତ୍ତନ ସହିତ ବ୍ୟକ୍ତି ମାନସ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ସେଇଥିପାଇଁ ଲେଖକ ଯାହା ଲେଖେ, ସବୁଠି ସମାଜର ଛବି ଫୁଟେ । ପାଠକ ଅନ୍ତର ପାଲଟି ଯାଇ ଜଳରେ କୃଷ୍ଣଙ୍କୁ ଦେଖିଲା ପରି ସାହିତ୍ୟରେ ସମାଜକୁ ଦେଖେ । ନିଜର ଲୀଳା କ୍ଷେତ୍ରକୁ ମୁଗ୍ଧ ହୋଇ ଗୃହିଁ ରହେ । ଯେଉଁଠି ସେ ନିଜର ସ୍ୱର ଶୁଣିବାକୁ ପାଏନା, ସେଠି ସେ ନିରାଶ ହୁଏ । କାରଣ ସାମାଜିକ ଶୋଷଣ ଓ ଅତ୍ୟାଚାର ବିରୁଦ୍ଧରେ ସଂଗ୍ରାମ, ସମାଜ ଶତ୍ରୁକୁ ନିପାତ କରି ଜନସାଧାରଣଙ୍କର ଆଶା ଓ ଆକାଂକ୍ଷାକୁ ରୂପ ଦେବା ସଙ୍ଗେ ସଙ୍ଗେ ପ୍ରଗତିଶୀଳ ସମାଜ ପ୍ରତିଷ୍ଠା ପାଇଁ ଯେଉଁ ସାହିତ୍ୟ ଆହ୍ୱାନ ଦେଇ ଆସିଛି, ସେ ସାହିତ୍ୟ ଯୁଗେ ଯୁଗେ ନିଷ୍ପେଷିତ ମଣିଷକୁ ଅଧିକ ଆକୃଷ୍ଟ କରି ଆସିଛି ।

ବାସ୍ତବତା ଏବଂ ସାମାଜିକ ବାସ୍ତବତା ସମାନ କଥା ନୁହେଁ । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ସାହିତ୍ୟରେ ଯୌନ ସନ୍ତ୍ରାସ, ଅହେତୁକ ଜାତିବତା ଓ ସର୍ବୋପରି ନୈରାଶ୍ୟ, ଅବସାଦ ଗ୍ଲାନି ବୋଧ ଦେଖା ଦେଇଛି ଯାହାକୁ ବାସ୍ତବବାଦ ବୋଲି ଅନେକେ ଧରି ନେଉଛନ୍ତି । ମାତ୍ର ବାସ୍ତବରେ ଏହା ପ୍ରବଞ୍ଚନା ମାତ୍ର । କାରଣ ବାସ୍ତବବାଦ ସାହିତ୍ୟ ବିଶ୍ୱାସ ଯୋଗ୍ୟ ହେବା ଉଚିତ, ଯେମିତି ଏହାର ବାସ୍ତବ-

Digitized by PPRACHIN, SOA

ତାରେ ସାମାନ୍ୟତମ ସନ୍ଦେହ ରହିବ ନାହିଁ । ଏହାର ଅର୍ଥ ନୁହେଁ କେବଳ ଅଶ୍ଳୀଳ, ଜଘନ୍ୟ ଓ କୁତ୍ସିତ ଉପଗୁଣ୍ଡଙ୍କୁ ପ୍ରମୂର୍ତ୍ତ କରିବା । ବାସ୍ତବବାଦ ହେଉଛି ଗତିବାନ୍ ସଂଘର୍ଷର ଚିତ୍ରଣ ଯାହା ଜନଜୀବନକୁ ଉପଭୋଗ କରିବା ସଙ୍ଗେ ସଙ୍ଗେ ମଣିଷ ମନରେ ଏବଂବିଧ ଜୀବନକୁ ଉପଭୋଗ କରିବା ନିମିତ୍ତ ଆସ୍ଥା ତଥା ଲାଳସା ସୃଷ୍ଟି କରିଥାଏ । "ବାସ୍ତବତା ପରିବର୍ତ୍ତନଶୀଳ ଓ ଏହା ଗତ କାଳର କଙ୍କାଳ ଉପରେ ବର୍ତ୍ତମାନକୁ ଜାହିର କରେ ଏବଂ ବର୍ତ୍ତମାନର ଚିରନ୍ତନତା ଦାବୀ କରେ ନାହିଁ । ବାସ୍ତବବାଦ ତେଣୁ ଜୀବନର ସିନ୍ଥେସିସ୍-ଥେସିସ୍ ଓ ଆଣ୍ଟିଥେସିସ ମଧ୍ୟରେ ଚାଲିଥିବା ସଂଘର୍ଷର ପରିବର୍ତ୍ତନଶୀଳ ପରିଣତି । ଏହା ସାହିତ୍ୟରେ ବ୍ୟକ୍ତି ସତ୍ୟକୁ ମାନ୍ୟତା ପ୍ରଦାନ କରେ ଯହିଁରେ ଚିତ୍ରଣ ମାତ୍ର ନୁହେଁ, ଜୀବନ ହିଁ ଭରି ରହିଥାଏ ।" (ଆଧୁନିକ ହିନ୍ଦୀ ସାହିତ୍ୟ – ଡ଼ଃ ରାମ ଗୋପାଲ ସିଂହ ଚୌହାନ ପୃ ୧୭୮) ବାସ୍ତବବାଦ ବା ବାସ୍ତବତା ବସ୍ତୁବାର ବିରକ୍ତି ସୃଷ୍ଟି କରେ ନାହିଁ, ସୃଷ୍ଟି କରେ ଅନୁରକ୍ତି । ଏଣୁ ସାହିତ୍ୟରେ ବାସ୍ତବବାଦର ପଥ ଯେ ଜଟିଳ ଏବଂ ବନ୍ଧୁର ଏଥିରେ ସନ୍ଦେହ ନାହିଁ । ଶିଳ୍ପ ବିପ୍ଳବ ପରେ ମଣିଷ ନିଜଶକ୍ତି ପ୍ରତି ସଚେତନ ହେଲା । ୧୮୩୭ରେ ଡାଗ୍ୟୁରଙ୍କ ଫଟୋଗ୍ରାଫି ଉଦ୍ଭାବନ ବାସ୍ତବବାଦ ଆନ୍ଦୋଳନକୁ ନୂତନ ରୂପ ଦେଲା । ଭାରତୀୟ ଦର୍ଶନରେ ବାସ୍ତବବାଦ ସ୍ୱର କ୍ଷୀଣ ଥିଲା । ଗୀତାରେ ଜଗତକୁ ଯେତେ ମାୟିକ ଓ କାଳ୍ପନିକ ବୋଲି କୁହାଯାଇଛି ତତୋଧିକ ବାସ୍ତବ ବୋଲି ମଧ୍ୟ କୁହାଯାଇଛି । ସାଂଖ୍ୟ ଦର୍ଶନରେ ସବୁ ସୃଷ୍ଟିର ମୂଳ ଈଶ୍ୱର ବୋଲି ଅସ୍ୱୀକାର କରାଯାଇଛି । ବିଭିନ୍ନ ସଂଜ୍ଞା ଓ ପରୀକ୍ଷା ଦେଇ ଗତିକରି ଆସିଥିବା ଆଜିର କ୍ଷୁଦ୍ର ଗଳ୍ପ ସହ ପ୍ରାଚୀନ ଗଳ୍ପ ତୁଳନୀୟ ନୁହେଁ ମାତ୍ର କଥା ସାହିତ୍ୟରେ ଭାରତୀୟ ପରଂପରା ବଳିଷ୍ଠ ଥିଲା । ତେବେ ସମସ୍ତ ସହିତ ପାଦ ମିଳାଇ ଚାଲି ନ ପାରିବା ଫଳରେ ନାନା ଆଲୋଚକର ବର୍ତ୍ତୀକାରେ ସଜ୍ଜିତ ପାଶ୍ଚାତ୍ୟ କ୍ଷୁଦ୍ରଗଳ୍ପ ଦଗକୁ ଭାରତୀୟ କ୍ଷୁଦ୍ର ଗଳ୍ପ ଅଶାସ୍ତ୍ରୀ ନୟନରେ ଚାହିଁ ରହିଛି ଏବଂ ପାଶ୍ଚାତ୍ୟ କ୍ଷୁଦ୍ର ଗଳ୍ପ ଧାରାର ବିଭିନ୍ନ ପରିବର୍ତ୍ତନକୁ ନିଜସ୍ୱ କରିବାକୁ ଚେଷ୍ଟା କରୁଛି । ଏହି ପରିପ୍ରେକ୍ଷୀରେ ବାସ୍ତବତାବାଦ (Realistic)ର ଅନ୍ୟତମ ଧାରା ସାମାଜିକ ବାସ୍ତବବାଦ ଭାରତୀୟ କଥା ସାହିତ୍ୟରେ ପ୍ରବେଶ କରିଛି ।

On Literature ପୁସ୍ତକରେ ଗୋର୍କି କହନ୍ତି—"ସମାଜବାଦୀ ବାସ୍ତବତା ଉଚ୍ଚାରଣ କରେ, ଜୀବନ ହେଉଛି କର୍ତ୍ତବ୍ୟ ନିଷ୍ଠା ଓ ସୃଜନ ଯାହାର ଲକ୍ଷ୍ୟ ହେଉଛି ମଣିଷର ଅନାକାଂକ୍ଷିତ ବ୍ୟକ୍ତି ସ୍ୱାତନ୍ତ୍ର୍ୟକୁ ଉନ୍ନତ କରି, ପ୍ରକୃତିକୁ ଜୟ କରାଇ ତାକୁ ସୁନ୍ଦର ସ୍ୱାସ୍ଥ୍ୟ ସମ୍ପନ୍ନ କରାଇବା ଓ ତା'ର ଜୀବନ କାଳକୁ ଦୀର୍ଘାୟୁ କରାଇବା; ଯାଦ୍ୱାରା ପୃଥିବୀରେ ସେ ସୁଖରେ କାଳାତିପାତ କରି ପାରିବ, ନିଜର ଆବଶ୍ୟକତାକୁ ସୁବିଧାରେ ପାଇ ପାରିବାର ନିଶ୍ଚିତତା ଅନୁଭବ କରି ମଣିଷ ସମ୍ପ୍ରଦାୟକୁ ଏକ ପରିବାର ବୋଲି ଭାବି ସମାଜ ଜୀବନ ଅତିବାହିତ କରିବ" ।

Digitized by PPRACHIN, SOA

ସମାଜବାଦୀ ବାସ୍ତବବାଦର ଲକ୍ଷ୍ୟ ହେଉଛି ପ୍ରାଚୀନ ପୃଥିବୀ ଓ ତା'ର ଛଦ୍ମକର ପ୍ରଭାବ ବିରୁଦ୍ଧରେ ସଂଗ୍ରାମ କରି ତାକୁ ମୂଳୋତ୍ପାଟନ କରିବା । ସାମାଜିକ ବାସ୍ତବତା (Socialistic Realism) ଏ ଚେତନାର ଏକ ଅଂଶ ମାତ୍ର । ସାମାଜିକ ବାସ୍ତବତା ପ୍ରତ୍ୟେକ ସ୍ଥାନ କାଳ, ପାତ୍ର ପାଇଁ ସମାନ ନୁହେଁ । ପ୍ରାଚୁର୍ଯ୍ୟ ମଧ୍ୟରେ ଆଉ ଦୁଇ ଦୁଇଟା ବିଶ୍ୱଯୁଦ୍ଧ ଅତିକ୍ରମ କରି ଆସିଥିବା ପାଶ୍ଚାତ୍ୟ ସାହିତ୍ୟ ଜଗତ ପରମାଣୁ ବୋମା ଆଗରେ ଠିଆ ହୋଇ କାଫ୍‌କା, କାମ୍ୟୁ, ସାର୍ତ୍ତ୍ରଙ୍କର ଯେଉଁ ଦର୍ଶନ ବାଛୁଛି, ତାହା ତାଙ୍କ ପାଇଁ ସାମାଜିକ ବାସ୍ତବତା ହୋଇପାରେ । ମାତ୍ର ସ୍ୱାଧୀନତା ପ୍ରାପ୍ତିର ଛବିଶ ବର୍ଷ ପରେ ମଧ୍ୟ ଭାରତର ଅର୍ଦ୍ଧାଧିକ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି; ଏ କ୍ଷେତ୍ରରେ ଅର୍ଥନୈତିକ ସମସ୍ୟା ବ୍ୟତୀତ ଆମର ସାମାଜିକ, ବାସ୍ତବତା ଭିନ୍ନ ହୋଇ ନ ପାରେ । ପୂର୍ବୋକ୍ତ ବାସ୍ତବବାଦୀ ଚିନ୍ତା-ଧାରାଠାରୁ ସାମାନ୍ୟ ତଫାତ୍ ଏଇ ସାମାଜିକ ବାସ୍ତବତା ଆମ ପାଇଁ ହେଉଛି 'ଶ୍ରେଣୀ ସଂଘର୍ଷ । ସାମାଜିକ ବାସ୍ତବତାର ସାହିତ୍ୟ, ସମାଜର ବାସ୍ତବ ଚିତ୍ର ପ୍ରଦାନ କରିବା ସଙ୍ଗେ ସଙ୍ଗେ ଔଚିତ୍ୟାନୌଚିତ୍ୟର ମୂଲ୍ୟାଙ୍କନ କରେ । ଶେଷ ପର୍ଯ୍ୟାୟରେ ତେଣୁ ଏହା ବାସ୍ତବବାଦର ଆଂଶିକ ବିରୋଧ କରିଥାଏ । ମଣିଷ ଯେ ନିଜେ ନିଜର ଭାଗ୍ୟ ନିୟନ୍ତା, ତା'ର ଶ୍ରମ ସାଧନା ଓ ସଂଘର୍ଷ ମଧ୍ୟରେ ଯେ ମଣିଷ ସଭ୍ୟତାର ରଥ ଚକ ଅତୀତରୁ ବର୍ତ୍ତମାନକୁ ଗଡ଼ି ଆସିଛି ଏବଂ ବର୍ତ୍ତମାନରୁ ଭବିଷ୍ୟତ ଆଡ଼କୁ ଗତି କରିବ ସେ କଥା Romantic, Naturalistic କିମ୍ବା Realistic ମାନଙ୍କ ଦୃଷ୍ଟି ଏଡ଼ାଇ ଯାଇଥିଲା । ରୁଷ୍ ବିପ୍ଳବ ଏ ଚେତନାକୁ ବାସ୍ତବ ରୂପଦେଇ ସାମାଜିକ ବାସ୍ତବତାର ଭିତ୍ତିକୁ ଦୃଢ଼ କଲା । Critical Realisticମାନେ ପୁଞ୍ଜିବାଦ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ, ଶୋଷିତକୁ ଜୀବନ୍ତ ଅବସ୍ଥାରେ ଆଙ୍କିଥିଲେ ମାତ୍ର ସମାଜବାଦୀମାନେ ଏହାର ଆତ୍ମାକୁ ଚିହ୍ନି ଏହା ମାଧ୍ୟମରେ ଏକ ନୂତନ ସମାଜ ଗଠନ ଲାଗି ବୈପ୍ଳବିକ ଚେତନାକୁ ଦେଖାଇଦେଲେ ।

ପଣ୍ଡିତ ଗୋପବନ୍ଧୁ ଦାସ ୧୯୧୭ ରୁଷ୍ ବିପ୍ଳବର ମନ୍ତ୍ରଦାତା ଲେନିନ୍‌ଙ୍କୁ 'ସମାଜ' ମାଧ୍ୟମରେ ସର୍ବପ୍ରଥମେ ସ୍ୱାଗତ କରିଥିଲେ, ଭଗବତୀ ଚରଣ ପାଣିଗ୍ରାହୀଙ୍କ ପ୍ରଗତି ଆନ୍ଦୋଳନର ବହୁପୂର୍ବରୁ ୧୯୨୪ ସାଲରେ । ତେବେ ଗୋପବନ୍ଧୁଙ୍କ ପୂର୍ବରୁ ସଚେତନ ଭାବରେ ନ ହେଲେ ବି ଆଧୁନିକ ଓଡ଼ିଆ କ୍ଷୁଦ୍ରଗଳ୍ପର ଜନକ ଫକୀର-ମୋହନ ତାଙ୍କ ଗଳ୍ପଗୁଡ଼ିକରେ Critical Realistic ଧାରାର ଶୁଭ ଉଦ୍‌ଘାଟନ କରିଥିଲେ ଇଉରୋପର ବାସ୍ତବବାଦୀ ଶିଳ୍ପୀ ବାଲଜାକ୍ ଓ ଡିକେନ୍‌ସଙ୍କ ପରି । ଏମାନଙ୍କ ସାହିତ୍ୟରେ ଶୋଷଣର ଚିତ୍ର ଜୀବନ୍ତ ହୋଇଛି । ମାତ୍ର ଏମାନେ ତାହାର ସମାଧାନ ପୁଞ୍ଜିପତିମାନଙ୍କର ଶ୍ରମିକମାନଙ୍କ ପ୍ରତି ଦୟା, ସହାନୁଭୂତି, ଓ କରୁଣା ଉପରେ ଗୁରୁତ୍ୱ ଦେଇଥିଲେ । ମାତ୍ର ଫକୀର ମୋହନ ନିଜ ଗଳ୍ପ ଉପନ୍ୟାସରେ ଶୋଷିତ ଗୋଷ୍ଠୀଙ୍କୁ ଭାଗ୍ୟ ଉପରେ ନିର୍ଭର କରିବାକୁ ଗୁରୁତ୍ୱ

Digitized by PPRACHIN, SOA

ଦେଇଛନ୍ତି । ଅଥଚ ସାମାଜିକ ବାସ୍ତବବାଦୀ ସାହିତ୍ୟରେ ଭାଗ୍ୟ ଓ ଭଗବାନ ଉପହସିତ ଓ ଉପେକ୍ଷିତ । ଫକୀର ମୋହନଙ୍କ ସ୍ୱର ଶୋଷଣ ବିରୋଧୀ ହେଲେ ମଧ୍ୟ ପ୍ରତିକ୍ରିୟାଶୀଳ ଥିଲା । ତାଙ୍କର ସମସ୍ୟା ହେଉଛି ଜନତାର ବଞ୍ଚିବାର ସମସ୍ୟା । ଫକୀର ମୋହନ ସମ୍ପୂର୍ଣ୍ଣ ସଚେତନ ସଫଳ ସ୍ରଷ୍ଟା ଥିଲେ । I.A. Richardsଙ୍କ ମତରେ "The writer is the most conscious point of an age ।" ଫକୀର ମୋହନ ପ୍ରତ୍ୟକ୍ଷ ପରୋକ୍ଷରେ ଶୋଷଣର ପ୍ରତିବାଦ କରିଛନ୍ତି ଏବଂ ବିଦ୍ରୋହର ଆହ୍ୱାନ ଦେଇଛନ୍ତି ଯେଉଁଥିପାଇଁକି ମାଧ ମହାନ୍ତିଙ୍କୁ ଗାଁ ଲୋକେ ଢେଲା ପଥର ମାରି ତଡ଼ି ଦେଇଛନ୍ତି । ସାମାଜିକ ବାସ୍ତବବାଦର ଅନ୍ୟତମ ଲକ୍ଷଣ ଜନସାଧାରଣଙ୍କ ଭାଷାରେ ସାହିତ୍ୟ ରଚନା କରିବା ଯାହାକି ସେନାପତି ସାହିତ୍ୟରେ ଶ୍ରୀ ମଣ୍ଡିତ ହୋଇଛି, ସେ ଦୃଷ୍ଟିରୁ ସେନାପତି ଗଳ୍ପ ମାନସଙ୍କୁ ସାମାଜିକ ବାସ୍ତବବାଦୀ କୁହାନଗଲେ ମୁଦ୍ଧା ଶୋଷଣର ଚିତ୍ର ଦେଇଥିବା'ରୁ ତାଙ୍କୁ ସମାଲୋଚନାଧର୍ମୀ ବାସ୍ତବବାଦୀ ବୋଲି କୁହାଯାଇପାରେ ।

ଫକୀରମୋହନଙ୍କ ସମସାମୟିକ ଗାଳ୍ପିକମାନଙ୍କର ସ୍ରଷ୍ଟା ମାନସ ତାଙ୍କ ଚେତନାରୁ ବିଚ୍ଛିନ୍ନ ହୋଇ ଇତିହାସକୁ ଭିତ୍ତି କରି Romantic ଧର୍ମୀ ହୋଇ ପଡ଼ିଥିଲା । ମାତ୍ର ଏ ସମୟର ଅନ୍ୟତମ ବଳିଷ୍ଠ ସ୍ରଷ୍ଟା ଚନ୍ଦ୍ରଶେଖର ନନ୍ଦଙ୍କ ରଚନା ଶୈଳୀ କିଛିଟା ଦୁର୍ବଳ ହୋଇଥିଲେ ବି ସେ ହେଉଛନ୍ତି ଓଡ଼ିଆ ଗଳ୍ପରେ ସାମାଜିକ ବାସ୍ତବବାଦର ଜନକ । 'ଚିତ୍ର' ତାଙ୍କର ଏକମାତ୍ର ଗଳ୍ପ ସଂକଳନ । ଭଗବତୀ ପାଣିଗ୍ରାହୀଙ୍କ ବହୁ ପୂର୍ବରୁ ଓଡ଼ିଆ ଗଳ୍ପରେ ଶ୍ରେଣୀ ସଂଘର୍ଷର ଚିତ୍ର ସ୍ଥାନ ଦେଇଥିଲେ ବିସ୍ମୃତ ପ୍ରତିଭା ଚନ୍ଦ୍ରଶେଖର ନନ୍ଦ ତାଙ୍କର 'ଗଦା ଉତାସୁତ'ଗଳ୍ପରେ । "ଜମିଦାର ରାଧାଶ୍ୟାମ ଚୌଧୁରୀ ଓ ତାଙ୍କ ପୁତ୍ର ଗୋପୀନାଥଙ୍କ ଅତ୍ୟାଚାର, ପ୍ରଜାପୀଡ଼ନ, ନାରୀ ଧର୍ଷଣର ପ୍ରତିବାଦ ସ୍ୱରୂପ ମୂକ ଜନତା ଭିତରୁ ବିପ୍ଳବୀ ଗଦାଧର ଆବିର୍ଭୂତ ହୋଇ ସଙ୍ଗଠନ କରେ ଏକ ବିପ୍ଳବୀ ତରୁଣ ବାହିନୀ । ଏମାନେ ଜମିଦାର ପୁତ୍ରକୁ ହତ୍ୟା କରି ତା'ର ମୃତ ଦେହକୁ ଜମିଦାରଙ୍କୁ ଉପହାର ଦେଇଛନ୍ତି ।" ଉକ୍ତ ଗଳ୍ପରେ ଗଦାଧରର ଉତାସୁତ ଅପେକ୍ଷା ଅତ୍ୟାଚାରୀ ବିରୁଦ୍ଧରେ ଜନତାର ବଳିଷ୍ଠ ପ୍ରତିରୋଧ ଅଧିକ ସ୍ପଷ୍ଟ ହୋଇଛି । ଯେଉଁ ପ୍ରତିରୋଧର ଉଗ୍ରରୂପ ଘିନୁଆଠାରେ ମଧ୍ୟ ଦେଖା ଦେଇ ନଥିଲା । କାରଣ ନଗ୍ନ ଭାବରେ ଗୋବିନ୍ଦ ସରଦାରକୁ ହତ୍ୟା କରି ସେ ପୁରସ୍କାର ଆଶା କରିଥିଲା । ମାତ୍ର ଗଦା ଉତାସୁତ ଏବଂ ତା'ର ସମର୍ଥକ ଜନ । ସଚେତନ ଭାବରେ ଗୋପୀନାଥକୁ ହତ୍ୟା କରିଛନ୍ତି ଏବଂ ମିଳିତ ଭାବରେ ଶୋଷଣ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଛନ୍ତି । ଏ ଦୃଷ୍ଟିରୁ 'ଗଦା ଉତାସୁତ' ଓଡ଼ିଆ ସାହିତ୍ୟରେ ପ୍ରଥମ ସାମାଜିକ ବାସ୍ତବବାଦର ସ୍ୱର ବହନକାରୀ ଗଳ୍ପ ।

ଫକୀର ମୋହନ ଏବଂ ଚନ୍ଦ୍ରଶେଖର ନନ୍ଦଙ୍କ ପରେ ସତ୍ୟବାଦୀ ଗୋଷ୍ଠୀ କରୁଣରସାପ୍ଲୁତ ମାନବିକତା ରସାଣିତ ସାହିତ୍ୟ ରଚନା କରିଥିଲେ ହେଁ ସାମାଜିକ

Digitized by PPRACHIN, SOA

ବାସ୍ତବତା ଦୃଷ୍ଟିରୁ ସେଗୁଡ଼ିକ ବର୍ଜ୍ୟ ନୁହନ୍ତି । ତେବେ ସତ୍ୟବାଦୀ ଚେତନାର ଶେଷରଶ୍ମି ଗୋଦାବରୀଶ ମହାପାତ୍ରଙ୍କ ଗଳ୍ପଗୁଡ଼ିକ ଶୋଷଣ ଅତ୍ୟାଚାରର ଚିତ୍ର ଆଙ୍କିଛନ୍ତି । 'ଦୁଇଟି ଟଙ୍କା' ଗଳ୍ପର ନାୟକ ବନା କହେ—'ମୁଁ ଖାଲି ଯୋଡ଼ିଏ ଟଙ୍କା ଆଗ ମାଗିଥିଲି, ସେ ଦେଲେ ନାହିଁ । ଲୁଚ କରିପାଇ ଏ ଲୁଗାଟି ଆଣିଲି । ମୋତେ ଯାହା କରିବ କର; ମାର ଧର ମାତ୍ର ଲୁଗାଟି ନେଇ ତମ୍ପାକୁ ଦେଇଆସ । ମୁଁ ଚୋର ନୁହେଁ, ମୁଲିଆ ।" ଚନ୍ଦ୍ରଶେଖର ନନ୍ଦଙ୍କ ପରେ ଅତ୍ୟାଚାରର ଏ ପ୍ରତିବାଦ ପ୍ରଥମ ଥର ପାଇଁ ପ୍ରକାଶ କରିଛନ୍ତି ଗୋଦାବରୀଶ ମହାପାତ୍ର । "ପଞ୍ଚନାୟକେ ପଇସାଟିଏ' ଗଳ୍ପରେ ବାଲୁଜାକଙ୍କ ସମନ୍ୱୟଧାରାର ପ୍ରଭାବ ପଡ଼ିଛି । "ମାଗୁଣିର ଶଗଡ଼" ଅବକ୍ଷୟୀ ଯୁଗର ଏକ କରୁଣ ଚିତ୍କାର । 'ଦେବତାର ବିଧାତା' 'ସତରବର୍ଷ ପରେ' 'ଜାଲି ଟଙ୍କା' 'ମାଲମାଷ୍ଟରାଣୀ' ଆଦି ଗଳ୍ପ ଗଭୀର ସମାଜ ଚେତନା, ମାନବିକତା ଓ ଜାତୀୟତାବୋଧରେ ରଞ୍ଜିତ ହୋଇ ସାମାଜିକ ବାସ୍ତବତା ପାଇଁ ଧ୍ୟେୟ ପ୍ରସ୍ତୁତ କରିଥିଲେ ହେଁ ସମାଜର ଚିନ୍ତାଧାରାକୁ ଅନ୍ତର ସମ୍ମୁଖୀନ କରାଇଲା ପରି ତାଙ୍କର ରଚନା ବଳିଷ୍ଠ ହୋଇପାରିନାହିଁ ।

ସମାଜର ରୁଚି ଓ ବୃଦ୍ଧିଦାକୁ ନେଇ ବିପ୍ଳବ ସୃଷ୍ଟି କରି ନ ପାରିଲେ ସାହିତ୍ୟ ବ୍ୟର୍ଥ ହୁଏ । ସମାଜର ଅବିକଳ ଚିତ୍ର ନ ଦେଇ ଚିତ୍ରଟି କଣ ହେବା ଉଚିତ ତାକୁ ସୃଷ୍ଟି ମାଧ୍ୟମରେ ରୂପାନ୍ତରିତ କରିବା ସାହିତ୍ୟିକର ଧର୍ମ ।

ସତ୍ୟବାଦୀ ଗୋଷ୍ଠୀ ପରେ ସବୁଜ ଗୋଷ୍ଠୀ ଆସିଛି ଏବଂ ରାଧାନାଥ, ମଧୁସୂଦନଙ୍କର ସାମ୍ରାଜ୍ୟବାଦୀ ଚେତନାକୁ ବରଖାସ୍ତ କରି ନବଯୁଗ ସାହିତ୍ୟ ସମ୍ପଦ ପାଇଁ ପଥ ନିର୍ମାଣ କରିଛି । ଏ ସମୟର ଶ୍ରେଷ୍ଠ କଥାକାର କାଳନ୍ଦୀଚରଣଙ୍କ ଗଳ୍ପ ମାନସ କେବଳ ପ୍ରେମ ଓ ପ୍ରଣୟର ଜୟଗାନରେ ମୁଗ୍ଧ ତାନ ସୃଷ୍ଟି ନ କରି ଯନ୍ତ୍ରଣା କ୍ଷତ ମଣିଷ ଜୀବନର ରୂପକାର ଭାବରେ ଆମ ମନରେ ସମାଜବାଦୀ ସମାଜର ଚିତ୍ର ଆଙ୍କିଦିଏ ଯେଉଁଠି ଶୋଷଣ ନାହିଁ, ଅତ୍ୟାଚାର ନାହିଁ । 'ଆମେ ଯେ ଶଳା ଶଇତାନ' ସବୁଦିନ ପାଇଁ ହେବୁ ନାହିଁ, ସାମ୍ୟବାଦର ମନ୍ତ୍ରରେ ଆମର ଏଇ ମାଟିର ପୃଥିବୀ ଉଦ୍‌ବୁଦ୍ଧ ହେବ; ଏହାହିଁ ତାଙ୍କର ସାହିତ୍ୟ ମାନସର ମୂଳତନ୍ତ୍ର । ତେବେ ତାଙ୍କ ରଚିତ କ୍ଷୁଦ୍ର ଗଳ୍ପଗୁଡ଼ିକ ସାମାଜିକ ବାସ୍ତବବାଦର ସ୍ୱପ୍ନ ଦେଖି-ଥିଲେହେଁ ସେତେ ପରିମାଣରେ ସମାଜର ଅନ୍ତରଙ୍ଗ ପ୍ରକୃତିର ଚିତ୍ର ପ୍ରଦାନ କରିବାରେ ସମର୍ଥ ନ ହୋଇ ମାନବିକ ସମ୍ବେଦନଶୀଳତାକୁ ଆଧେୟ କରିଛି । V. do Sala Pinto କହନ୍ତି ସାହିତ୍ୟରେ ବାସ୍ତବବାଦୀ ହେଉଛି ସେହି— "Which is concerned with giving a truthful impression of actuality as it appears to the normal human consciousness". ଏ ଦୃଷ୍ଟିରୁ କାଳନ୍ଦୀ ପାଣିଗ୍ରାହୀ ଅବଶ୍ୟ ଜଣେ ସଫଳ ଗାଳ୍ପିକ ।

ମାର୍କସ୍‌ଙ୍କ ମତରେ କୌଣସି ମୂଲ୍ୟବୋଧ ଶାଶ୍ୱତ ବା ଚିରନ୍ତନ ନୁହେଁ, ପରିବର୍ତ୍ତନଶୀଳ । ସାହିତ୍ୟର ଧର୍ମ ହେଉଛି ବାସ୍ତବତା ପ୍ରତି ସତତ ଅବହିତ ହୋଇ

Digitized by PPRACHIN, SOA

ରହିବା । ସମାଜର ଶୃଙ୍ଖଳା ରକ୍ଷାର କର୍ତ୍ତବ୍ୟ, ଶାସନର ଯେପରି ସାହିତ୍ୟର ମଧ୍ୟ ସେହିପରି । ଶାସନର ବ୍ୟତିକ୍ରମ ଘଟିଲେ ତାହାକୁ ସୁଧାରିବାର ଅପ୍ରୀତିକର ଦାୟିତ୍ୱ ମଧ୍ୟ ସାହିତ୍ୟର । ଶାସନର ଅବସ୍ଥିତିରେ ଘିନୁଆର ବିଦ୍ରୋହୀ ମନ କିପରି ପେଷି ହୋଇଯାଇଛି, ଏ ଚେତନାର ବାର୍ତ୍ତାବହ ଥିଲେ 'ନବଯୁଗ ସାହିତ୍ୟ ସଂସଦ' ତଥା 'ଆଧୁନିକ' ପତ୍ରିକାର ପ୍ରତିଷ୍ଠାତା ଭଗବତୀ ଚରଣ ପାଣିଗ୍ରାହୀ । ଭଗବତୀଙ୍କ ପୂର୍ବର ଓଡ଼ିଆ ଗଳ୍ପ ସାହିତ୍ୟର କୌଣସି ସ୍ପଷ୍ଟ ଆଭିମୁଖ୍ୟ ନଥିଲା । ଫକୀର ମୋହନଙ୍କ ସଂସ୍କାର ପ୍ରବଣତାର ଧାରା ଓଡ଼ିଆ ଗଳ୍ପକୁ ବନ୍ଧନ ଭିତରେ ଛଟପଟ କରୁଥିଲା । ଭଗବତୀ ଚରଣ, ଅନନ୍ତ ପଟ୍ଟନାୟକ, ଗୁରୁଚରଣ ପଟ୍ଟନାୟକ, ରାମପ୍ରସାଦ ସିଂହ ପ୍ରମୁଖ ସାହିତ୍ୟର ସାବଲୀଳତା ପାଇଁ ଅର୍ଥନୈତିକ ବୈଷମ୍ୟର ଦୂରୀକରଣ ପାଇଁ ସ୍ୱର ଉତ୍ତୋଳନ କଲେ । ଆଇନ ସମୁଦ୍ରର ତରଙ୍ଗ ଓ କାୟସ୍ଥମାନଙ୍କ ଆକ୍ରମଣରେ 'ଘିନୁଆ' ଆତ୍ମବଳୀ ଦେଇ ସମାଜକୁ ପ୍ରତିବାଦ କରିବା ପାଇଁ ନୀରବ ଆହ୍ୱାନ ଦେଇଛନ୍ତି । ଭଗବତୀ ପାଣିଗ୍ରାହୀଙ୍କ 'ଜଙ୍ଗଲ' 'ହାତୁଡ଼ି ଓ ଦା' 'ମୂର୍ଖର ବିବେଚନା' 'ଝଡ଼' 'ଆରମ୍ଭ ଓ ଶେଷ' 'ମୀମାଂସା' 'ଜୀବନର ସମାଧି' ଇତ୍ୟାଦି ଗଳ୍ପରେ ସ୍ୱପ୍ନଭଙ୍ଗ ଏବଂ ହତାଶା ତଥା ଅସହାୟତାର ସ୍ୱର ଅଧିକ ମିଳେ । ଅନ୍ୟ ପକ୍ଷରେ ଏ ଗଳ୍ପ ଗୁଡ଼ିକରେ 'ଶିକାର' ଗଳ୍ପର ବିପ୍ଳବୀ ସ୍ୱର ପ୍ରସ୍ଫୁଟ ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ । ତେବେ 'ହାତୁଡ଼ି ଓ ଦା' ଗଳ୍ପରେ ଜମିଦାର ଯେତେବେଳେ ସୁଦାମକୁ କହିଚି—"ଖଜଣା ଦେଇ ନ ପାରିବୁ ତ ତୋ ଘରଜାକୁ ଦେ", ଏ କଥା ଶୁଣି "କଣ ସେ ଝାଏ କରି ପକାଇବ ବୋଲି ସୁଦାମ ଯାଉଥିଲା—ତା'ର ଠେଙ୍ଗାଟି ଉପରେ ହାତ ମୁଠା ଶକ୍ତ ହୋଇ ଉଠିଥିଲା" । ଶୋଷକ ବିରୁଦ୍ଧରେ ସୁଦାମର ଏ ବିଦ୍ରୋହ ସମଗ୍ର ଶ୍ରମିକ ଜାତିର ବିଦ୍ରୋହ । ମାତ୍ର ଯେଉଁ ଗଳ୍ପ ପାଇଁ ସେ ଓଡ଼ିଆ ଗଳ୍ପ ସାହିତ୍ୟରେ ସାମାଜିକ ବାସ୍ତବବାଦୀର ଅଧିକାର ଦାବୀ କରନ୍ତି ସେଇ ପ୍ରସିଦ୍ଧ ଗଳ୍ପ 'ଶିକାର'ର ନାୟକ ଘିନୁଆ, ସୁଦାମ ପରି ଆଉ ହାତ ମୁଠା ନକରି ଗୋବିନ୍ଦ ସରଦାରକୁ ହାଣି ଦେଇଛନ୍ତି । ତେବେ ନିଜ ଉପରେ ଆଞ୍ଚ ଆସିବାପରେ ଏପରି କରିଥିବାରୁ 'ଘିନୁଆ' ଯେ ଏକ ଶ୍ରେଣୀ ସଚେତନତାର ପ୍ରତୀକ ଏଥିରେ ସନ୍ଦେହ ହୁଏ । ତେବେ ଏହା ଯେ ଏକ ପ୍ରଭାବଶାଳୀ ଗଳ୍ପ ଏଥିରେ ସନ୍ଦେହ ନାହିଁ ଯାହାକି ଗୋପୀନାଥ ମହାନ୍ତିଙ୍କ ପରଜାରେ ପ୍ରତିଧ୍ୱନି ବୋଲି ନିଜର ସ୍ଥିତି ଦୃଢ଼ କରିଛି । ରାମପ୍ରସାଦ ସିଂହଙ୍କ 'ହେମ ଶିଖା'ରେ ଅତ୍ୟାଚାରୀ ଜମିଦାରକୁ ଜଗୁ ପ୍ରଧାନ ହତ୍ୟା କରି ଘିନୁଆ ପରି ଆଉ ବକ୍ସିସ୍ ଚାହିଁ ନାହିଁ, ତାଠାରେ ସଚେତନତା ଦେଖା-ଦେଇଛି । ଏ ଗଳ୍ପଟିରେ ସାମ୍ୟବାଦର ଦର୍ଶନ ପ୍ରତ୍ୟକ୍ଷ ଭାବରେ ପ୍ରତିଫଳିତ । ଏ ସମୟରେ ଅନନ୍ତ ପ୍ରସାଦ ପଣ୍ଡା ସମବାୟ ଆନ୍ଦୋଳନ ମାଧ୍ୟମରେ ମହାଜନଙ୍କ ଶୋଷଣରୁ ରକ୍ଷା ପାଇବା ପାଇଁ ଗାଳ୍ପିକ ଭାବରେ ଏକ ସାମ୍ୟବାଦୀ ସମାଜର ସ୍ୱପ୍ନ ଦେଖିଛନ୍ତି ମାତ୍ର ବିପ୍ଳବ କରି ପାରିନାହାନ୍ତି । ଏ ସମୟରେ ଅନନ୍ତ ପଟ୍ଟନାୟକ, ସଚ୍ଚି ରାଉତରାୟ ଇତ୍ୟାଦି କବିତାରେ ସାମାଜିକ ବାସ୍ତବତାର ସ୍ୱର ଉତ୍ତୋଳନ

Digitized by PPRACHIN, SOA

କରିଥିଲେ ଲେନିନଙ୍କ ପ୍ରେରଣାରେ । ଲେନିନ୍ କହୁଛନ୍ତି "Art belongs to the people. It's roots should be deeply implanted in the very think of the labouring masses. It should be understood and loved by these masses. It must unite and elevate their feeling, thoughts and will. It must stir to activity and the art instincts without them". ସଚ୍ଚି ରାଉତରାୟ ଓ ଅନନ୍ତ ପଟ୍ଟନାୟକଙ୍କଠାରୁ ଅପେକ୍ଷା କବିତାରେ ଏ ଅଭ୍ୟାନ ଅଧିକ ପ୍ରତିଧ୍ୱନି ହୋଇଛି । କାରଣ ରାଉତରାୟଙ୍କ ଗଳ୍ପ ସଂକଳନ 'ମଶାଣିର ଫୁଲ' 'ମାଟିର ତାଜ୍' ଇତ୍ୟାଦିରେ ଶୋଷକ-ଶୋଷିତର ଚିତ୍ର ଥିଲେହେଁ ଏହା Romantic ଭାବପ୍ରବଣତାରେ ଆଚ୍ଛନ୍ନ ହୋଇପଡ଼ିଛି । ତାଙ୍କ ଗଳ୍ପଗୁଡ଼ିକରେ ପ୍ରଗତିବାଦର ସ୍ୱର ଅପେକ୍ଷା ଅପୂର୍ବ କଳା କୁଶଳତା ପରିଲକ୍ଷିତ ହୁଏ । ନିତ୍ୟାନନ୍ଦ ମହାପାତ୍ର, ଲକ୍ଷ୍ମୀକାନ୍ତ ମହାପାତ୍ର ଏବଂ ରାଜକିଶୋର ରାୟଙ୍କ ଗଳ୍ପଗୁଡ଼ିକର ସ୍ୱର ମୁଖ୍ୟତଃ Romance ଉପରେ ଆଧାରିତ । ଗୋପୀନାଥ ମହାନ୍ତି ପାଶ୍ଚାତ୍ୟ ସାହିତ୍ୟର ଶ୍ରୀମତୀ ଏଲିଜାବେଥ୍ ହ୍ୟାରିଏଟ୍ ଷ୍ଟୋ ଏବଂ ଶ୍ରୀମତୀ ହର୍ପର୍ ଲି ଙ୍କ ପରି ତାଙ୍କ ଗଳ୍ପର ନାୟକମାନଙ୍କ ଦଳିତ ଶ୍ରେଣୀରୁ ନେଇଥାନ୍ତି । ଶ୍ରୀ ମହାନ୍ତି ଓଡ଼ିଆ ଗଳ୍ପରେ ଫକୀର ମୋହନଙ୍କୁ ସମସ୍ତରୁ ପ୍ରଚଳିତ କୁହନ କଥା ଶୈଳୀକୁ ରଞ୍ଜନ ରଶ୍ମିର କ୍ୟାମେରାର ମନ ନେଇ ଫଟୋଗ୍ରାଫିକ୍ ବାସ୍ତବତାର ପ୍ରଚଳନ କଲେ । ତେବେ ତାଙ୍କ ଗଳ୍ପଗୁଡ଼ିକର ମୁଖ୍ୟ ସ୍ୱର ହେଉଛି ବ୍ୟକ୍ତିକେନ୍ଦ୍ରିକ ।

ପ୍ରଗତିଯୁଗର ସମସାମୟିକ ଶକ୍ତିଶାଳୀ ଗାଳ୍ପିକମାନଙ୍କ ମଧ୍ୟରେ ରାଜକିଶୋର ପଟ୍ଟନାୟକ ଅନ୍ୟତମ ଅବିସ୍ମରଣୀୟ ପ୍ରତିଭା । ତେବେ ତାଙ୍କ ଗଳ୍ପଗୁଡ଼ିକରେ ଶୋଷିତର ଚିତ୍ର ବ୍ୟକ୍ତ ହୋଇଥିଲେ ମଧ୍ୟ ସେଗୁଡ଼ିକ ମାନବିକ ସମ୍ବେଦନତାରେ ଭାରାକ୍ରାନ୍ତ ହୋଇ ପ୍ରଗତି ସ୍ୱରକୁ ବିସ୍ମୃତ ହୋଇଛି । 'ଘାସ' 'ପାଉଁଶ' 'ବାଲି' 'ପୋଡ଼ାଦାଗ' 'ମହାଜନ' ଇତ୍ୟାଦି ତାଙ୍କର ସ୍ମରଣୀୟ କୃତି । ଅନ୍ୟ ପକ୍ଷରେ ମନମୋହନ ମିଶ୍ରଙ୍କ 'ବଡ଼ଲୋକ ଆଉ ଗ୍ରେଟ ଲୋକ' ଗଳ୍ପ ପୁସ୍ତକର ଚେତନା ସାମାଜିକ ବାସ୍ତବତାକୁ ଆଧେୟ କରିଛି । ହୃଦୟନାଥ ଷଡ଼ଙ୍ଗୀଙ୍କ 'ଜେଲ୍ ସାଥୀ' ଗଳ୍ପରେ ବଂଶୀ ପଣ୍ଡିତ ଜଗୁ ମିଶ୍ରଙ୍କୁ ଇଟା ପଥର ଉଠାଇ ତା ଅତ୍ୟାଚାରିତା ମା'ର ମୃତ୍ୟୁ ପାଇଁ ପ୍ରତିବାଦ ଜଣାଇଛି ।

ସ୍ୱାଧୀନତା ପୂର୍ବବର୍ତ୍ତୀ ଅନେକ ଗାଳ୍ପିକ ପ୍ରବଳ ପରାକ୍ରମୀ ଇଂରେଜ ଶାସକଙ୍କୁ ପ୍ରତ୍ୟକ୍ଷ ବିରୋଧ କରିବାକୁ ସାହସ କରି ପାରିନାହାନ୍ତି । ସାହିତ୍ୟ ଭୟଭୀତ ଓ ଉଦାସୀନ ହୋଇପଡ଼ିଛି । ଏ ଶିଥିଳତା ସମଗ୍ର ଭାରତୀୟ ସାହିତ୍ୟରେ ଦେଖା ଦେଇଥିଲା । ସ୍ୱାଧୀନତା ପରେ ମଧ୍ୟ ଏ ଚେତନା ଅଧିକ ଫଳପ୍ରଦ ଭୂମିକା ନେଇ ପାରିନାହିଁ । କାରଣ ଇଂରେଜ ପ୍ରଭାବ କମି ଆସିଲାବେଳକୁ ଆମ ଚେତନାକୁ

Digitized by PPRACHIN, SOA

ଆଂସେନହାଓ୍ୱାରଙ୍କ ସାମ୍ରାଜ୍ୟବାଦର ଏବଂ ଋଷ ସମାଜବାଦର ପ୍ରଭାବରେ ଓଡ଼ିଆ ଆନ୍ଦୋଳିତ କରୁଛି । ଫଳରେ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କ୍ଷୁଦ୍ରଗଳ୍ପରେ ଏକ ଲକ୍ଷ୍ୟହୀନ ମିଶ୍ରିତ ସାମାଜିକ ପରିସ୍ଥିତିର ପ୍ରତିଛବି ଗଢ଼ି ଉଠିଛି । ସ୍ୱାଧୀନତା ପରବର୍ତ୍ତୀ କାଳରେ ଆନ୍ତର୍ଜାତିକ ସ୍ରୋତ ମଳୟ ପ୍ରବେଶ କରି ବିଭିନ୍ନ ପରୀକ୍ଷା ନିରୀକ୍ଷା ଦେଖା ଦେଇଛି ସତ, ସାମାଜିକ ବାସ୍ତବତାର ସ୍ୱର କ୍ରମଶଃ କ୍ଷୀଣ ହୋଇଯାଉଛି । ଅନୁକରଣର ପ୍ରବୃତ୍ତି ବ୍ୟାପକ ହୋଇ ଉଠୁଛି ।

ସୁରେନ୍ଦ୍ର ମହାନ୍ତିଙ୍କ ବର୍ଣ୍ଣାଢ଼୍ୟ ଗଳ୍ପଗୁଡ଼ିକର ମୁଖ୍ୟ ସ୍ୱର ହେଉଛି ଅବକ୍ଷୟୀ ସାମନ୍ତବାଦର ଉଦ୍ଧାର । 'ମଣିଷ ଓ ଅର୍ଥନୀତି' 'ନୟନପୁର ଏକ୍ସପ୍ରେସ୍', 'ରୁଟି ଓ ଚନ୍ଦ୍ର,' 'ଗୋଟିଏ ଘୋଡ଼ାର ମୃତ୍ୟୁ' 'କୃଷ୍ଣଚୂଡ଼ା' ଆଦି ଗଳ୍ପରେ ସାମାଜିକ ବାସ୍ତବତାର ଶୈଶବ ସ୍ୱରୂପ ଉନ୍ମୁକ୍ତ ମାରିଥିଲେ ବି ତା ପ୍ରତି ଗାଳ୍ପିକ ବିଶ୍ୱସ୍ତ ନୁହନ୍ତି । ଆର୍ଥିକ ଯନ୍ତ୍ରଣାରେ ଜର୍ଜରିତ ଲୋକଙ୍କ ପାଇଁ ତାଙ୍କ ଗଳ୍ପରେ କୌଣସି ନୂତନ ସମାଜର କଳ୍ପନା ନାହିଁ ବରଂ ଅନେକ ସ୍ଥଳରେ ବିପ୍ଳବକୁ ସେ ଉପହାସ କରିଛନ୍ତି । ମନୋଜ ଦାସ ବ୍ୟଙ୍ଗ ଓ ବିଦ୍ରୂପ ମାଧ୍ୟମରେ ସମାଜର ପରିବର୍ତ୍ତନ ଚାହାନ୍ତି, ମାତ୍ର ତାଙ୍କ ଗଳ୍ପରେ ଶ୍ରେଣୀ ସଂଘର୍ଷ ପାଇଁ କୌଣସି ଜ୍ୱାଳାମୟୀ ବାଣୀ ନାହିଁ । ସେ ହେଉଛନ୍ତି ଅସହାୟତାର ମୂର୍ତ୍ତିମନ୍ତ ରୂପକାର । ଶିକାର ପ୍ରଭାବିତ ଶ୍ରୀ ଦାସଙ୍କ 'ଘୁଡ଼ି' ଗଳ୍ପଟି ସାମାଜିକ ବାସ୍ତବତା ଉପରେ ଆଧାରିତ । ଶ୍ରମିକ କୁଂଜ ମିଥ୍ୟା ଶୋଷଣ ଓ ଅତ୍ୟାଚାରର ମୂର୍ତ୍ତିମନ୍ତ ବିଗ୍ରହ ମହାଜନଙ୍କୁ ଠାକୁରଙ୍କ ସମ୍ମୁଖରେ ହତ୍ୟାକରି ଜେଲ୍ ଯାଇଛି । ମାତ୍ର ଜେଲ୍‌ରୁ 'ଘୁଡ଼ି' ପଛରେ ଧାଇଁବା ଦ୍ୱାରା ତା'ର ଅସହାୟତା ଅଧିକ ପ୍ରକଟିତ ହୋଇଛି ସିନା ତାର ବିପ୍ଳବ ଶାନ୍ତ ହୋଇପାରିନାହିଁ ।

ଗାଳ୍ପିକ ବାମାଚରଣ ମିତ୍ରଙ୍କ 'ସଙ୍କଟ' 'ଶୃଙ୍ଖଳିତ ପଥର' ଆଦି ଗଳ୍ପରେ ସାମାଜିକ ବାସ୍ତବତାର ପଦପାତ ଘଟିଛି । 'ଶ୍ରୀ ଦୁରୁଗ'ର ନେତାଙ୍କ ପାଙ୍କା ଭାଷଣ ସାମ୍ୟବାଦର ଉଦ୍ଧାର ବାଡ଼ି 'ମହାପୁରୁଷ ବାଗ'ର ସରଳ ଜୀବନକୁ ନଷ୍ଟ କରି ଦେଇଛି । 'ହୋଲି' ସମାଜ ଜୀବନର ଧର୍ମୀୟ ଭ୍ରଷ୍ଟାଚାରର ଏକ ଦୃଷ୍ଟାନ୍ତ ଉଦାହରଣ । ଏ ସମୟରେ ରଚିତ ବିପ୍ଳବୀ କବି ରବୀନ୍ଦ୍ର ନାଥ ସିଂହଙ୍କ ରଚିତ 'ଚଳନ୍ତିକା' ଗଳ୍ପ ଗ୍ରନ୍ଥ ପ୍ରେମ.ଣ୍ଡିକ୍ ହୋଇପଡ଼ିଛି । ଅଖିଳ ମୋହନ ପଟ୍ଟନାୟକ ଶ୍ରେଣୀ ସଂଘର୍ଷ, ମାନବିକ ଆବେଦନର ଛବି ତାଙ୍କ ଗଳ୍ପ ଗ୍ରନ୍ଥ 'ଝଡ଼ର ଈଗଲ ଓ ଧରଣୀର କୃଷ୍ଣସାର'ରେ ଦେଇଛନ୍ତି । ତାଙ୍କ ଗଳ୍ପର ଅଧିକାଂଶ ନାୟକ ଭାଗାବଣ୍ଡ । କାମୁଙ୍କ ପ୍ରସିଦ୍ଧ ଉପନ୍ୟାସ 'The Fall' ଦ୍ୱାରା ପ୍ରଭାବିତ 'ଅନ୍ଧଗଳି'ରେ ବିପ୍ଳବ ଅପେକ୍ଷା ମାନବିକ ଆବେଦନକୁ ସେ ଅଧିକ ଗୁରୁତ୍ୱ ଦେଇଛନ୍ତି । 'କଂଶୁକର ଅଭିସାର' 'ନଦୀର ନାମ ଗଡ଼େଇ', 'ମାଂସପେଶୀର ହୃଦୟ' ଇତ୍ୟାଦି ଏ ଚେତନାର କେତୋଟି ସାର୍ଥକ ଗଳ୍ପ । ବ୍ରହ୍ମାନନ୍ଦ ପଣ୍ଡା, ପ୍ରସନ୍ନ ପାଟଶାଣୀ, ନନ୍ଦିନୀ ଶତପଥୀ,

Digitized by PPRACHIN, SOA

ଅବନୀ କୁମାର ବରାଳ, ଭବାନୀ ଶଙ୍କର ହୋତା, ପ୍ରମୁଖଙ୍କ ଗଳ୍ପରେ ସାମାଜିକ ବାସ୍ତବବାଦର ସ୍ୱର ଝଂକୃତ ହୋଇଛି । "I am not sure of existing, but some day, I will I am sure. କାମ୍ୟୁଙ୍କ ଏ ସ୍ୱରର ପ୍ରଭାବ ଓଡ଼ିଆ କ୍ଷୁଦ୍ର ଗଳ୍ପରେ ତୀବ୍ର ହୋଇଥିଲେ ହେଁ ଶାନ୍ତନୁ ଆଚାର୍ଯ୍ୟ, ଅଚ୍ୟୁତାନନ୍ଦ ପତି, କୃଷ୍ଣପ୍ରସାଦ ମିଶ୍ର ପ୍ରମୁଖ ଛଅର ଷାଠିଏର ପ୍ରତିନିଧିସ୍ଥାନୀୟ ଗାଳ୍ପିକମାନେ ଯନ୍ତ୍ରଣା ଓ ଅସହାୟତାର ମିଥ୍ୟା ଅବବୋଧକୁ ଅସ୍ୱୀକାର ମଧ୍ୟ ସାମାଜିକ ବାସ୍ତବତାର ଚିତ୍ର ଆଙ୍କିଛନ୍ତି । ଅଚ୍ୟୁତାନନ୍ଦ ପତି ତାଙ୍କର 'ଅଶୁଭ ପୁତ୍ରର କାହାଣୀ' 'କିଆଁ ଜଳୁଛି' ଗଳ୍ପ ସଙ୍କଳନରେ ପୁଞ୍ଜିବାଦୀ ଗୋଷ୍ଠୀର ବିକଳ ବିଳାସବ୍ୟସନକୁ ଅସହାୟ କରି-ଦେଇ ପ୍ରତ୍ୟକ୍ଷ ବ୍ୟଙ୍ଗ ମାଧ୍ୟମରେ ଦଳିତର ଜାଗରଣରେ ନେତୃତ୍ୱ ନିଅନ୍ତି । ତାଙ୍କ ଗଳ୍ପ ନାୟକମାନେ ଅଶୁଭପୁତ୍ର, ସେମାନେ 'ଲାଲ ସୂର୍ଯ୍ୟ'ର ସ୍ୱପ୍ନ ଦେଖି ବିପ୍ଳବର ମନ୍ତ୍ରଧ୍ୱନି ତୋଳନ୍ତି । ଅନ୍ୟ ପକ୍ଷରେ ଶାନ୍ତନୁ କୁମାର ଆଚାର୍ଯ୍ୟ ତାଙ୍କର 'ଅରଣ୍ୟର ଚିଲ' 'ଦୁଆର, +0−>0, ରେ ବିପ୍ଳବର ଉଗ୍ରସ୍ୱର ତୋଳିଛନ୍ତି । 'ଅରଣ୍ୟର ଚିଲ'ରେ ଅତ୍ୟାଚାର ଓ ଶୋଷଣର ପ୍ରତୀକ ସହରକୁ ସଫେଇ କରି, ମନ୍ଦିରର ଚିଲରେ ପରିବର୍ତ୍ତନ କରି ସାମ୍ୟବାଦର ଜୟଗାନ କରିଛନ୍ତି । 'ଦୁଆର' ଗଳ୍ପରେ ସେ ଦୁର୍ନୀତିର ମୂଳୋତ୍ପାଟନ କରି '+0−>0' ରେ ପୁଞ୍ଜିବାଦ ଓ ସମାଜ-ବାଦର ଯୁଦ୍ଧର ଚିତ୍ର ଦେଇଛନ୍ତି । କୃଷ୍ଣପ୍ରସାଦ ମିଶ୍ର 'ସନ୍ଧ୍ୟାହ୍ନର ସୂର୍ଯ୍ୟ' ଗଳ୍ପରେ ସାମାଜିକ ପରିବର୍ତ୍ତନ ପାଇଁ ବିପ୍ଳବର ଆହ୍ୱାନ ଦେଇଛନ୍ତି ।

ସ୍ୱାଧୀନତା ପରେ ଆମେ କେବଳ ପାଶ୍ଚାତ୍ୟ ଚେତନାକୁ ନେଇ ପରୀକ୍ଷା ନିରୀକ୍ଷା ଚଳେଇଛୁ । ପରଲୁଗା ପିନ୍ଧି ହାଟରେ ପରିଚିତ ହେଲା ପରେ ଆମେ ବିଶ୍ୱ ପରିଧିକୁ ସ୍ପର୍ଶ କରିଥିଲେ ବି ଘର କଥା ଭୁଲି ଯାଇଛୁ । ଏଥିପାଇଁ କ୍ଷୋଭ ପ୍ରକାଶ କରି ଗାଳ୍ପିକା ବୀଣାପାଣି ମହାନ୍ତି କହନ୍ତି --"ସମାଜବାଦ ଏକ ଶୈଳୀ ନୁହେଁ, ଏକ ଦୃଷ୍ଟିକୋଣ, ଏକ ଜୀବନ ଜିଜ୍ଞାସା ଯାହା ଲେଖକର ଆତ୍ମ ଚେତନା ଦ୍ୱାରା ପରିମାର୍ଜିତ ହୋଇ ସମଗ୍ର ମାନବ ଜୀବନକୁ, ସମାଜକୁ ସଂଗଠିତ କରିଥାଏ । ଆଜି ଓଡ଼ିଶାରେ ସେପରି ସାହିତ୍ୟିକ କାହାନ୍ତି ଯାହାଙ୍କର ଅଗ୍ନିବାଣୀ ସମଗ୍ର ସମାଜକୁ ଉତ୍ତେଜିତ, ଆନ୍ଦୋଳିତ କରି ମୁକ୍ତିର ମଶାଲ ତୋଳି ଧରିବ ।" (ଗଳ୍ପର ୧୯୮୭ ପୂଜା ସଂଖ୍ୟା) କାରଣ ଗୋଟିଏ ଦୁଇଟି ସମାଜବାଦୀ ଗଳ୍ପ ବା ସାହିତ୍ୟ ଲେଖି କେହି ସାମାଜିକ ବାସ୍ତବବାଦୀ ସାହିତ୍ୟିକ ହୋଇପାରେ ନାହିଁ ଏହା ସାଧନା ସାପେକ୍ଷ ନିଶ୍ଚୟ । ସାଧନା ବିନା ଏହା ଶ୍ରୀ ମଣ୍ଡିତ ହୁଏ ନାହିଁ ।

ସାମ୍ପ୍ରତିକ କାଳର ଓଡ଼ିଆ ଗଳ୍ପ ବହୁ ପରୀକ୍ଷା-ନିରୀକ୍ଷା ମଧ୍ୟ ଦେଇ ଗତିଶୀଳ । ସମାଜବାଦୀ ବାସ୍ତବତା Socialistic Realism) ର ପ୍ରୟୋଗ ଓ ତା'ର ପରୀକ୍ଷା ଓଡ଼ିଆ ସାହିତ୍ୟର ଗଳ୍ପ ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରି, ଗଳ୍ପର

Digitized by PPRACHIN, SOA

ଢଗ ଓ ବାଗର ଅନନୁଭୂତ ପରିବର୍ତ୍ତନ ସମ୍ପାଦନ କରିବା ସଙ୍ଗେ ସଙ୍ଗେ ଗଳ୍ପକୁ ଶ୍ରୀମନ୍ତ ଓ ରୁଚିମନ୍ତ କରି ପାରିଥିଲା । ଏବେ ବି ତା'ର ଆବଶ୍ୟକତା, ତାପାଇଁ ପାଠକୀୟ ଉତ୍କଣ୍ଠା ମ୍ଳାନ ନୁହେଁ । ଆଜିର ଗାଳ୍ପିକ ନିଜ ପରୀକ୍ଷାଗାର (Laboratory) ଭିତରେ ବ୍ୟକ୍ତି ବିଶ୍ଳେଷଣରେ ରତ, ସମାଜ ପାଇଁ ସମୟ କାହିଁ ? ତେଣୁ ଗଳ୍ପରେ ସମାଜବାଦୀ ବାସ୍ତବତାର ସ୍ୱର କ୍ରମଶଃ କ୍ଷୀଣରୁ କ୍ଷୀଣତର ହୋଇଯାଉଛି । ସେହି ସ୍ୱରକୁ ଧରି ରଖିବାର ପ୍ରଚେଷ୍ଟା 'ଶତାବ୍ଦୀ' ଓ 'ରେଣାଁସା' ଭଳି ପତ୍ରିକାରେ ଅବ୍ୟାହତ, ତଥାପି ସମ୍ଭାବ୍ୟ ଭବିଷ୍ୟତ ଉଜ୍ଜ୍ୱଳ ପ୍ରତିଶ୍ରୁତିଯୁକ୍ତ ନୁହେଁ । ଏହାର ଶୁଭାଶୁଭ ପରବର୍ତ୍ତୀ କାଳ ହିଁ ନିରୂପଣ କରିବ ।

———

Digitized by PPRACHIN, SOA

ଅବନୀ କୁମାର ବରାଳ, ଭବାନୀ ଶଙ୍କର ହୋତା, ପ୍ରମୁଖଙ୍କ ଗଳ୍ପରେ ସାମାଜିକ ବାସ୍ତବବାଦର ସ୍ୱର ଝଂକୃତ ହୋଇଛି । "I am not sure of existing, but some day, I will I am sure. କାମ୍ୟୁଙ୍କ ଏ ସ୍ୱରର ପ୍ରଭାବ ଓଡ଼ିଆ କ୍ଷୁଦ୍ର ଗଳ୍ପରେ ଝଙ୍କୃତ ହୋଇଥିଲେ ହେଁ ଶାନ୍ତନୁ ଆଗ୍ରୀ, ଅଚ୍ୟୁତାନନ୍ଦ ପତି, କୃଷ୍ଣପ୍ରସାଦ ମିଶ୍ର ପ୍ରମୁଖ ଉତ୍ତର ଷାଠିଏର ପ୍ରତିନିଧିସ୍ଥାନୀୟ ଗାଳ୍ପିକମାନେ ଯନ୍ତ୍ରଣା ଓ ଅସହାୟତାର ମିଥ୍ୟା ଅବବୋଧକୁ ଅସ୍ୱୀକାର ମଧ୍ୟ ସାମାଜିକ ବାସ୍ତବତାର ଚିତ୍ର ଆଙ୍କିଛନ୍ତି । ଅଚ୍ୟୁତାନନ୍ଦ ପତି ତାଙ୍କର 'ଅଶୁଭ ପୁତ୍ରର କାହାଣୀ' 'ନିଆଁ ଜଳୁଛି' ଗଳ୍ପ ସଙ୍କଳନରେ ପୁଞ୍ଜିବାଦୀ ଗୋଷ୍ଠୀର ବିକଳ ବିଳାସବ୍ୟସନକୁ ଅସହାୟ କରି ଦେଇ ପ୍ରତ୍ୟକ୍ଷ ବ୍ୟଙ୍ଗ ମାଧ୍ୟମରେ ଦଳିତର ଜାଗରଣରେ ନେତୃତ୍ୱ ନିଅନ୍ତି । ତାଙ୍କ ଗଳ୍ପ ନାୟକମାନେ ଅଶୁଭପୁତ୍ର, ସେମାନେ 'ଲାଲ ସୂର୍ଯ୍ୟ'ର ସ୍ୱପ୍ନ ଦେଖି ବିପ୍ଳବର ମନ୍ତ୍ରଧ୍ୱନି ଦେଉଛନ୍ତି । ଅନ୍ୟ ପକ୍ଷରେ ଶାନ୍ତନୁ କୁମାର ଆଗ୍ରୀ ତାଙ୍କର 'ଅରଣ୍ୟର ଚୂଳ' 'ଦୁଆର, +0– >0, ରେ ବିପ୍ଳବର ଉଗ୍ରସ୍ୱର ତୋଳିଛନ୍ତି । 'ଅରଣ୍ୟର ଚୂଳ'ରେ ଅତ୍ୟାଚାର ଓ ଶୋଷଣର ପ୍ରତୀକ ସହରକୁ ସଫେଇ କରି, ମନ୍ଦିରର ଚୂଳରେ ପରିବର୍ତ୍ତନ କରି ସାମ୍ୟବାଦର ଜୟଗାନ କରିଛନ୍ତି । 'ଦୁଆର' ଗଳ୍ପରେ ସେ ଦୁର୍ନୀତିର ମୂଳୋତ୍ପାଟନ କରି '+0– >0' ରେ ପୁଞ୍ଜିବାଦ ଓ ସମାଜବାଦର ଯୁଦ୍ଧର ଚିତ୍ର ଦେଇଛନ୍ତି । କୃଷ୍ଣପ୍ରସାଦ ମିଶ୍ର 'ସଂସ୍କାରର ସୂର୍ଯ୍ୟ' ଗଳ୍ପରେ ସାମାଜିକ ପରିବର୍ତ୍ତନ ପାଇଁ ବିପ୍ଳବର ଆହ୍ୱାନ ଦେଇଛନ୍ତି ।

ସ୍ୱାଧୀନତା ପରେ ଆମେ କେବଳ ପାଶ୍ଚାତ୍ୟ ଚେତନାକୁ ନେଇ ପରୀକ୍ଷା ନିରୀକ୍ଷା ଚଳେଇଛୁ । ପରଲୁବ୍ଧ ଗିଦ୍ଧ ହାଟରେ ପରିଚିତ ହେଲା ପରି ଆମେ ବଣ ପତିଧିକୁ ସ୍ପର୍ଶ କରିଥିଲେ ବି ଘର କଥା ଭୁଲି ଯାଇଛୁ । ଏଥିପାଇଁ କ୍ଷୋଭ ପ୍ରକାଶ କରି ଗାଳ୍ପିକା ବୀଣାପାଣି ମହାନ୍ତି କହନ୍ତି --"ସମାଜବାଦ ଏକ ଶୈଳୀ ନୁହେଁ, ଏକ ଦୃଷ୍ଟିକୋଣ, ଏକ ଜୀବନ ଜିଜ୍ଞାସା ଯାହା ଲେଖକର ଆତ୍ମ ଚେତନା ଦ୍ୱାରା ପରିମାର୍ଜିତ ହୋଇ ସମଗ୍ର ମାନବ ଜୀବନକୁ, ସମାଜକୁ ସଙ୍ଗଠିତ କରିଥାଏ । ଆଜି ଓଡ଼ିଶାରେ ଯେପରି ସାହିତ୍ୟିକ କାହାନ୍ତି ଯାହାଙ୍କର ଅଗ୍ନିବାଣୀ ସମଗ୍ର ସମାଜକୁ ଉଦ୍ବେଳିତ, ଆନ୍ଦୋଳିତ କରି ମୁକ୍ତିର ମଶାଲ ତୋଳି ଧରିବ ।" (ଗଳ୍ପଙ୍କର ୧୯୮୬ ପୂଜା ସଂଖ୍ୟା) କାରଣ ଗୋଟିଏ ଦୁଇଟି ସମାଜବାଦୀ ଗଳ୍ପ ବା ସାହିତ୍ୟ ଲେଖି କେହି ସାମାଜିକ ବାସ୍ତବବାଦୀ ସାହିତ୍ୟିକ ହୋଇପାରେ ନାହିଁ ଏହା ସାଧନା ସାପେକ୍ଷ କଷ୍ଟସ୍ୱ । ସାଧନା ବିନା ଏହା ଶ୍ରୀ ମଣ୍ଡିତ ହୁଏ ନାହିଁ ।

ସାମ୍ପ୍ରତିକ କାଳର ଓଡ଼ିଆ ଗଳ୍ପ ବହୁ ପରୀକ୍ଷା-ନିରୀକ୍ଷା ମଧ୍ୟ ଦେଇ ଗତିଶୀଳ । ସମାଜବାଦୀ ବାସ୍ତବତା Socialistic Realism) ର ପ୍ରୟୋଗ ଓ ତା'ର ପରୀକ୍ଷା ଓଡ଼ିଆ ସାହିତ୍ୟର ଗଳ୍ପ ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରି, ଗଳ୍ପର

Digitized by PPRACHIN, SOA

ଦାଗ ଓ ବ ଗର ଅନନୁଭୂତ ପରିବର୍ତ୍ତନ ସମ୍ପାଦନ କରିବା ସଙ୍ଗେ ସଙ୍ଗେ ଗଳ୍ପକୁ ଶ୍ରୀମନ୍ତ ଓ ରୁଚିମନ୍ତ କରି ପାରିଥିଲା । ଏବେ ବି ତା'ର ଆବଶ୍ୟକତା, ଛାପାଁ ପାଠକୀୟ ଉତ୍କଣ୍ଠା ମ୍ଳାନ ନୁହେଁ । ଆଜିର ଗାଳ୍ପିକ ନିଜ ପରୀକ୍ଷାଗାର (Laboratory) ଭିତରେ ବ୍ୟକ୍ତି ବିଶ୍ଳେଷଣରେ ରତ, ସମାଜ ପାଇଁ ସମୟ କାହିଁ ? ତେଣୁ ଗଳ୍ପରେ ସମାଜବାଦୀ ବାସ୍ତବତାର ସ୍ୱର କ୍ରମଶଃ କ୍ଷୀଣରୁ କ୍ଷୀଣତର ହୋଇଯାଉଛି । ସେହି ସ୍ୱରକୁ ଧରି ରଖିବାର ପ୍ରଚେଷ୍ଟା 'ଶତାବ୍ଦୀ' ଓ 'ରେଣୁକା' ଭଳି ପତ୍ରିକାରେ ଅବ୍ୟାହତ, ତଥାପି ସମ୍ଭାବ୍ୟ ଭବିଷ୍ୟତ ଉଜ୍ଜ୍ୱଳ ପ୍ରତିଶ୍ରୁତିଯୁକ୍ତ ନୁହେଁ । ଏହାର ଶୁଭାଶୁଭ ପରବର୍ତ୍ତୀ କାଳ ହିଁ ନିରୂପଣ କରିବ ।

———

Digitized by PPRACHIN, SOA

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କ୍ଷୁଦ୍ର ଗଳ୍ପରେ ପରୀକ୍ଷା-ନିରୀକ୍ଷା

ରଞ୍ଜିତ କୁମାର ପରିଡ଼ା
ଷଷ୍ଠ ବର୍ଷ ଓଡ଼ିଆ

(ଏକ)

ସାହିତ୍ୟର ସଚେତନ ବିକାଶ ସହିତ ପରୀକ୍ଷା-ନିରୀକ୍ଷାର ଧାରା ଅବିଚ୍ଛିନ୍ନ ଭାବେ ଜଡ଼ିତ । ଏପରି ହେବାର କାରଣ ହେଉଛି ଯେ ନୂତନତାର ଅନ୍ୱେଷା ହିଁ ପରୀକ୍ଷା ନିରୀକ୍ଷାର ଯଥାର୍ଥ ହେତୁ ଏବଂ ତାହାହିଁ ମଧ୍ୟ ସାହିତ୍ୟ ସୃଷ୍ଟିର ଯଥାର୍ଥ ଲକ୍ଷ୍ୟ ଏବଂ କାର୍ଯ୍ୟ--ସାହିତ୍ୟ କ୍ଷେତ୍ରରେ ପରୀକ୍ଷା-ନିରୀକ୍ଷା ନିବିଡ଼ ଭାବେ ସୃଷ୍ଟି ସଚେତନତା ସହିତ ସମ୍ପୃକ୍ତ ଏବଂ ଆଧୁନିକ ଯୁଗରେ ସେହି ସୃଷ୍ଟି ସଚେତନତାର ନିବିଡ଼ତା ଯୋଗୁ ପରୀକ୍ଷା ନିରୀକ୍ଷା ହିଁ ହୋଇଛି ସାହିତ୍ୟ ସୃଷ୍ଟି ଓ ସମାଲୋଚନାର ସର୍ବପ୍ରଧାନ ଧ୍ୟାନ ବିନ୍ଦୁ । କବିତା, ନାଟକ, ଉପନ୍ୟାସ, ଓ କ୍ଷୁଦ୍ରଗଳ୍ପ ସାହିତ୍ୟର ସମସ୍ତ ବିଭାଗରେ ଏହି ପ୍ରବୃତ୍ତି ସ୍ପଷ୍ଟ, ଏବଂ ଏହି ପ୍ରବୃତ୍ତି ବିଶ୍ୱର ଆଧୁନିକ ସାହିତ୍ୟ ମାତ୍ରକେ ସର୍ବତ୍ର ଲକ୍ଷ୍ୟ କରଯାଏ, ଯେ ହେତୁ ଆଧୁନିକତା ଏକ ବିଶ୍ୱମୟ ଆନ୍ଦୋଳନ । କିନ୍ତୁ ଏହି ଆଲୋଚନାକୁ କେବଳ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କ୍ଷୁଦ୍ର ଗଳ୍ପରେ ସୀମାବଦ୍ଧ ରଖାଯାଉଛି ।

(ଦୁଇ)

ବିଂଶ ଶତାବ୍ଦୀ ପୂର୍ବରୁ ଓଡ଼ିଆ କ୍ଷୁଦ୍ର ଗଳ୍ପ ଜନ୍ମଗ୍ରହଣ କରିଥିଲେ ମଧ୍ୟ ତହିଁରେ ଯଥାର୍ଥ ଆଧୁନିକତାର ସଞ୍ଚାର ହୋଇ ନ ଥିଲା । ଶତାବ୍ଦୀର ତୃତୀୟ ଦଶକ ଆଡ଼କୁ, ଭଗବତୀ ଚରଣ ପାଣିଗ୍ରାହୀଙ୍କ ଜଙ୍ଗଲି (୧୯୨୯) ଶିକାର (୧୯୩୬) ଆଦି ଗଳ୍ପରେ ସମାଜବାଦୀ ବାସ୍ତବବାଦ ଭିତରେ ହିଁ ସେହି ଅଧୁନିକତାର ସୂତ୍ରପାତ ହୋଇଥିଲା । ସ୍ୱାଧୀନତା ପୂର୍ବରୁ ମୁଖ୍ୟତଃ ସେଇ ମାର୍କସ୍‌ବାଦୀ ଚିନ୍ତାଧାରାକୁ ହିଁ କେନ୍ଦ୍ରକରି କ୍ଷୁଦ୍ରଗଳ୍ପରେ ଆଧେୟଗତ ପରୀକ୍ଷା-ନିରୀକ୍ଷାର ପରିଚୟ ମିଳିଥିଲା । ଭଗବତୀ ଚରଣ ପାଣିଗ୍ରାହୀ, ସଚ୍ଚିଦାନନ୍ଦ ରାଉତରାୟ, ଅନନ୍ତ ପଟ୍ଟନାୟକ ଓ ରଘୁନାଥ ଦାସ ପ୍ରମୁଖ ସେ କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ ଭୂମିକା ଗ୍ରହଣ କରିଥିଲେ ।

Digitized by PPRACHIN, SOA

ରୂପଧର୍ମୀ ବିଷୟବସ୍ତୁ ସହିତ ରୂପଧର୍ମୀ ଭାଷାର ପରୀକ୍ଷା-ନିରୀକ୍ଷା ସେମାନେ କରିଥିଲେ । ଗୋପୀନାଥ ମହାନ୍ତିଙ୍କ ଗଳ୍ପରେ ଭାଷାର ଏହି ପରୀକ୍ଷା-ନିରୀକ୍ଷା ବିଶିଷ୍ଟ ଭୂମିକା ଗ୍ରହଣ କରିଥିଲା । ରାଜକିଶୋର ରାୟ ଭାଷା ଓ ଭାବବସ୍ତୁ ଉଭୟକ୍ଷେତ୍ରରେ ରୋମାଣ୍ଟିସିଜମ୍‌ର ସମ୍ଭାବନା ପାଇଁ ଅଗ୍ରଣୀ ହୋଇଥିଲେ । ବ୍ୟଙ୍ଗମାନସର ସ୍ପଷ୍ଟତା ପ୍ରକଟିତ ହୋଇଥିଲା ନିତ୍ୟାନନ୍ଦ ମହାପାତ୍ରଙ୍କ କ୍ଷୁଦ୍ର ଗଳ୍ପରେ ଏବଂ ଅତି ଅପାଙ୍‌କ୍ତେୟ ବିଷୟବସ୍ତୁକୁ କେନ୍ଦ୍ରକରି ବ୍ୟଙ୍ଗାତ୍ମକ ଗଳ୍ପ ସୃଷ୍ଟିର ପ୍ରୟାସ କରିଥିଲେ ରାଜକିଶୋର ପଟ୍ଟନାୟକ । ସ୍ୱାଧୀନତା ପରବର୍ତ୍ତୀକାଳରେ ଏହି ପରମ୍ପରା ବ୍ୟାପ୍ତତର ହୋଇଥିବା ଲକ୍ଷ୍ୟ କରାଯାଏ । ସୁରେନ୍ଦ୍ର ମହାନ୍ତି, ମନୋଜ ଦାସ, ବ୍ରହ୍ମାନନ୍ଦ ପଣ୍ଡା, ମହାପାତ୍ର ନୀଳମଣି ସାହୁ, କିଶୋରୀ ଚରଣ ଦାସ, ଶାନ୍ତନୁ କୁମାର ଆଚାର୍ଯ୍ୟ, କୃଷ୍ଣ ପ୍ରସାଦ ମିଶ୍ର, ଅଚ୍ୟୁତାନନ୍ଦ ପତି, ଚନ୍ଦ୍ରଶେଖର ରଥ, ରବି ପଟ୍ଟନାୟକ, ବୀଣାପାଣି ମହାନ୍ତି ଓ ରାମଚନ୍ଦ୍ର ବେହେରା ପ୍ରମୁଖ ପ୍ରବୀଣ ଗାଳ୍ପିକମାନଙ୍କ ସହିତ ସତ୍ୟ ମିଶ୍ର, ପ୍ରସନ୍ନ ପାଟଶାଣୀ, ଜଗଦୀଶ ମହାନ୍ତି ଓ ତରୁଣକାନ୍ତି ମିଶ୍ରଙ୍କ ପରି ତରୁଣ ସ୍ରଷ୍ଟାମାନେ ଏ କ୍ଷେତ୍ରରେ ବେଶ ଯଶସ୍ୱୀ ହୋଇଉଠିଛନ୍ତି ।

(ତିନି)

ମୁଖ୍ୟତଃ ତିନୋଟି ଦିଗରୁ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କ୍ଷୁଦ୍ରଗଳ୍ପରେ ସମ୍ପୃକ୍ତ ବିଷୟଗୁଡ଼ିକର ସନ୍ଧାନ କରାଯାଇପାରେ ।

(କ) ମନସ୍ତତ୍ତ୍ୱ ଓ ଆନୁଷଙ୍ଗିକ ଚିନ୍ତାଧାରା ଓ ପଦ୍ଧତି

(ଖ) ସ୍ଥିତିବାଦୀ ଭାବଧାରା, ଓ

(ଗ) ଶିଳ୍ପଗତ ପରୀକ୍ଷା-ନିରୀକ୍ଷାର ବିଭିନ୍ନ ରୂପ ।

ଏଠାରେ ଏହି ତିନୋଟି ଦିଗରୁ ସଂକ୍ଷିପ୍ତ ଅନୁଶୀଳନ କରାଯାଉଛି ।

(କ)

(୧) କ୍ଷୁଦ୍ରଗଳ୍ପରେ ମନସ୍ତତ୍ତ୍ୱ—ଆଜିର ସାହିତ୍ୟ ପାରମ୍ପରିକ ରୀତିରେ ରଚିତ ନ ହୋଇ ଏକ ଭିନ୍ନ ବାଟର ପଥିକ ହେଲାଣି । ମଣିଷର ବାହ୍ୟଚରିତ ବର୍ଣ୍ଣନାରେ ଦୃଷ୍ଟି ନ ଦେଇ ତାର ଅନ୍ତଃ ମନକୁ ବ୍ୟବଚ୍ଛେଦ କରି ତାର ମାନସିକ ଅବସ୍ଥାର ସ୍ୱରୂପ ନିର୍ଣ୍ଣୟ କରୁଛି । ଚରିତ୍ରମାନଙ୍କର ବାହ୍ୟଗତ ପ୍ରତି ଦୃଷ୍ଟି ନ ଦେଇ ଚରିତ୍ର-ମାନଙ୍କର ଅନ୍ତଃଲୋକରେ ପ୍ରବେଶ କରିବାକୁ ଚେଷ୍ଟା କରୁଛି । ଚରିତ୍ର-ମାନଙ୍କର ମାନସିକ ପ୍ରକୃତି (temperament) ସମ୍ପର୍କ ସ୍ମୃତି (associative memories) ଓ ସେମାନଙ୍କର ଦିବାସ୍ୱପ୍ନ, ଭାବାଚ୍ଛନ୍ନତା (Reveries)ର ବିଶ୍ଳେଷଣ ହୋଇଛି ମନସ୍ତାତ୍ତ୍ୱିକ କ୍ଷୁଦ୍ରଗଳ୍ପର ଉପଜୀବ୍ୟ । ଆଧୁନିକ ଓଡ଼ିଆ କ୍ଷୁଦ୍ରଗଳ୍ପରେ ଏହାର ଚିହ୍ନ ସ୍ପଷ୍ଟ ।

Digitized by PPRACHIN, SOA

ଓଡ଼ିଆ କ୍ଷୁଦ୍ରଗଳ୍ପର ଜନକ ଫକୀର ମୋହନଙ୍କ ପ୍ରଥମ ସୃଷ୍ଟି 'ରେବତୀ'ରେ ମନସ୍ତତ୍ତ୍ୱର ଆଭାସ ମିଳିଥାଏ । 'ରେବତୀ' ବ୍ୟତୀତ ତାଙ୍କର ଅନ୍ୟାନ୍ୟ ଗଳ୍ପରେ ସେ ଚରିତ୍ରମାନଙ୍କର ଫଟୋଗ୍ରାଫିକ ଚିତ୍ର ଅଙ୍କନ କରିଛନ୍ତି । କିନ୍ତୁ ସେ ଚରିତ୍ର ଚିତ୍ରଣ ଅନ୍ତରାଳରେ ଥିବା ସମାଜ ଆଜି ନାହିଁ । ଆଧୁନିକ ଓଡ଼ିଆ କ୍ଷୁଦ୍ରଗଳ୍ପ ଚରିତ୍ର-ମାନଙ୍କର କେବଳ ଫଟୋଗ୍ରାଫିକ ଚିତ୍ର ଅଙ୍କନ ନ କରି ଚରିତ୍ରର ଅନ୍ତଃମନର ଚିତ୍ର ଉପସ୍ଥାପିତ କରେ ।

ସ୍ୱାଧୀନତା ପରବର୍ତ୍ତୀକାଳର ସ୍ରଷ୍ଟାଙ୍କ ସୃଷ୍ଟିରେ ବହୁ ମନସ୍ତତ୍ତ୍ୱର ଚିତ୍ର ମିଳୁ-ଥିଲେ ମଧ୍ୟ ସ୍ୱାଧୀନତା ପରବର୍ତ୍ତୀ ସ୍ରଷ୍ଟାମାନଙ୍କ ସୃଷ୍ଟିରେ ଏହାର ପ୍ରଚୁରତା ପରିଲକ୍ଷିତ ହୁଏ । ସୁରେନ୍ଦ୍ର ମହାନ୍ତିଙ୍କ 'ମଣିଷ ଓ ଅର୍ଥନୀତି', 'ଅଷ୍ଟ୍ରେଲିଆ', 'ମହାନଗରୀର ରାତି', 'କୃଷ୍ଣଚୂଡ଼ା', 'ପାଗଳ ଗାରଦର କାହାଣୀ', 'ସୁନାମ ହାରି' 'ରୁଟି ଓ ଚନ୍ଦ୍ର' ମନୋଜ ଦାସଙ୍କର 'କୁଅ', 'ବଳେଇ' 'ଲକ୍ଷ୍ମୀର ଅଭିସାର', 'ପ୍ରତ୍ୟାଗତର କାହାଣୀ', ବିଷ କନ୍ୟାର କାହାଣୀ', 'ଶେଷ ବସନ୍ତର ଚିଠି', କିଶୋରୀ ଦାସଙ୍କର 'କାଳି ଗୋରି', 'ଭଙ୍ଗା ଖେଳନା', ଅଖିଳ ମୋହନ ପଟ୍ଟନାୟକଙ୍କର 'ଅହଲ୍ୟାର ଇତିବୃତ୍ତ', 'ଡ଼ମ୍ବିର ଫୁଲ', ମହାପାତ୍ର ନୀଳମଣି ସାହୁଙ୍କର—'ରାନୁଅପାଠାରୁ ପୁସି ପର୍ଯ୍ୟନ୍ତ', 'ମିଛବାଘ' ବ୍ରହ୍ମାନନ୍ଦ ପଣ୍ଡାଙ୍କର 'ମହକ' କୃଷ୍ଣ ପ୍ରସାଦ ମିଶ୍ରଙ୍କର 'ଅରଣ୍ୟ ଉପବନ' ଏ ଧାରାର ଗଳ୍ପ । ଉପରୋକ୍ତ ସ୍ରଷ୍ଟାମାନେ ମଣିଷର ମନୋରାଜ୍ୟରେ ଦୃଢ଼ ପରୀକ୍ଷା-ନିରୀକ୍ଷା କରି ଓଡ଼ିଆ ଗଳ୍ପ ସାହିତ୍ୟରେ ମଣିଷର ମାନସିକତାକୁ ସ୍ପଷ୍ଟ ରୂପେ ଉପସ୍ଥାପିତ କରିଛନ୍ତି ।

(୨) କ୍ଷୁଦ୍ର ଗଳ୍ପରେ ଫ୍ରୟେଡ଼ୀୟ ଚିନ୍ତାଧାରା :—ଫ୍ରୟେଡୀୟ ମନୋବିଶ୍ଳେଷଣାତ୍ମକ ଚିନ୍ତାଧାରା ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କ୍ଷୁଦ୍ରଗଳ୍ପର ଏକ ବହୁ ପରୀକ୍ଷିତ ବିଷୟ । ସେକସ୍ ଯେପରି ଜୀବନର ଏକ ଅଙ୍ଗ ସାହିତ୍ୟର ମଧ୍ୟ ଏକ ଅପରିହାର୍ଯ୍ୟ ବିଭାବ । ଫ୍ରୟେଡ୍ ମଣିଷର ଅନ୍ତଃ ମନରେ ଲୁଚି ରହିଥିବା ଏହି ସେକସ ପ୍ରବଣ ମନର ସ୍ୱରୂପ ଉଦ୍‌ଘାଟନ କଲେ । ସାହିତ୍ୟରେ ସେକ୍‌ସ କେବଳ ଦୈହିକ ସମ୍ପର୍କକୁ ବୁଝାଏ ନାହିଁ, ଏହାକୁ ଫ୍ରୟେଡ଼ 'ଲିବିଡୋ' ଭାବରେ ନାମିତ କରିଛନ୍ତି । 'ଲିବିଡୋ' କହିଲେ ସେକ୍‌ସ ନୁହେଁ ମାତ୍ର ଆନନ୍ଦ,ଇଚ୍ଛା, ଶକ୍ତି, ଆକାଂକ୍ଷା, ଅନୁଭବ ଏ ପର୍ଯ୍ୟାୟଭୁକ୍ତ । ଏ ସବୁ କାରଣରୁ ସାହିତ୍ୟରେ ସେକସ୍‌କୁ ମୁଖ୍ୟ ଭାବରେ ସ୍ୱୀକାର କରାଯାଇଛି ।

କୌଣସି ମଣିଷ ଯୌନ ଚେତନା ମୁକ୍ତ ନୁହେଁ । ଅତୃପ୍ତ ଯୌନ ଚେତନା ଓ ନାରୀପ୍ରତି ଏକ ଅହେତୁକ ଲାଳସାରୁ ସୃଷ୍ଟି ହୁଏ ନୈରାଶ୍ୟ, ଗ୍ଳାନି ବୋଧ, ନିଃସଙ୍ଗତା ଇତ୍ୟାଦି····· ଇତ୍ୟାଦି । ତେଣୁ ଆଜିର କ୍ଷୁଦ୍ରଗଳ୍ପ ଏ ସବୁର ରୂପାୟନ ପାଇଁ ସଚେଷ୍ଟ । ଆମେରିକା, ଇଂଲଣ୍ଡ, ଫ୍ରାନସ ଇତ୍ୟାଦି ବିଦେଶୀ

Digitized by PPRACHIN, SOA

ସାହିତ୍ୟରେ ଆମେ ଯୌନ ବିକାରଗ୍ରସ୍ତ ମାନବର ମାନସିକ ଚିତ୍ରପାଉ । ଓଡ଼ିଆ ସାହିତ୍ୟର ବିଶିଷ୍ଟ ଗାଳ୍ପିକମାନେ ଉଣା ଅଧିକେ ପାଶ୍ଚାତ୍ୟ ସାହିତ୍ୟର ଜେମ୍ସ ଜଏସ୍, ଗ୍ରାହାମଗ୍ରୀନ, ସାର୍ତ୍ତ୍ରି ଇତ୍ୟାଦିଙ୍କ ସୃଷ୍ଟି ସମ୍ପର୍କରେ ଆସି ଓଡ଼ିଆ କ୍ଷୁଦ୍ର ଗଳ୍ପରେ ସେ ମାନସିକତାର ଭାବବୃତ୍ତ ଅଙ୍କନ କରିଛନ୍ତି । ମଣିଷର ଅବଚେତନ ସ୍ତରରେ ଅନାଗ୍ର ମୂଳକରେ ଲୁଚି ରହିଥିବା କାମନାକୁ ରୂପ ଦେଇଛନ୍ତି । ଓଡ଼ିଆ ଗଳ୍ପର ପ୍ରଥମ ସ୍ତର 'ରେବତୀ'ରେ ଏପରି ପ୍ରବୃତ୍ତି ଆଭାସିତ ହୋଇଥିଲେହେଁ ସ୍ୱାଧୀନତା ପରବର୍ତ୍ତୀ ବିଶିଷ୍ଟ ଗାଳ୍ପିକମାନଙ୍କ ଲେଖାରେ ସ୍ପଷ୍ଟୀଭୂତ ହୋଇପାରିଛି । ସୁରେନ୍ଦ୍ର ମହାନ୍ତିଙ୍କର ବହୁ ଗଳ୍ପରେ ଆମେ ଏହି ଚେତନାର ସାର୍ଥକରୂପ ଦେଖୁ । ଯଥା—'ସୁନାମାହାଣ୍ଡି' 'କାଠଘୋଡ଼ା' 'କ୍ଲାନ୍ତ ଚୈତାଳୀ', 'ବାଲି', 'କେନ୍ଦ୍ରାଭିଗ', 'ସବୁଜପତ୍ର ଓ ଧୂସର ଗୋଲାପ', 'ଡାଳ୍ଟା', 'କୃଷ୍ଟି ଓ ଚନ୍ଦ୍ର' ଇତ୍ୟାଦି । ସୁରେନ୍ଦ୍ର ଅତି ସଚେତନ ଭାବେ ଫ୍ରଏଡ୍‌ବାଦଟିକୁ ତାଙ୍କ ଗଳ୍ପ ମଧ୍ୟରେ ଅନୁପ୍ରବିଷ୍ଟ କରାଇଛନ୍ତି । ବିଂଶ ଶତକର ନରନାରୀ ମଧ୍ୟରେ ଥିବା ପ୍ରେମ ନାମକ ଆବେଗମୟ ସମ୍ପର୍କ ଫ୍ରୟେଡ୍ ପ୍ରଚାରିତ ଦର୍ଶନାନ୍ତରାଳରେ ଅବଲୁପ୍ତ । "ଇତି ମଧ୍ୟରେ ମହର୍ଷି ଫ୍ରଏଡ୍ ପ୍ରେମ ଉପରେ ପ୍ରଥମେ ଆକ୍ରମଣ କରି ତାହାକୁ କେବଳ ଲିବିଡୋ ବା ଯୌନ ପ୍ରବୃତ୍ତିର ରୂପାନ୍ତର ବୋଲି ବହୁ ଅଧ୍ୟବସାୟ ସହିତ ପ୍ରମାଣ କରିବା ପରେ, ପ୍ରେମ ହୃଦୟ ନାମକ ଅଂଶଟିରୁ କଟି ତଳକୁ ଓହ୍ଲାଇ ଆସିଲା । X X X ମନୁଷ୍ୟର ସବୁ କୋମଳ ପ୍ରବୃତ୍ତି ଏକ ଜାନ୍ତବ ବିକୃତି" [୧]

କ୍ଲାନ୍ତ ଚୈତାଳୀ ଗଳ୍ପର ନାୟିକା ମିସ ମାଲବିକା କାଠଚମ୍ପା ଡାଳରେ ଦଣ୍ଡ ପ୍ରଣାମ କରୁଥିବା ଏଣ୍ଡୁଅଟାକୁ ଦେଖି, ଯୌନ ଯନ୍ତ୍ରଣାରେ ସନ୍ତପ୍ତ ଜର୍ଜରି । ସେ କଳନା କଲେ 'ଛଅ ଇଞ୍ଚ ଲମ୍ବ ଏକ ଇଞ୍ଚ ଗୋଲେଇର ଖଣ୍ଡେ ଯନ୍ତ୍ରଣା ।' ଗାଳ୍ପିକଙ୍କ ମତରେ "ଜୀବନ ଛନ୍ଦ ଏ-ପରି ସ୍ତିମିତ ଯେ ତାକୁ ତାଡ଼ି ଦେଇ ଉଠାଇବାକୁ ହେଲେ ଦରକାର ସେକ୍ସ ଆଉ ବିପ୍ଳବ । [୨] ପୁଣି 'ପ୍ରେମ' ଗୋଟିଏ ମଧ୍ୟଯୁଗୀୟ ଇମୋସନ୍ [୩] ଆଜି ଦରକାର 'ଇକ୍ୱାଲିଟି ଅଫ ସେକସ୍' [୪]

ସ୍ୱାଧୀନୋତ୍ତର ଓଡ଼ିଆ ଗଳ୍ପରେ ମନୋଜ ଦାସ ଜଣେ ବଳିଷ୍ଠ ସ୍ରଷ୍ଟା । ମାନବାତ୍ମାର ଜଣେ ଯଥାର୍ଥ ଶିଳ୍ପୀ । ସାକ୍ଷାତକାରରେ ସେ କହିଥିଲେ-"ମୁଁ ମଣିଷକୁ ନିଷ୍ଠାର ସହିତ ଭଲପାଏ ବୋଲି ମଣିଷର ଚରମ ଅସହାୟତା କଥା ବେଶୀ ଭାବରେ

[୧] ଝ୍ରୀ. ଅ ୧୦୭୭—ପୃ-୭ / ଦୁଇ ସୀମାନ୍ତ—ସୁରେନ୍ଦ୍ର ମହାନ୍ତି ।
[୨] ଓ କାଲକାଟା—ସୁରେନ୍ଦ୍ର ମହାନ୍ତି ପୃ-୨
[୩] କମ୍ବଳଚମ୍ପୁ—ସୁରେନ୍ଦ୍ର ମହାନ୍ତି ।
[୪] କମନ୍ ରୁମ—ସୁରେନ୍ଦ୍ର ମହାନ୍ତି ।

Digitized by PPRACHIN, SOA

ମୋ ଗଳ୍ପରେ ଫୁଟାଇଛି ।" [୫] । ମନୋଜ ଦାସ ମଣିଷର ଅସହାୟତାକୁ ନିଷ୍କୃତି ଲାଭ କରିବା ପାଇଁ ଅରବିନ୍ଦୀୟ ଦର୍ଶନକୁ ବାଛିଥିଲେ ମଧ୍ୟ ତାଙ୍କ ଗଳ୍ପରେ ବ୍ୟକ୍ତି ଜୀବନର ଅସହାୟତାର ମୁଖ୍ୟ ହେତୁ ହିଁ ସେକ୍ସ (Sex) । ମନୋଜ ଦାସଙ୍କ ପ୍ରଥମ ଗଳ୍ପ ସମୁଦ୍ରର କ୍ଷୁଧାଠାରୁ ଆରମ୍ଭ କରି 'ଆରଣ୍ୟକ' 'ପ୍ରତ୍ୟାଗତର କାହାଣୀ' 'ମଧୁବନର ମେୟର' 'ଆବୁ ପୁରୁଷ', 'ଧୂମ୍ରାଭ ଦିଗନ୍ତ' ଇତ୍ୟାଦି ଗଳ୍ପରେ ସେଇ ସେକ୍ସ୍‌ଗ୍ରସ୍ତ ମନର ପରିଚୟ ମିଳିଥାଏ । "ତରୁଣ ଗିରିର ତପସ୍ୱୀ ଓ ସାତଜଣ ଦେବୀ ଓ ସେମାନଙ୍କ ସମ୍ପର୍କରେ ଶେଷ ଖବର"ରେ ବ୍ୟକ୍ତିର ଅତୃପ୍ତ ଯୌନ କାମନାର ପରିଚୟ ଲିପିବଦ୍ଧ ।

ସେହିପରି ଶାନ୍ତନୁ ଆଚାର୍ଯ୍ୟଙ୍କର 'ଇନ୍ଦ୍ର ଓ ଇନ୍ଦୁର', 'ଚତୁର୍ଥ ରାତି' 'ତୁମେ ଓ ମୁଁ' ଇତ୍ୟାଦି ଗଳ୍ପରେ ଯୌନ ସର୍ବସ୍ୱ ବ୍ୟକ୍ତି ପୁରୁଷର ଚିତ୍ର ଦେଖିବାକୁ ମିଳେ । ଅନ୍ୟତମ ବଳିଷ୍ଠ ଗାଳ୍ପିକ ମହାପାତ୍ର ନୀଳମଣି ସାହୁଙ୍କର 'ଚପଳରାୟର ଇତିକଥା', 'କସ୍ତୁରୀ ମାୟା' 'ସନ୍ଥପାଠାରୁ ଘୁସି ପର୍ଯ୍ୟନ୍ତ', 'ସୁମିତ୍ରାର ହସ', ଇତ୍ୟାଦି ଗଳ୍ପରେ ନାରୀର ଯୌନାବେଗକୁ ରୂପ ଦେଇଛନ୍ତି । ଅଖିଳ ମୋହନ ପଟ୍ଟନାୟକ ଓ କିଶୋରୀ ଚରଣ ଦାସ ପ୍ରତୀକାତ୍ମକ ଭାବରେ ଯୌନ ଚିତ୍ର ଦେଇଛନ୍ତି । ଅଖିଳ ମୋହନ ପଟ୍ଟନାୟକଙ୍କର 'ଚନ୍ଦ୍ରର ଅଭିଶାପ', 'ପକ୍ଷାଘାତ' ଇତ୍ୟାଦିରେ ସେକ୍ସ ବ୍ୟକ୍ତିତ୍ୱର ସ୍ୱରୂପ ଉଦ୍‌ଘାଟନ କରିଛି । ଗାଳ୍ପିକ ବୀଣାପାଣି ମହାନ୍ତି ମଧ୍ୟ 'ମରୁଦ୍‌ଗତ' 'ସକାଳ' 'ସାମାଜିକ' 'ତଟିନୀର ତୃଷ୍ଣା'' ଇତ୍ୟାଦିରେ ନାରୀ ଯୌନ ଜୀବନର ବାସ୍ତବ ଓ ସ୍ପଷ୍ଟ ଚିତ୍ର ଉପସ୍ଥାପିତ କରିଛନ୍ତି ।

(ଗ) କ୍ଷୁଦ୍ର ଗଳ୍ପରେ ଚେତନା ପ୍ରବାହ ଧାରା : (Stream of Consciousness) ଆଧୁନିକ ଓଡ଼ିଆ କଥା ସାହିତ୍ୟରେ ଚେତନା ପ୍ରବାହ ଧାରା ଏକ ବହୁ ଆଲୋଚିତ ବିଷୟ । ଅନେକ ସମାଲୋଚକ ଏହାକୁ ମନସ୍ତତ୍ତ୍ୱର ଏକ ଉପ-ବିଭାଗ ଭାବରେ ଗ୍ରହଣ କରିଛନ୍ତି । ଓଡ଼ିଆ କ୍ଷୁଦ୍ର ଗଳ୍ପରେ ମନସ୍ତାତ୍ତ୍ୱିକ ଚିନ୍ତାଧାରାର ପ୍ରୟୋଗ ମୁଖ୍ୟତଃ ସମାଜମୁଖୀ ନୀତିବୋଧର ପ୍ରଚାର କରେ କିନ୍ତୁ ମନସ୍ତତ୍ତ୍ୱର ଚୂଡ଼ାନ୍ତ ସ୍ତର ଯାହା ପରବର୍ତ୍ତୀ ଚେତନା ପ୍ରବାହଧାରା ନାମରେ ନାମିତ ତାର ପୂର୍ଣ୍ଣ ସ୍ୱରୂପ ସେଥିରେ ଦେଖିବାକୁ ପାଉନା । ଉଇଲିୟମ୍ ଜେମସ୍‌ଙ୍କ ଆବିଷ୍କୃତ ଚେତନା ପ୍ରବାହଧାରା ମନସ୍ତତ୍ତ୍ୱର ଏକ ଉପାଙ୍ଗ ହେଲେ ମଧ୍ୟ ନିଜ ପରିବେଶ ଓ ପରିବେଷ୍ଟନୀ ମଧ୍ୟରେ ଏହା ସମୃଦ୍ଧ । ମନସ୍ତତ୍ତ୍ୱ ବ୍ୟକ୍ତିର ସଚେତନ

---

[୫] 'ଗଳ୍ପ'-ସଂ-ବିଭୂତି ପଟ୍ଟନାୟକ, ସପ୍ତମ ସଂକଳନ—ଜୁଲାଇରୁ ସେପ୍ଟେମ୍ବର ୧୯୭୨, ପୃଷ୍ଠା ୨୫ ।

Digitized by PPRACHIN, SOA

ପ୍ରକାଶ ମଧ୍ୟରେ ଅବଚେତନକୁ ଉଦ୍‌ଘାଟିତକରେ, କିନ୍ତୁ ମଣିଷ ମନର ବାସ୍ତବରୂପ ପ୍ରକଟନ କରିବାରେ ଚେତନସ୍ତର ସମ୍ପୂର୍ଣ୍ଣ ସମର୍ଥ ନୁହେଁ । ବ୍ୟକ୍ତିର ଅବଚେତନ ସ୍ତରରେ ଲୁଚି ରହିଥିବା କାମୁକସତ୍ତା ଓ ଖାଉସ୍ତତାକୁ ସେମାନେ ସଚେତନ ମାଧ୍ୟମରେ ପ୍ରତିପାଦନ କରନ୍ତି । ଚେତନା ପ୍ରବାହ ଏକକ ଚିନ୍ତା ପରିପୁଷ୍ଟ ନୁହେଁ । ମଣିଷର ମନୋରାଜ୍ୟରେ ବହୁ ଚେତନା କାମ କରୁଛି । ସେଇ ନିରବଚ୍ଛିନ୍ନ ଚେତନାର ସମାହାରକୁ ବୁଝାଇ ଦେବାହିଁ ଚେତନା ପ୍ରବାହ ଧାରାର ଲକ୍ଷ୍ୟ ।

ସ୍ୱାଧୀନତା ପରବର୍ତ୍ତୀ ଗାଳ୍ପିକମାନଙ୍କ ମଧ୍ୟରେ ବିଶିଷ୍ଟ ଗାଳ୍ପିକ ସୁରେନ୍ଦ୍ର ମହାନ୍ତିଙ୍କ ସୃଷ୍ଟିରେ ସଫଳ ଚେତନା ପ୍ରବାହ ଧାରାର ଗଳ୍ପ ପରିଦୃଷ୍ଟ ନ ହେଲେ ମଧ୍ୟ ଏହାର ଆଭାସ ମିଳିଥାଏ । ଉଦାହରଣ ସ୍ୱରୂପ-ସୁନାମାହାଣ୍ଡି ଗଳ୍ପ ନାୟିକା ସୁନାମାହାଣ୍ଡିର ଫୁଲ ଗୁନ୍ଥା ସହିତ ତାର ଅତୀତ ପ୍ରେମିକଗଣର ସମ୍ପର୍କକୁ ଯୋଡିଦେଇ ତାର ଅଚେତନ ସ୍ତର ରହସ୍ୟ ସଙ୍ଗେ ସଙ୍ଗେ, ସବୁଚେତନାର ମୂଳକେନ୍ଦ୍ରକୁ ମଧ୍ୟ ଗାଳ୍ପିକ ଟାଣିଆଣି ଦେଇଛନ୍ତି । 'କ୍ଲାନ୍ତ ଚୈତାଳୀ' ରେ ବହୁବିଧ ଚେତନାରୁ ମିସେସ୍ ଉତ୍ପଳାଙ୍କ ବ୍ୟକ୍ତିତ୍ୱ ପରିସ୍ଫୁଟ । 'ବାହାସି ଶାର୍ଣ୍ଣୀନ' ଗଳ୍ପ ମଧ୍ୟ ଚେତନା ପ୍ରବାହ ଧାରାଦୃଷ୍ଟିରୁ ଏକ ସଫଳ ସୃଷ୍ଟି । ଚେତନା ପ୍ରବାହ ଧାରାର ସଫଳ ଶିଳ୍ପୀ ହେଉଛନ୍ତି କିଶୋରୀ ଚରଣ ଦାସ । କିଶୋରୀ ଚରଣ ଏକ ବ୍ୟତିକ୍ରାନ୍ତ ସ୍ରଷ୍ଟା । ତାଙ୍କର ଆତ୍ମ ସ୍ୱୀକୃତି ମଧ୍ୟରୁ ମଧ୍ୟ ଆମେ ବ୍ୟତିକ୍ରମର ପରିଚୟ ପାଉ । ସେ ଜଣେ ଅନ୍ତର୍ମୁଖୀ ସ୍ରଷ୍ଟା । ଅଧିକାଂଶ ଗଳ୍ପରେ ସେ ବ୍ୟକ୍ତି ଚରିତ୍ରର ସ୍ଥିତି ଓ ତାର ଅନ୍ତର୍ଭାଷାକୁ ପ୍ରାଞ୍ଜଳ ଭାବରେ ଉପସ୍ଥାପନ କରିଛନ୍ତି । 'ଘିଅଦୀପ' ଗଳ୍ପରେ ନାୟକ ମହେଶ୍ୱର ବ୍ୟକ୍ତିତ୍ୱକୁ ପରିଚିତ କରାଇବା ପାଇଁ ଗାଳ୍ପିକ ଅନେକ ବିବେଧାଭାସ ମୂଳକ ମାନସିକ ଚେତନା ଉର୍ମି ସୃଷ୍ଟି କରିଛନ୍ତି । 'ଲକ୍ଷ ବିହଙ୍ଗ' ମଧ୍ୟ ଏହାର ଏକ ସଫଳ ନମୁନା । ଆଜିର ଜୀବନ ଜଡବାଦପ୍ରତି ଆକୃଷ୍ଟ, ମଣିଷର ଆଶା ଓ ଅସୀମ ଜୀବନ ମଧ୍ୟ ଜଟିଳ । ଆଜିର ଏ ଜଟିଳତା ଭିତରେ ପ୍ରେମ ମଳପ୍ରେମ, ଜନ୍ମମଧ୍ୟ ମଳଜନ୍ମ, ଭଗବାନ ନିଷ୍କ୍ରିୟ । ଏଠାରେ କାମନାର ସ୍ୱଚ୍ଛନ୍ଦ ବିକାଶ ବା ବିହଙ୍ଗଗୁଡିକର ଆକାଶରେ ମୁକ୍ତବିହାର ଅସମ୍ଭବ । ତେଣୁ ଏପରି ଏକ ପୃଥିବୀକୁ ବୁଝିହେଲେ କିପରି? ଯେଉଁଠାରେ କାମନାର ବିହଙ୍ଗଗୁଡିକ ଉଡିବାକୁ ଇଚ୍ଛାକରନ୍ତି ଅଥଚ ଉଡି ପାରନ୍ତି ନାହିଁ । ତେଣୁ ଆଜିର କାମନା ବଡ ନିଷ୍କ୍ରିୟ ଭାବରେ ଚରିତାର୍ଥ ହେଉଛି । ମିସେସ୍ ପୃଥ୍ୱୀଙ୍କ ମଧ୍ୟାହ୍ନ ସମୟର ଅନୁଭୂତି ମଧ୍ୟରେ କଳ୍ପନାମକୁ କେନ୍ଦ୍ରକରି ବିଭିନ୍ନ ଅସ୍ପଷ୍ଟ ଯୌନଚିନ୍ତା ବେଡ୍‌ରୁମରେ ଟଙ୍ଗା ହୋଇଥିବା ରୂପର ଛବି, ହସ ସମ୍ପର୍କରେ କିଛି ଅଭିବ୍ୟକ୍ତ ଓ ଧୀରେ ଧୀରେ କାମନାକୁ ଗୁଡିକ ଭାବାକୁଳତା ଏବଂ ସେ ଭାବାକୁଳତା ସମ୍ପୂର୍ଣ୍ଣ ଭାବନା ଯୁକ୍ତ ନୁହେଁ, ତାହା ସେକ୍‌ସର ନାମାନ୍ତର ମାତ୍ର । ଏହିପରି ବହୁ ବିକ୍ଷିପ୍ତ ଚିନ୍ତାଧାରାକୁ ଏଥିରେ

Digitized by PPRACHIN, SOA

ପ୍ରତିପାଦିତ କରାଯାଇଥିଲେ ମଧ୍ୟ ଏହାର ମୁଖ୍ୟ ବିଷୟବସ୍ତୁହିଁ ସେକ୍ସ । କିଶୋରୀ ଚରଣଙ୍କର ବହୁ ଗଳ୍ପକୁ ଏ ପର୍ଯ୍ୟାୟଭୁକ୍ତ କରାଯାଇ ପାରେ । ଯଥା–'କ୍ଷୁଦ୍ରାସା', 'ନୀଃଶଦ' 'ଭଙ୍ଗାଖେଳନା,'ଠାକୁରଘର' 'କଳାକୋଇଲି' 'ଭୂତା ରାମକୃଷ୍ଣ' 'ଗମନ' 'ଉଦ୍ଭିରକାଣ୍ଡ' 'ଜଣେ ମାଉସୀ ଥିଲେ''କାଲିଗେଣ୍ଟ'ଇତ୍ୟାଦି ଗଳ୍ପ ସଫଳ ନିଦର୍ଶନ । ଶାନ୍ତନୁଙ୍କ 'ଅକ୍ଷତ' ଗଳ୍ପଟି ଏ ଦୃଷ୍ଟିରୁ ଏକ ସାର୍ଥକ ସୃଷ୍ଟି । ଖଲସି ଲେକା ସାମଲ ବାଡ଼ ଲଗାଏ, ପତ୍ନୀ ପାଖକୁ ପତ୍ର ଲେଖିବା କଥାଭାବେ,ଆଦିବାସୀ ଝିଅଙ୍କ ଖିଲ ଖିଲ ହସ ଓ ଖୁନ୍ଦଲ ଖୁନ୍ଦଲ ଦେହକୁ ଉପଭୋଗ କରିବା ସଙ୍ଗେ ସଙ୍ଗେ ଡ଼ାଇନେଷ୍ଟ ତେଲର ହାଣ୍ଡି ପାଖରେ ସେ ଛିଡ଼ା ହୋଇ କାମକରୁଥାଏ । ପ୍ରେକ୍ଷାପଟ ଅପରି-ବର୍ତ୍ତିତ ସମୟର ଗତି ତାଳରେ ତାଳଦେଇ ଲହଡ଼େଇ ଉଠିଛି ଅନେକ ଚେତନା ଲେକା ସାମଲ ଭିତରେ । 'କଥୋପକଥନ ଗତରାତିରେ' ଓ 'ମୂଳ' ମଧ୍ୟ ଏହି ଚେତନା ପର୍ଯ୍ୟାୟଭୁକ୍ତ । ଗାଳ୍ପିକ ରବି ପଟ୍ଟନାୟକଙ୍କର 'ସମୀକ୍ଷା କେତୋଟି ଘଟଣାର' 'ଅନ୍ଧାଟଲିର ଅନ୍ଧକାର' ଗଳ୍ପରେ ବିରୋଧାଭାସ ମଧ୍ୟରେ ଏହି ଚେତନାର ପ୍ରକାଶ ଘଟିଛି ।

ଓଡ଼ିଆ କଥା ସାହିତ୍ୟରେ ଉକ୍ତ ଧାରାଟିକୁ ପ୍ରତିଷ୍ଠିତ କରିଯାଇଛନ୍ତି ଅଖିଳ, ଜଗଦୀଶ, ରାମଚନ୍ଦ୍ର, ସରୋଜିନୀ ଆଦି ସ୍ରଷ୍ଟାମାନେ, କିନ୍ତୁ ଏଠାରେ ମନେରଖିବାକୁ ହେବ ଯେ, ଏ ଅଲଗା ବାଟର ଉଦ୍ଭାବକ ଓ ପଥପ୍ରଦର୍ଶକ ହିଁ କିଶୋରୀ ଚରଣ । ଏ ପର୍ଯ୍ୟନ୍ତ ସେ ନିଜର ବାଟକୁ ଛାଡ଼ିନାହାଁନ୍ତି" ଯଦିଓ ଅନେକ ଅପବାଦ ତାଙ୍କୁ ମିଳିଥାଏ ଯେ ତାଙ୍କ ଗଳ୍ପ ଦୁର୍ବୋଧ୍ୟ, ବେଳେ ବେଳେ ଭାଷା ମଧ୍ୟ ବେଢ଼େଙ୍ଗା ଓ ଅଚଳ । ତଥାପି ସ୍ରଷ୍ଟା ଶ୍ରୀ ଦାସ ନିଜସ୍ୱ ସାଧନାରେ ଅଟଳ ।

(୪) କ୍ଷୁଦ୍ରଗଳ୍ପରେ ଅତିବାସ୍ତବବାଦର (Surrealism) ପ୍ରୟୋଗ:—

ଇଂରାଜୀ ସାହିତ୍ୟରେ ଯେଉଁ 'Dada' (ଦାଦାବାଦ) ପ୍ୟାରିସରେ ଆତ୍ମପ୍ରକାଶ କରିଥିଲ, ସେମାନେ ସବୁକିଛିକୁ ଅସ୍ୱୀକାର କରି ଛିଡ଼ା ହୋଇଥିବା ମୁହୂର୍ତ୍ତର ସ୍ଥିତି ଉପରେ ଗୁରୁତ୍ୱ ପ୍ରଦାନ କରିବା ସଙ୍ଗେ ସଙ୍ଗେ ନୀତି ନିୟମ, ସାମାଜିକ ପ୍ରଥା ଓ ଆଚରଣ ବିଧିକୁ ଅସ୍ୱୀକାର କରି କଳା ଜଗତରେ ଏକ ନୀତି ମୂଳକ ବିଦ୍ରୋହାତ୍ମକ ମନୋଭାବ ସୃଷ୍ଟି କରିଥିଲେ । ଏଇ ଦାଦାବାଦ ପରବର୍ତ୍ତୀକାଳରେ ସରିଏଲିଜିମ୍ ଭାବରେ ମୁଖ୍ୟ ପରିବର୍ତ୍ତିତ କରିଛି । ସରରିଅଲିଜମ୍ ଫ୍ରଏଡ୍ଙ୍କ ଆବିଷ୍କୃତ ମନୀଷ ମନର ବୈଜ୍ଞାନିକ ବିଶ୍ଳେଷଣକୁ ଭିତ୍ତିଭୂମି ରୂପେ ଗ୍ରହଣ କରି ସମୃଦ୍ଧ । ମଣିଷର ଅବଚେତନ ମନ ମୂଳକରେ ଲୁଚିରହିଥିବା ସାମାଜିକ ଚେତନାର ସମସ୍ତ ଅସୁସ୍ଥ ଭାବନାରାଜିକୁ ଏଥିରେ ରୂପ ଦିଆଯାଇଛି । ସେମାନେ ମଣିଷ ମନରେ ଲୁଚିରହି-ଥିବା ଆରଣ୍ୟକ ପ୍ରବୃତ୍ତିକୁ ଯାଦୁଚ୍ଛିକ ଭାବେ ସାହିତ୍ୟରେ ସ୍ଥାନଦେବା ଫଳରେ ଉପରୋକ୍ତ ବାଦଟି ସାହିତ୍ୟ ଜଗତରେ ଏକ ଆନ୍ଦୋଳନ ସୃଷ୍ଟି କଲା ।

Digitized by PPRACHIN, SOA

ଆଧୁନିକ ଓଡ଼ିଆ କ୍ଷୁଦ୍ରଗଳ୍ପ ଅତିବାସ୍ତବବାଦୀ ଚିନ୍ତାଧାରା ପ୍ରଭାବ ମୁକ୍ତ ନୁହେଁ । ଫକୀର ମୋହନଙ୍କ ସାହିତ୍ୟରେ ନୀତିନିୟମର ଯେଉଁ ସାମାଜିକ ଆଦର୍ଶ ପରିଲକ୍ଷିତ, ତାହା ଅଚିରେ ଭାଙ୍ଗିଗଲା । ସାହିତ୍ୟ ମଣିଷ ଜୀବନର ବାସ୍ତବ ସ୍ଥିତିକୁ ଆଧାର କରି ସୃଷ୍ଟି ହେଲା । ଆଧୁନିକ ସ୍ରଷ୍ଟାମାନେ ପ୍ରେମକୁ ଏକ ଆଧ୍ୟାତ୍ମିକ ବ୍ୟାପାର ଭାବରେ ଗ୍ରହଣ ନ କରି ଦେହଭୋଗ ଓ ଯୌନାଗ୍ନିର ଭାବରେ ଗ୍ରହଣ କଲେ । ନୀତି ଓ ଅନୀତିର ସବଂଶେଷରେ ମଣିଷର ବାସ୍ତବ ସ୍ଥିତି ସମ୍ପର୍କରେ ସଚେତନ କରାଇ ଦେଲେ । ଏ ଦୃଷ୍ଟିରୁ କୃଷ୍ଣଚରଣ ବେହେରାଙ୍କ 'ବେଦୀ'ଗଳ୍ପକୁ ଆଲୋଚନା ପରିସର-ଭୁକ୍ତ କରାଯାଇ ପାରେ, ଯଦିଓ ଏଥିପାଇଁ ସେ କମ ବିରୋଧର ସମ୍ମୁଖୀନ ହୋଇ ନାହାନ୍ତି । 'ବେଦୀ'ଗଳ୍ପର ନାୟକ ନାୟିକା ତପୁ ଓ ଲିଲି ଜଣେ ରୂପ,ରସ ଓ ଗନ୍ଧର ଗାୟତ୍ରୀ ଆଉ ଜଣେ ଶୌର୍ଯ୍ୟ ବୀର୍ଯ୍ୟର ସଚିତା । କୋଣାର୍କ ମନ୍ଦିର ଉପକଣ୍ଠରେ ପରସ୍ପର ପରସ୍ପରକୁ ଆବରଣ ମୁକ୍ତକରି ସୃଷ୍ଟିର ମହାର୍ଘ୍ୟ ସମ୍ପଦ ଯୌନାଙ୍ଗକୁ ଦୃଷ୍ଟିବିନିମୟ କଲେ । ତପୁ କହିଲା "କି ସୁନ୍ଦର ଆଉ ପବିତ୍ର ଆମର ଦେହ । ଯଥାର୍ଥରେ ଏହା ପ୍ରେମର ପୂଜାବେଦୀ ସ୍ୱରୂପ । ଏ ଦେହକୁ ଅବହେଳା କରିହେବ ନାହିଁ । ଆସ ଲିଲି ଏହି ପୂଜାବେଦୀ ଉପରେ ହିଁ ଆମର ପ୍ରେମର ପ୍ରେମ ଅର୍ଘ୍ୟନିବେଦନ କରିବା" ସତେ ଯେପରି ମନୀଷୀମାନଙ୍କ ଦ୍ୱାରା ପ୍ରଦତ୍ତ ଇନ୍ଦ୍ରିୟୋତ୍ତର ବ୍ୟାଖ୍ୟା ସେହି ମୁହୂର୍ତ୍ତରୁ ଭୂଲୁଣ୍ଠିତ ହେଲା । ଏହା ପାଶ୍ଚାତ୍ୟ ଧାରାର ଅତି ବାସ୍ତବବାଦୀ ନିକଟବର୍ତ୍ତୀ ନୁହେଁ କି ? ପ୍ରେମ ଆଉ ପୂର୍ବନିର୍ଦ୍ଧାରିତ ଧର୍ମାନୁସାରୀ ଆବେଗମୟ ମଧ୍ୟଯୁଗୀୟ ଇମୋସନ୍ ନୁହେଁ, ଏହା ଦେହଭୋଗ ନିଷ୍ଟସ୍ୱ । ସୁରେନ୍ଦ୍ର ମହାନ୍ତିଙ୍କ ଅନେକ ଗଳ୍ପ ଏଇ ଧାରାର । 'ଖ୍ରୀ. ଅ ୨୦୭୭' 'କ୍ଲାନ୍ତ ଚୈତାଳୀ''ଡାଡ଼ା' 'ବଇଷମ' ପାଠଶାଳା','ଓ କାଲିକାଟା' 'କମନ୍‌ରୁମ୍' ଏବଂ 'ପ୍ରେମଗଳ୍ପ କୁ ଏ ପର୍ଯ୍ୟାୟରେ ନିଆଯାଇପାରେ ।

ସ୍ୱାଧୀନତା ପରବର୍ତ୍ତୀ ଅନ୍ୟାନ୍ୟ ଅତି ବାସ୍ତବବାଦୀ ଗଳ୍ପ ଗୁଡ଼ିକ ହେଲା ଅଖିଳ ମୋହନ ପଟ୍ଟନାୟକଙ୍କର- 'ଅକାଳ ବୋଧନ ' ରବି ପଟ୍ଟନାୟକଙ୍କର 'ପରକୀୟା' ଅଶୋକ କୁମାର ଶ୍ରୀ ଚନ୍ଦନଙ୍କର 'ବୃତ୍ତଭଙ୍ଗ' ହରପ୍ରସାଦ ଦାସଙ୍କର 'ବର୍ଗାକାର ବୃତ୍ତାକାର' ଶାନ୍ତନୁ ଆଚାର୍ଯ୍ୟଙ୍କର 'ଇନ୍ଦ୍ର ଓ ଇନ୍ଦୁର' ଓ ପ୍ରତିଭା ରାୟଙ୍କର ଅନେକ ଗଳ୍ପ ଏ ଧାରାର ସାର୍ଥକ ସୃଷ୍ଟି ।

(ଖ)

କ୍ଷୁଦ୍ରଗଳ୍ପରେ ସ୍ଥିତି ବାଦ ଚିନ୍ତାଧାରା:—

ସ୍ଥିତିବାଦ ସାଂପ୍ରତିକ ସାହିତ୍ୟର ବହୁ ଆଲୋଚିତ ବିଷୟ । ଶିଳ୍ପ ବିପ୍ଳବ ଓ ଫରାସୀ ବିପ୍ଳବବେଳେ ପାଶ୍ଚାତ୍ୟ ସାହିତ୍ୟରେ ଏହାର ସୃଷ୍ଟି । ଏ ବାଦର ଚିନ୍ତା-

Digitized by PPRACHIN, SOA

ନାୟକମାନେ ହେଲେ ସୋରେନ କ୍ୟୁର କେଗାର୍ଡ, ଫେଡ୍‌ରିକ୍ ନିତ୍ସେ, ମାର୍ଟିନ୍ ହାଇଡେଗାର, ଅଲ୍‌ବେୟାର କାମ୍ୟୁ ଓ ଜାଁପଲ୍ ସାର୍ତ୍ରେ ପ୍ରମୁଖ ମନୀଷୀଗଣ । ସ୍ଥିତିବାଦ ଈଶ୍ୱର, ଧର୍ମ, ସତ୍ୟ, ସ୍ୱର୍ଗ, ନର୍କରେ ବିଶ୍ୱାସ କରେନା । ପ୍ରଚଳିତ ସମସ୍ତ ତଥାକଥିତ ଧର୍ମ ଧାରଣାରୁ ନିବୃତ୍ତ ହୋଇ ସେ ମଣିଷର ବ୍ୟବଚ୍ଛେଦ କରିବାକୁ ଚେଷ୍ଟାକରେ । କୌଣସି ଧର୍ମ ଧାରଣା, ସାମାଜିକ ପ୍ରଥା, ନୀତି ନିୟମକୁ ସ୍ଥିତିବାଦ ସ୍ୱୀକାର କରେନା । ମଣିଷର ସର୍ବଶ୍ରେଷ୍ଠ ପରିଚୟ ସେ ମଣିଷ । ମଣିଷର ଗୋଟିଏ ସ୍ୱାଧୀନ ମନୋବୃତ୍ତି ଅଛି । ତା ନିକଟରେ ଏ ସବୁ ସାଂସ୍କୃତିକ ଧାରଣା ମିଛ, ତେଣୁ ସେ ଘୋଷଣା କରେ "ସବାର ଉପରେ ମାନୁଷ ସତ୍ୟ ତାର ଉପରେ ନାଇ" । ସ୍ଥିତିବାଦ ସବୁବେଳେ ମଣିଷର ପୂର୍ବନିର୍ଦ୍ଧାରିତ ଭାଗ୍ୟକୁ ଅସ୍ୱୀକାର କରେ । ସ୍ଥିତିବାଦ ମଣିଷର ଏକାକୀତ୍ୱ, ନିସଙ୍ଗତା, ଅସହାୟତାର ସ୍ୱରୂପ ଉଦଘାଟନ କରିବା ସଙ୍ଗେ ସଙ୍ଗେ ସେ ଯେ ଏକ ଆତ୍ମ ବିଚ୍ଛିନ୍ନ ସତ୍ତା ଏହା ପ୍ରତିପାଦିତ କରେ ।

ସାମ୍ପ୍ରତିକ ଓଡ଼ିଆ କ୍ଷୁଦ୍ରଗଳ୍ପରେ ଏହି ସ୍ଥିତିବାଦର ପ୍ରୟୋଗ ପରିଲକ୍ଷିତ ହୁଏ । ଆଧୁନିକ ଓଡ଼ିଆ କ୍ଷୁଦ୍ରଗଳ୍ପରେ କାହାଣୀହୀନତା ଗାଳ୍ପିକକୁ ବ୍ୟକ୍ତି ଜୀବନର ଯଥାର୍ଥ ସ୍ୱରୂପ ଅଙ୍କନ କରିବାକୁ ପ୍ରଚେଷ୍ଟା କରେ, ଗାଳ୍ପିକ ନିଜେ ହିଁ ସେ ଗଳ୍ପର ନାୟକ ସାଜି ମଣିଷର ଜୀବନ ସମ୍ପର୍କରେ ତାର ଧାରଣାକୁ ଉପସ୍ଥାପିତ କରେ ।

କିଶୋରୀଚରଣ ଦାସଙ୍କର ଗଳ୍ପ ଗୁଡ଼ିକ ସମୟ ସଚେତନ, ଜୀବନ, ସଚେତନ ଓ ମଣିଷର ସ୍ଥିତି ସଚେତନ । ତାଙ୍କର 'ଗମନ' ଗଳ୍ପକୁ ବିଗ୍ରହକୁ ନିଆଯାଇ ପାରେ, ଗମନ ଗଳ୍ପର ନାୟକ ଜୀବନର ପଶ୍ଚିମ ତୀରରେ ଠିଆ ହୋଇ ଜୀବନକୁ ଲେଉଡ଼ୁଛି କିଏ ଏ ଜୀବନ ? ଶାନ୍ତ ଦର୍ଶନ, ଅଳସ ମୁହୂର୍ତ୍ତରେ ନାଲି ପଟା ଘରେ କଟାଇବା, ଅକାରଣ କ୍ରୋଧ ନ ଥାଇ ଟୋକା ବେହୁ ହାତରୁ ସରବତ୍ ପିଇବା, ରାସ୍ତାର ଅସଂଖ୍ୟ ଜନଗହଳି ଭିତରେ ନିଜକୁ ସାମିଲ କରିଦେବା, ନମସ୍କାର କରୁଥିବା ଦମ୍ପତି ଯୁଗଳକୁ ଚିହ୍ନି ନ ପାରି ଚିହ୍ନିବାର ପେଖନା କରିବା, ପରିଣତିର ସ୍ୱପ୍ନିଳ ଚରିତ୍ର ଏକାନ୍ତ ବାସ୍ତବ ଓ ଜୀବନ୍ତ । ବୁଢ଼ୀ ଷୋଡ଼ଶୀ ସାଜି ଆସି ତାଙ୍କ ପାଖରେ ବସୁଛି । କିଶୋରୀ ଚରଣଙ୍କର 'ଭୁନା ରାମଲକ୍ଷ୍ମୀ'ରେ, ଅନୁରୂପ ସ୍ୱର ଝଙ୍କୃତ । ତାଙ୍କର 'ଦରିଆରୁ ହଆଲ୍‌ଯାଏ' 'ନିଃଶବ୍ଦ' ଗଳ୍ପରେ ମଧ୍ୟ ଆମେ ସ୍ଥିତିବାଦୀ ଚିନ୍ତାଧାରାର ସୂଚନା ପାଉ ।

ସ୍ଥିତିବାଦୀ ମଣିଷ ଆପେ ଆପଣାକୁ ଚିହ୍ନିବା ଉପରେ ଗୁରୁତ୍ୱ ଦେଇଥା'ନ୍ତି । ସେଥିପାଇଁ 'ଅକାଳ ବୋଧନ' ଗଳ୍ପର ନାୟକ ବିନୟ ଦାସ କହେ—"ମୁଁ ବିନୟ ଦାସ କହୁଛି ଡାଇରେକ୍ଟର ଫାଇରେକ୍ଟର କିଛି ନୁହେଁ, ମୁଁ ଜଣେ ମଣିଷ" । ରବି ପଟ୍ଟନାୟକଙ୍କର 'ଅବସର' ଗଳ୍ପରେ ଆଧୁନିକ ମଣିଷ ଜୀବନକୁ ଖୋଜୁଛି କିନ୍ତୁ

Digitized by PPRACHIN, SOA

ସେ ଜୀବନ କୋଠରୀ ଭିତରେ ବନ୍ଦୀ ତା ପାଇଁ କିଛି ନାହିଁ, ମୀଠ ନାହିଁ,ଅମୀଠ ନାହିଁ, ନ୍ୟାୟ ନାହିଁ, ଅନ୍ୟାୟ ନାହିଁ, ପୁଣ୍ୟ ନାହିଁ, ସ୍ପେଶକର ଲକ୍ଷ୍ୟ ନାଥ ମଉଜ କର" । ଜଗଦୀଶ ମହାନ୍ତିଙ୍କର "ଖୋଜି । ଲୁଙ୍ଗିପିନ୍ଧା ଜଣେ ଲୋକର ଠିକଣା" ସତ୍ୟମିଶ୍ରଙ୍କର 'ତନ୍ତ୍ରଲୋକ' ଓ ପ୍ରଶାନ୍ତ ମହାପାତ୍ରଙ୍କ ' ଛଠି ନିଜ ଠିକଣାରେ ''ରେ ଆମେ ଆଧୁନିକ ଜୀବନ ସମ୍ପର୍କରେ ଧାରଣା ପାଉ । ଏହା ମଧ୍ୟ ସ୍ଥିତିବାଦୀ କ୍ଷୁଦ୍ରଗଳ୍ପର ଏକ ଏକ ନମୁନା । ମନୋଜ ଦାସ ତାଙ୍କ ଗଳ୍ପରେ ସ୍ଥିତିବାଦର ସ୍ୱର ଉଠାଇ ଥିଲେ ବି ଆମ୍ବ ବିଚ୍ଛିନ୍ନ ଓ ଅସହାୟ ଚରିତ୍ରମାନଙ୍କ ପାଇଁ ଆଧ୍ୟାତ୍ମିକତାକୁ ଆଶାବାଦର ସର୍ବଶ୍ରେଷ୍ଠ ପନ୍ଥାଭାବରେ ବାଛି ଦେଇଛନ୍ତି । କିନ୍ତୁ ସ୍ଥିତିବାଦ ଆଧ୍ୟାତ୍ମିକତାକୁ ଅସ୍ୱୀକାର କରେ । ଏ ଦୃଷ୍ଟିରୁ ତାଙ୍କ ଗଳ୍ପ ସଫଳ ନୁହେଁ । ଗାଳ୍ପିକ ସୁରେନ୍ଦ୍ର ମହାନ୍ତି Establishmentର ପକ୍ଷପାତୀ ଥିଲେ ମଧ୍ୟ ତାଙ୍କର .କେତେକ ଗଳ୍ପରେ ଆମେ ଅସ୍ତିତ୍ୱବାଦର ପରିଚୟ ପାଉ । ତାଙ୍କର 'ନିଯୁକ୍ତପତ୍ର' 'ସମ୍ପାଦକ' 'କମ୍ବଳତମ୍ବୁ' 'ଭାରତ ଆବିଷ୍କାର' 'କମନରୁମ୍'ଆଦି ଗଳ୍ପ ଏ ଦିଗରୁ ବିଶ୍ଲେଷ୍ୟ । ଅଶୋକ ଶ୍ରୀ ଚନ୍ଦନ, ହରପ୍ରସାଦ ଦାସ ପ୍ରମୁଖଙ୍କର କେତୋଟି ସ୍ଥିତିବାଦୀ କ୍ଷୁଦ୍ର ଗଳ୍ପ ଥିବାର ମଧ୍ୟ ଦେଖିବାକୁ ମିଳେ ।

(ଗ)

ନୂତନ ବିଷୟବସ୍ତୁ ଆବଶ୍ୟକ କରେ ନୂତନ ଶୈଳୀ । ସ୍ୱାଭାବିକ ଭାବେ ସ୍ୱାଧୀନତା ପରବର୍ତ୍ତୀକାଳରେ ଗଳ୍ପକ୍ଷେତ୍ରରେ ବହୁ ନୂତନ ଶିଳ୍ପଗତ ପରୀକ୍ଷା ନିରୀକ୍ଷାର ପରିଚୟ ମିଳେ । କ୍ଷୁଦ୍ର ଗଳ୍ପରେ ନୂତନ ପ୍ରକାରର ଆବିର୍ଭାବ ଏ କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ । ଆଭାସ ଗଳ୍ପ, ଦୀର୍ଘ ଗଳ୍ପ ଓ ଅଣୁଗଳ୍ପର ଅନୁଶୀଳନ ଏ ପ୍ରସଙ୍ଗରେ କରାଯାଇପାରେ ।

(୧) ଆଭାସ ଗଳ୍ପ କୌଣସି କଥାର ସାମାନ୍ୟ ଆଭାସ ବା ସୂଚନା ଦେଲେ ଯେପରି ସମୁଦାୟ କଥାର ଭାବବସ୍ତୁ ଜାଣିହୁଏ, ସେହିପରି ଆଭାସ ଗଳ୍ପରେ ସମ୍ପୂର୍ଣ୍ଣ ଗଳ୍ପର ଏକ ସାଙ୍କେତିକ ପ୍ରକାଶ ପରିଲକ୍ଷିତ । ଏହା ସୂଚନାତ୍ମକ ଭାବେ ବ୍ୟକ୍ତିର ଅନ୍ତର୍ନିହିତ ଭାବାବେଗକୁ ପ୍ରକାଶ କରେ । ଆଭାସ ଗଳ୍ପ ଆବେଗ ଧର୍ମୀ ନୁହେଁ । ସ୍ୱଳ୍ପ ଶବ୍ଦ ମଧ୍ୟରେ ପ୍ରତୀକାତ୍ମକ ଭାବରେ ମଣିଷର ମନୋରାଜ୍ୟରେ ଦେଖାଦେଇଥିବା ମୁହୂର୍ତ୍ତିର ଚେତନାକୁ ଆଭାସ ଗଳ୍ପ ରୂପ ଦିଏ । ସୀମିତ କଳେବର, ଆଙ୍ଗିକରେ କାହାଣୀ ହୀନତା ଓ ଆନ୍ତରଣ କାବ୍ୟିକ ଉଦ୍ଧରଣରେ ଆଭାସ ଗଳ୍ପ ଉଦ୍ଭବିତ । ସେଥିପାଇଁ ବୋଦଲେୟାର ଏହାକୁ 'Prose Poem' ଭାବରେ ଆଖ୍ୟାୟିତ କରିଛନ୍ତି । ଫରାସୀ ଓ ଇଂରାଜୀ ସାହିତ୍ୟ ସହିତ ଭାରତର ବିଭିନ୍ନ ପ୍ରାନ୍ତୀୟ-ହିନ୍ଦୀ, ଗୁଜୁରାଟୀ, ବଙ୍ଗଳା, ଉର୍ଦ୍ଦୁ ପ୍ରଭୃତି ଭାରତୀୟ ପ୍ରାନ୍ତୀୟ ସାହିତ୍ୟରେ

Digitized by PPRACHIN, SOA

ଏହା ବହୁଳ ଭାବରେ ପ୍ରଚଳିତ । ସାହିତ୍ୟ ଜଗତରେ ନୂତନ ପରୀକ୍ଷା ନିରୀକ୍ଷା ମଧ୍ୟରୁ ଏହାର ସୃଷ୍ଟି ।

ଓଡ଼ିଆ ସାହିତ୍ୟରେ ସ୍ୱାଧୀନତା ପରେ ଯେଉଁମାନେ ଓଡ଼ିଆ ଆଞ୍ଚଳିକ ଗଳ୍ପ ସୃଷ୍ଟି କରିବାକୁ ଲେଖନୀ ଚାଳନା କରିଛନ୍ତି, ସେମାନଙ୍କ ମଧ୍ୟରେ ସର୍ବଶ୍ରୀ ବ୍ରହ୍ମାନନ୍ଦ ପଣ୍ଡା, ରଣଧୀର ଦାସ, ବୈଷ୍ଣବ ଚରଣ ସାମଲ, ରବି ପଟ୍ଟନାୟକ, ସୂର୍ଯ୍ୟକାନ୍ତ ମହାନ୍ତି, ଚୌଧୁରୀ ହେମକାନ୍ତ ମିଶ୍ର ଓ ଗୌର ପଟ୍ଟନାୟକଙ୍କ ନାମ ଉଲ୍ଲେଖ-ଯୋଗ୍ୟ । ଓଡ଼ିଆ ଆଞ୍ଚଳିକ ଗଳ୍ପ କ୍ଷେତ୍ରରେ ପ୍ରଥମ ଓ ସଫଳ ସ୍ରଷ୍ଟା, ହେଉଛନ୍ତି ବ୍ରହ୍ମାନନ୍ଦ ପଣ୍ଡା । ତାଙ୍କର 'ଆକାଶଂର ଫସ୍କାର 'ଅପରୂପର ରୂପ' (କଳା ଓ କଳ୍ପନା ଗଳ୍ପ ସଙ୍କଳନ—୧୯୫୯) ଆଞ୍ଚଳିକ ଗଳ୍ପର ପ୍ରଥମ ଉଦ୍ୟମ । ଏହାଛଡ଼ା ତାଙ୍କର 'ମୃତଆତ୍ମା' 'ବଂଶୀ' ଓ ବନ୍‌ଶୀ' 'ଯୋଗେଇ' 'ମାଳାବେଣୀ' 'ଅଭାଗୀ', ରଣଧୀର ଦାସଙ୍କର 'କନ୍ଧେଇ' 'ଦୂର ପର୍ବତ' 'ଆଖି' ଓ ରବି ପଟ୍ଟନାୟକଙ୍କର 'ଅସାମାଜିକର ଡାଏରୀ' ଇତ୍ୟାଦି ଓଡ଼ିଆ ଆଞ୍ଚଳିକ ଗଳ୍ପ କ୍ଷେତ୍ରରେ ଏକ ଏକ ଉଲ୍ଲେଖଯୋଗ୍ୟ ସୃଷ୍ଟି । ଏତଦ୍‌ବ୍ୟତୀତ ପୂର୍ଣ୍ଣାନନ୍ଦ ଦାଣୀ ଓ ପ୍ରଫୁଲ୍ଲ ପଟ୍ଟନାୟକ ମଧ୍ୟ କେତେକ ଆଞ୍ଚଳିକ ଗଳ୍ପ ସୃଷ୍ଟି କରିଛନ୍ତି । ଆଞ୍ଚଳିକ ଗଳ୍ପ ମଧ୍ୟରେ ମଣିଷ ମନର ମନସ୍ତତ୍ତ୍ୱ ଓ ସାମାଜିକ ଚେତନା ରୂପ ପାଇଥାଏ । ଏହାର ଆରମ୍ଭ ଯେପରି ଅକସ୍ମିକ ସମାପ୍ତି ମଧ୍ୟ ସେହିପରି ଦ୍ରୁତ । ଏ ପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟରେ ମୁଦ୍ରିତ ଆଞ୍ଚଳିକ ଗଳ୍ପ ସଙ୍କଳନ ନାହିଁ ।

(୨) ଦୀର୍ଘ ଗଳ୍ପ—ଓଡ଼ିଆ କ୍ଷୁଦ୍ରଗଳ୍ପର ଗଠନ କଳା ନିରୂପଣ କରି କୁହାଯାଏ ଏହା ଆୟତନରେ କ୍ଷୁଦ୍ର ହେବା ଉଚିତ୍ । କିନ୍ତୁ ସ୍ୱାଧୀନତା ପରବର୍ତ୍ତୀ-ଗଳ୍ପରେ ଏହାର କିଛି ବ୍ୟତିକ୍ରମ ଘଟିଛି । ପତ୍ରପତ୍ରିକା ସମ୍ପାଦକମାନେ 'ଉପନ୍ୟାସିକା' ଶିରୋନାମାରେ ଗଳ୍ପ ଗୁଡ଼ିକୁ ସ୍ଥାନ ଦେଉଛନ୍ତି । କିନ୍ତୁ ଏହାକୁ 'ଉପନ୍ୟାସିକା' ନ କହି 'ଦୀର୍ଘଗଳ୍ପ' କୁହାଯାଇପାରେ । ସ୍ୱାଧୀନତା ପରବର୍ତ୍ତୀ ଗାଳ୍ପିକମାନଙ୍କ ମଧ୍ୟରୁ କେତେଜଣ ଏଥିରେ ନୂତନତା ପ୍ରଦର୍ଶନ କରିଛନ୍ତି । ସୁରେନ୍ଦ୍ର ମହାନ୍ତିଙ୍କର 'ବଧୂ ଓ ପ୍ରିୟା', ମନୋଜ ଦାସଙ୍କର 'ଧୂମାଭ ଦିଗନ୍ତ' ଓ 'ଆବୁପୁରୁଷ' ରବିପଟ୍ଟନାୟକଙ୍କର 'ପରକୀୟା' ଏ ଦିଗରେ ଏକ ଏକ ସଫଳ ପଦକ୍ଷେପ ।

(୩) ମିନି ଗଳ୍ପ ବା ଅଣୁ ଗଳ୍ପ—କ୍ଷୁଦ୍ରଗଳ୍ପର ପରୀକ୍ଷା-ନିରୀକ୍ଷା ମଧ୍ୟରୁ ଅଣୁ ଗଳ୍ପ ବା ମିନି ଗଳ୍ପର ସୃଷ୍ଟି । ବହୁ ଆଲୋଚକ କହନ୍ତି ଯେ ଏହାର ସୃଷ୍ଟି ପାଶ୍ଚାତ୍ୟରୁ । ଏହା ଏକ ଆଙ୍ଗିକ ସର୍ବସ୍ୱ ସୃଷ୍ଟି । ଅର୍ଥାତ ମିନିଗଳ୍ପ କ୍ଷୁଦ୍ର ପରିସର ଓ କଳେବର ମଧ୍ୟରେ ଭାବନା ସ୍ରୋତର ଖଣ୍ଡିତ ମୁହୂର୍ତ୍ତକୁ ଆଧାର କରି ଉତ୍କୀର୍ଣ୍ଣ ।

Digitized by PPRACHIN, SOA

ବିଷୟବସ୍ତୁ, ଘଟଣା, ଚରିତ୍ର ଓ ବର୍ଣ୍ଣନା ବୈଭବର ଅଭାବ ସଙ୍ଗେ ସଙ୍ଗେ ଏହା ସମ୍ପୂର୍ଣ୍ଣତଃ ଇଙ୍ଗିତଧର୍ମୀ । ତେଣୁ ଏହାକୁ କେହି କେହି ଆଣ୍ଟିଷ୍ଟୋରି ବା ଅଗଳ୍ପ ନାମରେ ମଧ୍ୟ ନାମିତ କରିଛନ୍ତି । ମିନି ଗଳ୍ପ ବହୁ ପରିମାଣରେ ଦୁର୍ବୋଧ୍ୟ ଏବଂ ପରିବେଶ ହିଁ ଏହାର ମୁଖ୍ୟ ବିଷୟ ।

ଭାରତର ପ୍ରାନ୍ତୀୟ ସାହିତ୍ୟରେ ବହୁ ପୂର୍ବରୁ ମିନିଗଳ୍ପର ସୃଷ୍ଟି ହୋଇଥିଲେ ମଧ୍ୟ ଓଡ଼ିଆ ସାହିତ୍ୟରେ ବାସ୍ତବିକ ଭାବରେ ୧୯୭୦ ଜୁନ୍‌ଠାରୁ ଏହାର ଆତ୍ମ ପ୍ରକାଶ ଘଟିଲା । ଓଡ଼ିଆ ମିନି ଗଳ୍ପର ବିକାଶ ପର୍ବରେ ପ୍ରଥମ ମିନିପତ୍ରିକା 'ଅଶ୍ଳେଷା' ଏବଂ ପରବର୍ତ୍ତୀ କାଳରେ 'ବନାନୀ', 'ପଲ୍ଲବ' 'ଉତ୍ତେଜନା' 'ମିନିବୁକ୍' ଇତ୍ୟାଦି ବହୁ ମିନି ପତ୍ରିକା ଏ ଦିଗରେ ସାହାଯ୍ୟ କଲା । ମିନିଗଳ୍ପରଚନା କ୍ଷେତ୍ରରେ ବୀଣାପାଣି ମହାନ୍ତିଙ୍କ-'ଅସରନ୍ତି', 'ରଙ୍ଗ' 'ଅବାନ୍ତର' ରତ୍ନାକର ଚଇନିଙ୍କ 'ଆଳାପ-ଉପାସନା', 'ଅଭିନୟ' , 'ଜନସମ୍ପର୍କରେ' ପ୍ରସନ୍ନ ପାଟଶାଣୀଙ୍କର- 'କୁକୁଡ଼ା' 'ପୋଷ୍ଟବକ୍ସ' 'ଶବ' 'ଛଳ' 'ଝମ୍ପ' ଇତ୍ୟାଦି ଏକ ଏକ ସ୍ମରଣୀୟ ସୃଷ୍ଟି । କୃଷ୍ଣ ପ୍ରସାଦ ମିଶ୍ର, ଜଗଦୀଶ ମହାନ୍ତି, ସରୋଜିନୀ ସାହୁ ଇତ୍ୟାଦି ଏଇ ଧାରାରେ କେତେକ ଗଳ୍ପ ସୃଷ୍ଟି କରିଛନ୍ତି ।

(୪) କାହାଣୀ ହୀନ ଗଳ୍ପ—କାହାଣୀ କହିବା ଓ ଶୁଣିବାରୁ ଓଡ଼ିଆ କ୍ଷୁଦ୍ରଗଳ୍ପର ସୃଷ୍ଟି । ଅଇମା'ର କାହାଣୀ ପେଡ଼ି, ପିଲାମାନଙ୍କର କାହାଣୀ ଶୁଣିବାର ଆଗ୍ରହ ପରବର୍ତ୍ତୀ କାଳରେ କ୍ଷୁଦ୍ରଗଳ୍ପ ସୃଷ୍ଟି କରିବାକୁ ପ୍ରେରଣା ଯୋଗାଇଛି ଯାହାର ଆଧାର ଥିଲା ଓଡ଼ିଆ ଲୋକକଥା, କାହାଣୀ, କିମ୍ବଦନ୍ତୀ ଇତ୍ୟାଦି । ଫକୀର ମୋହନଙ୍କଠାରୁ ଓଡ଼ିଆ କ୍ଷୁଦ୍ରଗଳ୍ପରେ ଆମେ ଏଇ କାହାଣୀର ପ୍ରୟୋଗ ଦେଖୁ । କିନ୍ତୁ ଆଜିର ଆଧୁନିକ ଓଡ଼ିଆ କ୍ଷୁଦ୍ର ଗଳ୍ପରେ ଫକୀର ମୋହନ ସାହିତ୍ୟର କାହାଣୀ କହିବା ପରମ୍ପରା ଭୁଷୁଡ଼ି ପଡ଼ିଛି । ଆଜିର ଗାଳ୍ପିକ କାହାଣୀ ହୀନତା ମଧ୍ୟରେ ମଣିଷର ଜୀବନ ବେଦକୁ ତା ନିକଟରେ ପରିଚିତ କରାଇ ଦେଉଛି । ତାଙ୍କ ଗଳ୍ପର ମୁଖ୍ୟ ବିଷୟବସ୍ତୁ ହେଉଛି ବର୍ଣ୍ଣନା ଭାବୁକତା ଇତ୍ୟାଦି ।

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କ୍ଷୁଦ୍ର ଗଳ୍ପରେ ଆମେ ଏଇ କାହାଣୀ ହୀନତାର ପରିଚୟ ପାଉ । ଆଭାସ ଗଳ୍ପ, ଅଣୁ ଗଳ୍ପ ଇତ୍ୟାଦି ମଧ୍ୟ କାହାଣୀହୀନ । ସାଂପ୍ରତିକ ଗାଳ୍ପିକମାନଙ୍କ ମଧ୍ୟରେ ଆମେ କିଶୋରୀ ଚରଣ ଦାସଙ୍କର "ଲକ୍ଷବିହଙ୍ଗ" ଇତ୍ୟାଦି ବହୁ ଗଳ୍ପରେ ଏଇ କାହାଣୀ ହୀନତାର ପରିଚୟ ପାଉ । ଗାଳ୍ପିକ ରବିନାରାୟଣ ବରାଳଙ୍କର 'ଆତ୍ମଦହନ' 'ଭେଳିକି' 'ଦଳିତ କଦମ୍ବ' ଇତ୍ୟାଦି ଏ ଦିଗରେ ଏକ ଏକ ସାର୍ଥକ ସୃଷ୍ଟି । ଓଡ଼ିଆ କ୍ଷୁଦ୍ର ଗଳ୍ପ ସାହିତ୍ୟରେ କାହାଣୀ-

Digitized by PPRACHIN, SOA

ନୂତନତାର ସଫଳ ସ୍ରଷ୍ଟା ଭାବରେ ଆମେ କିଶୋରୀ ଚରଣ ଦାସ ଓ ରବିନାରାୟଣ ବରାଳଙ୍କୁ ନେଇ ପାରିବା । ଶାନ୍ତନୁ ଆଚାର୍ଯ୍ୟଙ୍କ କେତେକ ଗଳ୍ପରେ ମଧ୍ୟ ଏ ମ କାହାଣୀ ନୂତନତାର ପରିଚୟ ପାଉ ।

(ଚାର)

ଓଡ଼ିଆ କ୍ଷୁଦ୍ରଗଳ୍ପରେ ଉପରୋକ୍ତ ଚିନ୍ତାଧାରାର ସଫଳ ପ୍ରୟୋଗ ସଙ୍ଗେ ସଙ୍ଗେ ପ୍ରାଚୀନ ଲୋକଗଳ୍ପର ଅନୁବର୍ତ୍ତନ, କ୍ଷୁଦ୍ର ଗଳ୍ପ ଅନ୍ତରାଳରେ କାବ୍ୟିକ ଉଦ୍ଧରଣ, ପ୍ରତୀକ, ଚିତ୍ରକଳ୍ପ ଓ ମିଥ୍‌ର ସାର୍ଥକ ପ୍ରୟୋଗ ମଧ୍ୟ ଦେଖିବାକୁ ମିଳେ । ଏହି ପରୀକ୍ଷା-ନିରୀକ୍ଷା ନିଶ୍ଚିତ ଭାବେ କ୍ଷୁଦ୍ରଗଳ୍ପର ଉଜ୍ଜ୍ୱଳ ଭବିଷ୍ୟତର ସଙ୍କେତ ବହନ କରେ ।

Digitized by PPRACHIN, SOA